R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୪୯
ତିଥି : ପଞ୍ଚମୀ
୧୬ ଜୁନ ୨୦୨୫, ସୋମବାର
ଭୁବନେଶ୍ୱର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 249
16 Jun 2025, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur Jeypore

ବର୍ଷ ଏକ ଉପଲବ୍ଧି ଅନେକ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ନିଯୁକ୍ତି ମେଳା

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ

ନୂତନ ଭାବେ ମନୋନୀତ ୫ଟି ବିଭାଗର
୯୬୪ ଜଣ ପ୍ରାର୍ଥୀଙ୍କୁ
ନିଯୁକ୍ତିପତ୍ର ପ୍ରଦାନ

୫୬୩
ପୂର୍ତ୍ତ ବିଭାଗ

୬୨
ଜଳ ସମ୍ପଦ ବିଭାଗ

୧୧୭
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ


୨୦୪
ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ

୧୮
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ

୧୬ ଜୁନ୍ ୨୦୨୫ । କୃଷିଶିକ୍ଷା ସଦନ, ଓ.ୟୁ.ଏ.ଟି., ଭୁବନେଶ୍ୱର

ପୂର୍ତ୍ତ ବିଭାଗ । ଜଳସମ୍ପଦ ବିଭାଗ । ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ
ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ

OIPR: 32001/13/0008/2526 DSPL-120





# ମାଟି ମେଘର ମିଳନ ପର୍ବ-ରଜ

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିବାରୁ କୃଷିକୁ ଜୀବିକା କରି ଚଳୁଥିବା ଅଧିକାଂଶ ଜନସାଧାରଣ କୃଷି ଭିତିକ ପର୍ବପର୍ବାଣି ପାଳନ କରିଥାନ୍ତି । ଋତୁ ଅନୁସାରେ ଆମେ ଅନେକ ପର୍ବ ପାଳିଥାଉ । ସେମିତି ବର୍ଷାଋତୁର ଆଦ୍ୟରେ ପାଳିତ ହୋଇଥାଏ ରଜ । ଆଷାଢ଼ର ପ୍ରଥମ ପର୍ବ ହେଲା ରଜ । ଏହା ଓଡ଼ିଆର ଜାତୀୟ ପର୍ବ । ମାଟି ମା' ର ପର୍ବ । କୃଷିର ପର୍ବ । ରଜ ମଉଜର ପର୍ବ । ମାଟି ମେଘର ମିଳନ ପର୍ବ । ସୃଷ୍ଟି- ସୃଜନର ପର୍ବ । ଭୂମି ରଜସ୍ୱଳା ପର୍ବ ମଧ । ବୃଷମାସର ବା ଜ୍ୟେଷ୍ଠ ମାସର ଶେଷଦିନକୁ ପହିଲି ରଜ ଓ ଆଷାଢ଼ ମାସର ବା ମିଥୁନ ମାସର ସଂକ୍ରାନ୍ତିକୁ ରଜ ସଂକ୍ରାନ୍ତି ଓ ତହିଁ ପରଦିନକୁ ଭୂଇଁ ଦହଣ ଏହି ତିନିଦିନକୁ ରଜ ବୋଲାଯାଏ । ରଜ ଅର୍ଥାତ ରଜସ୍ୱଳା । ଏହି ତିନିଦିନ ପୃଥିବୀ ରଜସ୍ୱଳା ହେବାର ଶାସ୍ତ୍ର କଳ୍ପିତ । ତେଣୁ ଏହି ସମୟରେ ପୃଥିବୀ ମାତାକୁ ବିଶ୍ରାମ ଦେବା ନିମନ୍ତେ ସମସ୍ତ ପ୍ରକାର ବିଧାନ ପାଳନ କରାଯାଏ । ରଜ ପର୍ବରେ ମାଟି, ପାଣି, ପବନର ମହତ୍ୱକୁ ଉପଲବ୍ଧି କରାଯାଏ । ମାଟି ଆମର ମାଆ ଆମର ଧାତ୍ରୀ । ମାଟିର ଶରୀର ବି ନାରୀ ପରି । ସେ ରଜସ୍ୱଳା ହୁଏ । ସୃଷ୍ଟିର ସମ୍ଭାବନା ପାଇଁ ନିଜକୁ ପ୍ରସ୍ତୁତ କରେ । ସେଥିପାଇଁ ଏହି ପର୍ବର ନାମ ରଜ । ଯେଉଁଭଳି ନାରୀଟିଏ ରଜସ୍ୱଳା ହେଲେ ତାର ଶରୀରକୁ ବିଶ୍ରାମ ଦରକାର । ଆବଶ୍ୟକ ପୁଷ୍ଟି ଦରକାର ପଡ଼େ । ବାହ୍ୟ ସଂକ୍ରମଣରୁ ରକ୍ଷା ପାଇବାପାଇଁ ତାକୁ ବିଶ୍ରାମ ଦିଆଯାଏ । ସୂର୍ଯ୍ୟ ମୃଗଶିରା ନକ୍ଷତ୍ରରେ ଅବସ୍ଥାନ କଲେ ପୃଥିବୀ ରଜସ୍ୱଳା ହୁଏ । ରଜସ୍ୱଳା ମାଟି ନାରୀପରି ତିନିଦିନ ବିଶ୍ରାମ ନିଏ । ଏହି ତିନିଦିନ ଚାଷକାମ , ଭୂମି କର୍ଷଣ, ଖନନ କାର୍ଯ୍ୟ ବନ୍ଦ ରୁହେ । ଧରିତ୍ରୀ ମା ପହିଲି ଆଷାଢ଼ର ବର୍ଷା ସ୍ପର୍ଶରେ ଋତୁମତୀ ହୁଏ । ମେଘ ଖୁସିରେ ବିଜୁଳି, ରୋଷଣୀ ଘଡ଼ଘଡ଼ି ଓ ପବନର ପଟୁଆରରେ ମୌସୁମୀକୁ ନେଇ ମାଟିକୁ ଭିଜାଏ , ଉଲ୍ଲସିତ କରେ ଚାଷକାମ ପାଇଁ ମାଟିକୁ ପ୍ରସ୍ତୁତ କରାଏ । ତେଣୁ ମାଟିକୁ ବିଶ୍ରାମ ଦିଆଯାଏ । ହଳ ଲଙ୍ଗଳ, କର୍ଷଣ ସବୁ ନିଷେଧ କରାଯାଏ । ଏପରିକି ମାଟିକୁ କଷ୍ଟ ହେବ ବୋଲି ମାଟି ଉପରେ ଜୋରଜୋର ଚାଲିବା ମଧ ମନା । ବିହନ ବୁଣିବା, ଗଛ ଲଗାଇବା ଚାଷ କରିବା ସବୁ ବନ୍ଦ । ଏହି ତିନିଦିନ ଗାଁ ଗଣ୍ଡା, ପୁରପଲ୍ଲୀ ଉତ୍ସବ ମୁଖର ହୋଇଉଠେ । ରଜ ପୂର୍ବଦିନ ପ୍ରସ୍ତୁତି ବା ସଜ ବସିବାର ଦିନ । ଏହି ଅବସରରେ ଘର ଦ୍ୱାର ଲିପାପୋଛା କରି ବିରି ବଟା, ମସଲା କୁଟା, ମସଲା ବଟା, ଢିଙ୍କିରେ ଚୂନା କୁଟିବା,ମସଲା ଗୁଣ୍ଡକରି ରଖିବା ଇତ୍ୟାଦି କାମ ସରିଥାଏ । ବାରି ଅଗଣା ଲିପା ପୋଛା କରି ଚିତା ଦିଆଯାଏ । କଟା ବଟା ଆଦି କାମ ସରିଥାଏ । କାରଣ ଏହି ତିନିଦିନ କଟା ବଟା ମାଟି ଖନନ,କ୍ଷୌରହେବା,ଲୁଗାସଫା ସବୁ କାମ ବନ୍ଦ ରୁହେ । ପହିଲି ରଜ ପୂର୍ବଦିନ ଘରଦ୍ୱାର ଧୁଆ ଧୋଇ ହୋଇ ଦୁଆର ବନ୍ଧ ମାନଙ୍କରେ କଳା ଚନ୍ଦନ ସିନ୍ଦୂର ଲଗାଯାଏ । ପହିଲି ରଜ ଷଠୀ ଠାକୁରାଣୀଙ୍କ ପ୍ରତୀକ ଶିଳ ଶିଳପୁଆ ଧୋଇ, ଲକ୍ଷ୍ମୀ ଠାକୁରାଣୀଙ୍କ ପ୍ରତୀକ ଭାବରେ ଗୁଆକୁ ହଳଦୀ ପାଣିରେ ଧୋଇ ପିଢ଼ା ଉପରେ ରଖାଯାଏ । କୃଷି ଉପକରଣ ଥୁଆ ହୁଏ । ଫୁଲ, ଧୂପ, ଦୀପ, ବରକୋଳି ପତ୍ର , ଦୂବ ଦେଇ, ହୁଳହୁଳି ପକାଇ ବନ୍ଦେଇ ତିନିଦିନ ଠାକୁରାଣୀଙ୍କର ସଜ ବସେ । ସେହିଦିନ ଠାରୁ ଠାକୁରାଣୀଙ୍କର ତିନିଦିନ ଯାଏଁ ସ୍ନାନ ବନ୍ଦ ରୁହେ । ତେଣୁ ଘରେ ଦେବପୂଜା ମଧ୍ୟ ନାରୀମାନେ କରନ୍ତି ନାହିଁ । ରଜ ସଂକ୍ରାନ୍ତିର ପୂର୍ବଦିନ ଅର୍ଥାତ୍ ମାସାନ୍ତ ଦିନ ବା ପହିଲି ରଜ କୁହାଯାଏ । ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି ଓ ତୃତୀୟ ଦିନକୁ ଶେଷରଜ ବା ଭୂଇଁ ଦହଣ, ଭୂମି ଦହନ ବା ଭୂଦାହ କୁହାଯାଏ । ଏହିଦିନ ଭୂମିକୁ ଆଘାତ କରାଯାଏନାହିଁ । ଘର ଚାରିପଟେ ସାପ ଦାଉରୁ ରକ୍ଷା ପାଇବା ପାଇଁ ଖଡିରେ ଗାର ଟାଣି ଦିଆଯାଏ । ଘର ଚାରିପଟେ ଗୋବର ପାଣି ବି ପକାଯାଏ । ଏହି ତିନିଦିନ କୁମାରୀ କନ୍ୟାମାନେ ସଜବାଜ ହୋଇ ମଥାରେ ଚନ୍ଦନ କୁଙ୍କୁମ ଲଗାଇ, ପାଦରେ ଅଳତା ଲଗାଇ, ନୂଆ ଜାମା ପିନ୍ଧି, ପିଠାପଣା ଖାଇ, ଦୋଳିରେ ଝୁଲି, ପାଦରେ କଦଳୀ ଗଛ କିମ୍ବା ଗୁଆ ଖେଳପାକୁ ପାଦରେ ପିନ୍ଧି, ଖେଳ, ନାଚ, ଗୀତ, ପୁଚିଖେଳରେ ମଉଜ କରିଥାନ୍ତି । ଆବାଳବୃଦ୍ଧବନିତା ତାସ ଲୁଡୁପାଲି ଖେଳରେ ମାତିଥାନ୍ତି । କୃଷକର ମଧ୍ୟ ଚାଷ କାମ ନଥିବାରୁ ମନରେ ଖୁସି ଥାଏ । ବିଦେଶରେ କିମ୍ବା ନିଜ ଘରଠାରୁ ଦୂରରେ ରହୁଥିବା ଚାକିରିଆ ପୁଅମାନେ ଘରକୁ ଆସିଥାନ୍ତି ଏହି ଗଣପର୍ବ ବା ସାମୁହିକ ପର୍ବରେ ନିଜକୁ ସାମିଲ କରିବା ପାଇଁ । ରଜର ଦ୍ୱିତୀୟ ବିଶେଷତ୍ୱ ହେଲା ରଜଦୋଳି । ଏଥି ନିମନ୍ତେ ବାଉଁଶ ଦୋଳି, ପଟାଦୋଳି ଗଛ ଦୋଳି , ରସି ଲଗା ଦୋଳି ମାନ ବନ୍ଧା ଯାଇଥାଏ । ଗଛର ଆବଶ୍ୟକ ପଡିଥାଏ । ରଜର ଶେଷ ହୁଏ ବସୁମତୀ ସ୍ନାନ ବା ଠାକୁରାଣୀ ଗାଧୁଆ । ଏହି ଦିନ ରଜର ପୂର୍ବଦିନ ବସିଥିବା ଠାକୁରାଣୀ ଶିଳ ଶିଳପୁଆ, ଗୁଆକୁ ଅଗଣାରେ ହଳଦୀ ପାଣିରେ ଗାଧୋଇଦେଇ ନୂଆ ବସ୍ତ୍ର ପିନ୍ଧାଯାଏ । କଳସ ଆମ୍ବଡ଼ାଳ ବସାଇ ଶ୍ରୀଗଣେଶଙ୍କୁ ପୂଜା କରି ଭୂଦେବୀ ବା ବସୁମାତା ଓ ଷଠୀଦେବୀଙ୍କୁ ନୈବେଦ୍ୟ ଦେଇ ବନ୍ଦାପନା କରାଯାଏ । ଶଂଖ ହୁଳହୁଳି ଦେଇ, ଫଳ ପୁଷ୍ପ ଭୋଗ ଲଗାଇ ସମସ୍ତେ ସାଷ୍ଟାଙ୍ଗ ହୁଅନ୍ତି ଦେବୀଙ୍କ ପାଖରେ । ଭଲ ବର୍ଷା ଓ ଭଲ କୃଷି ପାଇଁ କାମନା କରନ୍ତି । ମେଘ ଓ ମାଟିର ମିଳନରେ ମାଟିର ଉର୍ବର ଶକ୍ତି ବଢ଼େ । ମାଟି ଚାଷପାଇଁ ଅନୁକୂଳ ହୁଏ । ତାପରେ କୃଷକ କୃଷି କାର୍ଯ୍ୟରେ ମନ ଦିଏ ।

**ଜୟଶ୍ରୀ ପଟ୍ଟନାୟକ, ମୋ. ୭୯୭୮୧୧୦୪୭୪**

## ସୋସିଆଲ କୋଟ୍ସ




"ଭାଇ ଆଜି ବି ଆମ ଭିତରେ ରହିଛି । ତା ନାଁରେ ନକାରାତ୍ମକତା ପ୍ରଚାର କରନ୍ତୁ ନାହିଁ । ଆମେ ମାନେ କଷ୍ଟ ପାଉଛୁ, ସେ ଖୁବ ଭଲ ଥିଲା ।

**ଶ୍ୱେତା, ସୁଶାନ୍ତଙ୍କ ଭଉଣୀ**

"ପୁଣି ନିଜ ରୁଟକୁ ଫେରି ଖୁସି ଲାଗୁଛି । କାଠ କାଟିବା ସବୁଠାରୁ ଭଲ ଏକ୍ସରସାଇଜ । ଏହା ଦ୍ୱାରା ପୁରା ଶରୀରର ଏକ୍ସରସାଇଜ ହୋଇଥାଏ । ଆପଣବି କରନ୍ତୁ ଖୁବ ଭଲ ଅଟେ ।

**ସଞ୍ଜୟ ଦତ୍ତ, ଅଭିନେତା**






"ଅର୍ଜୁନ ରାମପାଲ ଖୁବ ଭଲ ମଣିଷ । ସେ ସୁଟିଂ ସେଟ୍‌ରେ ଅନ୍ୟମାନଙ୍କର ଖୁବ ଯତ୍ନ ନେଇଥାଆନ୍ତି । ମୋର ମଧ ସେ ଖୁବ ଯତ୍ନ ନେଇଛନ୍ତି ।

**ରାଣା ଡଗୁବାତି, ଅଭିନେତା**

# ନିଃଶ୍ୱାସରୁ ଜାଣିହେବ ରୋଗ

ପ୍ରତ୍ୟେକ ବ୍ୟକ୍ତିଙ୍କର ଫିଙ୍ଗରପ୍ରିଣ୍ଟ ଓ ଡିଏନ୍‌ଏ ଭିନ୍ନଭିନ୍ନ ହୋଇଥାଏ । ହେଲେ ନିକଟରେ ଏକ ସର୍ଭେ ଅନୁସାରେ ଜଣେ ବ୍ୟକ୍ତିଙ୍କର ନିଃଶ୍ୱାସ ମଧ ଏମାନଙ୍କର ସ୍ୱତନ୍ତ୍ରତାକୁ ସୂଚାଇବ । ପ୍ରତିଟି ମଣିଷଙ୍କର ନିଃଶ୍ୱାସ ନେବାର ପାର୍ଟନ ଅଲଗା ଅଲଗା ହୋଇଥାଏ ବୋଲି ବୈଜ୍ଞାନିକ ମତ ଦେଇଛନ୍ତି । ସେମାନଙ୍କର ନାକର ଗଠନ ଉପରେ ଏହି ପାର୍ଟନ ନିର୍ଭର କରିଥାଏ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି । ଏହାକୁ ବର୍ତ୍ତମାନ ଇଣ୍ଡିଭିଜୁଆଲ୍ ଫିଙ୍ଗରପ୍ରିଣ୍ଟ ଭାବେ ବ୍ୟବହାର କରିହେବ । ସେହିଭଳି ନିଃଶ୍ୱାସ ପାର୍ଟନରୁ ଆମର ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟ ବିଷୟରେ ମଧ ବିଭିନ୍ନ ତଥ୍ୟ ମିଳିବ ବୋଲି ସେମାନେ ମତ ଦେଇଛନ୍ତି । ଏହାକୁ ପରୀକ୍ଷା କରିବା ପାଇଁ ସେମାନେ ଏକ ହାଲୁକା ଯନ୍ତ୍ର ପ୍ରସ୍ତୁତ କରିଛନ୍ତି ଯାହାକୁ ବ୍ୟକ୍ତିଙ୍କୁ ପିନ୍ଧିବାକୁ ହେବ । ଏହି ଡିଭାଇସ୍‌ଟି ବ୍ୟକ୍ତିଙ୍କର ନିଶ୍ୱାସ ପାର୍ଟନକୁ ରେକର୍ଡ କରିବ । ଏହି ପରୀକ୍ଷା ଦ୍ୱାରା ଶରୀର ଅନେକ ରୋଗ ବିଷୟରେ ଶବିଶେଷ ବିବରଣୀ ମିଳିପାରିବ, ଯାହା ପୂର୍ବରୁ ହେଉଥିବା ପରୀକ୍ଷାରେ ମିଳିନଥାଏ । ଏହି ପରୀକ୍ଷା ପାଇଁ ସେମାନେ ୧୦୦ ଜଣ ସୁସ୍ଥ ସାବାଳକଙ୍କୁ ଏହି ଡିଭାଇସ୍‌ଟି ପିନ୍ଧାଇଥିଲେ । ଯେଉଁଥିରୁ ମିଳିଥିବା ତଥ୍ୟକୁ ବୈଜ୍ଞାନିକମାନେ ପରୀକ୍ଷା ମଧ କରିଥିବା ସୂଚନା ମିଳିଛି । ଏହି ପାର୍ଟନରୁ ଜଣେ ମଣିଷର ବଡି ମାସ ଇଣ୍ଡେକ୍ସ, ସ୍ଲିପ୍ - ୱେକ୍ ସାଇକେଲ, ଡିପ୍ରେସନ୍, ଆଙ୍ଗଜାଇଟି ଆଦି ସମ୍ବନ୍ଧରେ ମଧ ତଥ୍ୟ ଦେଇଥାଏ । ଏ ସମସ୍ତ ତଥ୍ୟକୁ ବ୍ୟବହାର କରି ବିଭିନ୍ନ ରୋଗ ସମ୍ବନ୍ଧରେ ଅନୁସନ୍ଧାନ କରିହେବ ।



## ଇତିହାସ

୧୯୧୧- ନ୍ୟୁୟର୍କରେ ଆଇବିଏମ୍ କମ୍ପାନୀର ସ୍ଥାପନା କରାଗଲା । ପୂର୍ବରୁ ଏହାର ନାମ କମ୍ପ୍ୟୁଟିଙ୍ଗ୍-ଟାବ୍ୟୁଲେଟିଙ୍ଗ୍-ରେକର୍ଡିଙ୍ଗ୍ କମ୍ପାନୀ ଥିଲା ।

୧୯୨୦- ଭାରତର ପ୍ରସିଦ୍ଧ ରାଜନୀତିଜ୍ଞ ମଧ୍ୟରେ ଅନ୍ୟତମ ତଥା ମଧ୍ୟପ୍ରଦେଶର ପୂର୍ବତନ ରାଜ୍ୟପାଳ ମହମ୍ମଦ ଅଲ୍ଲୀ ଖାଁଙ୍କର ଜନ୍ମ ।

୧୯୫୦- ହିନ୍ଦୀ ଫିଲ୍ମର ପ୍ରସିଦ୍ଧ ଅଭିନେତା ମିଥୁନ ଚକ୍ରବର୍ତ୍ତୀଙ୍କ ଜନ୍ମ ।

୧୯୬୩- ଋଷ୍‌ର ଜଣେ ୨୬ ବର୍ଷୀୟ ମହିଳା ଭାଲେଣ୍ଟିନା ଟେରେଶକୋବା ବିଶ୍ୱର ପ୍ରଥମ ମହିଳା ରୂପେ ଅନ୍ତରୀକ୍ଷ ଅଭିମୁଖେ ଯାତ୍ରା କରିଥିଲେ ।

୧୯୮୩- ଛତିଶଗଡର ଗୁରୁ ଘାସୀଦାସ ବିଶ୍ୱବିଦ୍ୟାଳୟର ସ୍ଥାପନା କରାଗଲା ।

୨୦୦୭- ଅନ୍ତରୀକ୍ଷରେ ଲଗାତାର ସବୁଠୁ ଅଧିକ ସମୟ ଧରି ରହିବାରେ ସୁନିତା ୱିଲିୟମ୍ସ ପ୍ରଥମ ମହିଳା ହେଲେ ।

୨୦୦୮- ବିଶ୍ୱରେ ଇସ୍ପାତ ନିର୍ମାଣକାରୀ ସର୍ବବୃହତ୍ କମ୍ପାନୀ ଆର୍ସେଲର୍ ମିତ୍ତଲ ଆମେରିକୀୟ କମ୍ପାନୀ ବ୍ଲୁ ଷ୍ଟିଲ୍‌ର ଅଧିଗ୍ରହଣ କଲା ।

୨୦୦୮- କାଲିଫର୍ଣ୍ଣିଆରେ ସମଲିଙ୍ଗୀ ବିବାହକୁ ଲାଇସେନ୍ସ ଦିଆଗଲା ।

୨୦୧୨- ଚୀନ୍ ପକ୍ଷରୁ ଶେନ୍‌ଜୁ ୯ ନାମକ ସ୍ପେସ୍‌କ୍ରାଫ୍ଟକୁ ଲଞ୍ଚ୍ କରାଗଲା।

୨୦୧୨- ୟୁନାଇଟେଡ୍ ଷ୍ଟେଟ୍ ଏୟାର୍‌ଫୋର୍ସ ରୋବୋଟିକ୍ ବୋଇଂ ଏକ୍ସ-୩୭ବି ସ୍ପେସ୍‌ପ୍ଲେନ୍ ନିଜ ମିଶନ୍ ପୂରା କରି ପୃଥିବୀ ଫେରିଥିଲା ।

୨୦୧୨- ବହୁରାଷ୍ଟ୍ରୀୟ କୋଲ୍ଡ ଡ୍ରିଙ୍କ୍ସ୍ କମ୍ପାନୀ କୋକାକୋଲା ମିଆଁମାରରେ ୬୦ ବର୍ଷ ପରେ ବ୍ୟବସାୟ ଆରମ୍ଭ କଲା ।

## ଅଟା ଖେଚୁଡ଼ି



**ସାମଗ୍ରୀ-** ଗୋଟିଏ କପ୍ ଅଟା, ନିଜ ପସନ୍ଦ ଅନୁସାରେ ପରିବା କାଟନ୍ତୁ, ଘିଅ, ଜିରା, ହଳଦୀ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ ।

**ପ୍ରଣାଳୀ-** ପ୍ରଥମେ ଗୋଟିଏ ପାତ୍ରରେ ଅଟା ନିଅନ୍ତୁ ଏଥିରେ ପାଣି ମିଶାଇ ଏକ ବହଳା ଆଣ ପ୍ରସ୍ତୁତ କରନ୍ତୁ । ଏହାପରେ ଏକ ପ୍ୟାନ୍‌ରେ ଘିଅ ଗରମ କରନ୍ତୁ ଏଥିରେ ଜିରା ପକାନ୍ତୁ । ଜିରା ଫୁଟିବା ପରେ ଏଥିରେ ପରିବା ପକାଇ ଭାଜନ୍ତୁ । ଏଥିରେ ସମସ୍ତ ଗୁଣ୍ଡ ମସଲା ପକାଇ ଗୋଳାନ୍ତୁ । ଏହାପରେ ଏଥିରେ ଅଟା ଆଣକୁ ପକାଇ ଗୋଳାନ୍ତୁ । ବର୍ତ୍ତମାନ ଏଥିରେ ଟିକେ ଅଧିକ ପାଣି ଦିଅନ୍ତୁ ଅନୁପାତ ଅଟା ଯଦି ୨ କପ ତେବେ ପାଣି ଏକ କପ୍ । ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ । ୧୫ ରୁ ୨୦ ମିନିଟ୍ ଫୁଟିବା ପରେ ଗ୍ୟାସ ବନ୍ଦ କରି ଦିଅନ୍ତୁ । ଶେଷରେ ଏଥିରେ ଘିଅ ପକାଇ ପ୍ରସ୍ତୁତ କରନ୍ତୁ ଅଟା ପରିବା ଖେଚୁଡି ।

# ୱେଟ୍‌ଲସ୍ ଜୁସ୍

**ଖରାପ ଖାଦ୍ୟାଭ୍ୟାସ ଯୋଗୁ ମୋଟା ଲୋକଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିଚାଲିଛି । ଏପରି ସ୍ଥିତିରେ ଆମେ ଯଦି କିଛି ଉପକାରୀ ଜୁସ୍‌କୁ ଖାଦ୍ୟଶୃଙ୍ଖଳରେ ସାମିଲ କରିନେବା ତେବେ ଏଥିରୁ କିଛି ପରିମାଣରେ ତ୍ରାହି ମିଳିପାରିବ ।**

**ସପୁରୀ:** ଏହି ଜୁସ୍ ବେଶ୍ ସ୍ୱାସ୍ଥ୍ୟପ୍ରଦ । ଏହା ମେଟାବଲିଜମ୍‌କୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ଖାଦ୍ୟ ଗ୍ରହଣ ପୂର୍ବରୁ ଏହାକୁ ପାନକଲେ ବେଶୀ ସୁଫଳ ମିଳିଥାଏ ।

**ତରଭୁଜ:** ଏହି ଜୁସ୍ ମଧ ମୋଟାପଣା ପାଇଁ ବେଶ୍ ଉପକାରୀ । ଏହା ଶରୀରର ଜଳୀୟଅଂଶ ବୃଦ୍ଧି କରିବା ସହ ଓଜନ କମାଇବାରେ ମଧ ସହାୟକ ହୋଇଥାଏ । ତେବେ ଏହାକୁ ଖାଦ୍ୟ ଖାଇବାର କିଛି ସମୟ ପରେ ସେବନ କଲେ ଉପକାର ମିଳିଥାଏ ।

**କମଳା:** କମଳା ରସରେ ଭିଟାମିନ ସି' ଭରପୂର ରହିଥାଏ । ଏହା ଶରୀରକୁ ଶକ୍ତି ଦେବା ସହ ହଜମଶକ୍ତିକୁ ମଧ ବଢ଼ାଇଥାଏ । ତେଣୁ ନିୟମିତ ଖାଦ୍ୟରେ ଏହି ଜୁସ୍‌କୁ ସାମିଲ କରିବା ବେଶ୍ ଲାଭଦାୟକ ।

**ବିଟ୍:** ବିଟ୍ ଜୁସ୍ ବେଶ୍ ସ୍ୱାସ୍ଥ୍ୟପ୍ରଦ । ଏହା ବିପି, ସୁଗାର ପୀଡ଼ିତଙ୍କ ପାଇଁ ଯେତିକି ଲାଭଦାୟୀ ମୋଟା ଲୋକଙ୍କ ପାଇଁ ମଧ ସେତିକି ଉପାଦେୟ । ଏହି ଜୁସ୍ ନିୟମିତ ପାନକଲେ ଶରୀରକୁ ବହୁ ପୋଷଣ ମିଳିବା ସହ ଶରୀରର ଅତିରିକ୍ତ ଚର୍ବି ମଧ କ୍ଷୟ ହୋଇଯାଇଥାଏ ।



**ଅଙ୍ଗୁର:** ଅଙ୍ଗୁର ରସ ଯେତିକି ସ୍ୱାଦିଷ୍ଟ, ସେତିକି ସ୍ୱାସ୍ଥ୍ୟପ୍ରଦ । ଏହାର ବହୁ ଅନ୍ୟାନ୍ୟ ଗୁଣ ରହିଥିଲେ ହେଁ 'ଫ୍ୟାଟ୍ ବର୍ଣ୍ଣିଂ' ଜୁସ୍ ଭାବେ ଏହା ପରିଚିତ । ଏହାକୁ ମୋଟାପଣର ରାମବାଣ ବୋଲି ମଧ କୁହାଯାଏ । ତେବେ ଦିନକୁ ଗୋଟିଏ ଗ୍ଲାସ୍ ଅଙ୍ଗୁର ଜୁସ୍ ପିଇବା ବହୁତ ଭଲ ।

**ଅଁଳା:** ଔଷଧୀୟ ଗୁଣରେ ଭରପୂର ଅଁଳାର ଜୁସ୍ ସ୍ୱାସ୍ଥ୍ୟ ପାଇଁ ଅମୃତସମ । ବିଶେଷକରି ମୋଟାପଣ କମାଇବାର ଏହା ଅମୋଘ ଅସ୍ତ୍ର । ମୋଟାପଣ ଗ୍ରସିତ ବ୍ୟକ୍ତି ଅଁଳା ଜୁସ୍ ପିଇବା ନିହାତି ଆବଶ୍ୟକ । ଏହା ପାଚନ ଶକ୍ତିକୁ ଦୃଢ଼ କରିବା ସହ ଶରୀରର ଚର୍ବି କମାଇବାରେ ବେଶ୍ ସହାୟକ ହୋଇଥାଏ । ଆଜିର ପ୍ରଦୂଷିତ ଜୀବନଚର୍ଯ୍ୟାକୁ ଦେଖିଲେ ପ୍ରତିଦିନ ନ ହେଲେ ମଧ ଅଁଳା ଜୁସ୍ ପାନକରିବା ନିତ୍ୟାନ୍ତ ବିଧେୟ ।

## ଅସୁସ୍ଥ ସନା



କିଛି ଦିନ ତଳେ ଟେଲିଅଭିନେତ୍ରୀ ସନା ମକବୁଲଙ୍କର ଏକ ଫଟୋ ଖୁବ ଭାଇରାଲ ହୋଇଥିଲା । ଏଥିରେ ସେ ହସ୍‌ପିଟାଲରେ ଥିବା ଦେଖିବାକୁ ମିଳିଥିଲା । ତେବେ ସେତେବେଳେ ସନାଙ୍କର ରୋଗ ସମ୍ପର୍କରେ କୌଣସି ତଥ୍ୟ ନଥିଲା । ହେଲେ ବର୍ତ୍ତମାନ ଏକ ପୋଷ୍ଟରେ ସନା ଏନେଇ ତଥ୍ୟ ଦେଇଛନ୍ତି । ତାଙ୍କୁ ଲିଭର ସିରୋସିସ୍ ହୋଇଥିବା ନେଇ ସେ ପ୍ରକାଶ କରିଛନ୍ତି । ସେ କିଛି ଦିନ ହେବ ଅଟୋଇମ୍ୟୁନ୍ ହେପାଟାଇଟିସ୍‌ରେ ପୀଡିତ ହୋଇ ଚିକିତ୍ସାଧୀନ ଅଛନ୍ତି । ବର୍ତ୍ତମାନ ତାଙ୍କୁ ଲିଭର ସିରୋସିସ୍ ହୋଇଥିବା ଜଣା ପଡିଛି । ଏଭଳି କଠିନ ପରିସ୍ଥିତିରେ ବି ସେ ନିଜକୁ ଷ୍ଟ୍ରଙ୍ଗ୍ କରି ରୋଗ ସହ ଲଢୁଛନ୍ତି । ତାଙ୍କ ସହିତ ତାଙ୍କ ପରିବାର ରହିଛନ୍ତି, ଯେଉଁମାନଙ୍କ ଭଲ ପାଇବା ତାଙ୍କୁ ସୁସ୍ଥ କରିବାରେ ବିଶେଷଭାବେ ସହାୟକ ହେଉଥିବା ସେ ପ୍ରକାଶ କରିଛନ୍ତି । ଏହି ଖବର ଜଣା ପଡିବା ପରେ ତାଙ୍କ ଫ୍ୟାନଙ୍କ ସହିତ ଅନ୍ୟ ସେଲିବ୍ରିଟିମାନେ ସନାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୪୯
ତିଥି : ପଞ୍ଚମୀ
୧୬ ଜୁନ୍ ୨୦୨୫, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 249
16 June 2025, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

## ସଜାଗ ରହିବାକୁ ମୁଖ୍ୟମନ୍ତ୍ରୀଙ୍କ ନିବେଦନ



ଭୁବନେଶ୍ୱର,୧୫ା୬ (ସବ୍ୟୁ): ଯାଜପୁର ଓ କେନ୍ଦୁଝର ଜିଲ୍ଲାର କିଛି ଅଞ୍ଚଳରେ ଝାଡାବାନ୍ତି ବ୍ୟାପିଥିବାର ଖବର ଆସିବା ମାତ୍ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତୁରନ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ତଥା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପଡୋଶୀ ଜିଲ୍ଲାକୁ ଯେପରି ଏହି ରୋଗ ନବ୍ୟାପିବ ସେଥିପାଇଁ ସେମାନଙ୍କୁ ସଜାଗ ରହିବା ପାଇଁ ପରାମର୍ଶ ଦିଆଯାଇଛି ।

ସମସ୍ତଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଜିଲ୍ଲାର ସବୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ହାଇ ଆଲର୍ଟ ମୋଡରେ ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସହିତ ଯାଜପୁର ଜିଲ୍ଲାର ସମସ୍ତ ପାନୀୟ ଜଳ ଉତ୍ସକୁ ଯଥାଶୀଘ୍ର ବିଶୋଧନ କରିବା, ଅନ୍ୟାଦେଶ ପର୍ଯ୍ୟନ୍ତ ରାସ୍ତାକଡ ଖାଦ୍ୟ ଉପରେ କଟକଣା, ଖାଦ୍ୟ ସୁରକ୍ଷା ଯାଞ୍ଚକୁ କଡାକଡି କରିବା ପାଇଁ ପଦକ୍ଷେପ ନିଆଯାଉଛି । ଝାଡାବାନ୍ତି ରୋଗକୁ ନିୟନ୍ତ୍ରଣରେ ଆଣିବା ପାଇଁ ଯଥେଷ୍ଟ ଔଷଧ ଏବଂ ଅନ୍ୟାନ୍ୟ ସାମଗ୍ରୀ, ଡାକ୍ତରୀ ଦଳକୁ ନିୟୋଜିତ କରାଯାଇଛି । ରୋଗ ଆରମ୍ଭ ସମୟରୁ ହିଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲରୁ ଡାକ୍ତରୀ ଦଳ ଯାଇ ରୋଗୀମାନଙ୍କ ଚିକିତ୍ସା କରିବା ସହ ପରିସ୍ଥିତି ଉପରେ ନଜର ରଖିଛନ୍ତି । ସ୍ୱାସ୍ଥ୍ୟମନ୍ତ୍ରୀ ବିଭିନ୍ନ ଜିଲ୍ଲାର ଡାକ୍ତର ଓ ଅନ୍ୟ ଅଧିକାରୀମାନଙ୍କ ସହ ନିୟମିତ ଆଲୋଚନା କରି ସ୍ଥିତି ଉପରେ ନଜର ରଖୁଛନ୍ତି ଏବଂ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି । ରାଜ୍ୟ ସରକାରଙ୍କୁ ଝାଡାବାନ୍ତି ନିୟନ୍ତ୍ରଣରେ ସହାୟତା କରିବା ପାଇଁ କେନ୍ଦ୍ର ସରକାରଙ୍କ ଭାରତୀୟ ଆୟୁର୍ବିଜ୍ଞାନ ଗବେଷଣା ପରିଷଦ (ଆଇସିଏମଆର)ର ଟିମ୍ ମଧ୍ୟ ଓଡିଶା ଆସଛନ୍ତି ।

# ଯାଜପୁରରେ ଡାଇରିଆ କେନ୍ଦ୍ରୀୟ ଟିମ୍‌ର ତନାଘନା

ବ୍ୟାସନଗର/ଭୁବନେଶ୍ୱର,୧୫ା୬ (ସବ୍ୟୁ): ରାଜ୍ୟରେ ଡାଇରିଆ ସ୍ଥିତି ଏବେ ଉଦବେଗଜନକ । ଗୋଟିଏ ପରେ ଗୋଟିଏ ଜିଲ୍ଲା ଡେଇଁଲାଣି ଡାଇରିଆ । ତେବେ ଯାଜପୁର ଜିଲ୍ଲାରେ ମୋଟ ୧୭୭୧ ଜଣ ସଂକ୍ରମିତ ବ୍ୟକ୍ତି ବିଭିନ୍ନ ହସ୍ପିଟାଲରେ ଆଡମିଶନ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୧୫୦୮ ଜଣ ବ୍ୟକ୍ତି ସୁସ୍ଥ ହୋଇଥିବା ବେଳେ ୨୫୮ ଜଣ ଚିକିତ୍ସିତ ହେଉଛନ୍ତି । ଏବେ ସୁଦ୍ଧା ୫ ଜଣ ଡାଇରିଆରେ ମୃତ୍ୟୁ ଘଟିଛି । ଆଉ ୫ଟି ଡାଇରିଆ ମୃତ୍ୟୁ ଅଭିଯୋଗର ତଦନ୍ତ ଜାରି ରହିଛି । ରବିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ. ମୁକେଶ ମହାଲିଙ୍ଗ, ରାଜ୍ୟର ବରିଷ୍ଠ ଅଧିକାରୀ ଏବଂ କେନ୍ଦ୍ରୀୟ ଟିମ୍‌ମାନେ ଯାଜପୁର ଓ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡର ପ୍ରଭାବିତ ଅଞ୍ଚଳରେ ଡାଇରିଆ ସ୍ଥିତିର ନିରୀକ୍ଷଣ ଓ ସମୀକ୍ଷା କରିଛନ୍ତି ।

ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ଘରକୁ ଘର ବୁଲି ପ୍ରାଥମିକ ଅବସ୍ଥାରୁ ଡାଇରିଆ ରୋଗୀମାନଙ୍କୁ ଚିହ୍ନଟ କରିବା ସହ ପ୍ରାରମ୍ଭିକ ଚିକିତ୍ସା ନିମନ୍ତେ ଆବଶ୍ୟକୀୟ ଔଷଧ, ଓଆରଏସ୍ ପ୍ୟାକେଟ ଆଦି ଦେଇ ହସ୍ପିଟାଲକୁ ଯିବା ନିମନ୍ତେ ପରାମର୍ଶ ଦେବାକୁ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ନିର୍ଦ୍ଦେଶ ଦେଇଥିଲେ । ଏହାସହ କ୍ଷେତ୍ରସ୍ତରୀୟ କାର୍ଯ୍ୟକ୍ରମ ଓ ସୋସିଆଲ ମିଡିଆ ମାଧ୍ୟମରେ ବ୍ୟାପକ ଭାବେ ସଚେତନତା କାର୍ଯ୍ୟକ୍ରମ କରିବାକୁ ଜିଲ୍ଲା ପ୍ରଶାସନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବ୍ଲକ ଏବଂ ପଞ୍ଚାୟତସ୍ତରୀ ସ୍ଥିତିର ସମୀକ୍ଷା କରି ପ୍ରତି ପାନୀୟଜଳ ଉତ୍ସକୁ ନିୟମିତ ବ୍ୟବଧାନରେ ବାରମ୍ବାର ବିଶୋଧନ କରିବାକୁ କୁହାଯାଇଛି । ବିଦ୍ୟାଳୟ ଖୋଲିବା ପୂର୍ବରୁ ବିଦ୍ୟାଳୟ ପରିସରରେ ଥିବା ନଳକୂପ ଓ ପାଣିଟାଙ୍କି ଆଦିକୁ ବିଶୋଧିତ କରିବା ପାଇଁ ସେ ଜଳଯୋଗାଣ ବିଭାଗ ଯନ୍ତ୍ରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ।

ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରଭାବିତ ଅଞ୍ଚଳରେ ଲୋକମାନଙ୍କ ସହ ସିଧାସଳଖ ଆଲୋଚନା କରିବା ସହ ବଡ଼ଚଣା, ଧର୍ମଶାଳା, ମଧୁବନ ଓ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କର ଭଲମନ୍ଦ ପଚାରି ବୁଝିଥିଲେ । କ୍ଷେତ୍ର ପରିଦର୍ଶନ ପରେ ମନ୍ତ୍ରୀ ଜିଲ୍ଲା କାର୍ଯ୍ୟାଳୟ ସଭାଗୃହଠାରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡାକ୍ତର ଅମରେନ୍ଦ୍ର ମହାନ୍ତି, ଖାଦ୍ୟ ନିରାପତ୍ତା ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ମିଶ୍ର, ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡି, ୩ଟି କେନ୍ଦ୍ରୀୟ ଟିମ୍‌ର ସଦସ୍ୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ମେଡିକାଲ କଲେଜମାନଙ୍କରୁ ଆସିଥିବା ପ୍ରଫେସର, ବିଶେଷଜ୍ଞ ଏବଂ ଅନ୍ୟାନ୍ୟ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କ ସହ ବିସ୍ତୃତ ସମୀକ୍ଷା କରିଥିଲେ । ବୈଠକରେ ଉପସ୍ଥିତ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଟିମ୍ ତାଙ୍କର ପ୍ରାଥମିକ ନିରୀକ୍ଷଣ ସହ ଜଣାଇଥିଲେ ଯେ ଡାଇରିଆର ନିରାକରଣ ଓ ପ୍ରତିଷେଧ ନିମନ୍ତେ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମ ସଠିକ୍ ଦିଗରେ ଚାଲିଛି । ପ୍ରତ୍ୟେକସ୍ତରରେ ଯୁଦ୍ଧକାଳୀନ ଭିତ୍ତିରେ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି । (୯ ପୃଷ୍ଠାରେ)

- ଘରକୁ ଘର ବୁଲି ରୋଗୀ ଚିହ୍ନଟ କରି ହସ୍ପିଟାଲ ପଠାଅ
- ସୋସିଆଲ ମିଡିଆରେ ବ୍ୟାପକ କର ସଚେତନତା
- ସ୍କୁଲ ଖୋଲିବା ପୂର୍ବରୁ ନଳକୂପ, ପାଣିଟାଙ୍କି ବିଶୋଧନ କର
- ସ୍ୱାସ୍ଥ୍ୟମନ୍ତ୍ରୀ ବି ବୁଲିବେ ଡାଇରିଆ ପ୍ରବଣ ଅଞ୍ଚଳ






## ଦୃଢ଼ ପଦକ୍ଷେପ ନିଅନ୍ତୁ ସରକାର : ନବୀନ

ଭୁବନେଶ୍ୱର,୧୫ା୬ (ସବ୍ୟୁ): ରାଜ୍ୟ ସରକାର ବର୍ଷ ପୂର୍ତ୍ତି ପାଳନ କରୁଥିବା ବେଳେ ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ, ପୁରୀ, କଟକ ଓ କେନ୍ଦୁଝର ଆଦି ଜିଲ୍ଲାରେ ହଇଜା ଭୟଙ୍କର ରୂପ ନେଉଥିବା ବେଳେ ଅନ୍ୟ ଜିଲ୍ଲାକୁ ମଧ୍ୟ ଏହା ବ୍ୟାପିବାକୁ ଲାଗିଲାଣି । ଏହାକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି । ବିରୋଧୀ ଦଳର ନେତା ଶ୍ରୀ ପଟ୍ଟନାୟକ ସାମାଜିକ ଗଣମାଧ୍ୟମ 'ଏକ୍ସ' ମାଧ୍ୟମରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତ । ଲୋକଙ୍କ ଜୀବନକୁ ସଙ୍କଟରେ ପକାଇଲାଣି ହଇଜା । ଦୀର୍ଘ ବର୍ଷ ଧରି ଯାହା ଦେଖିବାକୁ ମିଳିନଥିଲା, ତାହା ଏବେ ବିଭିନ୍ନ ଜିଲ୍ଲାର ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଲାଣି । ବର୍ତ୍ତମାନ ସୁଦ୍ଧା ହଇଜାରେ ୧୪ ଜଣ ପ୍ରାଣ ହରାଇବା ମୋତେ ବ୍ୟଥିତ କରିଛି । ସେମାନଙ୍କ ପରିବାରବର୍ଗ ଓ ଆତ୍ମୀୟସ୍ୱଜନଙ୍କ ପ୍ରତି ମୋର (୯ ପୃଷ୍ଠାରେ)

## ଭୁଶୁଡିଲା ବ୍ରିଜ୍: ୫ ମୃତ, ୨୫ ନିଖୋଜ




ପୁଣେ,୧୫ା୬: ଦେଶରେ ପୁଣି ଏକ ଦୁଃଖଦ ଦୁର୍ଘଟଣା ଘଟିଛି । ମହାରାଷ୍ଟ୍ରର ପୁଣେରେ ଇନ୍ଦ୍ରାୟଣୀ ନଦୀ ଉପରେ ନିର୍ମିତ ପୋଲର ଅଧା ଅଂଶ ଭାଙ୍ଗି ପଡ଼ିବାରୁ ୨୫ରୁ ୩୦ ଜଣ ଲୋକ ନଦୀରେ ପଡ଼ି ନିଖୋଜ ହୋଇଯାଇଛନ୍ତି । ନିଖୋଜ ଲୋକମାନଙ୍କ ମଧ୍ୟରୁ ୫ ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି । ଯେତେବେଳେ ପୋଲଟି ଭୁଶୁଡ଼ି ପଡ଼ିଥିଲା, ସେହି ପୋଲ ଉପରେ ଅନେକ ଲୋକ ଉପସ୍ଥିତ ଥିଲେ । (୯ ପୃଷ୍ଠାରେ)

## ୧୦୦ ଜଣଙ୍କୁ ଗୁଳି କରି ହତ୍ୟା

ଆବୁଜା,୧୫ା୬: ଆଫ୍ରିକୀୟ ଦେଶ ନାଇଜେରିଆର ଏକ ଗାଁରେ ଏକ ଆକ୍ରମଣରେ ବନ୍ଧୁକଧାରୀମାନେ ୧୦୦ରୁ ଅଧିକ ଲୋକଙ୍କୁ ନିର୍ମମ ଭାବେ ହତ୍ୟା କରିଛନ୍ତି । ଏହି ଘଟଣା କେନ୍ଦ୍ରୀୟ ନାଇଜେରିଆର ବେନୁ ରାଜ୍ୟର ୟେଲେୱାଟା ଗାଁରେ ଘଟିଛି ।

ଆମନେଷ୍ଟି ଇଣ୍ଟରନ୍ୟାସନାଲ ନାଇଜେରିଆ ଶନିବାର ଏହି ହତ୍ୟାକାଣ୍ଡ ବିଷୟରେ ସୂଚନା ଦେଇଛି । ଶୁକ୍ରବାର ବିଳମ୍ବିତ ରାତିରେ ଗାଁରେ ବନ୍ଧୁକଧାରୀଙ୍କ ଦ୍ୱାରା ଏହି ଆକ୍ରମଣ ହୋଇଥିଲା ଏବଂ ଶନିବାର ସକାଳ ପର୍ଯ୍ୟନ୍ତ ବନ୍ଧୁକଧାରୀମାନେ ଗାଁରେ ଘରଘର ବୁଲି ଲୋକଙ୍କୁ ଖୋଜି ଖୋଜି ହତ୍ୟା କରୁଥିଲେ ।

ସମଗ୍ର ଗାଁ ଏକ ଖୋଲା କବରସ୍ଥାନରେ ପରିଣତ ହୋଇଥିଲା । ଗାଁରେ ମୃତଦେହ ଚାରିଆଡ଼େ ବିଛାଡ଼ି (୯ ପୃଷ୍ଠାରେ)

## ଏଥର ରଥଯାତ୍ରା ଜଗିବ ଏଆଇ



### କାମ କରିବ ସମନ୍ୱିତ ନିୟନ୍ତ୍ରଣ କକ୍ଷ

### କାର୍ଯ୍ୟକାରୀ ହେବ ଆଣ୍ଟି ଡ୍ରୋନ୍ ସିଷ୍ଟମ

ଭୁବନେଶ୍ୱର,୧୫ା୬ (ସବ୍ୟୁ): ରଥଯାତ୍ରା ସୁରକ୍ଷା ସମ୍ପର୍କରେ ଭୁବନେଶ୍ୱର ଡିଜିପିଙ୍କ କ୍ୟାମ୍ପ ଅଫିସ୍‌ଠାରେ ରବିବାର ଡିଜିପି ୱାଇବି ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ପୁରୀ ସହର ଓ ସହରକୁ ସଂଯୋଗ କରୁଥିବା ରାସ୍ତା ଏଆଇ କ୍ୟାମେରା ନଜରରେ ରହିବା ସହ ଆଣ୍ଟି ଡ୍ରୋନ୍ ସିଷ୍ଟମ କାର୍ଯ୍ୟକାରୀ ହେବ ବୋଲି ଡିଜିପି ଗଣମାଧ୍ୟମକୁ କହିଛନ୍ତି । ପୁରୀ ଟାଉନ ଠାରେ ପ୍ରଥମଥର ପାଇଁ ଇଣ୍ଟିଗ୍ରେଡେଡ୍ କଣ୍ଟ୍ରୋଲ ରୁମ୍ ସ୍ଥାପନ ହେବ ।

ଜୁନ୍ ୨୭ ତାରିଖରେ ପୁରୀର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ । ରଥଯାତ୍ରାକୁ ତ୍ରୁଟିଶୂନ୍ୟ, ଶୃଙ୍ଖଳିତ ଏବଂ ସୁପରିଚାଳନା କରିବା ନିମନ୍ତେ କ୍ୟାମ୍ପ ଅଫିସ୍ ଠାରେ ଆୟୋଜିତ ବୈଠକରେ ଚର୍ଚ୍ଚା ହୋଇଥିଲା । ଏହି ଅବସରରେ ଡିଜିପି ଶ୍ରୀ ଖୁରାନିଆ ଶୃଙ୍ଖଳିତ କରିବା ପାଇଁ ସଦାସର୍ବଦା ସକ୍ରିୟ ତଥା ସଜାଗ ରହିବାକୁ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମହାପ୍ରଭୁଙ୍କ ନବଯୌବନ ଦର୍ଶନ, ରଥଯାତ୍ରା, ବାହୁଡା, ସୁନାବେଶ ଆଦି ନୀତିକାନ୍ତି ସମୟରେ ଦେଶ ବିଦେଶରୁ ଲକ୍ଷାଧିକ ଭକ୍ତଙ୍କ ପୁରୀରେ ସମାଗମ ହେବ । ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ସୁରକ୍ଷା ବନ୍ଦୋବସ୍ତ (୯ ପୃଷ୍ଠାରେ)





ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟିଙ୍କ ଜନ୍ମ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜଭବନ ଠାରେ ଭେଟି ଶୁଭେଚ୍ଛା ଜଣାଉଛନ୍ତି ।

## କଳାହାଣ୍ଡି ଏବଂ ରାୟଗଡ଼ା ଜିଲ୍ଲାରେ ଲାଗିବ ୧ ଲକ୍ଷରୁ ଅଧିକ ଗଛ

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ବିଶ୍ୱ ପରିବେଶ ଦିବସ ୨୦୨୫ ଅବସରରେ ଓଡ଼ିଶାର କଳାହାଣ୍ଡି ଏବଂ ରାୟଗଡା ଜିଲ୍ଲାରେ ମୋ ଗଛ ମୋ ପରିବାର ନାମକ ଏକ ମେଗା ବୃକ୍ଷ ରୋପଣ ଅଭିଯାନ ଆରମ୍ଭ କରିଛି । ଏହି ଅଭିଯାନରେ ଦୁଇ ଜିଲ୍ଲାରେ ୧,୦୦,୦୦୦ରୁ ଅଧିକ ଫଳଗଛ ଚାରା ରୋପଣର ଲକ୍ଷ୍ୟ ରହିଛି, ଯାହା ଓଡ଼ିଶାର ୩୦,୦୦୦ରୁ ଅଧିକ ଗ୍ରାମୀଣ ପରିବାରକୁ ସକାରାତ୍ମକ ଭାବରେ ପ୍ରଭାବିତ କରିବ ଛାଠିଚାର୍ଜବିରେଶ୍ବ୧ ଆମ୍ବ, ଗୁଆ, ପଣସ ଏବଂ ସଜନା ଭଳି ଲୋକପ୍ରିୟ ପ୍ରଜାତିଗୁଡ଼ିକୁ ସେମାନଙ୍କର ପରିବେଶଗତ, ପୁଷ୍ଟିକର ଏବଂ ଆର୍ଥିକ ମୂଲ୍ୟ ପାଇଁ ଚୟନ କରାଯାଇଛି ।

ବଳଭଦ୍ରପୁର ଗ୍ରାମ ଏବଂ ବେଦାନ୍ତର ପ୍ଲାଣ୍ଟ ପରିସରରେ ଏକ ସମ୍ପ୍ରଦାୟ ନେତୃତ୍ୱରେ ଏକ ରୋପଣ ଅଭିଯାନ ମାଧ୍ୟମରେ ଏହି ପଦକ୍ଷେପ ଆରମ୍ଭ ହୋଇଥିଲା, ଯେଉଁଥିରେ କର୍ମଚାରୀ, ବରିଷ୍ଠ ନେତୃତ୍ୱ, ସ୍କୁଲ ପିଲା, ସରକାରୀ ଅଧିକାରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟଙ୍କ ସମେତ ୬୦୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ । ପରିବାରର ସଦସ୍ୟ ଭାବରେ ପ୍ରତ୍ୟେକ ଗଛକୁ ପାଳନ କରିବା ପାଇଁ ଏହା ଏକ ପ୍ରତିଜ୍ଞାଛ ଏହି ପ୍ରୟାସକୁ ୬୦୦ରୁ ଅଧିକ କର୍ମଚାରୀ ସ୍ୱେଚ୍ଛାସେବକଙ୍କ ଦ୍ୱାରା ସମର୍ଥନ କରାଯାଇଛି ଏବଂ ବେଦାନ୍ତର ବରିଷ୍ଠ ପରିଚାଳନା ସଦସ୍ୟଙ୍କ ଦ୍ୱାରା ସମର୍ଥନ କରାଯାଇଛି, ଯାହା ଏହାକୁ ଏହି ଅଞ୍ଚଳର ସର୍ବବୃହତ ପରିବେଶ-ଆନ୍ଦୋଳନ ମଧ୍ୟରୁ ଗୋଟିଏ ଭାବେ ପରିଚୟ ପ୍ରଦାନ କରିଛି ।

ପ୍ରୟାସ ବିଷୟରେ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି: ବେଦାନ୍ତ ଲାଞ୍ଜିଗଡ଼ରେ, ସ୍ଥାୟୀତ୍ୱ କେବଳ ଏକ ଦାୟିତ୍ୱ ନୁହେଁ – ଏହା ଜୀବନର ଏକ ଉପାୟ । 'ମୋ ଗଛ ମୋ ପରିବାର' ମାଧ୍ୟମରେ ଆମେ ଆଶା, ଏକତା ଏବଂ ସମୃଦ୍ଧିର ବୀଜ ବୁଣୁଛୁ । ଆମେ ଏକ ସବୁଜ ଏବଂ ସ୍ଥିର ଭବିଷ୍ୟତ ଆଡ଼କୁ ସମ୍ପ୍ରଦାୟ ସହିତ ହାତ ମିଳାଇ ଚାଲୁଥିବାରୁ ଗର୍ବିତ । ଏହି ଅଭିଯାନ ଆଗାମୀ ବର୍ଷଗୁଡ଼ିକରେ ରାଜ୍ୟ ଏବଂ ଜାତୀୟ ସ୍ତରରେ ଅଭିଯାନକୁ ବୃଦ୍ଧି କରିବା ସହିତ ଭାରତର ଜଳବାୟୁ ଲକ୍ଷ୍ୟରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବାରେ ବେଦାନ୍ତର ବ୍ୟାପକ ମିଶନ ସହିତ ମଧ୍ୟ ହାତ ମିଶାଇବ ।



ଏହି ଅଭିଯାନ ମୃତ୍ତିକାକୁ ସୁରକ୍ଷିତ ସହିତ ଗଛଗୁଡ଼ିକର ଜୀବନକାଳ ମଧ୍ୟରେ ପ୍ରାୟ ୧.୫ ଲକ୍ଷ ଟନ୍ କାର୍ବନ ନିର୍ଗମନକୁ ପ୍ରତିହତ କରିବ ବୋଲି ଆଶା କରାଯାଉଛି । ଏହା ବର୍ଦ୍ଧିତ ଜୈବ ବିବିଧତାରେ ଯୋଗଦାନ କରିବ ଏବଂ ପ୍ରାକୃତିକ ଜଙ୍ଗଲର ପୁନରୁଦ୍ଧାରକୁ ସମର୍ଥନ କରିବ । ଏହି ପଦକ୍ଷେପ ମୃତ୍ତିକା ସଂରକ୍ଷଣକୁ ଉନ୍ନତ କରିବା ଏବଂ କ୍ଷୟ ରୋକିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଏହି

## ଦ୍ୱିତୀୟ ରାଜରେ ବୁଲିଲେ ୩୭,୧୦୮ ନନ୍ଦନକାନନରେ ରେକର୍ଡ ପର୍ଯ୍ୟଟକ

ଭୁବନେଶ୍ୱର(ସବ୍ୟୁ): ଭୁବନେଶ୍ୱର ଉପକଣ୍ଠରେ ଥିବା ପର୍ଯ୍ୟଟକମାନଙ୍କ ପାଇଁ ଉଦ୍ଦିଷ୍ଟ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ରବିବାର ରେକର୍ଡ ପର୍ଯ୍ୟଟକ ବୁଲିଛନ୍ତି । ଗଣପର୍ବ 'ରଜ' ଅବସରରେ ପର୍ଯ୍ୟଟକମାନେ ରବିବାର ସକାଳ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବୁଲିଛନ୍ତି । ସବୁଠାରୁ ବଡ଼ କଥା ହେଲା ପର୍ଯ୍ୟଟକମାନେ ଭଲ ବୁଲିବାର କାରଣ ହେଲା ଅନୁକୂଳ ପାଗ । ଦ୍ୱିତୀୟ ରଜରେ ନନ୍ଦନକାନନ ପ୍ରାଣୀ ଉଦ୍ୟନରେ ୩୭ ହଜାରରୁ ଅଧିକ ପର୍ଯ୍ୟଟକ ଆସିଥିଲେ । ସେହିପରି ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ପ୍ରାୟ ଅଢ଼େଇ ହଜାର ଲୋକ ବୁଲିବାକୁ ଯାଇଥିଲେ ।

ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷଙ୍କ ତରଫରୁ ମିଳିଥିବା ସୂଚନା ଅନୁସାରେ ଆଜି ଦ୍ୱିତୀୟ ରଜ ଅବସରରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୩୭,୧୦୮ ଜଣ ପର୍ଯ୍ୟଟକ ବୁଲିଛନ୍ତି । ରବିବାର ଭଲ ବାର ସାଙ୍ଗକୁ ପାଗ ଭଲ ଥିବାରୁ ଏତେ ସଂଖ୍ୟାରେ ପର୍ଯ୍ୟଟକ ଆସିଛନ୍ତି । ଟିକେଟ କରି ବୁଲି ଦେଖି ଥିବା ପର୍ଯ୍ୟଟକଙ୍କ ଗଣନାରୁ ଏହି ସଂଖ୍ୟା ଜଣାପଡ଼ିଛି ।

ସୂଚନାଯୋଗ୍ୟ, ୨୦୨୨ ମସିହା ପ୍ରଥମ ରଜରେ ସର୍ବାଧିକ ୩୪,୮୧୭ ପର୍ଯ୍ୟଟକ ଆସିଥିବା ବଡ଼ ରେକର୍ଡ ଥିଲା । ସେହି ରେକର୍ଡ ଆଜି ଭଙ୍ଗ ହୋଇଛି । ସେହିଭଳି ରାଜ୍ୟ ଉଦ୍ଭିଦ ଉଦ୍ୟାନର ୨୪୭୪ ଖଣ୍ଡ ଟିକେଟ ବିକ୍ରି ହୋଇଥିବା ଜଣାପଡ଼ିଛି ।

## ଡାଇରିଆ ଲାଗି ଆଲର୍ଟ ଜାରି

## ସବୁ ପୌରାଞ୍ଚଳ ଅଧିକାରୀ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟର ଅନେକ ଜିଲ୍ଲାରେ ଡାଇରିଆ ରୋଗ ବୃଦ୍ଧି ପାଉଥିବାରୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସମସ୍ତ ପୌରାଞ୍ଚଳ ଓ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ତୁରନ୍ତ ପ୍ରତିଷେଧକ ଏବଂ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛି । ନାଗରିକମାନଙ୍କୁ ସତର୍କ ରହିବା, କେବଳ ବିଶୁଦ୍ଧ ପାନୀୟ ଜଳ ପିଇବା ଏବଂ କୌଣସି ଲକ୍ଷଣ ଦେଖାଗଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର କିମ୍ବା ସହରାଞ୍ଚଳ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜଣାଇବାକୁ କୁହାଯାଇଛି ।

ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ ସମ୍ବେଦନଶୀଳ ସହରାଞ୍ଚଳ ପ୍ରତି ବିଶେଷ ଧ୍ୟାନ ଦେଇ ସମସ୍ତ ଜଳ ଉତ୍ସଗୁଡ଼ିକର ପରିମଳ ଓ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ସତର୍କତା ଏବଂ ପ୍ରକୃତ ସମୟ ମନିଟରିଂ ବୃଦ୍ଧି କରିବାକୁ ପରାମର୍ଶ ଦେଇଛନ୍ତି । ଜିଲ୍ଲା ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀମାନଙ୍କୁ ବାସ୍ତବ ସ୍ଥିତି ସହ ନିବିଡ଼ ଭାବେ ଜଡିତ ରହିବା ସହିତ ମାସ୍ ରିପୋର୍ଟର କୌଣସି କ୍ଲଷ୍ଟର କିମ୍ବା ତାଞ୍ଚାକୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସହ ଭାଗିଦାରୀରେ ସମନ୍ୱିତ କ୍ଷେତ୍ର ଗୁରୁତ୍ୱାରୋପ କରାଯାଇଛ । ଡାଇରିଆ ରୋଗ ପ୍ରସାରକୁ ରୋକିବା ପାଇଁ ଆମକୁ ଶୀଘ୍ର କାର୍ଯ୍ୟ କରିବାକୁ ପଡିବ ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି । ପାନୀୟ ଜଳ ଉତ୍ସଗୁଡିକର ତୁରନ୍ତ ଯାଞ୍ଚ, ପରିମଳ ସମ୍ଭାବ୍ୟ ହଟସ୍ପଟ୍ ଚିହ୍ନଟ, ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ସ୍ୱାସ୍ଥ୍ୟ ବିଭାଗ ଦଳ ସହିତ ସମନ୍ୱୟ ରକ୍ଷା, କ୍ଷେତ୍ର କର୍ମଚାରୀଙ୍କ ସମ୍ବେଦନଶୀଳତା ଏବଂ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଛି ।

### ଲକ୍ଷଣ ଦେଖାଗଲେ ତୁରନ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ଯିବାକୁ ପରାମର୍ଶ

ବିଶେଷ କରି ପ୍ରାକ୍ ମୌସୁମୀ ସମୟରେ ଅଧିକ ପ୍ରକୋପକୁ ରୋକିବା ପାଇଁ ବିଭାଗ ଜରୁରୀକାଳୀନ ଜଳର ଗୁଣବତ୍ତା ଯାଞ୍ଚ, ପରିମଳ ଅଭିଯାନ ବୃଦ୍ଧି ଏବଂ ଜନସଚେତନତା ଅଭିଯାନକୁ ବ୍ୟାପକ କରିବାକୁ କୁହାଯାଇଛି ।

## ଚାକିରି ଦେବାକୁ କହି ଠକେଇ
## ଠକକୁ ଧରି ପୋଲିସ ଜିମା ଦେଲେ

ଭୁବନେଶ୍ୱର, (ସବ୍ୟୁ) : ଚାକିରି ଦେବାକୁ କହି ୨ ଲକ୍ଷ ୬୨ ହଜାର ଟଙ୍କା ଠକି ନେଇଥିବା ଜଣେ ଠକକୁ ଏତଲାକାରୀ ଓ ତାଙ୍କ ସମ୍ପର୍କୀୟମାନେ ଧରି ନିସ୍ତୁକ ମାଡ ଦେବା ପରେ ଖାରବେଳନଗର ଥାନା ଜିମା ଦେଇଥିଲେ। ପରେ ଅଭିଯୁକ୍ତକୁ କ୍ୟାପିଟାଲ୍ ଥାନାକୁ ହସ୍ତାନ୍ତର କରାଯାଇଥିଲା।

ସନ୍ଦିପ କୁମାର ବେହେରା ଲିଖିତ ଅଭିଯୋଗ କରିଥିଲେ ଯେ, ଅଭିଯୁକ୍ତ ନିଜକୁ ଓପିଟିସିଏଲ୍‌ର ଡଜିଏମ୍ ପରିଚୟରେ ଅଭିଯୋଗକାରୀଙ୍କ ସମ୍ପର୍କୀୟ ଭାଇ ଆଲେକ୍‌ଜାଣ୍ଡାର ସେନାପତିଙ୍କ ସହ ଅଶୋକ ନଗରରେ ପରିଚୟ ହୋଇଥିଲା। ପରିଚୟ ହେବା ପରେ ଅଭିଯୋଗକାରୀଙ୍କ ଭାଇଙ୍କୁ ଚାକିରି କରାଇଦେବାକୁ ପ୍ରତିଶ୍ରୁତି ଦେଇଥିଲା। ୨୦୨୨ ମସିହା ଜୁନ୍ ୨୭ ତାରିଖରେ ଅଭିଯୁକ୍ତକୁ ୩୦ହଜାର ଟଙ୍କା ଦେବା ପରେ ଅକ୍ଟୋବର ମାସରେ ୨ ଲକ୍ଷ ଟଙ୍କା ଦେଇଥିଲେ। ପରେ ୩୨ ହଜାର ଟଙ୍କା ଆକାଉଣ୍ଟ ମାଧ୍ୟରେ ଅଭିଯୁକ୍ତକୁ ଟାନ୍ସଫର କରିଥିଲେ। ତିନି ପର୍ଯ୍ୟାୟରେ ସମୁଦାୟ କ୍ରିଷ୍ଣା କୁମାର ଓରଫ୍ ତାରାକାନ୍ତ ମହାରଣା (୩୭)କୁ ଆଲେକଜାଣ୍ଡାର ୨ ଲକ୍ଷ ୬୨ ହଜାର ଟଙ୍କା ଦେଇଥିଲେ।

ଟଙ୍କା ନେବା ପରେ ସେ ଚାକିରି ଦେବାତ ଦୂରର କଥା ଟଙ୍କା ମଧ୍ୟ ଫେରାଇ ନଥିଲା। ରବିବାର ଖାରବେଳନଗର ଥାନା ଅଞ୍ଚଳରେ ଏତଲାକାରୀ ଓ ତାଙ୍କ ସମ୍ପର୍କୀୟମାନେ ଦେଖିବା ପରେ ସେ ଖସିଯାଉଥିଲା। ଅଭିଯୁକ୍ତକୁ ଗୋଡାଇ ଗୋଡାଇ ଧରିଥିଲେ ଏତଲାକାରୀ ଓ ତାଙ୍କ ସମ୍ପର୍କୀୟ। ମାମଲା କ୍ୟାପିଟାଲ୍ ଥାନା ଅଧୀନ ହୋଇଥିବାରୁ ଖାରବେଳନଗର ଥାନା ପୋଲିସ ଆସାମୀକୁ କ୍ୟାପିଟାଲ୍ ଥାନାକୁ ହସ୍ତାନ୍ତର କରିବା ପରେ କୋର୍ଟ ଚାଲାଣ କରାଯାଇଛି।

## ହରିୟାନା କୃଷି ବିଶ୍ୱବିଦ୍ୟାଳୟ
## ଛାତ୍ରଛାତ୍ରୀଙ୍କ ଉପରେ ଲାଠିଚାର୍ଜ ବିରୋଧରେ ଛାତ୍ର କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର (ସବ୍ୟୁ): ଚୌଧୁରୀ ଚରଣ ସିଂହ ହରିୟାନା କୃଷି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ କଲେଜରେ ଦୀର୍ଘଦିନ ଧରିସ୍ଥଗିତ ଥିବା ନାମଲେଖା ଆବେଦନ ପ୍ରକ୍ରିୟାର ବିରୋଧରେ ଶାନ୍ତି ପୂର୍ଣ୍ଣଭାବେ ଆନ୍ଦୋଳନ କରୁଥିବା ବେଳେ ସେହି ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଏବଂ ସୁରକ୍ଷାକର୍ମୀମାନେ ଆସି ତାଙ୍କୁ ଉପରେ ଲାଠିଚାର୍ଜ କରିଥିଲେ । ଏହି ଘଟଣାକୁ ନିନ୍ଦା କରି ଓଡ଼ିଶା ପ୍ରଦେଶ ଛାତ୍ରକଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କ ନେତୃତ୍ୱରେ ଭୁବନେଶ୍ୱର ସ୍ଥିତ ମାଷ୍ଟରକ୍ୟାଣ୍ଟିନ୍ ଠାରେ ଛାତ୍ରକଂଗ୍ରେସ ପକ୍ଷରୁ ଉକ୍ତବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନ୍ୟାୟ ଦେବା ପାଇଁ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଶ୍ରୀ ପ୍ରଧାନ ତାଙ୍କ ବକ୍ତବ୍ୟରେ କହିଥିଲେ କେନ୍ଦ୍ରର ବିଜେପି ସରକାର ଆସିବା ଦିନରୁ ଛାତ୍ରଛାତ୍ରୀମାନେ ଅସୁରକ୍ଷିତ ମନେ କରୁଛନ୍ତି । କେନ୍ଦ୍ରଶିକ୍ଷାମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ଶିକ୍ଷାବ୍ୟବସ୍ଥାକୁ ଘରୋଇକରଣ ଦିଗରେ ଅଧିକ ଧ୍ୟାନ ଦେଉଛନ୍ତି । ତୁରନ୍ତ କେନ୍ଦ୍ରସରକାର ଶିକ୍ଷାବ୍ୟବସ୍ଥାରେ ସୁଧାର ଆଣନ୍ତୁ ନଚେତ ଆଗାମୀ ଦିନରେ କେନ୍ଦ୍ରଶିକ୍ଷାମନ୍ତ୍ରୀଙ୍କୁ ଓଡ଼ିଶାରେ ତୀବ୍ର ବିରୋଧ ପ୍ରଦର୍ଶନ କରାଯିବ, ଆହୁରି ମଧ୍ୟ ଶ୍ରୀ ପ୍ରଧାନ କହିଥିଲେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦିଅନ୍ତୁ କିନ୍ତୁ ଲାଠି ନୁହେଁ, ଦେଶରେ ଛାତ୍ରଛାତ୍ରୀମାନଙ୍କ ଉପରେ ବେଆଇନ ଭାବେ ଲାଠିଚାର୍ଜ କରିବା ଏକ ଅପରାଧ ଜନକ କାର୍ଯ୍ୟ ଅଟେ, ଛାତ୍ରକଂଗ୍ରେସର କର୍ମକର୍ତ୍ତାମାନେ ଏଭଳି ଘଟଣାକୁ ଦୃଢ଼ ନିନ୍ଦା କରୁଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୁବକଂଗ୍ରେସ ସାଧାରଣ ସମ୍ପାଦକ ସୁଦିପ ସାମଲ, ଭୁବନେଶ୍ୱର ଜିଲ୍ଲା ଛାତ୍ରକଂଗ୍ରେସ ସଭାପତି ସାହାରୁଖ୍ ଖାନ, ସୌମ୍ୟ ବରାଳ, ଆଶିଷ ରଞ୍ଜନ ଦାସ, ଆଦିତ୍ୟ ଅଂଶୁମାନ ପାତ୍ର, ଆଶିଷ କୁମାର ଦାସ, ଆୟୁଷ ରାୟ, ଭି. ଭବାନିଶଙ୍କର ପ୍ରମୁଖ ଯୋଗ ଦେଇଥିଲେ ।




## ଭାଙ୍ଗିଲା ରେଲୱେ ଗାର୍ଡୱାଲ୍

କଟକ,(ସବ୍ୟୁ): ମଧୁପାଟଣା ଥାନା ଅନ୍ତର୍ଗତ ସମ୍ରାଟ୍ ସିନେମା ହଲ୍ ନିକଟସ୍ଥ ରେଲୱେ ଗାର୍ଡୱାଲ୍ ଭାଙ୍ଗି ପଡ଼ିଛି । ଏକ ଦ୍ରୁତଗାମୀ ଟ୍ରକ୍ ରାତି ୮ଟା୩୦ ସୁଦ୍ଧା ଏହି ବାଟ ଦେଇ ଅତିକ୍ରମ କରୁଥିବା ବେଳେ ଏଭଳି ଅଘଟଣ ଘଟିଛି । ଘଟଣାସ୍ଥଳରେ ମଧୁପାଟଣା ଥାନା ପୁଲିସ ଓ ରେଳବାଇ ପୁଲିସ ପହଞ୍ଚି ଟ୍ରାଫିକ୍ ସମସ୍ୟାକୁ ନିୟନ୍ତ୍ରଣ କରିଥିଲେ । ବିଳମ୍ବିତ ରାତି ସୁଦ୍ଧା ଜାତୀୟ ରାଜପଥର ଗୋଟିଏ ସାଇଡ୍ରେ ଗାଡିମୋଟର ଛଡ଼ା ଯାଉଛି । ଗାର୍ଡୱାଲ୍ ଭାଙ୍ଗି ପଡ଼ିଥିବା ରାସ୍ତାକୁ ସିଲ୍ କରି ଦିଆଯାଇଛି । କ୍ରେନ୍ ଯୋଗେ ଭଙ୍ଗା ଗାର୍ଡୱାଲ୍‌କୁ ରାସ୍ତାରୁ ହଟାଯାଇଥିବା ବେଳେ ଦୁର୍ଘଟଣା ଘଟାଇଥିବା ଗାଡିକୁ ଚିହ୍ନଟ କରାଯାଇ ପାରିନାହିଁ ।

## ରଜ ପାଳିଲେ ବିଏମ୍‌ସି ସଫେଇ କର୍ମୀ



ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ମହାନଗର ନିଗମର ବୈଭବ କେନ୍ଦ୍ର ଟିଟିଏସ୍ ଠାରେ ବିଏମ୍‌ସି ପକ୍ଷରୁ ଭିନ୍ନ ସ୍ୱାଦର ରଜ ମହୋତ୍ସବ ପାଳିତ ହୋଇଛି । ଏହି ମହୋତ୍ସବରେ ମେୟର ସୁଲୋଚନା ଦାସ, ଷ୍ଟାଣ୍ଡିଂ କମିଟି ଅଧକ୍ଷା ମହାମାୟା ସ୍ୱାଇଁ, ସ୍ଥାନୀୟ କର୍ପୋରେଟର ଜୟନ୍ତି ସାହୁ, କର୍ପୋରେଟର ଭାରତୀ ସିଂ ଓ ପାଖାପାଖି ୧୫୦ ସଫେଇ କର୍ମଚାରୀ ସାମିଲ୍ ହୋଇଥିଲେ । ରଜ ଯାହାକି ମୁଖ୍ୟତଃ ମହିଳାମାନଙ୍କ ପାଇଁ ପାଳନ କରାଯାଏ । ସେ ପରିପ୍ରେକ୍ଷୀରେ ଆଜି ସମସ୍ତ ମହିଳା ସଫେଇ କର୍ମଚାରୀଙ୍କୁ ଛୁଟି ଦିଆଯାଇଥିଲା । ନିକଟରେ ହୋଇଥିବା ବିମାନ ଦୁର୍ଘଟଣାର ମୃତକଙ୍କ ଆତ୍ମାର ସଦଗତି ଏବଂ ସେମାନଙ୍କ ପରିବାରକୁ ଧୈର୍ଯ୍ୟ ଦେବା ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ତେବେ ଏହି କାର୍ଯ୍ୟକ୍ରମରେ ପୋଡ ପିଠା, ମେହେନ୍ଦି ଓ ଅଳତା ଲଗାଇ ଏବଂ ପାନ ଖାଇ ସମସ୍ତେ ରଜ ସଂକ୍ରାନ୍ତି ପାଳନ ସହ ଦୋଳିରେ ଝୁଲିଥିଲେ ।

## ରଜପର୍ବ ପାଳନ ପଛର କାହାଣୀ



ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାବାସୀ ସେମାନଙ୍କର ସାମାଜିକ ଜୀବନରେ ବହୁ ପର୍ବପର୍ବାଣୀ ପାଳନ କଲେ ହେଁ ରଜପର୍ବର ବିଶେଷତ୍ୱ ଅନ୍ୟ ପର୍ବ ତୁଳନାରେ ଅଧିକ । ଆଷାଢ଼ ମାସର ଆରମ୍ଭ ଦିନକୁ ରଜ ସଂକ୍ରାନ୍ତି କହନ୍ତି । ରଜପର୍ବ ତିନିଦିନ ପାଳନ ହୁଏ । ରଜ ସଂକ୍ରାନ୍ତିର ପୂର୍ବଦିନ ଅର୍ଥାତ ଜ୍ୟେଷ୍ଠ ମାସର ଶେଷଦିନକୁ ପହିଲି ରଜ ଏବଂ ସଂକ୍ରାନ୍ତିର ପରଦିନକୁ ଭୂମିଦାହ ଦିବସ କୁହାଯାଏ । ତୃତୀୟ ଦିନ ସକାଳେ ବସୁମତୀ ସ୍ନାନଦ୍ୱାରା ରଜପର୍ବ ପାଳନ ଶେଷ ହୁଏ । ଧର୍ମଶାସ୍ତ୍ରରେ ଏହା ଭୂମି ରଜସ୍ୱଳା ବା ପୃଥିବୀ ରଜସ୍ୱଳା ନାମରେ ଅଭିହତ ।

ରଜପର୍ବ ଓଡ଼ିଶାର କୃଷି ସମ୍ବନ୍ଧୀୟ ଏକ ଲୋକ ଉତ୍ସବ । ବହୁ ପ୍ରାଚୀନ କାଳରୁ ଲୋକ ଏହି ପର୍ବ ପାଳନ କରି ଆସୁଛନ୍ତି । ଓଡ଼ିଆ ଜନଜୀବନରେ ଏହାର ପ୍ରଭାବକୁ ଅନୁଭବ କରି ଓଡ଼ିଶାର ଧର୍ମଶାସ୍ତ୍ରକାରମାନେ ରଜପର୍ବକୁ ଶାସ୍ତ୍ରରେ ସ୍ଥାନ ଦେଇଛନ୍ତି । ରଜ ପୂର୍ବରୁ କୃଷକମାନେ ଜମିରୁ ହଳ କରି ଧାନ ବୁଣି ଦେଇଥାନ୍ତି । କଠୋର ପରିଶ୍ରମ ପରେ ଅବସର ନେବା ଓ ଅବସରକୁ ଆନନ୍ଦମୁଖର କରିବା ସବୁ ପର୍ବର ମୂଳ ଲକ୍ଷ୍ୟ । ରଜପର୍ବ ହେଉଛି ସେହପରି ଏକ ପର୍ବ । ଲୋକଙ୍କ ହୃଦୟରେ ନୂଆ ଉତ୍ସାହ ଆଣିବା, ଅଧିକ କାର୍ଯ୍ୟ କରିବା ପାଇଁ ଶକ୍ତି ଓ ପ୍ରେରଣା ଯୋଗାଇବା ରଜପର୍ବ ପାଳନର ପ୍ରଧାନ ଉଦ୍ଦେଶ୍ୟ ।

ଆଷାଢ଼ ମାସରେ ପୃଥିବୀ ସହିତ ମେଘର ମିଳନ ଘଟେ ବୋଲି ଲୋକେ ବିଶ୍ୱାସ କରନ୍ତି । ଏହି ସମୟରେ ବର୍ଷାକାଳ ଆରମ୍ଭ ହୁଏ । ମାଟି ଭିତରେ ଲୁଚି ରହିଥିବା ବିହନ ବର୍ଷାଜଳ ପାଇ ଗଜା ହୁଏ । ଧୀରେ ଧୀରେ ଶୁଷ୍କ ଓ ଶୂନ୍ୟ ଦେଖାଯାଉଥିବା ଧାନ କିଆରୀ ଗୁଡ଼ିକ ନୂତନ ଶସ୍ୟ ଦ୍ୱାରା ସବୁଜ ରଙ୍ଗ ଧାରଣ କରେ । ଏହା ସୃଷ୍ଟିର ଏକ ବିଚିତ୍ର ଓ ସ୍ୱାଭାବିକ ଲୀଳା । ରଜ ପର୍ବ ସୃଷ୍ଟିର ସେହି କଥାକୁ ସ୍ମରଣ କରାଇଦିଏ । ବର୍ଷାଋତୁକୁ ସ୍ୱାଗତ ଜଣାଇବା ରଜପର୍ବ ପାଳନର ଆଉ ଏକ ଲକ୍ଷ୍ୟ ।

## ରଜ ପାନର ମହତ୍ତ୍ୱ

ଭୁବନେଶ୍ୱର (ସବ୍ୟୁ): ପାନ ହେଉଛି ଓଡ଼ିଆ ଘରେ ଅତିଥି ଚର୍ଚ୍ଚାର ମୁଖ୍ୟ ଦ୍ରବ୍ୟ ସାଙ୍ଗକୁ ଆଭିଜାତ୍ୟର ସଙ୍କେତ ଭାବେ ବିଚାର କରାଯାଏ । ଭୋଜନ ଶେଷରେ ତାମ୍ବୁଳ ସେବା ଏକ ପ୍ରାଣମୟ ବ୍ୟବସ୍ଥା । ଓଡ଼ିଆଙ୍କ ଠାକୁର ବଡ଼ଠାକୁର ଜଗନ୍ନାଥ ପ୍ରତିଦିନ ଭୋଜନ ଶେଷରେ ତାମ୍ବୁଳ ସେବା କରି ନିଦ୍ରା ଯାଆନ୍ତ । କିନ୍ତୁ ରଜରେ ଏହି ପାନର ମହତ୍ତ୍ୱ କାହିଁରେ କେତେ ବଢିଯାଏ । ସେଥିପାଇଁ ପାନକୁ ନେଇ ଢ଼ଗ କୁହାଯାଇଛି । ପାନଖିଆ ରସିକ ପାଟି...ଖୋଜି ବୁଲୁଥିଲା ରାଜାଙ୍କ ହାତୀ...ଢାଳି ଦେଇଗଲା। ଶିରରେ...ରାଜା ହୋଇଗଲା। ରଜରେ... ।

ରଜରେ ଝିଅମାନେ ସମସ୍ତଙ୍କୁ ପାନ ଦବାନବା କରିଥାନ୍ତି । ଆୟୁର୍ବେଦ ଶାସ୍ତ୍ର ଅନୁସାରେ ପାନ ଜୀର୍ଣ୍ଣକାରକ ଏବଂ କୃମିନାଶକ । ପାନରେ ଦିଆଯାଉଥିବା ଚୂନ ଲୌହଶକ୍ତି ପୂର୍ଣ୍ଣ (କ୍ୟାଲସିଅମ) ଓ ଖଇର ଦାନ୍ତକୁ ମଜଭୁତ କରିଥାଏ । ପାନ ଖାଇଲା ବେଳେ ପତ୍ରରୁ ଶିରା ଛେଦନ କରାଯାଇଥାଏ । କାରଣ ପାନଶିରା ହେଉଛି ବୁଦ୍ଧି ବିନାଶିନୀ । କବାବଚିନି, ଚୁଆ, ପାନମହୁରି, ଖଇର ପରି ୧୦ରୁ ୧୨ ପ୍ରକାର ମସଲା ବ୍ୟବହୃତ ହୁଏ । ଏହାକୁ ବିଭିନ୍ନ ଢଙ୍ଗରେ ତ୍ରିଭଙ୍ଗୀ,



ରଜପାନର ଚମକ ଓ ମହକ ସାରାବର୍ଷର ପାନକୁ ବଳିଯାଏ । ରଜପାନରେ ଗୁଆ, ଅଳେଇଚ, ଗୁଜୁରାତି, ଭଜା ଧଣିଆ ଚାଉଳ ଓ ନଡିଆ ଖଣ୍ଡ, ଚେରି, ଲବଙ୍ଗ, ଚଉଭଙ୍ଗୀ ଆକୃତି ଦେଇ ଉପରେ ଲବଙ୍ଗ ଖୋସି ଅତି ସୁନ୍ଦର ଭାବେ ଥାଳିରେ ସଜାଇ ଦିଆଯାଏ । ସାଧାରଣ ଦିନର ପାନଠାରୁ ରଜପାନର ସ୍ୱାଦ ସ୍ୱତନ୍ତ୍ର ।

## ଚିକିତ୍ସା ଅବହେଳାରୁ ଘରୋଇ ହସ୍ପିଟାଲରେ ରୋଗୀର ମୃତ୍ୟୁକୁ ନେଇ ଉତ୍ତେଜନା, ଥାନାରେ ଏତଲା

କଟକ,(ସବ୍ୟୁ):କଟକ ଯୋବ୍ରା ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ଅବହେଳାରୁ ରୋଗୀର ମୃତ୍ୟୁ ଘଟିଛି ରୋଗୀ ଜଣକୁ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର ଜୈନେକ ଡାକ୍ତର ଓ ଦଲାଲ ମିଶି ଘରୋଇ ହସ୍ପିଟାଲକୁ ଅସ୍ତ୍ରୋପଚାର କରାଇବାକୁ ପ୍ରବର୍ତ୍ତାଇ ସେଠାକୁ ପଠାଇଥିଲେ । ହେଲେ ଅସ୍ତ୍ରୋପଚାର ପରେ ରୋଗୀ ଜଣକ ଭେଣ୍ଟିଲିଟରରେ ଥିବା ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଥିଲା । ମୃତ୍ୟୁ ଖବର ପରିବାର ଲୋକଙ୍କୁ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷ ଦେବା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଏହାସହ ଘଟଣା ନେଇ ସ୍ଥାନୀୟ ମାଲଗୋଦାମ ଥାନରେ ମୃତକଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଥିବା ସୂଚନା ମିଳିଛି ।

ଢେଙ୍କାନାଳ ଅଞ୍ଚଳର ଅଜିତ କୁମାର ରାଉତ ଜିଭରେ ଖଣ୍ଡିଆ ହେବାରୁ ଗତ ମେ ମାସ ୩୦ ତାରିଖରେ କଟକର ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥିଲେ । ସେଠାରେ ଡାକ୍ତର ଦେଖାଇବା ପରେ ପରାମର୍ଶ ଅନୁଯାୟୀ ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଇଥିଲେ । ରିପୋର୍ଟ ଆସିବା ପରେ ଅଜିତ ମୁଖ ଗହ୍ୱର କର୍କଟ ରୋଗରେ ପିଡିତ ଥିବା ଜାଣିବାକୁ ପାଇଥିଲେ ଏହାସହ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର ଜୈନେକ ଡାକ୍ତର ତାଙ୍କୁ ତୁରନ୍ତ ଅସ୍ତ୍ରୋପଚରା କରିବାକୁ କହିଥିବାବେଳେ ଘରୋଇ ହସ୍ପିଟାଲରେ ଅସ୍ତ୍ରୋପଚାର କରାଇବାକୁ ପରାମର୍ଶ ଦେଇଥିଲେ । ପରେ ଅଜିତ ଚିକିତ୍ସା ସମ୍ପର୍କରେ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ବୁଝାସୁଝା କରୁଥିବାବେଳେ ଉକ୍ତ କର୍କଟ କେନ୍ଦ୍ର ପରିସରରେ ଅଜିତ ଜଣେ ଦଲାଲଙ୍କ ହାବୁଡ଼ରେ ପଡିଥିଲେ । ଦଲାଲ ଜଣକ ଅଜିତଙ୍କୁ କର୍କଟ କେନ୍ଦ୍ରରେ ଅସ୍ତ୍ରୋପଚାର ନ କରିବାକୁ କହିବା ସହ ଯୋବ୍ରା ଅଞ୍ଚଳରେ ଥିବା ଏକ ଭଲ ଘରୋଇ ହସ୍ପିଟାଲରେ ଚିକିତ୍ସା କଲେ ଶୀଘ୍ର ଭଲ ହୋଇ ପାରିବ ବୋଲି ପ୍ରବର୍ତ୍ତାଇଥିଲେ । ଏହା ସହ ହସ୍ପିଟାଲର ଜୈନେକ ଡାକ୍ତରଙ୍କ ସହ ପରିଚୟ କରାଇଥିଲେ ଛ ଅଜିତ ତୁରନ୍ତ ଚିକିତ୍ସା ପାଇବା ଆଶାରେ ଆସି ଘରୋଇ ହସ୍ପିଟାଲ ଯିବାକୁ ରାଜି ହୋଇଥିଲେ ଛ ପରେ ଉକ୍ତ ଦଲାଲ ଜଣକ ଅଜିତଙ୍କୁ ଯୋବ୍ରା ଅଞ୍ଚଳରେ ଥିବା ବ୍ରାବାବା ହସ୍ପିଟାଲ ନାମ ଘରୋଇ ହସ୍ପିଟାଲକୁ ନେଇଥିଲେ ଛ ଅଜିତ ଗତ ୧୧ ତାରିଖ ଉକ୍ତ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ଏବଂ ୧୩ ତାରିଖ ଶୁକ୍ରବାର ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା । ପ୍ରାୟ ମଧ୍ୟାହ୍ନ ୧ଟା ୩୦ରୁ ରାତି ୧୦ଟା ୩୦ ପର୍ଯ୍ୟନ୍ତ ଅସ୍ତ୍ରୋପଚାର କରାଯାଇ ପରେ ତାଙ୍କୁ ଭେଣ୍ଟିଲିଟରରେ ରଖାଯାଇଥିଲା ଛ ହଠାତ୍ ଶନିବାର ରାତିରେ ଅଜିତଙ୍କ ମୃତ୍ୟୁ ଖବର ପରିବାର ଲୋକଙ୍କୁ ଉକ୍ତ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷ ଦେବାରୁ ଘଟଣାସ୍ଥଳରେ ପରିବାର ଲୋକ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ପ୍ରଶ୍ନ ପଚାରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା । ଘଟଣାର ଖବର ପାଇ ସ୍ଥାନୀୟ ମାଲଗୋଦାମ ପୋଲିସ ହସ୍ପିଟାଲରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା । ରବିବାର ମୃତକ ଅଜିତଙ୍କ ପରିବାର ପକ୍ଷରୁ ମାଲଗୋଦାମ ଥାନାରେ ଏତଲା ଦିଆଯାଇଥିବାବେଳେ ଏନେଇ ପୋଲିସ ପକ୍ଷରୁ କେସ ନଂ-୧୩୪/୨୫ରେ ମାମଲା ରୁଜୁ କରିଛି ଛ ଅନ୍ୟପଟେ ମୃତକଙ୍କ ଶବବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି ଛ ଏନେଇ ମୃତକଙ୍କ ଭଉଣୀ ଅଭିଯୋଗ କରି କହିଛନ୍ତି, ସରକାରୀ ହସ୍ପିଟାଲରେ ଡାକ୍ତର ଦଲାଲଙ୍କ ସହ ହାତ ମିଶାଇ ବେପାର କରୁଛନ୍ତି । ଟଙ୍କା ପାଇ ରୋଗୀଙ୍କ ଜୀବନ ବାଜିରେ ଲଗାଉଛନ୍ତି । ଯାହାଫଳରେ ଆଜି ଏଭଳି ଘଟଣା ଘଟିଛି । ଘରୋଇ ହସ୍ପିଟାଲ ବିରୁଦ୍ଧରେ ଦୃ କାର୍ଯ୍ୟାନୁଷ୍ଠାନ ହେବା ସହ ଡାକ୍ତର ଓ ଦଲାଲଙ୍କ କଠୋର ଦଣ୍ଡ ଦିଆଯାଉ ବୋଲି ସେ କହିଛନ୍ତି। ସେହିପରି ହସ୍ପିଟାଲ ସିଇଓ ରିତେଶ କୁମାର ପୁହାଣ କହିଛନ୍ତି, ରୋଗୀ ଜଣକ କର୍କଟ ରୋଗେ ପିଡ଼ିତ ଥିଲେ ଏବଂ ସ୍ୱାସ୍ଥ୍ୟବସ୍ଥା ଦେଖି ଅସ୍ତ୍ରୋପଚରା କରାଯାଇଥିଲା । ଚିକିତ୍ସା ନେଇ କୌଣସି ତ୍ରୁଟି ରହିନାହିଁ । ଏହାସହ ଦଲାଲଙ୍କର କୌଣସି ଏହି ହସ୍ପିଟାଲରେ ସମ୍ପୃକ୍ତି ନାହିଁ । ପୋଲିସକୁ ତଦନ୍ତରେ ଆମେ ସହଯୋଗ କରୁଛୁ ବୋଲି ସେ କହିଛନ୍ତି ଛ ଅନ୍ୟପଟେ ମାଲଗୋଦାମ ଥାନା ଅଧିକାରୀ ରଜନୀକାନ୍ତ ଦାସ କହିଛନ୍ତି, ଏତଲାକୁ ଆଧାର କରି ମାମଲା ରୁଜୁ କରାଯାଇଛି ଏବଂ ତଦନ୍ତ ଆରମ୍ଭ ହୋଇଛି ଛ ତଦନ୍ତ ରିପୋର୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

# ଅମ୍ବିକା ସାହି 'ରଜ ମଉଜ' ୨ୟ ସନ୍ଧ୍ୟା

ବାରିପଦା, (ସବ୍ୟୁ) : ଅମ୍ବିକା ସାହି ସ୍ଥିତ ଶିଶୁ ଉଦ୍ୟାନ ପରିସରରେ ୩ ଦିନିଆ ୧୩ ତମ 'ରଜ ମଉଜ' ଉତ୍ସବର ୨ୟ ସନ୍ଧ୍ୟାରେ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ



ଓଡ଼ିଆ ସିନେ ଜଗତର ମହାନାୟକ ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କୁ ମନେ ପକେଇ ଗୋଟିଏ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ପରେ ବିଭିନ୍ନ ବର୍ଗର ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, କୁଇଜ, ବୁରା ଡିଆଁ, ରଜ କୁଇନ୍‌ର ୨ୟ ରାଉଣ୍ଡ ଏବଂ ମା'ମାନଙ୍କ ମଧ୍ୟରେ ପିଠା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶତାଧିକ ପ୍ରତିଯୋଗୀ ସମେତ ସେମାନଙ୍କର ପିତା ମାତା ମଧ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବେଶ ଉପଭୋଗ କରିଥିଲେ । ଗୁରୁକୁଳ ଡ୍ୟାନ୍ସ ଏଣ୍ଡ ଭିଜୁଆଲ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବର ୨ୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସିନେ ଅଭିନେତା ଅସିତ ପତି କୁନିକୁନି ପିଲାଙ୍କର ପ୍ରତିଭାର ବିକାଶ ପାଇଁ ଆୟୋଜିତ କାର୍ଯ୍ୟକ୍ରମର ବେଶ ପ୍ରଶଂସା କରିଥିଲେ । ପୂର୍ବତନ ଉପ ନଗରପାଳ ତଥା ବିଶିଷ୍ଟ ସମାଜସେବୀ ଜୀତେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଅଭିନେତା ଓ ନିର୍ଦ୍ଦେଶକ ଅନନ୍ୟା ଶଙ୍କର ଦାଶ, ଅଭିନେତା ତାପସ ପାଢ଼ୀ, ଡଃ କୁକୁମିନା ଦାସ, ସିଲୁ ରୂପ ଓ ବରିଷ୍ଠ ସଦସ୍ୟ ଆଇନଜୀବୀ ସତ୍ୟ ସ୍ୱରୂପ ଦାଶ ପ୍ରମୁଖ ଉପସ୍ଥିତ ରହି କୁନିକୁନି ପ୍ରତିଭା ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ କମିଟି ତରଫରୁ ଅଭିନେତା ଅନୁପ ସାହାଙ୍କୁ ଉତ୍ତମ ମହାନ୍ତି ସ୍ମୃତି ସମ୍ମାନ, ଅଭିନେତା ଓ ନିର୍ଦ୍ଦେଶକ ପରେଶ ଚନ୍ଦ୍ର ସାହୁଙ୍କୁ ଗଡି ଦା ସ୍ମୃତି ସମ୍ମାନ, ତଥା ପ୍ରଯୋଜକ ଉମେଶ ପଟ୍ଟନାୟକ, ଅଭିନେତ୍ରୀ ରାନୁ ପାଢ଼ୀ, ନୃତ୍ୟ ରାଣୀ ରିଚା ବାରିକ, ନୃତ୍ୟ ନିର୍ଦ୍ଦେଶକ ଅହିଦ ଖାନ ଓ ନବାଗତା ଅଭିନେତ୍ରୀ ନିକିତା ମହାନ୍ତିଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ମୁଖ୍ୟ ଆୟୋଜକ ତଥା ନିର୍ଦ୍ଦେଶକ ଲିଟନ୍ ପଟ୍ଟନାୟକଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ବାଙ୍ଗିରିପୋଷି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡଃ ପୁଷ୍ପା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ୪ମାସର ଗର୍ଭବତୀଙ୍କୁ ହତ୍ୟା ଅଭିଯୋଗ
# ପୋଲିସ ଗୋଡ ତଳେ ଗଡିଲେ ଉଭୟ ପରିବାର

ଭଦ୍ରକ,(ସବ୍ୟୁ) :୪ମାସର ଗର୍ଭବତୀଙ୍କୁ ହତ୍ୟା ଅଭିଯୋଗ କରି ମୃତ ମହିଳାଙ୍କ ସ୍ୱାମୀଙ୍କୁ ନେଇଥିବାବେଳେ ନ୍ୟାୟ ଦାବିରେ ପୋଲିସ ଗୋଡ ତଳେ ଗଡ଼ି ନେହୁରା ହେଲେ ଉଭୟ ପୁଅ ଓ ଝିଅ ଘର ଲୋକେ। ଭଦ୍ରକ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଦେଖିବା ପାଇଁ ମିଳିଛି ଏମିତି ଦୃଶ୍ୟ। ସୂଚନାଯୋଗ୍ୟ,ଯେ ଭଦ୍ରକ ଜିଲ୍ଲା ତିହିଡି ଥାନା ଅଧୀନ ଡାଳପଡ଼ା ଗାଁର ମୋନାଲିସା ଜେନା ମିରସାହି ଅଂଚଳର ଶଙ୍କର୍ଷଣ ଜେନାଙ୍କୁ ୨୦୧୯ମସିହାରେ ପ୍ରେମ ବିବାହ କରିଥିଲେ। ତାଙ୍କର ୩ବର୍ଷର ଝିଅ ଥିବା ବେଳେ ମୋନାଲିସା ୪ମାସର ଗର୍ଭବତୀ ଥିଲେ। ତେବେ କୌଣସି କାରଣକୁ ନେଇ ତାଙ୍କୁ ପ୍ରଥମେ ତିହିଡି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଭଦ୍ରକ ମେଡିକାଲ ସ୍ଥାନାନ୍ତର ହେବା ପରେ ମୃତ୍ୟୁ ଘୋଷଣା କରିଥିଲେ ଡାକ୍ତର। ମୋନାଲିସାଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଲୋକେ ତିହିଡି ଥାନାରେ ଝିଅକୁ ହତ୍ୟା କରାଯାଇଥିବା ନେଇ ଲିଖିତ ଅଭିଯୋଗ ହୋଇଛି। ତିହିଡି ପୋଲିସ ଭଦ୍ରକ ମେଡିକାଲରୁ ମୃତ ମୋନାଲିସାଙ୍କ ସ୍ୱାମୀଙ୍କୁ ହେପାଜତକୁ ନେଉଥିବାବେଳେ ଉଭୟ ମୋନାଲିସାଙ୍କ ପରିବାର ଓ ଶଙ୍କର୍ଷଣଙ୍କ ପରିବାର ଲୋକେ ପୋଲିସ ଗୋଡ ତଳେ ପଡି ନ୍ୟାୟ ଭିକ୍ଷା କରିଥିଲେ। ମୋନାଲିସାଙ୍କ ପରିବାର ଲୋକେ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗରେ ନ୍ୟାୟ ମାଗିଥିବାବେଳେ ଶଙ୍କର୍ଷଣଙ୍କ ପରିବାର ଲୋକେ ଏହି ଘଟଣାରେ ପୁଅର ସଂପୃକ୍ତି ନଥିବା ଦର୍ଶାଇ ତାଙ୍କୁ ଛାଡ଼ିଦେବା ପାଇଁ ପୋଲିସ ଗୋଡ ତଳେ ଶୋଇଯାଇଥିଲେ।

# ଆଧ୍ୟାତ୍ମିକ ପତ୍ରିକା 'ମା' ତୁଳସୀର ରଥଯାତ୍ରା ସଂଖ୍ୟା ଉନ୍ମୋଚିତ

ବାରିପଦା, (ସବ୍ୟୁ) : ମଧୁବନସ୍ଥିତ ଶ୍ରୀଶ୍ରୀ ହରିବଲଦେବ ଜୀଉ ଶିଶୁମନ୍ଦିର ସଭାଗୃହରେ ଆଧ୍ୟାତ୍ମିକ ପତ୍ରିକା ମା'ତୁଳସୀର ରଥଯାତ୍ରା ସଂଖ୍ୟା ଉନ୍ମୋଚିତ ହୋଇଯାଇଛି । ରାଜରଙ୍ଗପୁର କଲେଜର ଅଧ୍ୟକ୍ଷ ସୁନୀଲ କୁମାର ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସମାରୋହରେ ସଭାପତି ହିମାଂଶୁ ଶେଖର ଦାସ, ମୁଖ୍ୟଅତିଥି ପଣ୍ଡିତ ଭାଗବତ ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାମ୍ବାଦିକ ଅକ୍ଷୟ କୁମାର ଅଗ୍ରୱାଲ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଶ୍ରୀଜଗନ୍ନାଥଙ୍କ ଫୋଟୋ ଚିତ୍ରରେ ଧୂପ, ଦୀପ ଓ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା । ଏହାପରେ ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ହିମାଂଶୁ ଶେଖର ଆଚାର୍ଯ୍ୟ ସମ୍ପାଦକୀୟ ବିବରଣୀ ପାଠ କରିବା ସଙ୍ଗେ ସଙ୍ଗେ ପତ୍ରିକାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥିଙ୍କ ଦ୍ୱାରା ପତ୍ରିକାର ଶୁଭ ଉନ୍ମୋଚନ ହେବାପରେ ଅନ୍ୟାନ୍ୟ ବକ୍ତା ମାନେ ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ । ଆଗାମୀ ଦୁର୍ଗାପୂଜା ସଂଖ୍ୟା ନିମନ୍ତେ ପତ୍ରିକାର ସମ୍ପାଦକ ଲେଖା ମଧ୍ୟ ଆହ୍ୱାନ କରିଥିଲେ । ଏହି ସମାରୋହରେ ତୁଳସୀ ପରିବାରର ବହୁ ସଦସ୍ୟ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିମଳ କୁମାର ମହାପାତ୍ର ଓ ଦେବବ୍ରତ ପାତ୍ର ସହଯୋଗ କରିଥିଲେ ।

# ଚାଲିଛି ରଜ କୁଇନ୍‌-୨୦୨୫ ଅଡିସନ୍

ଭଞ୍ଜନଗର, (ସବ୍ୟୁ) : ଭଞ୍ଜନଗର ଜେଲ୍ ପଡ଼ିଆରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ରଜ ମହୋତ୍ସବ-୨୦୨୫ ଆୟୋଜନ କରାଯାଇଛି।ଏଥିସହ ରାଜ୍ୟ ତଥା ରାଜ୍ୟ ବାହାରୁ କୁଶଳୀ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀର ଷ୍ଟଲ ଖୋଲିଛି।ଏହା ଆସନ୍ତା ୨୩ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ରଜ କୁଇନ-୨୦୨୫ ବ୍ୟତୀତ ନୃତ୍ୟ, ସଙ୍ଗୀତ, ମେହେନ୍ଦୀ, ଚିତ୍ରାଙ୍କନ ଓ ରଙ୍ଗୋଲି ଭଳି ପ୍ରତିଯୋଗିତା ରହିଛି।ଶନିବାର ପ୍ରଥମ ରଜରେ ରଜ କୁଇନ ନିମନ୍ତେ ସବ୍ ଜୁନିଅର ବାଳିକା ମାନଙ୍କର ଅଡିସନ୍ ହୋଇଥିଲା।ଏଥିରେ ସମ୍ମାନିତ ଅତିଥି ରୂପେ ମେଡ଼ିକାଲ ପରିଚାଳକ ବିଚିତ୍ର କୁମାର ପାଣିଗ୍ରାହୀ,ଓମ ଶାନ୍ତି ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଭଞ୍ଜନଗର ଶାଖାର ମୁଖ୍ୟ ସନ୍ତୋଷିନୀ ଦେବୀ, ଜଜ୍ ଭାବେ ଗୁରୁ ଚନ୍ଦ୍ର ଶେଖର ଆଚାର୍ଯ୍ୟ ରହିଥିବା ବେଳେ ଉପସ୍ଥାପକ ଭାବେ ଜୟକୃଷ୍ଣ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ।ଭଞ୍ଜନଗର ଓ ଏହାର ଆଖପାଖ ଅଞ୍ଚଳର ବହୁ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ।ଆସନ୍ତା ୧୬ତାରିଖ ଶେଷ ରଜ ସନ୍ଧ୍ୟାରେ ଫାଇନାଲ୍ ରାଉଣ୍ଡ ଅନୁଷ୍ଠିତ ହେବ।୧୭ ଠାରୁ ୨୩ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି।ଏଥିରେ ମୁଖ୍ୟ ପରିଚାଳକ ପ୍ରଦେଶ ସ୍ୱାଇଁ,ସଭାପତି ମିଥୁନ ବିଷୋୟୀ,ସମ୍ପାଦକ ବବି ରଥ, ଅନୁଭବ ମହାନ୍ତି ଓ ଅନ୍ୟମାନେ ସହଯୋଗ କରିଥିଲେ।ଭଞ୍ଜନଗରରେ ଏଭଳି ନିଆରା କାର୍ଯ୍ୟକ୍ରମ ପ୍ରଥମ ଥର ଆୟୋଜନ ହୋଇଥିବାରୁ ପ୍ରତିଦିନ ମେଳାରେ ବହୁଲୋକଙ୍କ ଭିଡ଼ ପରିଲକ୍ଷିତ ହେଉଛି।

# ବନ କର୍ମଚାରୀଙ୍କ ଧର୍ମଘଟ



ଠାକୁରମୁଣ୍ଡା ,(ସବ୍ୟୁ) :ଓଡିଶା ଅଣଗେଜେଟେଡ଼ ବନ ସେବା ସଂଘ ତରଫରୁ ୩ ଦଫା ଦାବି ପୂରଣ ପାଇଁ ସାରା ଓଡ଼ିଶାରେ କଳା ବ୍ୟାଚ ପିନ୍ଧି ପ୍ରତିବାଦ ଆରମ୍ଭ କରିଛନ୍ତି । ଠାକୁରମୁଣ୍ଡା ବନାଞ୍ଚଳର ସମସ୍ତ ବନପାଳ, ବନରକ୍ଷୀ ୧୫ ତାରିଖ କଳା ବ୍ୟାଚ ପରିଧାନ ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରିବା ଆରମ୍ଭ ହୋଇଛି । ୨୧ ତାରିଖ ପର୍ଯ୍ୟନ୍ତ ଏପରି ବିକ୍ଷୋଭ ଜାରି ରହିବ ବୋଲି କର୍ମଚାରୀ ମାନେ ପ୍ରକାଶ କରିଛନ୍ତି । କର୍ମଚାରୀ ମାନେ ଗତ ୯ ତାରିଖରୁ ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଦାବି ପାତ୍ର ପ୍ରଦାନ କରିଥିବା ସୂଚନା ଦିଆଯାଇଛି ।ଦାବି ଗୁଡିକ ମଧ୍ୟରେ ଶିକାରୀ ଗୁଳିରେ ସହୀଦ ହୋଇଥିବା ପ୍ରହଲ୍ଲାଦ ପ୍ରଧାନଙ୍କ ହତ୍ୟାକାରୀଙ୍କୁ କଠୋର ଦଣ୍ଡ ପ୍ରଦାନ ସହିତ ୧ କୋଟି ଟଙ୍କାର କ୍ଷତି ପୂରଣ। ଦ୍ୱିତୀୟରେ ଫରେଷ୍ଟ କମିଶନ ଗଠନ ।ତୃତୀୟ ଦାବି ହେଉଛି ପୋଲିସ କର୍ମଚାରୀଙ୍କ ଭଳି ଦରମା ଓ ବୀମା ପ୍ରଦାନ କରିବା । ୭ ଦିନ ଧରି କଳା ବ୍ୟାଚ ପିନ୍ଧି ହେବାକୁ ଥିବା ବିକ୍ଷୋଭ ସମୟରେ ଦାବି ପୂରଣ ନହେଲେ ୨୨ ତାରିଖ ଠାରୁ ଅଣ ଗେଜେଟେଡ଼ କର୍ମଚାରୀ ସମୂହ ଛୁଟି ନେଇ ପ୍ରତି ଆରସିସିଏଫ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ରାଜ୍ୟ ସଂଘ ନିଷ୍ପତ୍ତି ନେଇଥିବା ଜଣାପଡିଛି । ସରକାର ମନୋମୁଖୀ ଭାବେ ବନ ବିଭାଗକୁ ଅବ୍ୟବସ୍ଥା ମଧ୍ୟରେ ରଖିଛନ୍ତି । ତଳ କର୍ମଚାରୀଙ୍କ କୌଣସି କଥାକୁ ବିଚାରକୁ ନନେବା ଫଳରେ ସେମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି ।

# ଅଙ୍ଗନୱାଡି କେନ୍ଦ୍ରରେ ପାଳିତ ହେଲା ଗଣପର୍ବ ରଜ



ପାରଳାଖେମୁଣ୍ଡି,(ସବ୍ୟୁ) :ଓଡ଼ିଶାର ଗଣ ପର୍ବ ରଜ ଚଳିତ ବର୍ଷ ଗଜପତି ଜିଲ୍ଲାର ସମସ୍ତ ଆଙ୍ଗନୱାଡି କେନ୍ଦ୍ରରେ ଏହା କିଶୋରୀ ବାଳିକା, ଜନପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ସହଯୋଗରେ ପାଳିତ ହୋଇଯାଇଛି। ।ରଜ ଉତ୍ସବ ପାଳନ ଚଳିତ ବର୍ଷ ଜିଲ୍ଲା ସାମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ମନୋରମା ଦେବୀଙ୍କ ନିର୍ଦ୍ଦେଶନାରେ ଓ ସମସ୍ତ ସିଡିପିଓ ଙ୍କ ନେତୃତ୍ୱରେ ବିଶେଷ ଭାବେ ଅନୁଷ୍ଠିତ ହେବା ସହ ବ୍ଲକ, ପଞ୍ଚାୟତ ଓ ଅଙ୍ଗନବାଡି କେନ୍ଦ୍ର ଆନୁକୁଲ୍ୟରେ ଏକ ଗଭୀର ପ୍ରଭାବ ସୃଷ୍ଟି କରି ପାରିଛି । । ଗଜପତି ଜିଲ୍ଲାର ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ଏଥର ବିଭିନ୍ନ ପାରମ୍ପରିକ କାର୍ଯ୍ୟକ୍ରମ ସ୍ଥାନପାଇ କେନ୍ଦ୍ରମାନ ଉତ୍ସବ ମୁଖରିତ ହୋଇଥିଲାଛ ଅଙ୍ଗନୱାଡି ଦିଦି , ସ୍ୱାସ୍ଥ୍ୟ କର୍ମୀ, ଶିକ୍ଷକ, ବ୍ଲକ ଓ ପଞ୍ଚାୟତ ସ୍ତରର ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ଆକାଂକ୍ଷୀ ବ୍ଲକ ଗୁମ୍ମା ଓ ଆର.ଉଦୟଗିରିରେ ଆକାଂକ୍ଷୀ ବ୍ଲକ୍ ଫେଲୋମାନେ ସି ଡ଼ି ପି ଓ ଓ ଆଇ ସି ଡ଼ି ଏସ ଟିମ୍ ସହ ସମନ୍ୱୟ କରି ସମସ୍ତ କାର୍ଯ୍ୟକ୍ରମ ସୁଚାରୁ ରୂପେ ପରିଚାଳନା କରିଥିଲେ। ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ତରଫରୁ ପିରାମଲ୍ ଫାଉଣ୍ଡେସନ୍ ର ଦେବବ୍ରତ ଆଚାର୍ଯ୍ୟ ଓ ଶ୍ରୀୟାଶ୍ରୀ ରାଣୀ ଏଥିରେ ସହଯୋଗ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । କେନ୍ଦ୍ରମାନଙ୍କରେ ନାରୀମାନଙ୍କ ମାସିକ ଧର୍ମ, ବ୍ୟକ୍ତିଗତ ସ୍ୱଚ୍ଛତା, ବିଭିନ୍ନ ଜୀବନ କୌଶଳ, ମୃତ୍ତିକା ପରୀକ୍ଷା ବିଷୟରେ ସୂଚନା ଦିଆଯିବା ପରେ ଚର୍ଚ୍ଚା କରାଯାଇଥିଲା ଓ ଏହାପରେ ଅନେକ ସଂସ୍କୃତିକ ଓ ସାମାଜିକ ପ୍ରତିଯୋଗିତା ମାନ ଯଥା ପୁଚି ଖେଳ, ରଜଗୀତ, ନୃତ୍ୟ, ଚିତ୍ରାଙ୍କନ, ପ୍ରଶ୍ନୋତ୍ତର, ଫ୍ୟାନ୍ସି ଡ୍ରେସ୍, ମ୍ୟୁଜିକାଲ୍ ଚେୟର ପ୍ରତିଯୋଗିତା ମାନ ଆୟୋଜନ କରାଯିବା ସହ , ପୋଡ଼ ପିଠା, ଚକୁଳି, ମଣ୍ଡା ଆଦି ବିଭିନ୍ନ ପୀଠା ପଦର୍ଶନ ଓ ବଣ୍ଟନ କରାଯାଇଥିଲା। ଅନେକ ଅଭିଭାବକ ଓ ଗ୍ରାମବାସୀ ଏହି ଉତ୍ସବକୁ ଦେଖି ଅଭିଭୂତ ହୋଇଥିଲେ। ଝିଅମାନେ ଏଥିରେ ଅଂଶଗ୍ରହଣ କରି ସ୍ୱାଭିମାନ ଓ ଆତ୍ମବିଶ୍ୱାସ ବୃଦ୍ଧି କରିପାରିଥିଲେ।ରଜ ଉତ୍ସବ ମାଧ୍ୟମରେ ନାରୀ ସଶକ୍ତିକରଣର ପ୍ରୟାସ -ଗଜପତି ଜିଲ୍ଲାର ଏହି ଉଦାହରଣ ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲା ପାଇଁ ଏକ ପ୍ରେରଣା ସୂତ୍ର ହେବ ବୋଲି ଆଶା କରାଯାଉଛି।

# ବିପଜ୍ଜନକ ହମ୍ପକୁ ସୁଧାରିଲା ଏନଏସି

ବୁଗୁଡା ,(ସବ୍ୟୁ) ସ୍ଥାନୀୟ ପରିବା ବଜାର ଓ ବାଲିପିଣ୍ଡି ରାସ୍ତାର ସଂଯୋଗ ସ୍ଥଳରେ ଏନ୍‌ଏସି ପକ୍ଷରୁ ଏକ ହମ୍ପ ର୍ନିମାଣ କରାଇଥିଲା। ଡ୍ରେନ୍ ଉପରେ ର୍ନିମିତ ଅତ୍ୟୁତ ହମ୍ପ ଯୋଗୁଁ ଯାନବାହାନ ଚଳାଚଳରେ ନାହିଁ ନଥିବା ଅସୁବିଧା ହେଉଥିଲା।ଫଳରେ ପରିବା ବେପାରୀମାନେ ସେହି ହମ୍ପ ଦେଇ ପରିବା ବଜାରକୁ ଯିବାବେଳେ ସେମାନଙ୍କୁ ଦୁର୍ଘଟଣାର ଭୟ ଘାରୁଥିଲା।। ଅନ୍ୟପକ୍ଷରେ ଏପଟେ ମଦନ ମୋହନ ଛକରୁ ବାଲିପିଣ୍ଡି ସାହିକୁ ଯିବା ରାସ୍ତା ଉପରେ ବିଭିନ୍ନ ବେପାର ଯୋଗୁଁ ଯାତାୟାତ ବେଳେ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ବେଳେ ସେପଟେ ବିପଦଜ୍ଜନକ ହମ୍ପ ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ସେହି ହମ୍ପ ଯୋଗୁଁ ଅନେକ ଦୁର୍ଘଟଣା ଘଟି ଲୋକେ ଖଣ୍ଡିଆ ଖାବରା ହୋଇଥିବାରୁ ସାଧାରଣରେ ପ୍ରବଳ ଅସନ୍ତୋଷ ଦେଖା ଦେଉଥିଲା। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଏନ୍‌ଏସି ପ୍ରଶାସନର ଚେତା ପଶିଥିଲାଛ ଫଳରେ ବାଧ୍ୟ ହୋଇ ଏନ୍‌ଏସି ପ୍ରଶାସନ ପକ୍ଷରୁ ସେହି ହମ୍ପଠାରେ କଙ୍କ୍ରିଟ୍ ସ୍ଲୋପ କରାଯାଇ ସେଥିରେ ସୁଧାର ଅଣାଯାଇଥିବା ଦେଖିବାକୁ ମିଳିଛି। ସମ୍ପ୍ରତି ଯାତାୟତ ବେଳେ ହମ୍ପଠାରେ ବିପଦ ଟଳିଥିବା ବେଳେ ବାଲିପିଣ୍ଡି ରାସ୍ତାରେ ପେବର ବଛାଯିବ ବୋଲି ଏନ୍‌ଏସି କର୍ତ୍ତୃପକ୍ଷଙ୍କଠାରୁ ପ୍ରକାଶ ପାଇଛି।

# ରଜରେ ରକ୍ତର ଛିଟା : ୬ ଅଟକ

କେନ୍ଦୁଝର, (ସ୍ୱପ୍ର) : କେନ୍ଦୁଝର ଜିଲା ପାଟଣା ବ୍ଲକ ଖୀରେଇଟାଙ୍ଗିରି ପଞ୍ଚାୟତ ଡଳଙ୍ଗ ଗ୍ରାମ ମୁଣ୍ଡାସାହି ପୋଖରୀରୁ ରବିବାର ସକାଳୁ ଜଣେ ୫୦ବର୍ଷୀୟ ବ୍ୟକ୍ତିଙ୍କ ମୃତଦେହ ମିଳିଛି। ତାଙ୍କୁ ପୋଖରୀ ପାଖରେ ମଦ ବିକ୍ରି କରୁଥିବା ଏକ ପରିବାର ଲୋକେ ସଂଘବଦ୍ଧ ଭାବେ ହତ୍ୟା କରି ପୋଖରିରେ ଫିଙ୍ଗି ଦେଇଥିବା ଚର୍ଚ୍ଚା ହେଉଛି। ମୃତକ ଜଣକ ହେଉଛନ୍ତି ପାଟଣାବ୍ଲକ କଣ୍ଟିଆପଡ଼ା ବେହେରା ସାହିର ମିତ୍ର ବେହେରାଙ୍କ ପୁଅ ରୟା।ରୟା କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଡ୍ରେସର ଭାବେ କାର୍ଯ୍ୟ କରୁଥିଲେ। ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି ।ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି। ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ପୋଲିସ ଘଟଣା ଘଟିଥିବା ପାଖ ଘରର ପ୍ରଥମେ ୨ଜଣ ଲୋକଙ୍କୁ ନେଉଥିବା ବେଳେ ଉତ୍ୟକ୍ତ ଲୋକ ତାଙ୍କୁ ମାଡ଼ ମାରିବା ସହ ଘୋଷାଡି ଥିଲେ। ପରେ ୪ଜଣଙ୍କୁ ପୋଲିସ ଉଠାଇ ନେଇଛି।ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଏନେଇ ତୁରୁମୁଙ୍ଗା ଥାନା ଅଧିକାରୀ ଦିପ୍ତିରଂଜନ ସାହୁଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି। ୬ଜଣ ବ୍ୟକ୍ତିଙ୍କୁ ପୋଲିସ ଥାନାକୁ ଆଣି ପଚରା ଉଚରା କରି ତଦନ୍ତ ଜାରି ରଖିଛି।

# ଯୋଗେଶ ଅଗ୍ରୱାଲ ପ୍ରଦେଶ କଂଗ୍ରେସର ରାଜ୍ୟ ବାଣିଜ୍ୟ ଓ ବ୍ୟାପାର କମିଟିର ଅଧ୍ୟକ୍ଷ

ବାରିପଦା, (ସବ୍ୟୁ) : ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନ କ୍ରମେ ପ୍ରଦେଶ କଂଗ୍ରେସର ରାଜ୍ୟ ବାଣିଜ୍ୟ ଓ ବ୍ୟାପାର କମିଟିର ଅଧ୍ୟକ୍ଷ ଭାବେ ମୟୂରଭଞ୍ଜ ଜିଲ୍ଲାର ଯୁବନେତା ଯୋଗେଶ କୁମାର ଅଗ୍ରୱାଲଙ୍କ ନିଯୁକ୍ତି ଅବସରରେ ବାରିପଦା ଷ୍ଟାଡିୟମ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ମହିଳା ଓ ଛାତ୍ର କଂଗ୍ରେସ ତରଫରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ କାର୍ଯ୍ୟକ୍ରମକୁ ମହିଳା କଂଗ୍ରେସ ସଭାନେତ୍ରୀ ସୁସ୍ମିତା ଘୋଷାଲ ସଭାପତିତ୍ୱ କରିଥିଲେ। ଏହି ସଭାରେ ପୂର୍ବତନ ଏମ୍‌ପି ତଥା ପୂର୍ବତନ ସିଡବ୍ଲ୍ୟୁସି ସଦସ୍ୟା ସୁଶ୍ରୀ ସୁଶୀଳା ତିରିଆ ଉଦ୍‌ବୋଧନ ଦେଇ ଶ୍ରୀ ଅଗ୍ରୱାଲଙ୍କ ନିଯୁକ୍ତିରେ ଖୁସି ବ୍ୟକ୍ତ କରିବା ସହ ଆଗାମୀ ପଂଚାୟତ ନିର୍ବାଚନ ପାଇଁ ଦଳକୁ ତୃଣମୂଳ ସ୍ତରରୁ ସଜାଡ଼ିବା ଉପରେ ଧ୍ୟାନ ଦେବା ପାଇଁ ମତ ଦେଇଥିଲେ। ସେହିପରି ନବନିଯୁକ୍ତ ଅଧ୍ୟକ୍ଷ ଶ୍ରୀ ଅଗ୍ରୱାଲ ସର୍ବଭାରତୀୟ କଂଗ୍ରେସ କମିଟି ଅଧ୍ୟକ୍ଷ ମଲ୍ଲୀକାର୍ଜୁନ ଖଡ଼ଗେ, ପ୍ରିୟନେତା ରାହୁଲ ଗାନ୍ଧୀ, ଓଡିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ତଥା ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ଧନ୍ୟବାଦ ଦେଇଥିଲେ। ମୟୂରଭଞ୍ଜ (ପୂର୍ବ)ର ପର୍ଯ୍ୟବେକ୍ଷକ ତଥା ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ ଓ ମୟୂରଭଞ୍ଜ (ପଶ୍ଚିମ) ପର୍ଯ୍ୟବେକ୍ଷକ ଯୁବନେତା ନଳିନୀ ମହାନ୍ତି ଯୋଗଦେଇ ନିଜର ସୁଚିନ୍ତିତ ମତାମତ ଦେଇଥିଲେ। ଶେଷରେ ଜିଲ୍ଲା ପଂଚାୟତ ପରିଷଦ ଅଧ୍ୟକ୍ଷ ଶିବାନନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ପୂର୍ବତନ ଜିଲ୍ଲା ସଭାପତି ହେମନ୍ତ ଦାସ, ପୂର୍ବତନ ସାଧାରଣ ସମ୍ପାଦକ ଅଜୟ ମହାପାତ୍ର, ଆଇନ୍ ସେଲ ଅଧ୍ୟକ୍ଷ ଜ୍ୟୋତିପ୍ରକାଶ ରଥ, ପୂର୍ବତନ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ମୟୂରଭଞ୍ଜ(ପଶ୍ଚିମ) ସଭାପତି ଭୁବନ ବିହାରୀ ସାହୁ, ପୂର୍ବତନ ଉପସଭାପତି ଅରବିନ୍ଦ ଦାସ, ଅଶୋକ ଅଧିକାରୀ, ମୋତି ପ୍ରକାଶ ଦାଶ, ମୁନକେତନ ବେହେରା, ପ୍ରଫୁଲ୍ଲ ନାୟକ, ଅମରେନ୍ଦ୍ର ଗିରି, ପ୍ରଦୀପ ଦାସ, ତୁଷାର ବେହେରା, ବିକାଶ ମହାଭୋଇ, ଦିଲ୍ଲୀପ ନାୟକ, ଏସକେ ମୁସ୍ତଫା, କାଳିଚରଣ ଧୀର, କୁଶ ବେହେରା, ସୁନନ୍ଦା ସାହୁ, ମାଧବୀ ସେନାପତି, ଜବମଣୀ ଟୁଡୁ, ନାରାୟଣ ପଟନାୟକ, ରଂଜିତା ଯୋଷୀ, ବିଜୟ ସିଂ, ଇତିଶ୍ରୀ ମିଶ୍ର, ପ୍ରଦୀପ ମିଶ୍ର, ଆଇନଜିବୀ ସ୍ୱରୂପ ମିଶ୍ର, ଗୌରୀ ନାୟକ ରାମରତନ ମହାନ୍ତ, ଏସକେ ଇକବାଲ ଓ ଫରିଦା ତାବସୁମ ପ୍ରମୁଖ ଶତାଧିକ କର୍ମୀ ଯୋଗ ଦେଇଥିଲେ।

# ୧୮ ମାସର ଶିଶୁପୁତ୍ର ଉତ୍ତମଙ୍କ ବିସ୍ମୟକର କାହାଣୀ



ପାରଳାଖେମୁଣ୍ଡ,(ସବ୍ୟୁ) : ଗଜପତି ଜିଲ୍ଲାରେ ଏକ ବିସ୍ମୟକର ଶିଶୁପୁତ୍ରର ଚମତ୍କାର ବୁଦ୍ଧି ବିଶେଷ କରି ବିଭିନ୍ନ ମନ୍ତ୍ର ଉଚ୍ଚାରଣ ଆଦି ନେଇ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟି ଥିବା ସହ ଶିଶୁଟି ଜନ ସାଧାରଣଙ୍କ ଆକାଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଗଜପତି ଜିଲ୍ଲାର ମୋହନା ବ୍ଲକ ମହକୁମାର ସାମାଜସେବୀ ତଥା ପ୍ରକୃତି ବନ୍ଧୁ, ଜିତେନ୍ଦ୍ର କୁମାର ବେହେରାଙ୍କ ୧୮ ମାସର ପୁଅ ଉତ୍ତମ୍ କୁମାର ବେହେରା ଖୁବ୍ କମ୍ ବୟସରେ ନିଜ ଗ୍ରାମ ଠାରୁ ଦେଶର ବିଭିନ୍ନ ନେତାଙ୍କ ନାମ, ଏ ଠାରୁ ଜେଡ୍, ଏ ଫର୍ ଅର୍ଜୁନ, ଏ ଫର୍ ଏପଲ, ୱାନ୍ ଠାରୁ ଟ୍ୱେଣ୍ଟି, ଅ ଠାରୁ ଲ, ବାର ମାସର ନାମ ଓଡ଼ିଆରେ ଏବଂ ବାର ମାସର ନାମ ଇଂରାଜୀରେ ଅତି ଚମତ୍କାର ଭାବେ ପାଠକରି ପାରୁଛି। ଏଥିସହ ସାତ ବାରର ନାମ ଓଡ଼ିଆ ଓ ଇଂରାଜୀରେ ପାଠ କରିବା, ବିଭିନ୍ନ ଯାନବାହାନର ନାମ, ଫଳ ଓ ପନିପରିବା, ଶରୀର ଅଙ୍ଗ ପ୍ରତ୍ୟଙ୍ଗର ନାମକୁ ଓଡ଼ିଆ ଇଂରାଜୀରେ ପାଠ କରିବା, ବିଭିନ୍ନ ରଙ୍ଗ, ସମସ୍ତ ପ୍ରକାର ପଶୁ ପକ୍ଷୀ ଚିହ୍ନିବା, ଗଣେଶ ବନ୍ଦନା, ହୋମ ମନ୍ତ୍ର, ବିଭିନ୍ନ ଶ୍ଳୋକ, ହନୁମାନ ଚାଳିଶା, ବିଭିନ୍ନ ଓଡିଆ ଇଂରାଜୀ ଗୀତ ନିଜ କୁନି ପାଟିରେ ନିଖୁଣ ଭାବେ ଗାନ କରି ନିଜର ସାଧାରଣଙ୍କ ଠାରେ ନିଜର ଚମତ୍କାରିତା ପ୍ରଦର୍ଶନ କରିପାରିଛି।ଏତେ କମ୍ ବୟସରୁ ଏତେ ସବୁ ଜାଣିବା ପଛରେ ଉତ୍ତମଙ୍କ ମା କିରଣ, ପିଉସୀ ବର୍ଷା ଓ ଉଷାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି ।ଆସନ୍ତା ଦିନରେ ଉତ୍ତମ୍ କୁମାର ବେହେରାଙ୍କୁ ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନିତ ପାଇବା ପାଇଁ ଚେଷ୍ଟା ଜାରି ରଖିଛୁ ବୋଲି ଉତ୍ତମଙ୍କ ବାପା କହିଛନ୍ତି।

# ଘୁମୁସର ବିକାଶ ପରିଷଦ ସମୀକ୍ଷା ବୈଠକ

ଭଞ୍ଜନଗର ,(ସବ୍ୟୁ) : ଘୁମୁସର ବିକାଶ ପରିଷଦର ଏକ ଜରୁରୀ ବୈଠକ ନାୟକ ଭବନରେ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇ ଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ସୋମନାଥ ନାୟକ ସଭାପତିତ୍ୱ କରିଥିଲେ। ଟ୍ରଷ୍ଟର ଅନ୍ୟ ନ୍ୟାସୀ ପ୍ରକାଶ ଚନ୍ଦ୍ର ସାହୁ, ରବିନାରାୟଣ ସାମନ୍ତ, ସୁଶାନ୍ତ ପାତ୍ର, ଗୋପାଳଚନ୍ଦ୍ର ଲେଙ୍କା ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।ଗତ ୧୩ତାରିଖରେ ବ୍ରହ୍ମପୁର ସମ୍ବଲପୁର ଭାୟା ଆସିକା ଭଞ୍ଜନଗର ଫୁଲବାଣୀ ରେଳପଥ ପାଇଁ ହୋଇଥିବା ଆନ୍ଦୋଳନ ଉପରେ ସମୀକ୍ଷା ହୋଇଥିଲା। ସ୍ଥାନୀୟ ଓକିଲ ସଂଘ ନେତୃତ୍ୱରେ ପରିଚାଳିତ ଏହି ଆନ୍ଦୋଳନ ରେ ବଣିକ ସଂଘ, ବରିଷ୍ଠ ନାଗରିକ ମଞ୍ଚ, ସାମ୍ବାଦିକ ସଂଘ, ବାଉଁଶଲୁଣ୍ଡି ରାଧାକୃଷ୍ଣ ପାଠାଗାର, ସହରର କବି କଳାକାର ଓ ବିଶିଷ୍ଟ ବ୍ୟକ୍ତିମାନେ ବାଇକ ରାଲିରେ ଯୋଗ ଦେଇ ବ୍ରହ୍ମପୁରରୁ ସଚେତନତା ରଥ ନେଇ ଆସିଥିବା ଜିଲ୍ଲାକ୍ରିୟା ନୁଷ୍ଠାନ କମିଟିର ସଭ୍ୟ ଓ କର୍ମକର୍ତା ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଲେ। ଏ ଆନ୍ଦୋଳନ ବାର୍ତ୍ତାକୁ ଦିଲ୍ଲୀ ଦରବାରରେ ପହଂଚାଇବା ପାଇଁନିକଟ ରେ ଏକ ସିଭିଲ ସୋସାଇଟି ଘୁମୁସର ବିକାଶ ପରିଷଦ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ କରିବା ପାଇଁ ନିଷ୍ପତି ହୋଇଛି।।କ୍ରିୟାନୁଷ୍ଠାନ କମିଟିର ସଭାପତି ବାଳକୃଷ୍ଣ ପଣ୍ଡା ସ୍ଥାନୀୟ ବିଧାୟକଙ୍କ ସହ ସେଦିନ ରାତିରେ ଫରେଷ୍ଟ ବଙ୍ଗଳାରେ ସାକ୍ଷାତ କରି ଆଲୋଚନା କରିଥିଲେ। ବିଧାୟକ ନିକଟରେ ପ୍ରଧାନ ମନ୍ତ୍ରୀ , ରେଳମନ୍ତ୍ରୀ ଓ ୩ ସାଂସଦଙ୍କୁ ନେଇ ଏ ରେଳପଥ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସବୁ ଚେଷ୍ଟା ଚଳାଇ ବାକୁ ପ୍ରତିଶୃତି ଦେଇଥିବାରୁ ପରିଷଦ ବୈଠକ ରେ ସନ୍ତୋଷ ପ୍ରକାଶ ପାଇଥିଲା। ଦୋରା ବିଶୋଇଙ୍କ ଏକ ପ୍ରତିମୂର୍ତ୍ତି କୋଦଣ୍ଡା ଛକ ଓ ଭୁବନେଶ୍ୱର ରେ ଚକରା ବିଶୋଇଙ୍କ ଏକ ପୂର୍ଣ୍ଣା ବୟବ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସରକାରଙ୍କ ପାଖରେ ଦାବୀ ଜଣାଇବା ପାଇଁ ସ୍ଥିର ହୋଇଛି ।

## ବିଦ୍ୟୁତ ଆଘାତରେ ଶ୍ରମିକଙ୍କ ମୃତ୍ୟୁ ଘଟଣା
# ଶୁଦ୍ଧିକ୍ରିୟା ପାଇଁ ସହଯୋଗର ହାତ ବଢାଇଲା ଆପଣ ଏକା ନୁହଁନ୍ତି ସଙ୍ଗଠନ

ଖଇରା,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଖଇରା ଥାନା ଝିଙ୍କିରିଆ ପଞ୍ଚାୟତ ଅଧୀନ ଗଗନଧୂଳୀ ଗ୍ରାମରେ ପାଇଖାନା ଟାଙ୍କି ନିର୍ମାଣ ବେଳେ ବିଦ୍ୟୁତ ଆଘାତରେ ମୃତ୍ୟୁ ବରଣ କରିଥିବା ୨ପରିବାରକୁ ସହଯୋଗର ହାତ ବଢାଇଛି ଆପଣ ଏକା ନୁହଁନ୍ତ ଟ୍ରଷ୍ଟ । ରବିବାର ଦିନ ଟ୍ରଷ୍ଟର ସଭାପତି ଅଜୟ କୁମାର ମହାନ୍ତି,ସମ୍ପାଦକ ସୁଶାନ୍ତ କୁମାର ବେହେରା,ଉପଦେଷ୍ଟା ଶିବାନନ୍ଦ ପାଢୀ,ସଭ୍ୟ ଗୋପାମଣି ପଣ୍ଡା,ମଧୁସ୍ମିତା ମିଶ୍ର,ସତ୍ୟରଞ୍ଜନ ଉପାଧ୍ୟାୟ,ବଳରାମ ସାହୁ,କାଳିପ୍ରସାଦ ମାଝୀ,ପ୍ରଦୀପ ଲେଙ୍କା,ଗୌତମ ଶିଅଳ,ରଞ୍ଜିତା ବେହେରା ଗଗନଧୂଳି ଗ୍ରାମରେ ପହଞ୍ଚି ମୃତକ ବାବାଜୀ ମାଝୀ(୫୦) ଓ ହରେକୃଷ୍ଣ ଦାସ(୩୨)ଙ୍କ ପରିବାରକୁ ଶୁଦ୍ଧିକ୍ରିୟା ପାଇଁ ଆବଶ୍ୟକ ଅର୍ଥ ପ୍ରଦାନ କରିଛନ୍ତି । ଏ ପର୍ଯ୍ୟନ୍ତ ଉକ୍ତ ମୃତକ ପରିବାର ଦ୍ୱୟଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ସଙ୍ଗଠନ ତରଫରୁ ଦାବି ହୋଇଛି ।

## ନିଟ୍ ପ୍ରବେଶିକା ପରୀକ୍ଷାରେ ନୀଳକଣ୍ଠନଗର
# ସରସ୍ୱତୀ ବିଦ୍ୟାମନ୍ଦିରର ଅଭୂତପୂର୍ବ ସଫଳତା

ବ୍ରହ୍ମପୁର, (ସବ୍ୟୁ) : ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି ଦ୍ୱାରା ସଂଚାଳନା କରାଯାଇଥିବା 'ନିଟ୍-୨୦୨୫' ଯୁଗ୍ମ ପ୍ରବେଶିକା ପରୀକ୍ଷାଫଳ ଶନିବାର ଦିନ ପ୍ରକାଶ ପାଇଛି। ଚଳିତ ବର୍ଷ ନିଟ୍ ପ୍ରବେଶିକା ପରୀକ୍ଷା ପାଇଁ ସର୍ବଭାରତୀୟ ସ୍ତରରେ ୨୨ ଲକ୍ଷ ୯ ହଜାର ୩୧୮ ଜଣ ଯଥା ଓଡ଼ିଶାରୁ ୫୯,୨୩୮ ଜଣ ପରୀକ୍ଷାର୍ଥୀ ନିଟ୍ ପରୀକ୍ଷା ଦେଇଥିବାବେଳେ ତନ୍ମଧ୍ୟରୁ ଓଡ଼ିଶାରୁ ୩୧,୬୭୩ ଜଣ ପରୀକ୍ଷାର୍ଥୀ ସଫଳତା ହୋଇଛନ୍ତି।ତେବେ ସବୁ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସରସ୍ୱତୀ ବିଦ୍ୟା ମନ୍ଦିର ନୀଳକଣ୍ଠନଗରର ଶ୍ରେଣୀକକ୍ଷରେ ମେଡ଼ିକାଲ୍ ପାଠ୍ୟକ୍ରମ ପାଇଁ ପ୍ରଶିକ୍ଷଣ ନେଉଥିବା ଛାତ୍ର ଛାତ୍ରୀ ଏହି ଯୁଗ୍ମ ପ୍ରବେଶିକା ପରୀକ୍ଷାରେ ଅଭୁତପୂର୍ବ ସଫଳତାର ସହ କୃତକାର୍ଯ୍ୟ ହୋଇ ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ଆନୁପାତିକ ଭିତିରେ ପୁନର୍ବାର ଓଡ଼ିଶାରେ




ଏହା ସଫଳତାର ସର୍ବୋତମ ସ୍ଥାନ ଅଧିକାର କରିଛି। ଏହି ଅନୁଷ୍ଠାନରୁ ୫୦୦ ରୁ ଉର୍ଦ୍ଧ ୧୫୦ ଜଣ ଯଥା ୫୧୫ ରୁ ଉର୍ଦ୍ଧ୍ୱ ନମ୍ବର ରଖି ୧୧୦ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଏହି ସଫଳତା ପାଇଁ ଆମ୍ଭ କୋଚିଂ ଡିଭିଜନ୍‌ର ଅଭିଜ୍ଞ ଶିକ୍ଷକମାନଙ୍କର ପ୍ରଚେଷ୍ଟାକୁ ଶ୍ରେୟ ଦିଆଯାଉଛି। ପ୍ରାଧ୍ୟାପକ ଆଲୋକ ବଳ, ସରୋଜ କୁମାର, ଆର୍.ନାଗେସ୍ ବାବୁ,1 ସୁନିଲ୍ କୁମାର, ନିଶାନ୍ତ କୁଳଶ୍ରେଷ୍ଠା, ସୁବୋଧ କୁମାର, କଲ୍ୟାଣ ଚକ୍ରବର୍ତ୍ତୀ, କେ.ରଜନୀକାନ୍ତ, ରାଜେନ୍ଦ୍ର କୁମାର ନାୟକ, କ୍ରିଷ୍ଣାମାରାଜୁ ଗୋଲାପଲୀ, ସତୀଶ୍ କୁମାର, ପ୍ରଶାନ୍ତ ସାହୁ, ସନ୍ତୋଷ କୁମାର ପଣ୍ଡା, ରାଜେଶ ଜୟସ୍ୱାଲ୍, ଜ୍ଞାନେସ୍ ଦାଶ, ପ୍ରତାପ କୁମାର ପାତ୍ର, ଜି. ସୁରେଶ, କେ.ଶିବା, ଶ୍ରୀ ଦିପକ ସିନ୍‌ମାହାର୍, ଶ୍ରୀ ପ୍ରହ୍ଲାଦ୍ ଶର୍ମା ଏବଂ ଅଭିଷେକ ଗୁପ୍ତାଙ୍କର ଉତ୍ସର୍ଗୀକୃତ ଶିକ୍ଷାଦାନ ପ୍ରଣାଳୀ ଦ୍ୱାରା ଏହି ସଫଳତା ପ୍ରାପ୍ତ ହୋଇଛି। ସର୍ବୋପରି ଛାତ୍ରଛାତ୍ରୀମାନଙ୍କର ଆତ୍ମବିଶ୍ୱାସ ଏବଂ କଠୋର ପରିଶ୍ରମ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ଏହି ସଫଳତା ପାଇଁ ବହୁ ଅଭିଭାବକଙ୍କ ସମେତ ପରିଚାଳନା କମିଟିର ସଭାପତି ଡ. ଜିବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ଶ୍ରୀ ସୋମନାଥ ନନ୍ଦ, ସଦସ୍ୟା ଶ୍ରୀମତୀ ପ୍ରଣତୀ ସାମଲ, ସଦସ୍ୟା ଶ୍ରୀମତୀ ବାସନ୍ତୀ ବେହେରା, ଉପଦେଷ୍ଟାମଣ୍ଡଳୀରେ ଥିବା ସମସ୍ତ କର୍ମକର୍ତା, ଅଧ୍ୟକ୍ଷ ଏସ୍.ମୋହନ ରାଓ, ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ବିଦ୍ୟାଳୟର ପ୍ରଧାନଶିକ୍ଷକସୁରେଶ ଆଚାର୍ଯ୍ୟ ଏବଂ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ, କୋଚିଂ ବିଭାଗର ସମସ୍ତଙ୍କୁ ଆନ୍ତରିକ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

# ଡାଇରିଆ ରୋଗୀଙ୍କୁ ଭେଟି ସ୍ଥିତି ସମ୍ପର୍କରେ ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ



ଚଣ୍ଡିଖୋଲ/ଧର୍ମଶାଳା ,(ସବ୍ୟୁ) : ଯାଜପୁର ଜିଲ୍ଲାର ବଡ଼ଚଣା ଓ ଧର୍ମଶାଳା ବ୍ଲକରେ ଡାଇରିଆ ସ୍ଥିତି ଗମ୍ଭୀର ହୋଇଛି ଇତିମଧ୍ୟରେ ଧର୍ମଶାଳାରେ ୨୫୦ ଓ ବଡଚଣାରେ ୧୫୦ରୁ ଉର୍ଦ୍ଧ୍ୱ ରୋଗି ପଞ୍ଜିକୃତ ହୋଇଥିଲା ବେଳେ ଏହାବାଦ୍ ଶତାଧିକ ରୋଗି କଟକ ଓ ଭୁବନେଶ୍ୱରର ବିଭିନ୍ନ ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଛନ୍ତି। ଏହାଭିତରେ ଏହି ଦୁଇ ବ୍ଲକରେ ଡାଇରିଆରେ ୪ଜଣଙ୍କର ମୃତ୍ୟୁ ମଧ ହୋଇ ସାରିଛି। ଅବଶ୍ୟ ଦୁଇଦିନ ହେବ ସ୍ଥିତିରେ ସାମାନ୍ୟ ସୁଧାର ଆସିଛି ହେଲେ ପ୍ରତ୍ୟେକ ଦିନ ନୂଆ ନୂଆ ରୋଗି ଡାକ୍ତରଖାନାରେ ଭର୍ତ୍ତି ହେଉଥିବା ଦେଖାଯାଉଛି। ଏହାର ଭୟାବହତାକୁ ଦୃଷ୍ଟିରେ ରଖି ରବିବାର ଦିନ ସକାଳୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ ଏଠାରେ ପହଞ୍ଚି ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାଇରିଆ ରୋଗର ସ୍ଥିତି ପରଖିବା ସହିତ ସେଠାରେ ଚିକିତ୍ସାଧିନଥିବା ରୋଗୀ ମାନଙ୍କୁ ଭେଟି ସେମାନଙ୍କର ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ । ଏଥି ସହିତ ଡ଼ଃ ମହାଲିଙ୍ଗ ଡାକ୍ତର ମାନଙ୍କ ସହିତ ରୋଗ ନିରାକରଣ ସମ୍ପର୍କରେ ବିଭିନ୍ନ ଆଲୋଚନା କରିବା ସହ ରୋଗୀ ମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ପରେପରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମନ୍ତ୍ରୀ ସେଠାରେ ଚିକିତ୍ସାଧିନ ରୋଗୀ ମାନଙ୍କୁ ଶାକ୍ଷାତ କରିଥିଲେ। ପରେପରେ ସେଠାରେ ଉପସ୍ଥିତ ଡାକ୍ତର ଓ ସ୍ୱାସ୍ଥ୍ୟ ଅଧିକାରୀ ମାନଙ୍କ ସହ ରୋଗର ନିରାକରଣ,ପ୍ରତିସେଧକ ବ୍ୟବସ୍ଥା ଓ ଏବେ ରୋଗୀଙ୍କୁ ଯୋଗାଇ ଦିଆଯାଉଥିବା ଆଶୁ ଚିକିତ୍ସା ସେବା ସମ୍ପର୍କରେ ସମିକ୍ଷା କରିଥିଲେ। ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କର ଏହି ଗସ୍ତ ସମୟରେ ଯାଜପୁର ସାଂସଦ ଡ଼ଃ ରବୀନ୍ଦ୍ରକୁମାର ବେହେରା,ବଡଚଣା ବିଧାୟକ ଅମରକୁମାର ନାୟକ,ଧର୍ମଶାଳା ବିଧାୟକ ହିମାଂଶୁ ସେଖର ସାହୁ,କୋରେଇ ବିଧାୟକ ଆକାଶଦାସ ନାୟକ, ରାଜ୍ୟସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର,ଯାଜପୁର ଜିଲ୍ଲାପାଳ ପି ଅନ୍ୱେଷ ରେଡୀଙ୍କ ସହିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ତେବେ ଏଠାକୁ ଆସୁଥିବା ଅନେକ ରୋଗୀଙ୍କୁ ସୁସ୍ଥ କରାଯାଇ ଛଡା ଯାଇଥିବା ବଡଚଣା ଓ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀମାନେ ମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ! ଏପରି ସଂଗିନ ପରିସ୍ଥିତିରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟୋଜିତ ନମୁନା ପରୀକ୍ଷକ ମାନେ ବହୁ ସମୟରେ ଦିନ ୧୨ ଟାପରେ ସ୍ୱାସ୍ଥ୍ୟକେନ୍ଦ୍ର ଛାଡି ଚାଲିଯାଉଥିବାରୁ ରୋଗୀମାନେ ଅସୁବିଧା ଭୋଗୁଥିବା ନେଇ କିଛି ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ସ୍ୱାସ୍ଥ୍ୟ ଅଧିକାରୀ ଓ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ଉପରେ ତଦନ୍ତ କରାଯାଇ ଦୃଢ଼ କାର୍ଯାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀ ମିଶ୍ର ପ୍ରକାଶ କରିଥିଲେ।

## ଡାଇରିଆକୁ ପ୍ରତିରୋଧ ପାଇଁ ପ୍ରଶାସନର ତତ୍ପରତା

ବରୀ,(ସବ୍ୟୁ) : ଯାଜପୁର ଜିଲ୍ଲାରେ ଡାଇରିଆ ବ୍ୟାପୁ ଥିବାରୁ ବରୀ ପ୍ରଶାସନ ତତ୍ପର ହୋଇଛି । ଆଜି ବରୀ ମାଉଣ୍ଡ ସ୍ଥିତ ଜଳ ସମ୍ପଦ ଡାକ ବଙ୍ଗଳା ଠାରେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ସମ୍ଭାବ୍ୟ ଡାଇରିଆ ବ୍ୟାପିବା ଘଟଣାକୁ ନେଇ ଏକ ସମୀକ୍ଷା ବୈଠକ ଆୟୋଜନ କରିଥିଲେ । ଉକ୍ତ ବୈଠକରେ ବରୀ ତହସିଲଦାର ଦିପ୍ତିମୟୀ ବେହେରା, ଅତିରିକ୍ତ ତହସିଲଦାର କଲ୍ଲୋଳ ମିଶ୍ର, ବିଡ଼ିଓ ଅସ୍ମି କୁମାର ମହାନ୍ତି, ବରୀ ଥାନାର ଆରକ୍ଷୀ ନିରୀକ୍ଷକ ସୌମ୍ୟ ରଂଜନ ଭୋଳ, ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସବ୍ୟସାଚୀ ଦାସଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରି ମାନେ ଉପସ୍ଥିତ ରହି ସମିକ୍ଷାରେ ସାମିଲ ହୋଇଥିଲେ । ଆଗାମୀ ଦିନରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା, ଏବଂ ବରୀ ଅଞ୍ଚଳରେ ଗଢି ଉଠିଥିବା ବିଭିନ୍ନ ହୋଟେଲ ଜଳଖିଆ ଦୋକାନ ଗୁଡ଼ିକରେ ଯେଉଁଳି ବାସି ଖାଦ୍ୟ ଲୋକମାନଙ୍କୁ ଦିଆ ନ ଯାଏ ସେ କ୍ଷେତ୍ରରେ ସଜାଗ ରହିବାକୁ ବରୀ ବିଧାୟକ ସମସ୍ତ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ । ପ୍ରଶାସନ ତରଫରୁ ଏହି ଘଟଣାକୁ ଗୁରୁତ୍ୱ ଦିଆଯାଇ ଆଜି ବରୀ ବାଲିଆପାଳ ସ୍ଥିତ ଏକ ଆଇସକ୍ରିମ କାରଖାନାକୁ ସିଲ କରିବା ସହିତ ବରୀ ଅଞ୍ଚଳର ବିଭିନ୍ନ ଜଳଖିଆ ଦୋକାନ ମାଛ ଦୋକାନ ଫାଷ୍ଟ ଫୁଡ୍ ଦୋକାନ ଗୁପଚୁପ ଦହିବରା ଆଦି ଦୋକାନ ଉପରେ ଚଢ଼ାଉ କରାଯାଇଥିବା ଦେଖିବାକୁ ମିଳିଛି । ଆଗାମୀ ଦିନରେ ଯଦି ସରକାରୀ ନିର୍ଦ୍ଦେଶକୁ ନ ମାନି ବାସି ଖାଦ୍ୟ ସାମଗ୍ରୀ କୌଣସି ଗ୍ରାହକଙ୍କୁ ବିକ୍ରି କରାଯାଏ ତା ହେଲେ ସଂପୃକ୍ତ ଦୋକାନୀ ମାନଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚଢ଼ାଉ ଦାୟିତ୍ୱରେ ଥିବା ବରୀ ତହସିଲଦାର ସୂଚନା ଦେଇଛନ୍ତି । ଅପରପକ୍ଷରେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ବିଭିନ୍ନ ଚିକିତ୍ସା କେନ୍ଦ୍ରରେ ଝାଡ଼ା ବାନ୍ତି ରେ ଆକ୍ରାନ୍ତ ହୋଇଥିବା ପ୍ରାୟ ୩୦ ରୁ ଉର୍ଦ୍ଧ ରୋଗୀ ସୁସ୍ଥହୋଇ ଘରକୁ ଫେରିଛନ୍ତି ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସବ୍ୟସାଚୀ ଦାସ ସୂଚନା ଦେଇଛନ୍ତି । ବରୀ ବ୍ଲକ ପକ୍ଷରୁ ପାନୀୟ ଜଳକୁ ବିଶୁଦ୍ଧ କରିବା ପ୍ରକ୍ରୀୟା ଜାରି ରହିଥିବା ବେଳେ ବିଭିନ୍ନ ଜଳ ଉତ୍ସରୁ ନମୁନା ସଂଗ୍ରହ କରି ପରୀକ୍ଷଣ ପାଇଁ ପଠା ଯାଇଛି ବୋଲି ଜଣା ପଡିଛି ।

## ଯାତାୟତ ରାସ୍ତାରେ ଗୃହ ନିର୍ମାଣକୁ ବିରୋଧ

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ମାର୍ଶାଘାଇ ଥାନା ଅ'ର୍ଗତ କୁସୁନପୁର ଗ୍ରାମର ଯାତାୟତ ରାସ୍ତା ଉପରେ ଜଣେ ପ୍ରଭାବଶାଳୀ ବ୍ୟକ୍ତି ଜୋର ଜବରଦସ୍ତ ରାସ୍ତାକୁ ମାଡି ଘର କରୁଥିବାରୁ ସ୍ଥାନୀୟ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗ୍ରାମବସୀ ମାନେ ତାଙ୍କ ଅଭିଯୋଗ ରେ ଦର୍ଶାଇଛନ୍ତି ଯେ, ଏହି ଗ୍ରାମକୁ ସ୍ଥାୟୀ ରାସ୍ତା ନଥିବା ଏବଂ ଜଳ ନିଷ୍କାସନ ହୋଇପାରୁ ନାହିଁ। ଏହି ରାସ୍ତା ଉପରେ ଗୃହ ନିର୍ମାଣ ହେଲେ ଯାତାୟତ ର ଅସୁବିଧା ହେବା ସହ ସ୍କୁଲ ଗାଡି, ଆମ୍ବୁଲାନ୍ସ ଓ ଅନ୍ୟାନ୍ୟ ଜରୁରୀକାଳୀ ଗାଡି ସଂପୂର୍ଣ୍ଣ ଭାବରେ ବନ୍ଦ ହୋଇଯିବ । ତେଣୁ ଜୋର ଜବରଦସ୍ତ ଘର କରୁଥିବା ଘରକୁ ବନ୍ଦ କରିବା ସହିତ ସ୍ଥାୟୀ ରାସ୍ତା ଓ ଜଳ ନିଷ୍କାସନ ବାଟ କରିବା ପାଇଁ ଭାନୁଶ୍ରୀ ନାୟକ, ଲକ୍ଷ୍ମୀପ୍ରିୟା ନାୟକ ଓ ଅନ୍ୟ ଗ୍ରାମବସୀ ମାନେ ଦାବି କରିଛନ୍ତି ।

## ନାୟାରା ତେଲଟାଙ୍କି ପକ୍ଷରୁ ରଜ ଉତ୍ସବ




ସାଲେପୁର,(ସବ୍ୟୁ) :ରଜପର୍ବ' ସାଲେପୁର ବ୍ଲକ ଅନର୍ଗତ ଭାତପଡା ଠାରେ ଥିବା ନାୟରା ପେଟ୍ରୋଲ ପମ୍ପରେ ପାଳନ କରାଯାଇଛି । ପ୍ରୋପ୍ରାଇଟର ତଥା ବିଶିଷ୍ଟ ସମାଜସେବୀ ହରିବନ୍ଧୁ ଶତପଥୀଙ୍କ ଉଦ୍ୟମରେ ଭାତପଡା ସ୍ଥିତ ସାଇ ସମୀକ୍ଷା ଫିଲିଂ ଷ୍ଟେସନ ପରିସରରେ ରଜ ଦୋଳି ଲଗାଯାଇଥିଲା ଯେଉଁଥିରେ କି ତେଲ ପକାଇବା ପାଇଁ ଆସୁଥିବା ଗ୍ରାହକ ଓ ଆଖପାଖ ଅଞ୍ଚଳର ବହୁ ଲୋକ ମାନେ ଦୋଳି ଖେଳିବାର ଦେଖିବାକୁ ମିଳିଥିଲା । ପ୍ରଥମେ ଏହି କାର୍ଯ୍ୟକ୍ରମକୁ ଅତିଥି ଭାବେ ସାମ୍ବାଦିକ ଅକ୍ଷୟ କୁମାର ଦାଶ, ବିଶିଷ୍ଟ ସମାଜସେବୀ ଶତପଥୀ ଓ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ପେଟ୍ରୋଲ ପମ୍ପକୁ ଆସୁଥିବା ସମସ୍ତଙ୍କୁ ପୋଡ଼ପିଠା, ରଜ ପାନ ଓ ମିଠା ବଣ୍ଟା ଯାଇଥିଲା । ଏହା ରଜ ତିନିଦିନ ଧରି ଚାଲୁରହିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛ । ସ୍ଥାନୀୟ ଅଞ୍ଚଳର ବହୁ ଝିଅ ମାନେ ଆସି ଏଠାରେ ଆନନ୍ଦ ଉଲ୍ଲାସର ସହ ଦୋଳି ଖେଳିବା ସହିତ ପରସ୍ପରକୁ ରଜ ପାନ ଖୁଆଇ ଖୁସି ହେଉଥିବା ଦେଖିବାକୁ ମିଳିଥିଲା ।

## ବାଇକ ଆରୋହୀ ଗୁରୁତର

ପାଣିକୋଇଲି, (ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ଗଣେଷ ବଜାର ନିକଟରେ ଆଜି ଏକ କାର ପଛପରେ ବାଇକ ଧକ୍କା ଦେବାରୁ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି । ପ୍ରକାଶଯେ ମାଳଆନନ୍ଦପୁର ପଂଚାୟତ ନୁରୁଗାଁ ଗ୍ରାମର ଶିବ ସାମଲଙ୍କ ପୁଅ ସିପୁନ ସାମଲ ଏକ ବାଇକ ଯୋଗେ ନୁରୁଗାଁରୁ ପାଣିକୋଇଲି ହାଇସ୍କୁଲ ନିକଟରେ ଥିବା ତାଙ୍କ ଦୋକାନକୁ ଆସୁଥିଲେ। ଓଭରବ୍ରିଜ ତଳ ଗୋଲେଇରେ ଆଗରେ ଯାଉଥିବା ଏକ କାର ହଠାତ ବ୍ରେକ ମାରିଦେବାରୁ ସିପୁନ ତା ପଛରେ ପିଟି ହୋଇଥିଲେ । ଫଳରେ ଗୁରୁତର ହୋଇ ତଳେ ପଡିଯାଇଥିଲେ । ଖବରପାଇ ଘଟଣାସ୍ଥଳେ ପାଣିକୋଇଲି ପୁଲିସ ପହଂଚି ଥିଲେ ହେଁ ୧୦୮ ଓ ଜାତୀୟ ରାଜପଥ ଆମ୍ବୁଲାନ୍ସ କି ରାଜପଥ ପେଟ୍ରୋଲିଂଗ ଗାଡି ପହଂଚିପାରିନଥିଲା । ଫଳରେ ଏକ ଘରୋଇ କାରରେ ସିପୁନକୁ ଯାଜପୁର ମୁଖ୍ୟ ଚିକତ୍ସାଳୟକୁ ପଠାଯାଇଥିଲା ।

## ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଜିଲ୍ଲାରେ ରଘୁନାଥପୁର ବ୍ଲକ ପ୍ରଥମ

ରଘୁନାଥପୁର,(ସବ୍ୟୁ) :ଓଡ଼ିଶା ସରକାର ମିଶନ ଶକ୍ତି ବିଭାଗ ଦ୍ୱାରା ଆୟୋଜିତ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ପରିପ୍ରେକ୍ଷୀରେ ଗତ୧୩ ତାରିଖରେ ଜଗତସିଂହପୁର ଜିଲ୍ଲା ଟାଉନହଲଠାରେ ଆୟୋଜିତ ପ୍ରତିଯୋଗୀତାରେ ୮ଟିବ୍ଲକର ୧୬ଟି ମହିଳା ଗ୍ରୁପର ସଦସ୍ୟାମାନେ ଯୋଗଦେଇ ପାରମ୍ପରିକ ପିଠା,ମିଠା ଓ ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ସାମଗ୍ରୀ ପ୍ରସ୍ତୁତ କରିଥିଲେ । ଏହି ପ୍ରତିଯୋଗିତାରେ ବିପିସି ଶଶାଙ୍କ ଶେଖର ସ୍ୱାଇଁଙ୍କ ତ୍ୱାବଧାନରେ ଭାଗ ନେଇଥିବା ରଘୁନାଥପୁର ବ୍ଲକ ତାରାପୁର ଗୋପିନାଥ ଏସଏଚଜି ପ୍ରଥମ ସ୍ଥାନ ଅଧିକାର କରିବା ସହିତ ରାଜ୍ୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ହାସଲ କରିଥିଲା । ପ୍ରଥମ ସ୍ଥାନ ଅଧିକାର କରିଥିବା ଗୋପିନାଥ ଏସଏଚଜି ସଦସ୍ୟା ଆଲେସ୍କା ଆଞ୍ଜୋଲିନା, ରାଜଲକ୍ଷ୍ମୀ ସିଂହ, କଳ୍ପନା ସିଂହଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ୧୦ହଜାର ଟଙ୍କାର ଚେକ୍ ମୁଖ୍ୟ ଅତିଥି ପ୍ରଦାନ କରିଥିଲେ । ଏଥି ସହିତ ସମସ୍ତ ପ୍ରତିଯୋଗୀ ମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗୋପିନାଥ ଏସଏଚଜି ପ୍ରଥମ ହୋଇଥିବାରୁ ରଘୁନାଥପୁର ବିଡିଓ ବିରେଞ୍ଚି ନାରାୟଣ ବେହେରା ଓ ସିଡିପିଓ ତୃପ୍ତି ଲତା ମହାନ୍ତି ଗ୍ରୁପର ସଦସ୍ୟା ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ମାହାଙ୍ଗା ମହୋତ୍ସବ ଓ ସୁବର୍ଣ୍ଣ ଜୟନ୍ତୀ ସମାରୋହ



କୁଆଁପାଳ,(ସବ୍ୟୁ) :କେନ୍ଦ୍ରୀୟ ସାଂସ୍କୃତିକ ସଂସଦ ଗୋକନ ଆନୁକୁଲ୍ୟରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ ,ରଜ ଉତ୍ସବ ଓ ମାହାଙ୍ଗା ମହୋତ୍ସବର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦଯାପନ ପର୍ବ ଗୋକନ ଭଞ୍ଜ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ମାନବାଧିକାର ଆୟୋଗର ସଦସ୍ୟ ନ୍ୟାୟମୂର୍ତୀ ଡକ୍ଟର ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ମୁଖିଅତିଥିଭାବରେ ଯୋଗଦେଇ ଉତ୍ସବକୁ ଉଦ୍ଘାଟନ କରିଥିଲେ । ଡକ୍ଟର ନ୍ୟାୟମୂର୍ତୀ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କୁ ସମ୍ମାନ ଜଣାଇ କହିଲେ ଯେ ଉପେନ୍ଦ୍ର ଭଞ୍ଜ ଥିଲେ ସାଧନା ଓ ସିଦ୍ଧିର କବି ସମ୍ରାଟ । କଠୋର ପରିଶ୍ରମ ,ନିଷ୍ପାପର କର୍ତବ୍ୟ ଦ୍ୱାରା ଓଡିଆ ସାହିତ୍ୟକୁ ଜାତୀୟ ସ୍ତରରେ ମର୍ଯ୍ୟାଦାବନ୍ତ ସ୍ଥାନ ଦେଇଥିଲେ ବୋଲି ମତ ରଖିଥିଲେ । ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ପ୍ରାକ୍ତନମନ୍ତ୍ରୀ ସେକ ମତଲୁବ ଅଲିଙ୍କୁ ଜଣେ ମାନବବାଦୀ ଜନନେତାରେ ଅଭିହିତ କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି ନ୍ୟାୟମୂର୍ତୀ ଷଡଙ୍ଗୀଙ୍କୁ ଅନୁଷ୍ଠାନ ତରଫରୁ ନ୍ୟାୟଶ୍ରୀ ସମ୍ମାନରେ ସମ୍ମାନୀତ କରାଯାଇଥିଲା । ସମ୍ମାନିତ ଅତିଥିଭାବେ ଡକ୍ଟର କୃଷ୍ଣ କେଶବ ଷଡଙ୍ଗୀକୁ ଅନୁଷ୍ଠାନ ତରଫରୁ ଚଳିତ ବର୍ଷର ମର୍ଯ୍ୟାଦା ଜନକ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ପ୍ରଦାନ କରାଯାଇଥିଲା । ସେ ମଧ ଭଞ୍ଜଙ୍କୁ ସମ୍ମାନ ଜଣାଇ କହିଲେ ଯେ କବି ଭଞ୍ଜ ଥିଲେ ସାଲିସ ବିହୀନ କବି। ସମ୍ମାନୀତ ଅତିଥିଭାବେ ଉତ୍କଳ ଗଣକବି ବୈଷ୍ଣବ ପାଣି ସ୍ମୃତି ସଂସଦ ଉପସଭାପତି ପ୍ରଫେସର କାର୍ତିକ ଚନ୍ଦ୍ର ବରାଳ,ମୁଖ୍ୟବକ୍ତାଭାବେ ବିଶିଷ୍ଟ ସାମ୍ବାଦିକ ଓ ସାହିତ୍ୟିକ ମୁରଲୀଧର ସାମଲ,ବରେଣ୍ୟ ଅତିଥିଭାବେ ଆଗାମୀ ଶତାବ୍ଦୀ ପତ୍ରିକା ସଂପାଦକ ମସୁଦ ଅଲି ପ୍ରମୁଖ ଯୋଗଦେଇ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ,ରଜ ଉତ୍ସବ ଓ ମାହାଙ୍ଗା ମହୋତ୍ସବର ମହତ୍ୱ ଗ୍ରାମାଂଚଳରେ ପୁଲକିତ କରିଛି ବୋଲି ମତବ୍ୟକ୍ତ କରିଥିଲେ । ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ବିଜୟାନନ୍ଦ ସିଂହ ସଭାପତିତ୍ୱ କରି କହିଥିଲେ ଯେ ରଜ ଆମର ଜାତୀୟ ପର୍ବ ତଥା ଓଡିଶାର ମହାନ ସାରସ୍ୱତ ସାଧକ ,କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓଡିଆ ଜାତିର ନମସ୍ୟ । ପାରମ୍ପରିକ ଭାବେ ଅନୁଷ୍ଠାନ ତରଫରୁ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାହୁଙ୍କୁ ମାହାଙ୍ଗା ଶ୍ରେଷ୍ଠ ସମାଜସେବୀ ସମ୍ମାନ ପ୍ରଦାନ କରାଯାଇଥିବାବେଳେ ଚଳିତ ମାଟ୍ରିକ ଓ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀମାନଙ୍କୁ ମାହାଙ୍ଗା ମେଧା ଶ୍ରେଷ୍ଠ ସମ୍ମାନରେ ସମ୍ମାନୀତ କରାଯାଇଥିଲା । ଏହି ଅବସରରେ ରଜ ଦୋଳି ଗୀତ ,ଭଞ୍ଜ ସଂଗୀତ ,ଭଞ୍ଜ ପ୍ରତିକୃତି ଅଙ୍କନ ,ପୁଟ,ହୁଳୁହୁଳି ଓ ଶଙ୍ଖ ବାଦନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ନ୍ୟାୟମୂର୍ତୀ ଷଡଙ୍ଗୀ ସମ୍ମାନିତ କରିଥିଲେ । ସଂସଦର ସଂପାଦକ ଆଇନଜିବୀ ଦୀପକ କୁମାର ମହାନ୍ତି ନ୍ୟାୟମୂର୍ତୀ ଷଡଙ୍ଗୀଙ୍କ ଉଦ୍ଦେଶ୍ୟରେ ମାନପତ୍ର ପଠନ କରିଥିବାବେଳେ ସଂଗ୍ରାମ ସାମଲ ଓ ସୁକାନ୍ତ କୁମାର ନନ୍ଦ ଭଞ୍ଜ ସମ୍ମାନରେ ସମ୍ମାନିତ ଡକ୍ଟର କୃଷ୍ଣ କେଶବ ଷଡଙ୍ଗୀ ଓ ମାହାଙ୍ଗା ଶ୍ରେଷ୍ଠ ସମାଜସେବୀ ସମ୍ମାନରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାହୁଙ୍କ ଉଦ୍ଦେଶ୍ୟରେ ମାନପତ୍ର ପଠନ କରିଥିଲେ । ସଂସଦର ସାଧାଣର ସଂପାଦକ ନଳିନୀ କାନ୍ତ ନାୟକ ବାର୍ଷିକ ବିବରଣ ପାଠ କରିଥିଲେ । ସଂସଦର ନବ ନିର୍ବାଚିତ ସଭାପତି ଅରକ୍ଷିତ ପ୍ରଧାନ ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ପଣ୍ଡିତ ପ୍ରଭାତ କୁମାର କର ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଶେଷରେ ସଂସଦର ଉପସଭାପତି କ୍ଷୀରୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ମହୋତ୍ସବରେ ଡଃ ଏକାଦଶୀ ପ୍ରଧାନ ,ମହେଶ୍ୱର ସ୍ୱାଇଁ,ରାଜକିଶୋର ଜେନା,ଯୁବନେତା ସୌକତ ଅଲି ପ୍ରମୁଖ କବିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଉକ୍ତ ଉତ୍ସବକୁ ଶିକ୍ଷାବିତ ପ୍ରଦ୍ୟୁମ୍ନ ବାରିକ,ସମାଜସେବୀ ଶ୍ୟାମସୁନ୍ଦର ସ୍ୱାଇଁ,ସେକ କଲ୍ଲିମୁଲ୍ଲା ଆଜାଦ,ମାନସ ରଞ୍ଜନ ଦାସ,ସୁଶୀଲ କୁମାର ପଣ୍ଡା,କୈବଲ୍ୟ ମହାନ୍ତି,ପ୍ରତାପ ନାୟକ,କୁଶାସନ ମଲିକ,ଭ୍ରମରବର ଦାସ,ଦୀପକ ନାୟକ,ହାଡିବନ୍ଧୁ ସାହୁ ,ଧରଣୀଧର ସାହୁ ,ରତ୍ନାକର ସାହୁ ,ରମେଶ ସାହୁ ,ନରହରି ବେହେରା,ରବି ନାରାୟଣ ସାହୁ ,ବଳରାମ ସ୍ୱାଇଁ,ପୁର୍ଣ୍ଣଚନ୍ଦ୍ର ସେଠୀ ,ସେକ ଜାବୀର ପ୍ରମୁଖ ଉପସ୍ଥିତ ରହି ସହଯୋଗ ଥିଲେ । ଏହି ଅବସରରେ ଆନନ୍ଦ ଡ୍ୟାନ୍ସ ଗ୍ରୁପ ଗୌଡଗୋପ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା ।

## ଶିଆଳି ନିକଟରେ ସମୁଦ୍ରରେ ବୁଡି ଯୁବକ ମୃତ

ଜଗତସିଂହପୁର, (ସବ୍ୟୁ) :ଏରସମା ବ୍ଲକ ଶିଆଳି ବେଳାଭୂମିରେ ଅଘଟଣ । ସମୁଦ୍ରରେ ଗାଧୋଉଥିବା ବେଳେ ଭାସିଯାଇ ଜଣେ ପର୍ଯ୍ୟଟକ ମୃତ୍ୟୁ ହୋଇଥିବା ବେଳେ ୮ ଜଣ ପର୍ଯ୍ୟଟକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ । ମୃତ ପର୍ଯ୍ୟଟକ ଜଣକ ବାଲିକୁଦା ଥାନା ରମ୍ଭିଲା ଗାଁର ବାବୁ ପରିଜାଙ୍କ ପୁଅ ଦୀପ୍ତି ରଂଜନ ପରିଜା ଓରଫ ବବୁଲ ପରିଜା । ରଜ ସଂକ୍ରାନ୍ତି ଅବସରରେ ବବୁଲ ସେହି ଗାଁର ୮ଜଣ ସାଙ୍ଗ ମାନଙ୍କ ସହିତ ଶିଆଳି ସମୁଦ୍ର ବେଳାଭୂମି ବୁଲିବାକୁ ଯାଇଥିଲେ। ସମୁଦ୍ରରେ ଗାଧୋଉଥିବା ବେଳେ ଏକ ବଡ଼ ଲହଡିରେ ସେମାନଙ୍କୁ ଭସାଇ ନେଇଥିଲା । ସେମାନଙ୍କ ମଧ୍ୟରୁ ବବୁଲ ଅସାଧାନତା ଯୋଗୁ ଭାସି ଯାଇଥିଲେ। ସମୁଦ୍ର ଜୁଆରିଆ ଥିବା ବେଳେ ବର୍ଷା ଓ ଲଘୁଚାପ ଯୋଗୁଁ ସମୁଦ୍ର ଅଶାନ୍ତ ରହିଥିଲା । ଏହି ଅଶାନ୍ତ ସମୁଦ୍ରରେ ଯୁବକ ମାନେ ଗାଧୋଉଥିବା ବେଳେ ବଡ଼ ଲହଡିରେ ସମସ୍ତ ଯୁବକଙ୍କୁ ଭସାଇ ନେଇଥିଲା । ଯୁବକମାନେ ଅଧିକ ପାଣିରେ ଥିବା ଦେଖି ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିଥିଲେ ବବୁଲ ବହୁ ଭିତରକୁ ପାଣିରେ ଭାସି ଯାଇଥିଲେ । ଫଳରେ ବବୁଲଙ୍କ ଉଦ୍ଧାର କରିବା ସମ୍ଭବ ହୋଇ ନଥିଲା । ସମୁଦ୍ର ପାଣିରେ ବବୁଲ ବୁଡି ଯାଇଥିବା ଲେ ବହୁ ସମୟ ପର୍ଯ୍ୟନ୍ତ ବବୁଲଙ୍କ କୌଣସି ପତ୍ତା ମିଳି ନଥିଲା । ପରେ ଗାଧୋଉଥିବା ସ୍ଥଳରୁ କିଛି ଦୂରରେ ସମୁଦ୍ର ଜୁଆରରେ ବବୁଲଙ୍କ ଶରୀର କୂଳରେ ଭାସି ଲାଗିଥିଲା । ସ୍ଥାନୀୟ ଲୋକେ ବବୁଲଙ୍କୁ ପାଣିରୁ ଛାଣି ଉପରକୁ ଆଣିଥିଲେ ହେଁ ବବୁଲଙ୍କ ମୃତ୍ୟୁ ହୋଇଥିଲା ବୋଲି ସ୍ଥାନୀୟ ଲୋକେ କହିଥିଲେ । ଶିଆଳି ବେଳାଭୂମିରେ



କୌଣସି ଲାଇଫ ଗାର୍ଡର ବ୍ୟବସ୍ଥା ନଥିବାରୁ ବହୁ ସମୟରେ ଏଭଳି ଅଘଟଣ ଘଟୁଥିବା ଜଣାଯାଇଛି । ଏହା ସହିତ ପୋଲିସ ପେଟ୍ରୋଲିଂର ବ୍ୟବସ୍ଥା ମଧ ନଥିବାରୁ ଶିଆଳି ବେଳାଭୂମି ଅସୁରକ୍ଷିତ ହୋଇ ପଡିଛି ।ଏହି ବେଳାଭୂମିକୁ ଦୈନିକ ବହୁ ପର୍ଯ୍ୟଟକ ଆସୁଥିବାରୁ ତୁରନ୍ତ ପୋଲିସ ବ୍ୟବସ୍ଥା କରିବା ସହିତ ଲାଇଫ ଗାର୍ଡ ନିୟୋଜିତ କରିବା ପାଇଁ ସ୍ଥାନୀୟ ଲୋକେ ଦାବୀ କରିଛନ୍ତି ।

## ବଜ୍ରାଘାତ : ଜଣେ ଶ୍ରମିକ ମୃତ, ଅନ୍ୟ ଜଣେ ଗୁରୁତର

ମହାକାଳପଡ଼ା ,(ସବ୍ୟୁ) :ବନ୍ଦର ନଗରୀ ପାରାଦ୍ୱୀପରୁ କାମ ସାରି ଶ୍ରମିକ ଗଣପର୍ବ 'ରଜ' ଉପଲକ୍ଷେ ଘରକୁ ଫେରୁଥିଲେ । ଚଉମୁହାଣି ଫେରିଘାଟ ପାରାଦ୍ୱୀପ ପଟୁ ବରକନ୍ଧା ପାରିଠୁ ଅଳ୍ପ କେତେ ମିଟର ଦୂରରେ ଥିବାବେଳେ ଝଡ଼ ତୋଫାନ ମାଡିଆସିଥିଲା । ଶ୍ରମିକ ପ୍ରଶାନ୍ତ ଦାସ ଓ ସାଥି ଦୁଷ୍ମନ୍ତ ରାଉତ ବଜ୍ରାଘାତର ଶୀକାର ହୋଇଥିଲେ । ସ୍ଥାନୀୟ ଲୋକେ ଉଭୟ ଙ୍କୁ ମହାକାଳପଡ଼ା ଡାକ୍ତରଖାନା ଆଣିବା ପରେ ପ୍ରଶାନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିବା ସହିତ ଗୁରୁତର ଦୁଷ୍ମନ୍ତ ଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରିଥିଲେ । ପରବର୍ତ୍ତୀ ସମୟରେ ମୃତକଙ୍କ ଶବ ବ୍ୟବଛେଦ ପାଇଁ ପଠାଯାଇଥିବା ବେଳେ ଗୁରୁତର ଦୁଷ୍ମନ୍ତ କଟକରେ ଚିକିତ୍ସାଧୀନ ଥିବାର ଜଣାପଡିଛି । ମୃତ ଶ୍ରମିକ ଙ୍କ ଘର ଷାଠିଏ ବାଟି ହୋଇଥିବା ବେଳେ ଗୁରୁତର ସାଥି ଶ୍ରମିକଙ୍କ ଘର କୁମାରପଡା ବୋଲି ଜଣାପଡିଛି । ମୃତ ଓ ଗୁରତର ଶ୍ରମିକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ କାର୍ଯ୍ୟାଳୟ ପରିସରରେ ରଜପର୍ବ



ପାରାଦିପ, (ଜିପ୍ର) : ପାରାଦିପ ମଧୁବନ ସ୍ଥିତ ଜେଏସ୍‌ଡବ୍ଲ୍ୟୁ କାର୍ଯ୍ୟାଳୟ ପରିସରରେ ପାରମ୍ପରିକ ରଜପର୍ବ ପାଳିତ ହେଇଯାଇଛି । ତିନିଦିନ ଧରି ଏହି ରଜପର୍ବକୁ କମ୍ପାନୀର ମହିଳା କର୍ମଚାରୀ ମାନେ ଅତି ଆନନ୍ଦ ଉଲାସ ସହକାରେ ପାଳନ କରିଥିଲେ । ପହିଲି ରଜରେ ମଧୁବନ ସ୍ଥିତ ଅଫିସ କାର୍ଯ୍ୟାଳୟ ପରିସରରେ ଝିଅମାନଙ୍କ ମଧରେ ଅନ୍ତାକ୍ଷରୀ, ଅଳତା ଲଗେଇବା, ଓ ରଜ ପାନ ଭାଙ୍ଗିବା ଓ ରଜ କୁଇନ ପ୍ରତିଯୋଗିତା କରାଯାଇଥିଲା । ଏଥିରେ ଝାନସୀ ମଲ୍ଲ ରଜ କୁଇନ ଭାବେ ପ୍ରଥମ ସ୍ଥାନ ଅଧିକାର କରିଥିଲା ବେଳେ ନମିତା ନାୟକ ଅଳତା ଲଗା ପ୍ରତିଯୋଗିତାରେ ପ୍ରଥମ ହୋଇଥିଲେ । ଏହି କୃତୀ ପ୍ରତିଯୋଗୀ ମାନଙ୍କୁ ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ସମସ୍ତେ ହସ ଖୁସିରେ ଦୋଳିରେ ଝୁଲିବା ସହିତ ଲୁଡୁ ଓ ଅନ୍ତାକ୍ଷରୀ ପ୍ରତିଯୋଗିତା କରିଥିଲେ । ପରେ ଓଡ଼ିଆ ପରମ୍ପରା ଅନୁସାରେ ପୋଡ଼ ପିଠା ଖାଇବାର ସ୍ୱାଦ ନେଇଥିଲେ । ଶେଷରେ ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ଏକ ସୁସ୍ୱାଦୁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା । ଉତ୍ସବରେ ସ୍ଥାନୀୟ କାର୍ଯ୍ୟାଳୟର ବିଭିନ୍ନ ବିଭାଗର ମୁଖ୍ୟ ଓ ଅନ୍ୟ ସମସ୍ତ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ପାଲଟପୁରରେ ହଇଜା ରୋକିବାକୁ ଜୋରଦାର ଉଦ୍ୟମ

ଦଶରଥପୁର,(ସବ୍ୟୁ) : ଦଶରଥପୁର ବ୍ଲକ ଅଞ୍ଚଳରେ ଧୀରେ ଧୀରେ ଡାଇରିଆ ସ୍ଥିତି ବଢିବାରେ ଲାଗିଛି । ଯାଜପୁର ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଂଗୃହିତ ନମୁନାରେ କଲେରା ବା ହଇଜା ଭୁତାଣୁ ବାହାରିବା ପରେ ଏହାକୁ ନେଇ ଦାଶରଥପୁର ବ୍ଲକରେ ଭୟର ବାତାବରଣ ଦେଖାଦେଇଛି । ଆଜି ପୂର୍ବାହ୍ନ ସମୟରେ ଏହି ବ୍ଲକର ପାଲଟପୁର ପଞ୍ଚାୟତର ନୀଳକଣ୍ଠପୁର, ମୁରାଲୀପୁର, ବିନ୍ଧାନନ୍ଦିପୁର, ପାଲଟପୁର,ସାଠିବାଟି ଗ୍ରାମର ପୋଖରୀ ଗୁଡି କୁ ଜନସାଧାରଣ ବ୍ୟବହାର ନ କରିବାକୁ ପ୍ରଶାସନ ପକ୍ଷରୁ ନାଲି ପତାକା ପୋତାଯାଇ ସିଲ୍ କରାଯାଇଛି । କୌଣସି ବ୍ୟକ୍ତି ଏହି ପାଣିକୁ ବ୍ୟବହାର ନକରିବା ପାଇଁ ପରାମର୍ଶ ଦିଆଯାଇଛି । ଗୁପ୍ ଚୁପ୍, ଦହିବରା, ବାରମଜା, ଗ୍ରାମରେ ଭୋଜି ଭାତକୁ ପ୍ରଶାସନ ବନ୍ଦ କରିଛି । ସେହିପରି ମଙ୍ଗଳପୁର ମେଡିକାଲ ତରଫରୁ ଓଆରଏସ୍, ହାଲୋଜିନ୍ ବଟିକା, ଜିଙ୍କ୍ ବଟିକା ବଣ୍ଟନ କରାଯାଇଛି । ପଞ୍ଚାୟତରେ ଥିବା ସରକାରୀ ନଳକୂପ ଗୁଡିକୁ ବ୍ଲିଚିଙ୍ଗ୍ କରାଯାଉଛି, ମାତ୍ର ଘରୋଇ ନଳକୂପ ଗୁଡିକ ବ୍ଲିଚିଙ୍ଗ୍ କରିବାକୁ ସାଧାରଣରେ ଦାବୀ ହେଉଛି । ସ୍ଥାନୀୟ ସରପଞ୍ଚ ଲିପିକା ମଲ୍ଲିକ, ସହ ସି ଏଚଓ ଜିନା ମଲ୍ଲିକ, ସରୋଜ ନାଥ, ଆର୍ ଆଇ ମିନତୀ ସେଠି, ପଞ୍ଚାୟତ କନିଷ୍ଠ ଯନ୍ତ୍ରୀ ସବିତା ନାୟକ, ପିଇଓ ସଂଜ୍ଞି କର, ଯୁବ ନେତା ଚନ୍ଦ୍ରଶେଖର ସାହୁ, ସୌମ୍ୟ ରଞ୍ଜନ ବେହେରା, ବିଜୟ ବେହେରା, ଗ୍ରାମର ୱାଡ଼ ମେମ୍ବର ଏବଂ ଗ୍ରାମବାସୀ ଉପସ୍ଥିତ ରହି ସଚେତନତା କରାଇଥିଲେ ।

## ବାଲିସାହିରେ ରାମକଥା, ଗାଥା ଓ ଅଭିନୟ ଉତ୍ସବ

ଡେରାବିଶ,(ସବ୍ୟୁ) :ଡେରାବିଶ ବ୍ଲକ ଇନ୍ଦାଲୋ ପଂଚାୟତ ଅନ୍ତର୍ଗତ ବାଲିସାହି ଗ୍ରାମରେ ଦୀର୍ଘ ୪୬ ବର୍ଷ ଧରି ପବିତ୍ର ରଜ ଅବସରରେ ଅନୁଷ୍ଠିତ ହୋଇଆସୁଥିବା ରାମକଥା, ଗାଥା ଓ ଅଭିନୟ ଉତ୍ସବ ଶନିବାର ଠାରୁ ଆରମ୍ଭ ହୋଇଯାଇଛି । ଦୀର୍ଘ ୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ ରାମାୟଣର ଗାଥା ଅଭିନୟ କରାଯାଇଥାଏ । ଦର୍ଶକମାନଙ୍କ ସୁବିଧା ପାଇଁ ପ୍ରତ୍ୟେହ ସନ୍ଧ୍ୟା ୭ଟାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ରାତ୍ର ୧୧ ଟା ପର୍ଯ୍ୟନ୍ତ ଚାଲିଥାଏ । ଏହି କାର୍ଯ୍ୟକ୍ରମରେ ପ୍ରଦୀପ୍ତ କୁମାର ପଣ୍ଡା ବଚନିକା ପାଠ କରୁଥିବା ବେଳେ ବାଦ୍ୟଯନ୍ତ୍ରରେ ମହେଶ ଜେନା, ମଙ୍ଗୁଳି କାଣ୍ଡି, ବ୍ରଜ କାଣ୍ଡି, ମଧୁ କାଣ୍ଡି, ବିଷ୍ଣୁ ଚରଣ ପଣ୍ଡା, ତପନ କାଣ୍ଡି ପ୍ରମୁଖ ସହଯୋଗ କରିଥିଲେ । ରାମାୟଣର ବିଭିନ୍ନ ଚରିତ୍ରରେ ଗୋଲଖ ଚନ୍ଦ୍ର ପ୍ରଧାନ, ଦୁର୍ଗା ପ୍ରସାଦ କାଣ୍ଡି, ପ୍ରତାପ କୁମାର କାଣ୍ଡି, କେଶବ କାଣ୍ଡି, ମାନସ କୁମାର ଜେନା, ରକେଶ ସେଠୀ, ରବିନ୍ଦ୍ର କାଣ୍ଡି, ଶଭପ୍ରକାଶ ପଣ୍ଡା, ତାପସ କାଣ୍ଡି, ରାଜେଶ କାଣ୍ଡି, ଜ୍ୟୋତିରଞ୍ଜନ ଜେନା, ଶୁଭଦର୍ଶନ ସେଠୀ, କାର୍ତିକ କାଣ୍ଡି, ରତିକାନ୍ତ ଜେନା, ସୁମନ ମଲିକ, ନିରଞ୍ଜକ କାଣ୍ଡି, ଜିତେନ୍ଦ୍ର କାଣ୍ଡି, ରଶ୍ମିକାନ୍ତ ଜେନା, ଉମାକାନ୍ତ କାଣ୍ଡି, ବାଦଲ ଦାସ, ସୁରେଶ ଜେନା ପ୍ରମୁଖ ଅଭିନୟ କରୁଥିବା କର୍ମକର୍ତାମାନେ ଜଣାଇଛନ୍ତି ।

## ଶ୍ରୀବନ୍ତପୁରରେ ରାମ ରାଜା ପୂଜା ପାଳିତ


କୁଆଖିଆ,(ସବ୍ୟୁ) :ରସୁଲପୁର ବ୍ଲକ ଅନର୍ଗତ ଶ୍ରୀବନ୍ତପୁରରେ ୱାର୍ଡ ନଂ ୩ ରେ ବହୁ ପ୍ରାଚୀନ ରାମ ରାଜା ପୂଜା ପାଳିତ ହେଉଅଛି । ଜୋକଡ଼ିଆ ପ୍ରାଥମିକ ମତ୍ୟ ଯିବି ସମବାୟ ସମିତି ଓ ୱାର୍ଡ ନଂ ୩ ସହଯୋଗରେ ଏହି ପୂଜା ୭୫ ବର୍ଷ ହେବ ପାଳିତ ହେଉଛି । ସଭାପତି ବି ମୂର୍ତ୍ତି, ସମ୍ପାଦକ ବି ଶ୍ରୀନିବାସ ରାଓ, କର୍ମକର୍ତା ଶୁକଦେବ ରାଉତ, ଏଲ ପାକୁ, ଶତ୍ରୁଘ୍ନ ବିଶ୍ୱାଳ, ବି କ୍ରିଷ୍ଣା ରାଓ, ନିର୍ମଳ ରାଉତ, ଓ ଗ୍ରାମବାସୀ ମିଶି ପୂଜା ପାଳନ କରୁଛନ୍ତି । ସେହିପରି ରାଉତ ସାହି ରେ ଶହେ ବର୍ଷ ହେବ ରାମ ରାଜା ପୂଜା ପାଳିତ ହେଉଛି । ସନ୍ତୋଷ ଜେନା ଓ ଗ୍ରାମବାସୀ ମିଶି ରାମ ରାଜା ପୂଜା ବେଶ ଯାକ ଜମକ ରେ ପାଳୁଛନ୍ତି । କଚେରୀ ସାହି ରେ ରାମ ଚନ୍ଦ୍ର ସାହୁ, ହରେକୃଷ୍ଣ ପ୍ରତିହାରୀ, କୈଳାଶ ରାଉତ, ଗଜେନ୍ଦ୍ର ସାହୁ, ଘନଶ୍ୟାମ ଦାଶ, ସତ୍ୟାନନ୍ଦ ରାଉତ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଭଗତ ଭଗବାନ ଭଣ୍ଡାରୀପଡା ରେ ୩୦ ବର୍ଷ ହେବ ପୂଜା ପାଳିତ ହେଉଛି ।

## ସଞ୍ଜୁ ଡ୍ୟାନ୍ସ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ

ଯାଜପୁର, (ସବ୍ୟୁ) : ସଞ୍ଜୁ ଡ୍ୟାନ୍ସ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ବିଜୁ କଲ୍ୟାଣମଣ୍ଡପ, ମଙ୍ଗଳପୁର ଠାରେ ଅନୁଷ୍ଠିତ ହୋଇଛି। ରଜପର୍ବ ଥିବାରୁ ଏକ ନାଚ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୁନି କୁନି ପିଲାଙ୍କ ଠାରୁ ବଡ ପିଲାମାନେ ଭଗନେଇଥିଲେ। ଜଜ - ଅଞ୍ଜଳି ପାତ୍ର, ଶଶିକାନ୍ତ ନାୟକ, ସଞ୍ଜୟ ଦାଶଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯାଇ କୁନି ପିଲାମାନଙ୍କ ବର୍ଗ ଏବଂ ବଡ ପିଲାମାନଙ୍କ ବର୍ଗରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନରେ ଅଧିକାର ଚୟନ କରାଯାଇ ସେମାଙ୍କୁ ପୁରସ୍କୃତ କରାଯାଇଥିଲା। କୁନିକୁନି ପିଲାମାନେ ଓଡ଼ିଶୀ, ଭଜନ, ଆଧୁନିକ ଗୀତରେ ସେମାନଙ୍କର ଚମତ୍କାର ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ଜଣାଶୁଣା କଳାକାର ଗୌରାଙ୍ଗ ବାରିକ (ଯାହାଙ୍କୁ ଆମେ ଡୁପ୍ଲିକେଟ ରାଇମୋହନ) ଭାବେ ଜାଣିଛୁ ଏବଂ ୟୁଟୁବର ଦୀପାଞ୍ଜଳି ପଣ୍ଡା ତାଙ୍କ ପରିବାର ସହିତ ଯୋଗ ଦେଇଥିଲେ। କ୍ଲାସିକାଲଡ୍ୟାନ୍ସ ବଡ ପିଲାଙ୍କ ମଧ୍ୟରୁ ପ୍ରଥମ ସ୍ଥାନ- ସ୍ୱାଧୀନ ମହାଲିକ, ଦ୍ୱିତୀୟ ସ୍ଥାନ - ଲିପ୍ସିତା ବିଶ୍ୱାଳ ତୃତୀୟ ସ୍ଥାନ - ସାଗର ମହାଲିକ ଏବଂ ମଡ଼ର୍ନ ଡ୍ୟାନ୍ସ ରୁ ପ୍ରଥମ ସ୍ଥାନ - ଶ୍ରେୟା ବେହେରା, ଦ୍ୱିତୀୟ ସ୍ଥାନ - ନିବେଦିତା ପଣ୍ଡା, ତୃତୀୟ ସ୍ଥାନ - ନନ୍ଦିନୀ ମଲିକ ଅଧିକାର କରିଛନ୍ତି। ଜୁନିୟର ପିଲାଙ୍କ ମଧ୍ୟରୁ କ୍ଲାସିକାଲ ଡ୍ୟାନ୍ସରୁ ଦୀପିସା ସୁତାର ପ୍ରଥମ ଏବଂ ମଡ଼ର୍ନ ଡ୍ୟାନ୍ସରୁ ପ୍ରକୃତି ପାଢ଼ୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।



# କଳାବ୍ୟାଚ ପିନ୍ଧି ଖଣ୍ଡପଡା ବନକର୍ମଚାରୀଙ୍କ ଧାରଣା



ଖଣ୍ଡପଡା, (ସବ୍ୟୁ) :ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବନାଞ୍ଚଳ ଅଧୀନରେ କାର୍ଯ୍ୟରତ ବନରକ୍ଷୀ ପ୍ରହଲ୍ଲାଦ ପ୍ରଧାନଙ୍କୁ ନିର୍ମମ ଭାବେ ହତ୍ୟା କରାଯିବ ଘଟଣାକୁ ନେଇ ରାଜ୍ୟ ବନକର୍ମଚାରୀ ସଂଘ ପକ୍ଷରୁ ସରକାରଙ୍କ ନିକଟରେ ତିନି ଗୋଟି ଦାବି ପୂରଣ ନେଇ ଏକ ସ୍ମାରକପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରଯାଇଥିଲା ।ମାତ୍ର ରାଜ୍ୟ ସରକାର ଦାବି ଗୁଡିକ ପୂରଣ କରିବା ଦିଗରେ ଆଦୌ ଧ୍ୟାନ ଦେଉନଥିବାରୁ ଏହାର ପ୍ରତିବାଦରେ ରାଜ୍ୟ ସଂଘର ନିଷ୍ପତିକ୍ରମେ ବିଭିନ୍ନ ଦାବି ପୂରଣ ନେଇ ଖଣ୍ଡପଡା ବନାଞ୍ଚଳ ଅଧୀନରେ କାର୍ଯ୍ୟରତ ବନପାଳ ଓ କ୍ଷେତ୍ର କର୍ମଚାରୀମାନେ ରବିବାର ଠାରୁ କଳା ବ୍ୟାଚ ପରିଧାନ କରି ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରିଥିବା ଜଣାପଡିଛି । ଖଣ୍ଡପଡା ବନାଞ୍ଚଳ ଅଧିକାରୀଙ୍କ କର୍ଯ୍ୟାଳୟ ପରିସରରେ କର୍ମଚାରୀମାନେ ଆସନ୍ତା ୨୧ତାରିଖ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବେ ଏଭଳି ପ୍ରତିବାଦ କରିବେ ବୋଲି ଜଣାପଡିଛି । ରାଜ୍ୟ ସରକାର ଦାବି ଗୁଡିକ ପୂରଣ ଦିଗରେ ଧ୍ୟାନ ନଦେଲେ ଆସନ୍ତା ୨୨ ତାରିଖରୁ କର୍ମଚାରୀମାନେ ଦାବି ପୂରଣ ହେବା ପର୍ଯ୍ୟନ୍ତ ସମୂହ ଛୁଟିରେ ରହି ଅନଶନ କରିବାକୁ ବାଧ ହେବେ ବୋଲି ସଂଘ ନିଷ୍ପତି ନେଇଥିବା ଜଣାପଡିଛି । ବନ କର୍ମଚାରୀଙ୍କ ବିଭିନ୍ନ ଦାବି ମଧ୍ୟରେ ଶିକାରୀ ଗୁଳିରେ ମୃତ କର୍ମଚାରୀଙ୍କ ପରିବାରକୁ ଏକ କୋଟି ଟଙ୍କା ସହାୟତା ରାଶି ପ୍ରଦାନ କରିବା, ରାଜ୍ୟ ସରକାର ବନ କର୍ମଚାରୀମାନଙ୍କୁ ସୁରକ୍ଷା ପ୍ରଦାନ ନିମନ୍ତେ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରିବା ସହ ଫରେଷ୍ଟ କମିଶନ ଗଠନ ପରି ଅନ୍ୟାନ୍ୟ ଦାବୀ ଗୁଡିକ ପୂରଣ ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଦାବି ଉପସ୍ଥାପନ କରାଯାଇଛି।

## ଚଉଦମାଣ ଗ୍ରାମରେ ରଜ ମହୋତ୍ସବ

# ରଜପାନ, ପୋଡପିଠା ଖାଇଲେ ବାଚସ୍ପତି



ପିପିଲି,(ସବ୍ୟୁ) : ଅଗ୍ରଣୀ ନାଗରିକ ସଂଗଠନ ପିପିଲି ସାଂସ୍କୃତିକ ପରିଷଦ ପକ୍ଷରୁ ନୂଆଶାସନ ପଞ୍ଚାୟତର ଚଉଦମାଣ ଗ୍ରାମସ୍ଥିତ ମେଳଣ ପଡିଆ ଠାରେ ଶନିବାର ଆୟୋଜିତ ରଜ ମହୋତ୍ସବ-୨୦୨୫ରେ ମୁଖ୍ୟଅତିଥି ଭାବେ ବିଧାନସଭା ବାଚସ୍ପତି ସୁରମା ପାଢୀ ଯୋଗଦେଇ ଓଡିଆ ସଂସ୍କୃତିରେ ରଜ ଉତ୍ସବ ପାଳନ ସଂପର୍କରେ ଆଲୋକପାତ କରିଥିଲେ । ମା', ମାତୃଭୂମି ଓ ଧରିତ୍ରୀମାତା ପ୍ରତି ଥିବା ନିଜର କର୍ତ୍ତବ୍ୟକୁ ସବୁବେଳେ ପାଳନ କରିବାକୁ ସମସ୍ତଙ୍କୁ ପରାମର୍ଶ ଦେବା ସହ ଚଉଦମାଣ ଓ ମହିନିପିଡି ଗ୍ରାମର ସୁନ୍ଦର ପରିବେଶ, ଭାଇଚାରାକୁ ପ୍ରଶଂସା କରିଥିଲେ । ପରିଷଦର ମୁଖ୍ୟ ଉପଦେଷ୍ଟା ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ ନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟବକ୍ତା ଭାବେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ଓଡିଆ କଳା, ସଂସ୍କୃତି, ପରମ୍ପରା ଉପରେ ବକ୍ତବ୍ୟ ରଖିବା ସହ ଅଞ୍ଚଳର ବିକାଶରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଶ୍ରଦ୍ଧାଞ୍ଜଳୀ ଦାସ, ପୂର୍ବତନ ସରପଞ୍ଚ ସୌମ୍ୟକାନ୍ତ ଦାଶ, ଗ୍ରାମ୍ୟ ମୁରବି ପଦ୍ମନାଭ ପ୍ରଧାନ, ବ୍ରଜବନ୍ଧୁ ତୋଷ ପ୍ରମୁଖ ଯୋଗଦେଇଥିଲେ । ପରିଷଦର ମୁଖ୍ୟ ସଂପାଦକ ରମେଶ ଚନ୍ଦ୍ର ମହାପାତ୍ର ବିବରଣୀ ପାଠ କରିଥିବା ବେଳେ ଉପସଭାପତି ଦୀନବନ୍ଧୁ ବେହୁରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ପହଲଗାଓଁ ଆତଙ୍କବାଦୀ ଆକ୍ରମଣ ଓ ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପାଇଁ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ୧୨ଜଣ ପୂର୍ବତନ ସେନା କର୍ମଚାରୀ ଓ ଅଧିକାରୀଙ୍କ ସମେତ କେତେକ ପ୍ରତିଭାଙ୍କୁ ସଂବର୍ଦ୍ଧିତ କରାଯାଇଥିଲା ।ପରିଷଦର ଯୁଗ୍ମ ସଂପାଦକ ଶିକ୍ଷାବିତ ହେମନ୍ତ କୁମାର ପ୍ରଧାନ ସଭାକାର୍ଯ୍ୟ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ପଲ୍ଲବୀ ନୃତ୍ୟ ଗବେଷଣା କେନ୍ଦ୍ର ଓ ପ୍ରାଚୀ ସଙ୍ଗୀତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମ ପୂର୍ବରୁ ବାଚସ୍ପତି ଚଉଦମାଣ ଓ ମହିନିପିଡି ଗ୍ରାମକୁ ପରିଦର୍ଶନରେ ଯିବାସହ ସେଠାରେ ଯୁବତୀମାନଙ୍କ ଦ୍ୱାରା ଗ୍ରାମଦାଣ୍ଡରେ ପକାଯାଇଥିବା ଝୋଟି, ଚିତାକୁ ଦେଖି ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ । ସେଠାରେ ରଜପାନ ଓ ପୋଡପିଠା ଖାଇବା ସହ ସେ ରଜଦୋଳି ଖେଳିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ପରିଷଦର ସଂଞ୍ଜୟ କୁମାର ମହାନ୍ତି, ସମ୍ବିତ ମହାନ୍ତି, ଜଗଦିଶ ସାହୁ, ଅନ୍ତର୍ଯ୍ୟାମୀ ମହାପାତ୍ର, ମନୋରମା ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

# ପାରିଶ୍ରମିକ ପାଇବାରେ ବିଳମ୍ବ : ଧର୍ମଘଟରେ ସଫେଇ କର୍ମଚାରୀ

ନିମାପଡା,(ସବ୍ୟୁ) :ନିମାପଡା ପୌର ପରିଷଦରେ ରୟାଲ ସୁକ୍ୟୁରିଟି ସଂସ୍ଥା ଦ୍ୱାରା ନିଯୁକ୍ତ ସଫେଇ କର୍ମଚାରୀ ତାଙ୍କ ଦରମା ପାଇବାରେ ବିଳମ୍ବକୁ ନେଇ ଶନିବାର ଦିନ ଧର୍ମଘଟ କରିଛନ୍ତି । ଶନିବାର ସକାଳେ ସଫେଇ କର୍ମଚାରୀ କାମ ବନ୍ଦ କରି ପରିଷଦ କାର୍ଯ୍ୟାଳୟରେ ଧାରଣା ଦେବା ଯୋଗୁଁ ନିମାପଡା ବଜାର ଓ ସାହି ବସ୍ତିରେ କୁଢ କୁଢ ଅଳିଆ ସଫେଇ ହୋଇ ପାରିନଥିଲା । ଉକ୍ତ ସଂସ୍ଥା ମାଧ୍ୟମରେ ନିମାପଡା ପରିଷଦରେ ୩୭ ଜଣ ପୁରୁଷ ଓ ମହିଳା ଙ୍କୁ ସଫେଇ କର୍ମଚାରୀ ଭାବେ ନିଯୁକ୍ତି ମିଳିଛି । ବଡ ଆଶ୍ଚର୍ଯ୍ୟର କଥା ହେଲା ଚାକିରୀ କରିଥିବା ବେଳେ ସଫେଇ କର୍ମଚାରୀ ମାନେ ସେମାନଙ୍କ ନିଯୁକ୍ତି ଦାତାଙ୍କୁ ଜାଣିନାହାନ୍ତି । ପରିଷଦ ମାଧ୍ୟମରେ ସେମାନେ ମାସକୁ ମାସ ପ୍ରାପ୍ୟ ନେବାକୁ ଚୁକ୍ତି ହୋଇଛି । କିନ୍ତୁ ସଫେଇ କର୍ମଚାରୀ ମାନେ ନିୟମିତ ସେମାନଙ୍କ ପ୍ରାପ୍ୟ ପାଉନଥିବା ଅଭିଯୋଗ କରିଛନ୍ତି । ଆଜି ରଜ ଆରମ୍ଭ ହେଉଥିବା ବେଳେ ସେମାନେ ଦରମା ପାଇନଥିବାରୁ ଉତ୍ସବ କେମିତି ମନାଇବେ ସେ ନେଇ ଚିନ୍ତାରେ ପଡିଯାଇଛନ୍ତି । ପ୍ରତି ମାସର ପ୍ରଥମ ସପ୍ତାହରେ ଦରମା ଦେବାର ବ୍ୟବସ୍ଥା ଥିବା ବେଳେ ଜୁନ ମାସ ୧୪ ତାରିଖ ହେଲାଣି କିନ୍ତୁ ସେମାନଙ୍କ ପ୍ରାପ୍ୟ ମିଳିପାରିନାହିଁ । ସଫେଇ କର୍ମଚାରୀ ମାନେ ପରିଷଦ କାର୍ଯ୍ୟାଳୟରେ ପ୍ରାପ୍ୟ ପାଇବା ନେଇ ଧର୍ମଘଟ କରି ବସି ରହିବା ଯୋଗୁଁ ସଫେଇ କାର୍ଯ୍ୟ ବ୍ୟାହତ ହୋଇଥିଲା । ପରିଷଦ ଉପାଧ୍ୟକ୍ଷ ସନ୍ତୋଷ ଦାଶ ଏବଂ ପରିମଳ ଅଧିକାରୀ ବିଜୟ ଗ୍ରହଚାର୍ଯ୍ୟ ଧାରଣାରତ ସଫେଇ କର୍ମଚାରୀଙ୍କ ସହିତ ଆଲୋଚନା କରି ଆଜି ମଧ୍ୟାହ୍ନ ସୁଦ୍ଧା ୫ ହଜାର ଟଙ୍କା ଏବଂ ଅବଶିଷ୍ଟ ଆସନ୍ତା ମଙ୍ଗଳବାର ସୁଦ୍ଧା ଦିଆଯିବ ବୋଲି ପ୍ରତିଶୃତୀ ଦେବା ପରେ ସେମାନେ ଧର୍ମଘଟରୁ ଓହରିଥିଲେ ।

# ଭଗବତୀ ପୀଠରେ ୪ଦିନିଆ ରଜ ଉତ୍ସବ ଉଦ୍‌ଘାଟିତ

କୋଣାର୍କ , (ସବ୍ୟୁ) : ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ ପ୍ରସିଦ୍ଧ ଦେବୀ ମା ଭାଗବତି ପୀଠରେ ଅଗ୍ରଣୀ ସାମାଜିକ ସଂଗଠନ ଅର୍କଶ୍ରୀ ଆନୁକୁଲ୍ୟରେ ୨୫ତମ ରଜ ଉତ୍ସବ ଉଦଘାଟିତ ହୋଇଯାଇଛି। ଅର୍କଶ୍ରୀର ସଂପାଦକ ଉମେଶ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ୨୫ତମ ରଜ ଉତ୍ସବକୁ ମୁଖ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ତଥା କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଶୁଭାରମ୍ଭ କରିଥିଲେ। ।ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ କୋଣାର୍କ ଏନଏସି ଅଧକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଶିଶୁ ପତ୍ରିକା ବାନରସେନାର ସଂପାଦକ ତଥା ବରିଷ୍ଠ ଶିକ୍ଷାବିତ ପ୍ରକାଶ ଚନ୍ଦ୍ର ଖଟୋଇ ଓ ଗୋପାଳ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇ କୃଷି ଓ ଗଣ ପର୍ବ ରଜର ମାହାତ୍ମ୍ୟ ଓ ପରମ୍ପରା ବିଷୟରେ ଆଲୋକପାତ କରିଥିଲେ। ରଜ ଉତ୍ସବ ପରିପ୍ରେକ୍ଷୀରେ ସତ୍ୟ ସାଇ ସେବା ସମିତି ପକ୍ଷରୁ ରଜ ପ୍ରେମୀ ମାନଙ୍କୁ ଦହି ସର୍ବତ ବଣ୍ଟନ କରାଯାଇଥିଲା ।ଏହି ଉଦଘାଟନୀ ସମାରୋହରେ ଭଗବତୀ ପୀଠରେ ରଜ ପ୍ରେମୀ ମହିଳା, କୁମାରୀ ଓ କୁମାର ମାନେ ରଜ ଦୋଳିର ମଜା ନେଇଥିଲେଛ ଏହି ପରିପ୍ରେକ୍ଷୀରେ ଚେତନା ଧର୍ମୀ ରଜ ଗୀତ ଓ ସଂସ୍କୃତି ଧର୍ମୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ପ୍ରତାପ କୁମାର ରାଉତ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅର୍କଶ୍ରୀର ବରିଷ୍ଠ ସଦସ୍ୟ ସୁରେଶ ଚନ୍ଦ୍ର ସ୍ୱାଇଁ, ସୁଦର୍ଶନ ମଲ୍ଲିକ, ସବିତା ରଥ, ଗନ୍ଧର୍ବ ସେନାପତି, ପଞ୍ଚାନନ ସ୍ୱାଇଁ ସମେତ ସଂଗଠନର ମହିଳା କର୍ମକର୍ତ୍ତା ମାନେ ପରିଚାଳନା କରିଥିଲେ। ଶେଷରେ ବରିଷ୍ଠ ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ବରିଷ୍ଠ ପୂଜକଙ୍କ ପରଲୋକ

ଖଣ୍ଡପଡା, (ସବ୍ୟୁ) :(ଖଣ୍ଡପଡା ସହର ଗିରିହନୁମାନଙ୍କ ସାହିର ବରିଷ୍ଠ ପୂଜକ ଅଚ୍ୟୁତାନନ୍ଦ ଦାଶ (୯୧)ଙ୍କର ରବିବାର ପରଲୋକ ହୋଇଯାଇଛି । ଦୀର୍ଘ ମାସ ଧରି ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ । ସ୍ୱର୍ଗତ ଦାଶ ଡାକ ବିଭାଗରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରି ଅବସରଗ୍ରହଣ କରିବା ପରେ ପ୍ରଭୁ ଶ୍ରୀ ଗିରିହନୁମାନଙ୍କ ମନ୍ଦିରର ପୂଜକ ଭାବେ ଦାୟିତ୍ୱ ତୁଲାଉଥିଲେ । ସ୍ଥାନୀୟ ମା ଉମାଦେବୀ ମନ୍ଦିର ନିକଟସ୍ଥ ଶ୍ମଶାନ ଘାଟରେ ଆତ୍ମୀୟସ୍ୱଜନଙ୍କ ଉପସ୍ଥିତିରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିଲା । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

# ଫୁଲନଖରାରେ ରଜ ମହୋତ୍ସବ ପାଳନ

ଫୁଲନଖରା,(ସବ୍ୟୁ) : ଓଡ଼ିଶାର ଗଣପର୍ବ ରଜ ମହୋତ୍ସବ ଫୁଲନଖରା ଅଞ୍ଚଳରେ ପାଳିତ ହେଉଛି। ।ଏହି ପର୍ବ ସମାଜର ସବୁ ବର୍ଗ ଜାତି ପାଇଁ ସ୍ନେହ ଶ୍ରଦ୍ଧା ଭାଇଚାରା ମନୋବଳକୁ ବେଶ୍ ସୁଦୃଢ କରୁଛି। ଆମ୍ବତୋଟା ମାନଙ୍କରେ ଝିଅମାନେ ଦୋଳିରେ ମସୁଲ ହେଉଥିବାବେଳେ ଯୁବକମାନେ କବାଡ଼ିଖେଳ, କେହି କେହି ଯୁବକ ତାସ ଖେଳ, ପସା ଖେଳରେ ମଧ୍ୟ ମସ ଗୁଲ୍ ଥିବା ଦେଖିବାକୁ ମିଳୁଛି।ଝିଅ ପିଲାମାନେ ନୂଆ ଡ୍ରେସ୍ ପିନ୍ଧି ପିଠା,ପାନ ବାଣ୍ଟି ମଜା ନେଉଛନ୍ତି। ୩ ଦିନର ରଜ ପାଳନ ପରେ ପରେ ୪ର୍ଥ ଦିନକୁ ବସୁମତୀ ସ୍ନାନ ପାଳନ କରାଯିବ।



## ବୀର ଗୋବିନ୍ଦପୁର

# ମା' ଦକ୍ଷିଣକାଳୀଙ୍କୁ ଦର୍ଶନ କଲେ ଭକ୍ତ



ସାକ୍ଷୀଗୋପାଳ ,(ସବ୍ୟୁ) : ରବିବାର ପବିତ୍ର ରଜ ସଂକ୍ରାନ୍ତି ଅବସରରେ ପୂର୍ବାହ୍ନ ୧୧ଟାରେ କଂଗ୍ରେସ କର୍ମୀଙ୍କ ଗହଣରେ ପିସିସି ସଭାପତି ଭକ୍ତ ଚରଣ ଦାସ ବୀର ଗୋବିନ୍ଦ ପୁରସ୍ଥିତ ମାଆ ଦକ୍ଷିଣକାଳୀଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରି ରାଜ୍ୟ ବାସୀଙ୍କ ମଙ୍ଗଳ କାମନା କରିଥିଲେ। ପୁରୀ ଜିଲ୍ଲା କଂଗ୍ରେସ ସଂଯୋଜକ ଇଂ ରାଜେଶ ମିଶ୍ର , ମନୋଜ ରଥ , ପ୍ରଭାତ ପୁରୀ , କାଳୁ ପାଣି , ପ୍ରଦୀପ୍ତ ସ୍ୱାଇଁ ପ୍ରମୁଖଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଦିବାକର-ବଂଶୀଧର ସ୍ମାରକୀ ପ୍ରଥମ ତାସ ପ୍ରତିଯୋଗିତା

ଆଠଗଡ଼ ,(ସବ୍ୟୁ) :ଆଠଗଡ଼ ଏନଏସି ଅନ୍ତର୍ଗତ ରସରସିକପୁର ଗିରିଗୋବର୍ଦ୍ଧନ ମଣ୍ଡପଠାରେ ଦିବାକର ବାରିକ ଓ ବଂଶୀଧର ଗୋଛାୟତ ପ୍ରଥମ ସ୍ମାରକୀ ଦିନିକିଆ ତାସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ଭୁବନାନନ୍ଦ ଦାସ, ସମାଜସେବୀ ସଦାନନ୍ଦ ପଟ୍ଟନାୟକ ଏହାକୁ ଉଦଘାଟନ କରିଥିଲେ।ଉଭୟ ପରିବାର ମା ରଶବତୀ ବାରିକ ଓ ନଳିନୀ ଗୋଛାୟତ ଉପସ୍ଥିତ ଥଲେ। ଏନଏସି ସହିତ ଆଖ ପାଖ ପଞ୍ଚାୟତରୁ ୧୬ ଟି ତାସ ଟିମ ଭାଗ ନେଇଥିଲେ। ଅନ୍ତିମ ମ୍ୟାଚକୁ ବିରକେଶର ଟିମର ପ୍ରିୟରଞ୍ଜନ ପଣ୍ଡା ସାଥି ବଟକୃଷ୍ଣ ଜେନା ଓ କାନ୍ତୋଲ ଟିମର ଶରତ କୁମାର ଦଳେଇ ସାଥି କାର୍ତିକ ଘଡେଇ ଉତୀର୍ଣ୍ଣ ହୋଇଥିଲେ।ଆଉ ଶେଷରେ ବିଜୟୀ ହୋଇଥିଲେ ।ବିରକେଶରପୁରର ଟିମ ର ପ୍ରିୟରଂଜନ ପଣ୍ଡା ସାଥି ବଟକୃଷ୍ଣ ଜେନା, ବିଜୟୀ ଖେଳାଳି ମାନଙ୍କୁ ଆଠଗଡ଼ ସାମ୍ବାଦିକ ସଂଘର ସଂମ୍ପାଦକ ବିଭୁତି ଭୂଷଣ ଖଟୁଆ, ରାସରଶିକପୁର ସାହି ସମ୍ପାଦକ ଲକ୍ଷୀଧର ସ୍ୱାଇଁ ଓ ଶିଶିର କୁମାର ମାନସିଂ ବିଜୟୀ ଖେଳାଳିଙ୍କୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପ୍ରଦୀପ କୁମାର ବାରିକ, ଜିତୁ ଗୋଛାୟତ, ଦିଲ୍ଲୀପ କୁମାର ବାରିକ ସୁଶୀଲ କୁମାର ମହାରଣା, ବଟକୃଷ୍ଣ ସାହୁ, ପ୍ରମୁଖ ପରିଚାଳନା କରିଥିଲେ।

# ରଜ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

କାକଟପୁର (ସବ୍ୟୁ) : କାକଟପୁର ବ୍ଲକ ବାଜପୁର (କେରେଣ୍ଡିଆପାଳ) ଗ୍ରାମରେ ଚାଲିଥିବା ରଜ ମହୋତ୍ସବର ଦ୍ୱିତୀୟ ସଂଧ୍ୟାରେ ଝିଅ ମାନଙ୍କ ଦ୍ୱାରା କାନ୍ଦଣା ଲହରୀ,ଝୋଟିଚିତା, ରଜପାନ ଭଙ୍ଗା,ରଜର ରାଣୀ, ନୃତ୍ୟ ଓ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ରଜ ମହୋତ୍ସବର ଦ୍ୱିତୀୟ ସଂଧ୍ୟାରେ ଅତିଥି ଭାବେ ବାଜପୁର ଭଗବତୀ ବିଦ୍ୟାପୀଠ ର ଅବସର ପ୍ରାପ୍ତ ଶିକ୍ଷକ ତଥା ବରିଷ୍ଠ ପାଲା ଗାୟକ ପ୍ରଫୁଲ୍ଲ ଚନ୍ଦ୍ର ରାଉତ, ପ୍ରମୋଦ ପୃଷ୍ଟି,ଶିକ୍ଷୟତ୍ରୀ ସଂଯୁକ୍ତା ମାହାରୀ, ସ୍ୱୟଂ ପ୍ରଭା ଗିରି, ଅଧ୍ୟାପକ ସୁରେନ୍ଦ୍ର କୁମାର ମାଣିକ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ସହ ପ୍ରଧାନାଚାର୍ଯ୍ୟା ଜୟନ୍ତୀ ବାଳା ନନ୍ଦ,ତାପସ କୁମାର ଦାସ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର, ପୁରସ୍କାର ବଣ୍ଟନ କରିଥିଲେ । ସୁମନ ସରିତା ମାଣିକ ଉତ୍ସବ କୁ ପରିଚାଳନା କରିଥିଲେ ୯ ଗ୍ରାମ ବାସୀ ମାନଙ୍କ ସହଯୋଗ ରେ ଉତ୍ସବ ଟି ସରସ ସୁନ୍ଦର ହୋଇଥିଲା।

# ପିତୃଦିବସ ପାଳନ

ବୋଲଗଡ଼,(ସବ୍ୟୁ) : ବେଗୁନିଆ ସଦର ମହକୁମାସ୍ଥିତ ଅଗ୍ରଣୀ ସାହିତ୍ୟାନୁଷ୍ଠାନ ଶ୍ୱେତପଦ୍ମା ସାହିତ୍ୟ, ସେବା ସଂସଦ ଆନୁକୂଲ୍ୟରେ ପିତୃ ଦିବସ ସ୍ଥାନୀୟ ଜଗନ୍ନାଥ ସଙ୍ଗିତାୟନ ପରିସରରେ ଅନୁଷ୍ଠିତ ହୋଇଯାଇଛି । କାଶୀନାଥ ପଟ୍ଟନାୟକଙ୍କ ସଂଯୋଜନାରେ ଆରମ୍ଭ ହୋଇଥିବା ପିତୃ ପୂଜନ ଉତ୍ସବରେ ଅନୁଷ୍ଠାନର ସଭାପତି ଭାଗୀରଥି ପରିଡ଼ା ସଭାପତିତ୍ୱ କରିଥିଲେ।ଏଥିରେ ମୁଖ୍ୟ ଅତିଥି ଭାବେ ରାମଚନ୍ଦ୍ର ସାହୁ, ମୁଖ୍ୟ ବକ୍ତା ଭାବରେ ସତ୍ୟବାଦୀ ସାହୁ ଯୋଗଦାନ କରି ଆଗାମୀ ଜୀବନରେ ଭଲ ମଣିଷ ହେବାକୁ ହେଲେ ପିତା ମାତାଙ୍କ ସେବା କରି ତାଙ୍କ ଆର୍ଶୀବାଦ ନେବା ପାଇଁ ମତ ବ୍ୟକ୍ତ କରିଥିଲେ ।ଏଥିରେ ଅନୁଷ୍ଠାନର ସମ୍ପାଦିକା ସୁଶ୍ରୀ ପ୍ରତିମା ପ୍ରଧାନ, ଜଗଦୀଶ ଚନ୍ଦ୍ର ପାତ୍ର, କୈଳାଶ ଚନ୍ଦ୍ର ସାହୁ,ବିଜୟ କୁମାର ମହାନ୍ତି, ଲକ୍ଷ୍ମୀଧର ମହାରଣା,ପବନି ଭୁଜବଳ, ଭାଗବତ ସାହୁ, ଆଲିସା ସାହୁ ଉପସ୍ଥିତ ଥିଲେଛ ପ୍ରାରମ୍ଭରୁ ଗାୟକ ପ୍ରଦୀପ୍ତ କିଶୋର ତ୍ରିପାଠୀ ଅବାହନି ସଙ୍ଗୀତ ଗାନ କରିଥିଲା ବେଳେ ପ୍ରତାପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଲିପାଟଣା ଅଞ୍ଚଳରେ

# ବିଗୁଡ଼ିଛି ଆଇନଶୃଙ୍ଖଳା ବ୍ୟବସ୍ଥା

ବାଲିପାଟଣା ,(ସବ୍ୟୁ) :ବାଲିପାଟଣା ଥାନା ଅଧୀନରେ ଥିବା ୧୭ ଗୋଟି ଗ୍ରାମ ପଞ୍ଚାୟତ ରେ ଆଇନ ଶୃଙ୍ଖଳା ପରିସ୍ଥିତି ସ୍ଥାଣୁ ହୋଇଯାଇଛି । ପ୍ରତିଦିନ ଚୋରୀ , ରାହାଜାନି ,ଲୁଟ , ନିଶା କାରବାର ବୃଦ୍ଧି , ଓ ଅପରାଧ ବୃଦ୍ଧି ପାଇଥିବା ବେଳେ ପୋଲିସ ନିରବ ଦ୍ରଷ୍ଟା ହୋଇ ଯାହା କେବଳ ଦେଖୁଛି । ସରକାର ମହିଳା ମାନଙ୍କୁ ଅଧିକରୁ ଅଧିକ ସମ୍ମାନ ଦେବାକୁ ସ୍ଲୋଗାନ ଦେଉଥିବା ବେଳେ ସେହି ମହିଳା ମାନଙ୍କ ଠାରୁ ପ୍ରତିଦିନ କିଛି ନା କିଛି ଲୁଟ ହେଉଥିବାର ଦେଖା ଦେଉଛି । ଗତ ଶୁକ୍ରବାର ଭୋରୁ ଥାନା ଠାରୁ ମାତ୍ର ୩୦୦ମି ଦୂର ଶିଶୁମଠ ସାହି ବିର କିଶୋର ମିଶ୍ର ଙ୍କ ପତ୍ନୀ ମଞ୍ଜୁଲତା ମିଶ୍ର ତାଙ୍କ ଦାଣ୍ଡ ରେ ଫୁଲ ତୋଳୁଥିବା ବେଳେ ୨ ଜଣ ଯୁବକ ଏକ ନାଲି ମଟରସାଇକେଲରେ ଆସି ତାଙ୍କ ବେକରେ ପିନ୍ଧିଥିବା ୧୫ ଗ୍ରାମର ସୁନାହାର ଲୁଟିନେଇ ଶିଶୁ ମଠ ନୂଆ ବ୍ରିଜ ଦେଇ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ତାଙ୍କ ସ୍ୱାମୀ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଚୋର କୁ ଧରିବା ରେ ପୋଲିସ ବିଫଳ ହୋଇଛି । ଗତ ୨ ମାସ ମଧ୍ୟରେ ବିଭିନ୍ନ ସ୍ଥାନରୁ ମହିଳା ମାନଙ୍କର ସୁନାଚେନ ଲୁଟ ହୋଇଥିଲେ ମଧ୍ୟ ପୋଲିସ କାହାଠାରୁ ଜବତ କରି ନାହିଁ କି କାହାରିକି କୁ ଗିରଫ କରି ନାହିଁ ।ବାଲିପାଟଣା ଅଞ୍ଚଳରେ ବ୍ୟାପକ ଚୋରା ଦେଶି ମଦ ,ଗଞ୍ଜେଇ ଚୋରାରେ ବିକ୍ରୟ କରାଯାଉଥିଲେ ମଧ୍ୟ ପୋଲିସ ସେପରି ଆଖି ଦୃଷ୍ଟିଆ ପଦକ୍ଷେପ ନେଉ ନଥିବାର ଦେଖା ଦେଇଛି। ଏଠାରେ ପ୍ରତିଦିନ କିଛି ନା କିଛି ଦୁଃଘଟଣା ଘଟୁଛି । କାରଣ କିଛି ନାବାଳକ ,ନାବାଳିକା ବିନା ଲାଇସେନସ ରେ ମଟର ସାଇକେଲ ଓ ସ୍କୁଟି ଦ୍ରୁତ ଗତିରେ ଚଲାଇବା ଦ୍ୱାରା ଦୁଃଘଟଣା ର କାରଣ ହେଉଛି । ସେଥିପାଇଁ ପୋଲିସ ତରଫରୁ କୌଣସି ପଦକ୍ଷେପ ନିଆଯାଉନାହିଁ କି ସଚେତନତା ସୃଷ୍ଟି କରାଯାଉନାହିଁ ।

# ମହିଳା ସଂଘର ରଜ ଉତ୍ସବ ପାଳିତ



ଗୋପ,(ସବ୍ୟୁ) : ରବିବାର ପୂର୍ବାହ୍ନରେ ଗୋପ ଆଖଣ୍ଡଳେଶ୍ୱର ମନ୍ଦିର ପରିସରରେ ଗୋପ ତୁଳସୀ ଆଞ୍ଚଳିକ ମଞ୍ଚ ପକ୍ଷରୁ ୪ର୍ଥ ତମ ରଜ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କସ୍ତୁରୀ ଫାଉଣ୍ଡେସନର ପ୍ରତିଷ୍ଠାତା କସ୍ତୁରୀବାଳା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଶିଷ୍ଟ ମଞ୍ଚ ଘୋଷକ ସଂଗ୍ରାମ କେଶରୀ ଭୋଳଙ୍କ ସଭାପତିତ୍ୱଆୟୋଜିତ ଏହି କାର୍ଯ୍ୟକ୍ରମରେ ମହିଳା ସଙ୍ଘ ସଭାପତି ଯୋତ୍ସ୍ନାରାଣୀ ସେନାପତି, ଶିକ୍ଷାବିତ ବିଭୂତି ଭୂଷଣ ପଟ୍ଟନାୟକ, ଶୈଳବାଳା ପରମାଣିକ, ସୁକାନ୍ତି ଦେଇ, ମମତା ସିଂ ଭା କାଣ୍ଡୀ , ପୂର୍ଣ୍ଣିମା ଦେଇ, ରିତା ରାଣୀ ଦାସ, ସୁଲୋଚନା ସିଂ ଯୋଗ ଦେଇ ରଜ ଓଡ଼ିଆ ଘରର ଏକ ଗଣପର୍ବ ରଜ ବୋଲି କହିଥିଲେ ।ଏହି କାର୍ଯ୍ୟକ୍ରମରେ ରଜପାନ, ଶଙ୍ଖ ନାଦନ, ହୁଳହୁଳି, ପିଠାପଣା ସହିତ ଆଉ କେତକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଙ୍କ ସହିତ ଅନ୍ୟ ଅତିଥି ମାନେ ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ରଜ ମଉଜକୁ ନେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କାର୍ଯ୍ୟ ଶୁଭାରମ୍ଭ




ନୟାଗଡ଼, (ସବ୍ୟୁ) : ଇଟାମାଟି ଗ୍ରାମ ପଞ୍ଚାୟତ ସମ୍ମୁଖରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ କାର୍ଯ୍ୟ ଶୁଭାରମ୍ଭ ହୋଇଛି। ସ୍ଥାନୀୟ ଅଚଂଳର ବରିଷ୍ଠ ନାଗରିକ ମହେଶ୍ୱର ପ୍ରଧାନ ନଡ଼ିଆ ବାଢ଼େଇ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କାର୍ଯ୍ୟ ଶୁଭାରମ୍ଭ କରିଛନ୍ତି। ଇଟାମାଟି ଗୋପବନ୍ଧୁ ସେବା ପରିଷଦ ସଭାପତି ପ୍ରଦ୍ୟୁମ୍ନ କୁମାର ସାହୁ ଏବଂ ସମ୍ପାଦକ କ୍ରିଷ୍ଣା କୁମାର ଅଗ୍ରୱାଲ ଏହି କାର୍ଯ୍ୟ ରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ସେଠୀ, ଇଟାମାଟି ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷ ଅଶୋକ କୁମାର ନାୟକ, ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ଇଟାମାଟି ବଜାର ବଣିକ ସଂଘର ଶ୍ୟାମସୁନ୍ଦର ପ୍ରଧାନ, ପ୍ରାକ୍ତନ ସମିତି ସଭ୍ୟ ଉମେଶ ଚନ୍ଦ୍ର ପଟ୍ଟନାୟକ ଆଦି ଉପସ୍ଥିତ ଥିଲେ। ଡାକ୍ତର ରବିନାରାୟଣ ତ୍ରିପାଠୀ ଏବଂ ଗୋପବନ୍ଧୁ ସେବା ପରିଷଦର ଉପସଭାପତି ରାମଚନ୍ଦ୍ର ସାହୁ, ସହ ସମ୍ପାଦକ ନିକୁଲ୍ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ସାହୁ, ଅଧ୍ୟାପକ ଅନିଲ ପୃଷ୍ଟି, ଗୀତିକାର ରଂଜନ ନାୟକ ପ୍ରଭୃତି ପ୍ରତିମୂର୍ତ୍ତି ସ୍ଥାପନ କାର୍ଯ୍ୟକୁ ସହଯୋଗ କରିଥିଲେ।

# ଚୋରା ମଦ ବିକ୍ରି ନେଇ ଉତ୍ତେଜନା : ଗ୍ରାମବାସୀ-ମଦ ବେପାରୀ ମୁହାଁମୁହିଁ

ବାଲିପାଟଣା,(ସବ୍ୟୁ) : ଚୋରା ମଦ ବିକ୍ରି ନେଇ ଉତ୍ତେଜନା ଦେଖାଯାଇଛି। ଗ୍ରାମବାସୀ-ମଦବେପାରୀ ମୁହାଁମୁହିଁ ହୋଇଛନ୍ତି। ଏହି ଘଟଣା ଭୁବନେଶ୍ୱର-କଟକ କମିସନରେଟ ପୁଲିସ ଅଧୀନ ବାଲିପାଟଣା ଥାନା ବନମାଳୀପୁର ଅଞ୍ଚଳରେ ଦେଖିବାକୁ ମିଳିଛି। ଉକ୍ତ ଗାଁ ମଝିରେ ଦିନ ରାତି ଖୁଲମ ଖୁଲାରେ ଚୋରା ମଦ ବିକ୍ରି ହେଉଛି। ଗାଁ ଭିତରେ ମଦ ପିଇ ନିଶାଡି ଉତ୍ପାତ କରୁଛନ୍ତି। ଛାତ୍ରଛାତ୍ରୀ ଏବଂ ମହିଳା ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଚୋରି, ଲୁଟପାଟ, ରାହାଜାନି ବୃଦ୍ଧି ପାଉଛି। ଆସାମଜିକ ବ୍ୟକ୍ତିଙ୍କ ଆଡା ଜମୁଛି। ଏହାକୁ ବାରଣ କରିବାରୁ ମଦ ବେପାରୀ ଗ୍ରାମବାସୀଙ୍କୁ ଗାଳି ଗୁଲଜ କରିବା ସହ ନାନା ଧମକ ଚମକ ଦେଉଥିବା ଅଭିଯୋଗ ହେଉଛି।ପୁଲିସରେ ଅଭିଯୋଗ କଲେ କିଛି ସୁଫଳ ମିଳୁ ନାହିଁ। ଉତ୍ତେଜନା ବୃଦ୍ଧି ପାଇବା ପରେ ରବିବାର ଦିନି ୭/୮ ଖଣ୍ଡ ଗାଁ ଲୋକ ଏକତ୍ରିତ ହୋଇ ଥାନା ଘେରାଉ କରିଥିଲେ। ପୁଲିସ ହସ୍ତକ୍ଷେପ ପରେ ଘଟଣା ସାମନ୍ୟ ଶାନ୍ତ ପଡିଛି। ।ସୂଚନା ଅନୁସାରେ ଭାକରସାହି ଏବଂ ମଝିହରା ପଞ୍ଚାୟତ କୁଶଭଦ୍ରା ନଦୀ ପଶ୍ଚିମ ଦିଗରେ ଥିବା ଦଣ୍ଡା ସାହି, ଭାକର ସାହି ( ବିଶ୍ୱାଳସାହି), ଦଳିତସାହି, ଅମୃତ ମଣୋହି ପାଟଣା, ଗୋଲା ମହମ୍ମଦ ପାଟଣା (ଉତ୍ତର ଓ ଦକ୍ଷିଣ ), ରୟତ ପାଟଣା, ମଝିହରା ବସ୍ତି, ଡେରାସାହି, ସାରଙ୍ଗଧର ସାହୁପାଟଣା (ଉତ୍ତର ଓ ଦକ୍ଷିଣ), ନୂଆସାହି, ପତିତପାବନ ପାଟଣା ପ୍ରଭୃତି ଅଞ୍ଚଳରେ ହଜାର ହଜାର ଲୋକ ବାସ କରନ୍ତି। ସାରଙ୍ଗଧର ସାହୁ ପାଟଣାରେ ପ୍ରତିଯୋଗିତାରେ ମଦ ବିକ୍ରି ଚାଲିଛି।ଦୀର୍ଘ ଦଶନ୍ଧି ଧରି ଏହି ଅଞ୍ଚଳରେ ଘରେ ଟ୍ରକ ଟ୍ରକ ଚୋରା ମଦ ଗଚ୍ଛିତ ରଖି ବିକ୍ରି ହେଉଛି। ବିଭିନ୍ନ ଅଞ୍ଚଳରୁ ଆସାମଜିକ ବ୍ୟକ୍ତି ଏବଂ ନିଶାଡି ଦିନ ରାତି ମଦ କିଣିବାକୁ ସେଠାକୁ ଯାଉଛନ୍ତି। ଏପରିକି ଘର ପାଖରେ ମଦ ବେପାରୀ ଚାଖଣା ଦୋକାନ ଖୋଲିବା ଫଳରେ ସର୍ବସାଧାରଣ ସ୍ଥାନରେ ମଦୁଆ ଆଡ୍ଡା ଜମାଉଛନ୍ତି।ଗାଁର ମହିଳା, ଝିଅ ଏବଂ ଛାତ୍ରୀମାନେ ଯିବା ସମୟରେ ନିଶାଡ଼ିମାନେ ଅଶ୍ଳୀଳ ଇଙ୍ଗିତ କରିବା ସହ କମେଣ୍ଟ ମାରୁଛନ୍ତି।ଏ ନେଇ ବହୁବାର ନିଶାଡ଼ିଙ୍କ ସହ ଗ୍ରାମବାସୀଙ୍କ ମୁହାଁମୁହିଁ ପରିସ୍ଥିତି ଉପୁଜିଛି।

(ଶ୍ରୀମଦ୍ଭଗବଦ୍ ଗୀତା ୧୬/୧୭)
–ଦୈବାସୁରସମ୍ପଦ୍‌ବିଭାଗ–
(ଶ୍ରୀଭଗବାନୁବାଚ )

**ଆତ୍ମସମ୍ଭାବିତାଃ ସ୍ତବ୍‌ଧା ଧନମାନମଦାନ୍ୱିତାଃ ।**
**ଯଜନ୍ତେ ନାମଯଜ୍ଞୈସ୍ତେ ଦମ୍ଭେନାବିଧିପୂର୍ବକମ୍ ।।୧୭।।**

ସେମାନେ ନିଜେ ନିଜଦ୍ୱାରା ସମ୍ମାନିତ (କୌଣସି ସାଧୁଙ୍କଦ୍ୱାରା ନୁହନ୍ତି), (ଅତଏବ) ଅବିନୟ ଏବଂ ଧନ ହେତୁରୁ ଅଭିମାନୀ ଓ ଅହଂକାରୀ ହୋଇ କେବଳ ଦମ୍ଭରେ ଶାସ୍ତ୍ରବିଧି ତ୍ୟାଗକରି ନାମମାତ୍ର ଯଜ୍ଞର ଅନୁଷ୍ଠାନ କରନ୍ତି ।।୧୭।।

# ଭାରତ-ଚୀନ୍ ମଧ୍ୟରେ ସଂପର୍କ

**ସମ୍ପାଦକୀୟ**

ଭାରତ ଓ ଚୀନ୍ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସୁସଂପର୍କ ନଥିବା ସତ୍ତ୍ୱେ ଉଭୟ ରାଷ୍ଟ୍ର ମଧ୍ୟରେ ବାଣିଜ୍ୟିକ ଓ ଅର୍ଥନୀତିକ ସଂପର୍କ ବୃଦ୍ଧି ଲାଗି ଆଗ୍ରହ ପ୍ରକାଶ ପାଉଥିବା ପରିଲକ୍ଷିତ ହେଉଛି । ଚଳିତ ବର୍ଷ ଚୀନ୍‌ର ତିଆନଜିନ୍‌ଠାରେ ହେବାକୁ ଥିବା ସାଂଘାଇ କୋଅପରେସନ ଅର୍ଗନାଇଜେସନ (SCO) ଶୀର୍ଷ ବୈଠକରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେବା ଲାଗି ଚୀନ୍ ଗସ୍ତ କରିବେ ବୋଲି ଚୀନ୍ ପକ୍ଷରୁ ଆଗ୍ରହ ପ୍ରକାଶ ପାଇଛି । ଏହି ଶୀର୍ଷ ସମ୍ମିଳନୀରେ ରୁଷର ରାଷ୍ଟ୍ରପତି ଭାଲଦିମିର ପୁଟିନ୍ ଓ ପାକିସ୍ତାନର ରାଷ୍ଟ୍ରପତି ସେହବାଜ ସରିଫ ମଧ୍ୟ ଯୋଗ ଦେବେ ବୋଲି କୁହାଯାଉଛି । ମାତ୍ର ଚୀନ୍ ପକ୍ଷରୁ ହୋଇଥିବା ନିମନ୍ତ୍ରଣପତ୍ର ଉପରେ ଭାରତ ଏ ପର୍ଯ୍ୟନ୍ତ ସମ୍ମତି ପ୍ରଦାନ କରିନାହିଁ । ତା'ର କାରଣ ଭାରତ–ଚୀନ୍‌ର ସୀମା ବିବାଦ ଉପରେ ସ୍ୱତନ୍ତ୍ର ପ୍ରତିନିଧିମାନଙ୍କର ୨୪ତମ ବୈଠକ ଭାରତରେ ହେବା କଥା ସ୍ଥିର ହୋଇଛି । ଏହି ବୈଠକ ନ ସରିବା ପର୍ଯ୍ୟନ୍ତ ଭାରତର ପ୍ରଧାନମନ୍ତ୍ରୀ ମୋଦିଜୀ ସମ୍ଭବତଃ ଏସ୍.ସି. ଓ ଶୀର୍ଷ ସମ୍ମିଳନୀ ବୈଠକରେ ଯୋଗ ଦେବା ଲାଗି ସମ୍ମତି ଦେବେ ନାହିଁ ବୋଲି ଜଣାପଡୁଛି । ଚୀନ୍ ସୂତ୍ରରୁ ଆହୁରି ଜଣାଯାଇଛି ଯେ ଚୀନ୍ ରାଷ୍ଟ୍ରପତିଙ୍କ ଦ୍ୱାରା ଆୟୋଜିତ ଏହି ଶୀର୍ଷ ସମ୍ମିଳନୀ ପାଇଁ ଭାରତ ଆଉ ଥରେ ସମର୍ଥନ ଜଣାଇଛି । ଯୁକ୍ତରାଷ୍ଟ୍ର ଆମେରିକା ଓ ଚୀନ୍ ମଧ୍ୟରେ ଚାଲିଥିବା ବାଣିଜ୍ୟିକ ଯୁଦ୍ଧର ଅବସାନ ଘଟାଇ ନୂତନ ବାଣିଜ୍ୟିକ ଚୁକ୍ତି ପାଇଁ ଉଭୟ ରାଷ୍ଟ୍ର ଏବେ ଆଗ୍ରହ ପ୍ରକାଶ କରିଛନ୍ତି । ଭାରତ ମଧ୍ୟ ଚୀନ୍ ସହିତ ଥିବା ସଂପର୍କରେ ସୁଧାର ଆଣିବାକୁ ଉଦ୍ୟମ ଆରମ୍ଭ କରିଛି । ଭାରତ ଗସ୍ତରେ ଆସୁଥିବା ଚୀନ୍‌ର ବୈଦେଶିକ ଉପ–ମନ୍ତ୍ରୀ ସନ୍ ୱେଡଙ୍ଗ ଓ ଭାରତର ବୈଦେଶିକ ବିଭାଗର ଶାସକ ସଚିବ ବିକ୍ରମ ମିଶ୍ରି, ଉଭୟ ଭାରତ ଓ ଚୀନ ମଧ୍ୟରେ ସିଧାସଳଖ ବିମାନ ଚଳାଚଳ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ବିଷୟରେ ସମ୍ମତି ପ୍ରଦାନ କରିଛନ୍ତି । ସେମାନେ ଏହାର କାର୍ଯ୍ୟକାରୀତା ବିଷୟରେ ମଧ୍ୟ କଥାବାର୍ତ୍ତା ହୋଇଛନ୍ତି । ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ଉପରେ ଉଭୟ ରାଷ୍ଟ୍ର ସହଯୋଗର ହାତ ମିଳାଇବେ ବୋଲି ନିଷ୍ପତ୍ତି ହୋଇଛି ।

ଚୀନ–ଭାରତ ମଧ୍ୟରେ ସଦ୍ୟତମ ବିମାନ ଯୋଗାଯୋଗ ସହିତ ଭିସାର ସୁବିଧା, ଗଣମାଧ୍ୟମ ତଥା ବିଚାର ବିମର୍ଷ କରିବାକୁ ଥିବା ଚିନ୍ତା ଗୋଷ୍ଠୀ (Think-tanks)ର ପ୍ରାୟୋଗିକ ପଦକ୍ଷେପ ଉପରେ ଉଭୟ ରାଷ୍ଟ୍ର ଅବଶ୍ୟ ନିଷ୍ପତ୍ତି ନେବେ ।

ଉଲ୍ଲେଖନୀୟ ଯେ ଉଭୟ ଭାରତ–ଚୀନ୍ ମଧ୍ୟରେ ବାଣିଜ୍ୟିକ ଓ ଆର୍ଥନୀତିକ ସଂପର୍କ ବୃଦ୍ଧି ପାଇଁ ଏବେ ଉଦ୍ୟମ ଆରମ୍ଭ ହେଉଛି । ଚଳିତ ବର୍ଷ ଚୀନ୍‌ରେ ଯେଉଁ ଏସ୍.ସି ଓ ଶୀର୍ଷ ସମ୍ମିଳନୀ ହେବ, ତାହା ପୂର୍ବରୁ ଆସନ୍ତା ମାସ ଭାରତରେ ସ୍ୱତନ୍ତ୍ର ପ୍ରତିନିଧି ସମ୍ମିଳନୀ ହେବ, ଯେଉଁଥିରେ ଭାରତ– ଚୀନ ସୀମା ବିବାଦ ଉପରେ ଆଲୋଚନା ହେବ । ମାତ୍ର ଭାରତ ଚୀନ୍ ସହିତ ବାଣିଜ୍ୟିକ ଓ ଆର୍ଥନୀତିକ ବିଷୟରେ ବନ୍ଧୁତା ରଖିବାକୁ ଆଗ୍ରହ ପ୍ରକାଶ କରୁଛି । ରପ୍ତାନୀ ନିୟନ୍ତ୍ରଣ ତଥା ଦୁର୍ଲଭ ମୃତ୍ତିକା (rare earth) ସଂକ୍ରାନ୍ତରେ ଚୀନ୍ ସହିତ ସଂପର୍କ ବୃଦ୍ଧି କରିବାକୁ ଚାହୁଁଛି ଭାରତ ।

ଅପରପକ୍ଷରେ ଭାରତ–ଚୀନ ମଧ୍ୟରେ ସୀମା ବିବାଦକୁ ନେଇ ଚାଲିଥିବା କଥାବାର୍ତ୍ତା ସଫଳ ହୋଇ ପାରିନାହିଁ । ଏ ବିବାଦ ବହୁ ପୁରାତନ । ଭାରତର ପଶ୍ଚିମ ଅଞ୍ଚଳରେ ଥିବା ଏହି ସୀମା–ବିବାଦ ବହୁ ପୂର୍ବରୁ ବଡ଼ ଆକରରେ ରହିଥିବା ଜଣାଯାଇଛି । ଜମ୍ମୁ ଓ କାଶ୍ମୀର ଅଞ୍ଚଳର ଲଦାଖ ଅଞ୍ଚଳ ମଧ୍ୟ ଏହି ବିବାଦ ଘେରରେ ରହିଛି । ଚୀନ୍‌ର ପ୍ରଧାନମନ୍ତ୍ରୀ ଚାଉ ଏନ୍ ଲାଏ ଓ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ମଧ୍ୟରେ ନୂଆଦିଲ୍ଲୀରେ ୧୯୬୦ ମସିହା ଏପ୍ରିଲ ୩୦ ତାରିଖରେ ଆରମ୍ଭ ହୋଇଥିବା କଥାବାର୍ତ୍ତା ସମାଧାନର ରାସ୍ତା ଫିଟାଇ ପାରିନାହିଁ । ୨୦୧୪ରେ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେବା ପରେ ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ (ଦକ୍ଷିଣ ଏସିଆର) ସହିତ ସୁସଂପର୍କ ସ୍ଥାପନ ପାଇଁ ତାଙ୍କର ବୈଦେଶିକ ନୀତିରେ ପରିବର୍ତ୍ତନ କରି ପ୍ରଥମ ପଡ଼ୋଶୀ ନୀତି (Neighbourhood First Policy) ଆରମ୍ଭ କରିଥିଲେ । ପରସ୍ପର ମଧ୍ୟରେ ସମ୍ମାନ ଓ ସମାନତା ପ୍ରଦର୍ଶନ କରି ବାଣିଜ୍ୟିକ, ସାଂସ୍କୃତିକ ଓ ଆର୍ଥନୀତିକ ସଂପର୍କ ବୃଦ୍ଧି କରିବା ପାଇଁ ଆମ ପ୍ରଧାନମନ୍ତ୍ରୀ ଆଗ୍ରହ ପ୍ରକାଶ କରିଥିଲେ । ମାତ୍ର ପାକିସ୍ତାନ ଓ ଚୀନ୍ ଏ ସଂପର୍କକୁ ଜଟିଳ କରିବାକୁ ଉଦ୍ୟମ କରିଥିଲେ । ଯେଉଁ ବାଙ୍ଗଲାଦେଶ ରାଷ୍ଟ୍ର ଗଠନରେ ଭାରତ ସହାୟକ ହୋଇଥିଲା, ସେ ରାଷ୍ଟ୍ର ମଧ୍ୟ ଏବେ ଭାରତକୁ ସମର୍ଥନ କରୁନାହିଁ । ଦକ୍ଷିଣ–ପୂର୍ବ ଏସିଆରେ ଚୀନ୍ ତାହାର ଆଧିପତ୍ୟ ଦେଖାଇବାକୁ ଉଦ୍ୟମ କରି ଆସିଛି । ପାକିସ୍ତାନ ଓ ବାଙ୍ଗଲାଦେଶ ପ୍ରଭୃତି ରାଷ୍ଟ୍ର ସ୍ୱାବଲମ୍ବନଶୀଳ ହୋଇ ପାରିନାହାନ୍ତି । ଅଥଚ ଚୀନ୍ ଓ ଅନ୍ୟ ରାଷ୍ଟ୍ରଙ୍କର ଗୋଡାଣିଆ ସାଜି କଷ୍ଟେ ମଷ୍ଟେ ତିଷ୍ଠି ରହିଛନ୍ତି । ଭାରତ ତେଣୁ ଚୀନ୍ ସହିତ ଭାବିଚିନ୍ତି ବିଭିନ୍ନ କ୍ଷେତ୍ରରେ ସଂପର୍କ ସ୍ଥାପନ କରୁଥିବା ଜଣାପଡୁଛି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଅଣସର ବେଳେ ଶ୍ରୀଅଲାରନାଥଙ୍କ ଦର୍ଶନ



ଡକ୍ଟର ଲକ୍ଷ୍ମଣ ସାହୁ

ଶ୍ରୀକ୍ଷେତ୍ରରେ ବିରାଜିତ ପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ରହସ୍ୟମୟ ଠାକୁର । ତାଙ୍କର ରହସ୍ୟ ଭେଦ କରିବା ସହଜ ନୁହେଁ । ଶ୍ରୀକ୍ଷେତ୍ରରେ ରହି ମାନବୀୟ ଲୀଳା କରୁଛନ୍ତି ଲୀଳାମୟ ମହାପ୍ରଭୁ । ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ଜଳରେ ସ୍ନାନ ପରେ ଜ୍ୱରରେ ପୀଡିତ ହୋଇ ଅଣସର ପିଣ୍ଡିରେ ଶୋଇ ରହିଛନ୍ତି । ସେଠାରେ ଦଇତା ସେବାୟତମାନେ ସେହି ଲୀଳାମୟ ମହାପ୍ରଭୁ ଦାରୁବ୍ରହ୍ମ ଠାକୁରଙ୍କ ଗୁପ୍ତ ଉପଚାର କରୁଛନ୍ତି । ଏଣେ ଶ୍ରୀମନ୍ଦିର ରତ୍ନସିଂହାସନରେ ଜଗନ୍ନାଥଙ୍କ ଦର୍ଶନ ନପାଇ ପୁରୀ ବ୍ରହ୍ମଗିରିର ଅଲାରନାଥଙ୍କ ପୀଠରେ ଭିଡ ଜମାଇଥାନ୍ତି ଶ୍ରଦ୍ଧାଳୁ ଭକ୍ତମାନେ ।

ବିଷ୍ଣୁଙ୍କ ଚଳନ୍ତି ପ୍ରତିମା ପ୍ରଭୁ ହେଉଛନ୍ତି ଅଲାରନାଥ । ଶାସ୍ତ୍ରରେ ବର୍ଣ୍ଣିତ ଅଛି, ଅଣସର ସମୟରେ ପ୍ରଭୁ ଅଲାରନାଥଙ୍କୁ ଦର୍ଶନ କଲେ ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ସମ ଫଳ ମିଳିଥାଏ । ଏଥିପାଇଁ ବ୍ରହ୍ମଗିରି ସ୍ଥିତ ଅଲାରନାଥଙ୍କ ପୀଠ ଚଳଚଞ୍ଚଳ ହୋଇ ଉଠେ । ପ୍ରଭୁ ଅଲାରନାଥଙ୍କ ଦର୍ଶନ ପାଇଁ ପ୍ରତିଦିନ ହଜାର ହଜାର ଭକ୍ତଙ୍କ ସୁଅ ଛୁଟୁଛି ପୀଠକୁ । ଅଲାରନାଥ ମନ୍ଦିର ପୁରୀ ଜିଲ୍ଲାର ବ୍ରହ୍ମଗିରି ଠାରେ ଅବସ୍ଥିତ ବିଷ୍ଣୁଙ୍କର ଏକ ମନ୍ଦିର । ଅଲାରନାଥଙ୍କୁ ପ୍ରଭୁ ବିଷ୍ଣୁଙ୍କର ଚଳନ୍ତି ପ୍ରତିମା ଭାବେ ବିଶ୍ୱାସ କରାଯାଏ । ପାଞ୍ଚ ଏକର ପରିମିତ ଜାଗାରେ କେତକୀ, ବଉଳ ଓ ନାରିକେଳ ଜଙ୍ଗଲ ପରିବେଶ ମଧ୍ୟରେ ୫୦ଫୁଟ ୫ଇଞ୍ଚ ଉଚ୍ଚତା ବିଶିଷ୍ଟ ଏହି ଶ୍ରୀଅଲାରନାଥଙ୍କ ମନ୍ଦିରଟି ଅବସ୍ଥିତ ।

ଏହି ମନ୍ଦିର ଚତୁଃପାର୍ଶ୍ୱରେ ଶ୍ରୀଚୈତନ୍ୟ ମନ୍ଦିର, ଶିବ ମନ୍ଦିର ଓ ବିଭିନ୍ନ ଠାକୁରାଣୀଙ୍କ ମନ୍ଦିର, ନବଗ୍ରହ ପ୍ରସ୍ତର, ନାଟମନ୍ଦିର, ପ୍ରାର୍ଥନା ଗୃହ, ଭୋଗମଣ୍ଡପ, ମୁଖଶାଳା, ତଥା ଯଜ୍ଞ ମଣ୍ଡପ ଅବସ୍ଥିତ । ତାଙ୍କର ବିଗ୍ରହମୂର୍ତ୍ତି କଳାମୁଗୁନି ପଥରରେ ନିର୍ମିତ । ମୂର୍ତ୍ତି ଚାରିପାଖେ ତୋରଣ ଅଛି । ତୋରଣ ତଳେ ପାର୍ଶ୍ୱଦେବୀ, ଭୂଦେବୀ, ବିଦ୍ୟମାନ କରୁଛନ୍ତି । ପଦଯୁଗଳ ତଳେ ଗରୁଡ ପ୍ରାର୍ଥନାରତ ଅଛନ୍ତି । ପ୍ରଭୁଙ୍କ ଊର୍ଦ୍ଧ୍ୱ ବାମ ହସ୍ତରେ ଶଙ୍ଖ, ଡାହାଣ ହସ୍ତରେ ଚକ୍ରଚିହ୍ନ । ନିମ୍ନ ବାମ ହସ୍ତରେ ଗଦା ଓ ଡାହାଣ ହସ୍ତରେ ପଦ୍ମ ଚିହ୍ନ ଅଛି । ଏଣୁ ଶ୍ରୀଅଲାରନାଥଙ୍କୁ ଚତୁର୍ଦ୍ଧାମୂର୍ତ୍ତି ନାରାୟଣ କୁହାଯାଏ ।

ପ୍ରଭୁ ଅଲାରନାଥଙ୍କ ମାହାତ୍ମ୍ୟ ଅବର୍ଣ୍ଣନୀୟ । ରଥଯାତ୍ରା ପୂର୍ବରୁ ପ୍ରଥମେ ପଡ଼ିଥାଏ ସ୍ନାନଯାତ୍ରା । ମହାପ୍ରଭୁଙ୍କ ଦେବସ୍ନାନ ପରେ ଶ୍ରୀଜିଉମାନେ ଲୌକିକ ମତରେ ଭୀଷଣ ଜ୍ୱରରେ ଆକ୍ରାନ୍ତ ହୋଇ ଅଣସର ଘରେ ପଡ଼ିରହନ୍ତି । ଅଣସରର ତାଳତାଟି ଭିତରେ ମହାପ୍ରଭୁଙ୍କ ବଂଶଧର ଭାବେ ପରିଚିତ ଦଇତାପତି ସେବକମାନେ ସେମାନଙ୍କର ସେବାଶୁଶ୍ରୁଷା କରନ୍ତି । ଏହି ସମୟରେ ଭକ୍ତମାନେ ଦୀର୍ଘ ୧୫ ଦିନ ଧରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିପାରନ୍ତି ନାହିଁ । ତେଣୁ ସେମାନେ ବ୍ରହ୍ମଗିରିର ଶ୍ରୀଅଲାରନାଥଙ୍କୁ ଦର୍ଶନ କରି ସମପରିମାଣରେ ପୁଣ୍ୟ ଅର୍ଜନ କରିଥାନ୍ତି । ଏଥିପାଇଁ ଅଣସର ସମୟରେ ଅଲାରନାଥ ମନ୍ଦିରରେ ଭକ୍ତମାନଙ୍କ ପ୍ରବଳ ଭିଡ ଲାଗି ରହିଥାଏ ।

ପ୍ରଭୁ ଅଲାରନାଥଙ୍କୁ ନେଇ ଏକ ପୌରାଣିକ ବିଷୟବସ୍ତୁ ରହିଛି । ଏକଦା ସତ୍ୟଯୁଗରେ ସୃଷ୍ଟିକର୍ତ୍ତା ବ୍ରହ୍ମା ଭଗବାନ ବିଷ୍ଣୁଙ୍କ ଦର୍ଶନ ଲାଭ ପାଇଁ ଘୋର ତପସ୍ୟା କଲେ । ବ୍ରହ୍ମାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ବିଷ୍ଣୁ ଚତୁର୍ଭୁଜ ରୂପ ଧାରଣ କରି ତାଙ୍କ ସମ୍ମୁଖରେ ପ୍ରକଟ ହେଲେ ଓ କହିଲେ– ମୁଁ ତୁମ ତପସ୍ୟାରେ ସନ୍ତୁଷ୍ଟ । ତୁମେ ମୋର ଏକ ଚତୁର୍ଭୁଜ ମୂର୍ତ୍ତି ନିର୍ମାଣ କରି ଏଠାରେ ପୂଜାର୍ଚ୍ଚନା କର । ଭଗବାନଙ୍କ ଆଜ୍ଞା ପାଳନ କରି ବ୍ରହ୍ମା କଳା ମୁଗୁନି ପଥରରେ ବିଷ୍ଣୁଙ୍କ ଚଳନ୍ତି ପ୍ରତିମା ନିର୍ମାଣ କରି ସେଠାରେ ପୂଜାର୍ଚ୍ଚନା କଲେ । ସେହି ପ୍ରତିମୂର୍ତ୍ତି ସମ୍ପ୍ରତି ଅଲାରନାଥ ନାମରେ ସର୍ବବିଖ୍ୟାତ ।

ଏହି ପବିତ୍ର ପୀଠ ବ୍ରହ୍ମାଙ୍କ ତପସ୍ୟାରୁ ବ୍ରହ୍ମଗିରି ନାମରେ ଖ୍ୟାତ । ପୌରାଣିକ କଥା ଅନୁସାରେ, ଯେଉଁ ପର୍ବତ ଉପରେ ବ୍ରହ୍ମା ତପସ୍ୟା କଲେ ସେହି ସ୍ଥାନଟି ପରବର୍ତ୍ତୀ କାଳରେ ବ୍ରହ୍ମଗିରି ନାମରେ ବିଖ୍ୟାତ ହେଲା । ଧୀରେ ଧୀରେ ପରବର୍ତ୍ତୀ ସମୟରେ ସେହି ଅଞ୍ଚଳକୁ ବ୍ରହ୍ମଗିରି ବୋଲି କୁହାଗଲା । ଆଉ ଏକ ପୌରାଣିକ କଥା ଅଛି ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ରାଜତ୍ୱ କାଳରେ ସୃଷ୍ଟିକର୍ତ୍ତା ବ୍ରହ୍ମା ଶ୍ରୀମନ୍ଦିର ପ୍ରତିଷ୍ଠା ଲାଗି ମର୍ତ୍ତ୍ୟଭୂମିକୁ ଆସିଥିଲେ । ସେ ପ୍ରଥମେ ଯେଉଁ ସ୍ଥାନରେ ମର୍ତ୍ତ୍ୟଭୂମିକୁ ଓହ୍ଲାଇଲେ ସେହି ସ୍ଥାନକୁ ପରବର୍ତ୍ତୀ ସମୟରେ ବ୍ରହ୍ମଗିରି ବୋଲି କୁହାଗଲା । ସୃଷ୍ଟିକର୍ତ୍ତା ମର୍ତ୍ତ୍ୟଭୂମିରେ ପାଦ ଦେବା ପରେ ବିଷ୍ଣୁଙ୍କ ପୂଜା କରିଥିଲେ । ଯେଉଁଠାରେ ସେ ବିଷ୍ଣୁଙ୍କ ପୂଜା କରିଥିଲେ ପରବର୍ତ୍ତୀ ସମୟରେ ତାହା ଅଲାରନାଥ ନାମରେ ଖ୍ୟାତି ଅର୍ଜନ କଲା । ସେଭଳି ଅନ୍ୟ ଏକ କିମ୍ବଦନ୍ତୀ/ଜନଶ୍ରୁତି ରହିଛି । ଦକ୍ଷିଣ ଭାରତରୁ ଆଲବନ୍ଦାଚାର୍ଯ୍ୟ ନାମକ ଜଣେ ଭକ୍ତ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିଥିବା ବେଳେ ମହାପ୍ରଭୁଙ୍କ ଅନବସର ନୀତି ଚାଲିଥିଲା । ଯାହା ଫଳରେ ଭକ୍ତ ଆଲବନ୍ଦାଚାର୍ଯ୍ୟ ମହାପ୍ରଭୁଙ୍କ ଦର୍ଶନ ପାଇ ପାରିନଥିଲେ । ସେ ଏଥିରେ ଦୁଃଖିତ ହୋଇ ନିଜ ଜୀବନ ବିସର୍ଜନ କରିବାକୁ ସମୁଦ୍ରକୁ ଯାଇଥିଲେ । ହେଲେ ପ୍ରଭୁ ହନୁମାନ ତାଙ୍କ ପଥ ଓଗାଳିଥିଲେ । ଏହିଭଳି ଭାବେ ଭକ୍ତ ଆଲବନ୍ଦାଚାର୍ଯ୍ୟ ଚିଲିକା ପାଖରେ ପହଞ୍ଚିଥିଲେ । ପରେ ଦେହରେ ନିଆଁ ଲଗାଇ ଜୀବନ ହାରିବାକୁ ଚେଷ୍ଟା କରୁଥିବା ବେଳେ ମହାପ୍ରଭୁ ପ୍ରକଟ ହୋଇ ଦର୍ଶନ ଦେଇଥିଲେ । ତେବେ ତାଙ୍କ ଅନୁରୋଧ ପୂର୍ବକ ମହାପ୍ରଭୁ ସେଠାରେ ଭକ୍ତ ଆଲବନ୍ଦାଚାର୍ଯ୍ୟ ନାମରେ ପୂଜା ପାଇଥିଲେ । ପରେ ଏହି ନାଁ ବଦଳି ଜନଶ୍ରୁତିରେ ଅଲାରନାଥ ହୋଇଥିବା କୁହାଯାଏ ।

*ଏହି ସମୟରେ ଭକ୍ତମାନେ ଦୀର୍ଘ ୧୫ ଦିନ ଧରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିପାରନ୍ତି ନାହିଁ । ତେଣୁ ସେମାନେ ବ୍ରହ୍ମଗିରିର ଶ୍ରୀଅଲାରନାଥଙ୍କ ଦର୍ଶନ କରି ସମପରିମାଣରେ ପୁଣ୍ୟ ଅର୍ଜନ କରିଥାନ୍ତି । ଏଥିପାଇଁ ଅଣସର ସମୟରେ ଅଲାରନାଥ ମନ୍ଦିରରେ ଭକ୍ତମାନଙ୍କ ପ୍ରବଳ ଭିଡ ଲାଗି ରହିଥାଏ ।*

ଐତିହାସିକ ଦୃଷ୍ଟିରୁ ତାମିଲନାଡୁରୁ ଆସିଥିବା ଆଲବର ସମ୍ପ୍ରଦାୟମାନେ ଏଠାରେ ଚତୁର୍ଦ୍ଧାମୂର୍ତ୍ତି ସ୍ଥାପନ କରିଥିଲେ । ସେହି ସମ୍ପ୍ରଦାୟର ବ୍ରାହ୍ମଣମାନେ ପ୍ରଭୁଙ୍କର ପୂଜାର୍ଚ୍ଚନା କରନ୍ତି । ପୁରୁଷୋତ୍ତମ ଚନ୍ଦ୍ରିକାରୁ ଜଣାପଡ଼େ ଅଲବନ୍ଦ ଆଚାର୍ଯ୍ୟ ନାମକ ଏକ ତାନ୍ତ୍ରିକ ବ୍ରାହ୍ମଣ ଅନବସର ସମୟରେ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ସ୍ୱର୍ଗଦ୍ୱାର ନିକଟ ସୋଲାଖିଆ ବଟବୃକ୍ଷରେ ମହୁମାଛି ହୋଇ ଶ୍ରୀମନ୍ଦିରକୁ ଯିବା ବେଳେ ବାଧାପ୍ରାପ୍ତ ହୋଇ ସମୁଦ୍ରରେ ନିଜକୁ ଝାସ ଦେବାକୁ ଗଲାବେଳେ ଏକ ମର୍କଟ ବାଧାଦେବାରୁ ସେ ଶ୍ରୀ ଅଲାରନାଥଙ୍କ ପୀଠରେ ଆସି ପଡ଼ିଲେ । ଅଲବନ୍ଦାରନାଥଙ୍କ ଠାକୁରଙ୍କୁ କାଳକ୍ରମେ ଶ୍ରୀଅଲାରନାଥ ଭାବେ ପୂଜା ହେଉଥିବା କୁହାଯାଏ ।

ଗବେଷକମାନଙ୍କ ମତାନୁଯାୟୀ 'ଅଲାରନାଥ' ନାଁ ଏକ ଦ୍ରାବିଡ଼ ଶବ୍ଦରୁ ଆସିଛି । ଦ୍ରାବିଡ଼ ଶବ୍ଦ 'ଆଲୋୟାର'ର ଅର୍ଥ ଭକ୍ତ । ଏଣୁ ଆଲୋୟାରନାଥ ପ୍ରକୃତରେ ଭକ୍ତଙ୍କର ନାଥ । ଯାହା କାଳକ୍ରମେ ଆଲୋୟାରନାଥ ଶବ୍ଦର ଅପଭ୍ରଂଶ ଘଟି ଆଲବନ୍ଦାନାଥ, ଅଲବରନାଥ, ଆଲାଲାନାଥ ଓ ପରିଶେଷରେ ଏହା ଲୋକମୁଖରେ 'ଅଲାରନାଥ' ନାମରେ ନାମିତ ହୋଇଛି । କିନ୍ତୁ 'ପୁରୁଷୋତ୍ତମ ଚନ୍ଦ୍ରିକା' ଅନୁସାରେ ପରମ ତାନ୍ତ୍ରିକ ବାବା ଅଲବନ୍ଦାଚାର୍ଯ୍ୟ ନାମକ ତନ୍ତ୍ର ସାଧକ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଆସି ଅଣସର ହେତୁ ଦର୍ଶନ ନପାଇ ସେ ନିଜର ତନ୍ତ୍ର ସାଧନା ପ୍ରୟୋଗ କରି ଏକ ଭ୍ରମର ରୂପରେ ଅଣସର ଗୃହକୁ ପ୍ରବେଶ କରିଥିଲେ । ଅଣସର ଗୃହରେ ଏକ ଅଷ୍ଟଦଳ ପଦ୍ମ ଦେଖି ଅଲ୍‌ବନ୍ଦା ପଦ୍ମ ଉପରେ ବସିବାକୁ ଉଦ୍ୟମ କରିବା ବେଳେ ପଦ୍ମର ପାଖୁଡ଼ାଗୁଡିକ ଜଣେ ଜଣେ ସୁନ୍ଦରୀ ନାରୀରେ ପରିଣତ ହୋଇ ଭ୍ରମରକୁ ଉପହାସ କରିଥିଲେ ।

ଫଳରେ ଅଲ୍‌ବନ୍ଦାଚାର୍ଯ୍ୟ ଅପମାନ ପୂର୍ବକ ଜଗନ୍ନାଥଙ୍କ ଦର୍ଶନ ନପାଇ ସମୁଦ୍ରରେ ପ୍ରାଣ ବିସର୍ଜନ କଲାବେଳେ ହଠାତ୍ ଏକ ମର୍କଟ ତାଙ୍କ ସମ୍ମୁଖରେ ଲମ୍ଫ ପ୍ରଦାନ କରି ଦକ୍ଷିଣ ଦିଗକୁ ଗତି କରିଥିଲା । ଏହା ଭଗବାନଙ୍କ ନିର୍ଦ୍ଦେଶ ଭାବି ସେ ଦକ୍ଷିଣାଭିମୁଖୀ ଦିଗରେ ଯାତ୍ରା କରି ବ୍ରହ୍ମଗିରିସ୍ଥ ଅଲାରନାଥ ପୀଠରେ ପହଞ୍ଚି ସେଠାରେ ଶିଳାରୂପୀ ବିଷ୍ଣୁ ବିଗ୍ରହଙ୍କୁ ଦର୍ଶନ କରି ଭାବ ବିହ୍ୱଳିତ ହୋଇଯାଇଥିଲେ । ସେବେଠାରୁ ଅଲ୍ ବିନ୍ଦାଙ୍କ ପ୍ରଭୁ ବା ନାଥ ଅଲ୍ ବିନ୍ଦାନାଥ ଓ ପରେ ଅପଭ୍ରଂଶ ହୋଇ ଅଲାରନାଥ ନାମରେ ନାମିତ ହୋଇଛନ୍ତି । ଅଲାରନାଥଙ୍କ ମନ୍ଦିରଟି ଏକ ସୂକ୍ଷ୍ମ କାରୁକଳା ବିମଣ୍ଡିତ ପ୍ରାଚୀନ ମନ୍ଦିର । ସତ୍ୟଯୁଗରେ ମହାପ୍ରଭୁଙ୍କ ଲୀଳା ବ୍ରହ୍ମଗିରିରେ ପ୍ରକଟ ହୋଇ ଗୁପ୍ତ ହୋଇ ରହିବା ପରେ ବୈଷ୍ଣବ ସନ୍ଥ ଶ୍ରୀଚୈତନ୍ୟ ଶ୍ରୀକ୍ଷେତ୍ରକୁ ଆଗମନ କରିଥିଲେ । ସେହି ସମୟରେ ଅଲାରନାଥଙ୍କ ମହିମା ଲୋକମୁଖରେ ପ୍ରଚାରିତ ହୋଇଥିଲା । ଶ୍ରୀଚୈତନ୍ୟ ତାଙ୍କ ଜୀବନର ଶେଷ ୧୮ବର୍ଷ ଶ୍ରୀକ୍ଷେତ୍ରରେ କଟାଇଥିଲେ । ଏକଦା ସେ ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ନିମିତ୍ତ ଶ୍ରୀମନ୍ଦିରକୁ ଯାଉଥିଲେ । ଅଣସର ହେତୁ ପ୍ରଭୁଙ୍କର ଦର୍ଶନ ନ ପାଇ ବିରହ ଜ୍ୱାଳାରେ ମ୍ରିୟମାଣ ହୋଇଥିଲେ । ଶେଷରେ ପ୍ରଭୁଙ୍କ ନିର୍ଦ୍ଦେଶରେ ସେ ବ୍ରହ୍ମଗିରିସ୍ଥ ଅଲାରନାଥଙ୍କ ପୀଠରେ ପହଞ୍ଚି ନାରାୟଣ ମୂର୍ତ୍ତିଙ୍କୁ ଦର୍ଶନ କରି ଭାବ ବିହ୍ୱଳିତ ହୋଇଯାଇଥିଲେ ।

ସେଠାରେ ପଡ଼ିଥିବା ଏକ ପ୍ରସ୍ତର ଖଣ୍ଡ ଉପରେ ପ୍ରଣିପାତ କରିଥିଲେ । ଶ୍ରୀବିଗ୍ରହଙ୍କ ଦର୍ଶନ ନ ପାଇ ବିରହ ଜ୍ୱାଳାରେ ତାଙ୍କ ଶରୀର ଏତେ ଉତ୍ତପ୍ତ ହୋଇଯାଇଥିଲା ଯେ ଉକ୍ତ ପ୍ରସ୍ତର ଖଣ୍ଡକ ତାଙ୍କ ଶରୀରର ଆକାର ଅନୁଯାୟୀ ତରଳି ଯାଇଥିଲା । ଅଦ୍ୟାବଧି ସେହି ପ୍ରସ୍ତର ଖଣ୍ଡିକ ସର୍ବାଙ୍ଗ ଶିଳା ଭାବେ ମନ୍ଦିର ପରିସରରେ ପୂଜା ପାଉଛନ୍ତି । ଶ୍ରୀଚୈତନ୍ୟ ପନ୍ଥୀ ଗୌଡ଼ୀୟ ବୈଷ୍ଣବମାନେ ଏହି ପୀଠକୁ ଆଗମନ କରି ପ୍ରଭୁ ଅଲରନାଥଙ୍କୁ ଦର୍ଶନ କରିବା ସହିତ ସେହି ସର୍ବାଙ୍ଗ ଶିଳାକୁ ପ୍ରଣିପାତ କରିଥାନ୍ତି । ସନାତନ ଧର୍ମାବଲମ୍ବୀମାନଙ୍କର ଏହା ଏକ ପବିତ୍ର ଆଧ୍ୟାତ୍ମିକ ସ୍ଥଳୀ ଭାବେ ପରିଚିତ । ଶ୍ରୀମନ୍ଦିର ଭୋଗନୀତି ପରି ଏଠାରେ ମଧ୍ୟ ଭୋଗ ଅନୁଷ୍ଠିତ ହୁଏ । ସକାଳ ୮ଟାରେ ବାଳଭୋଗ, ସକାଳ ଧୂପରେ ଅଣ୍ଡି,



ଖେଚେଡ଼ି, ଡାଲି ଓ ତରକାରୀ ଭୋଗ ହୁଏ । ମାଧ୍ୟାହ୍ନରେ କ୍ଷୀର ଭୋଗ କରାଯାଇ ପହୁଡ଼ ପଡ଼େ । ରାତିରେ ଦହି ପଖାଳ ଓ ଭଜା ଭୋଗ କରାଯାଏ । ଶ୍ରୀଅଲାରନାଥଙ୍କ କ୍ଷୀରି ଭୋଗ ସବୁଠାରୁ ପ୍ରିୟ । ଶ୍ରୀମନ୍ଦିର ଭଳି ପ୍ରଭୁ ଅଲାରନାଥଙ୍କ ଦୈନନ୍ଦିନ ଆଳତୀ, ଅବକାଶ, ବଲ୍ଲଭ, ଅନ୍ନଭୋଗ, ଚନ୍ଦନ ଲାଗି, ବଡ଼ସିଂହାର ବେଶ, ପହୁଡ଼ ଇତ୍ୟାଦି ନୀତି ହୋଇଥାଏ । ବିଶେଷ କରି ଅଣସର ସମୟରେ ଉକ୍ତ ମନ୍ଦିରରେ ଦ୍ୱାର ଫିଟା, ମଙ୍ଗଳ ଆରତୀ, ଅବକାଶ, ଅଣସର ବେଶ, ଚନ୍ଦନ ତୁଳସୀ ଲାଗି, ବଲ୍ଲଭ ଭୋଗ, ସର୍ବସାଧାରଣ ଦର୍ଶନ, ସକାଳ ଧୂପ, ଦ୍ୱିପହର ଧୂପ କ୍ଷୀର ଭୋଗ, ଦିବା ପହୁଡ଼, ଚିଆଁ ପହୁଡ଼, ସର୍ବସାଧାରଣ ଦର୍ଶନ, ସନ୍ଧ୍ୟା ଆଳତୀ, ମଇଲମ, ଅଣସର ବେଶ, ସର୍ବସାଧାରଣ ଦର୍ଶନ, ସନ୍ଧ୍ୟା ଧୂପ, ବଡ଼ ସିଂହାର ବେଶ ଓ ତପ୍ରେ ପହୁଡ଼ ନୀତି ହୋଇ ମନ୍ଦିର ଦ୍ୱାର ବନ୍ଦ ହୋଇଥାଏ ।

ପ୍ରଭୁ ଅଲାରନାଥଙ୍କୁ ନେଇ ଏକ ସୁନ୍ଦର କଥାବସ୍ତୁ ରହିଛି । ପ୍ରଭୁ ଅଲାରନାଥ କ୍ଷୀରି ଖାଇବାକୁ ବେଶ ଭଲ ପାଆନ୍ତି । ଦିନେ ତାଙ୍କର ପୂଜକ ନିଜ କାର୍ଯ୍ୟରେ ବାହାରକୁ ଯାଇଥିଲେ । ତାଙ୍କ ଛୋଟ ପୁଅଟି ପ୍ରଭୁ ଅଲାରନାଥଙ୍କୁ କ୍ଷୀରି ଭୋଗ ଦେବା ବେଳେ ପ୍ରଭୁ ଏହା ଖାଇବାକୁ କୁନି ବାଳକଟି ଅନୁରୋଧ କରିଥିଲା । ପ୍ରଭୁ ବାଳକର ଅନୁରୋଧ ରକ୍ଷା କରି ପ୍ରକଟ ହୋଇ କ୍ଷୀରି ଖାଇଥିଲେ । ହେଲେ କ୍ଷୀରି ଗରମ ଥିବାରୁ ପ୍ରଭୁ ଅଲାରନାଥଙ୍କ ଶ୍ରୀଅଙ୍ଗରେ ଫୋଟକା ହୋଇଯାଇଥିଲା । ଏହି ଚିହ୍ନ ଆଜିବି ଅଲାରନାଥଙ୍କ ମୂର୍ତ୍ତିରେ ଦେଖିବାକୁ ମିଳିଥାଏ । ଏହି ସ୍ମୃତିରେ ଅନବସରରେ ଭକ୍ତମାନେ ପ୍ରଭୁ ଅଲାରନାଥଙ୍କୁ ଦର୍ଶନ କରି କ୍ଷୀରି ଭୋଗ କରିଥାନ୍ତି ।

ଶ୍ରୀଅଲାରନାଥଙ୍କ ବାରମାସରେ ତେର ଯାତ ହୁଏ । ଶ୍ରୀଜଗନ୍ନାଥଙ୍କ ପରି ଶ୍ରୀଅଲାରନାଥଙ୍କୁ ବିଭିନ୍ନ ସମୟରେ ବିଭିନ୍ନ ବେଶ କରାଯାଏ । ଅନବସର ସମୟରେ ଅନବସର ବେଶ, ଚନ୍ଦନ ଯାତ୍ରା ସମୟରେ ଚନ୍ଦନ ବେଶ, କାର୍ତ୍ତିକ ମାସରେ ରାଧାଦାମୋଦର ବେଶ, ଦଶହରା ଦିନ ରାଜବେଶ, ବସନ୍ତ ପଞ୍ଚମୀ ଦିନ ଘୋଡ଼ାଲାଗି ବେଶ ଓ ଅନ୍ୟାନ୍ୟ ବେଶ କରାଯାଏ । ସେହିଭଳି ବିଭିନ୍ନ ପର୍ବପର୍ବାଣି ମଧ୍ୟରେ ଅନବସର ଉତ୍ସବ, ଚିତାଲାଗି ଅମାବାସ୍ୟା, ଗହ୍ମାପୂର୍ଣ୍ଣିମା, କୁମାର ପୂର୍ଣ୍ଣିମା, ବିଜୟା ଦଶମୀ, ଦେବ ଦୀପାବଳୀ, ଧନୁ ସଂକ୍ରାନ୍ତି, ପହିଲି ଭୋଗ, ମକର ସଂକ୍ରାନ୍ତି, ବକୁଳ ଅମାବାସ୍ୟା, ବସନ୍ତ ପଞ୍ଚମୀ, ଦୋଳ ପୂର୍ଣ୍ଣିମା, ପୁଷ୍ୟାଭିଷେକ, ପଣାସଂକ୍ରାନ୍ତି, ଚନ୍ଦନ ଯାତ୍ରା ଆଦି ଅନୁଷ୍ଠିତ ହୁଏ ।

ଆଧ୍ୟାତ୍ମିକ ଦୃଷ୍ଟିରୁ ଓ ଲୋକ ବିଶ୍ୱାସରୁ ଶ୍ରଦ୍ଧାଳୁ ଭକ୍ତମାନେ ବ୍ରହ୍ମଗିରିର ଶ୍ରୀଅଲାରନାଥଙ୍କୁ ଦର୍ଶନ କରି ପୁଣ୍ୟ ଅର୍ଜନ କରିଥାନ୍ତି । ଶ୍ରୀମନ୍ଦିର ରତ୍ନ ସିଂହାସନରେ ଶ୍ରୀଜିଉଙ୍କୁ ଦର୍ଶନ କରିବାରେ ଯେତିକି ପୂଣ୍ୟ ମିଳେ ଅଣସର ସମୟରେ ଶ୍ରୀଅଲାରନାଥଙ୍କୁ ଦର୍ଶନ କଲେ ସେତିକି ପୂଣ୍ୟ ମିଳେ ବୋଲି ପ୍ରବାଦ ରହିଛି ...!!!

**ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ –୪**
**ମୋ–୯୦୪୦୧୫୧୪ ୭୫**

# ଗଣପର୍ବ ରଜ କାଲି ଓ ଆଜିର



ହିମାଂଶୁ ଶେଖର ଆଚାର୍ଯ୍ୟ

ଓଡ଼ିଶାରେ ପାଳନ କରାଯାଉଥିବା ପର୍ବମାନଙ୍କ ମଧ୍ୟରେ ରଜ ଏକ ପ୍ରମୁଖ ପର୍ବ । ଏହାକୁ 'ପର୍ବର ରାଣୀ' ବୋଲି କୁହାଯାଏ । ଅନ୍ୟାନ୍ୟ ପର୍ବମାନଙ୍କ ପରି ଏଥିରେ କୌଣସି ଦେବାଦେବୀଙ୍କୁ ପୂଜା କରାଯାଏ ନାହିଁ । ତଥାପି ରଜରେ ଦୋଳିଖେଳର ଆସର, ଗାଁ ଦାଣ୍ଡର ସେଇ କବାଡି ଖେଳ, ତାସଖେଳ, ରଜପାନ ଓ ଘରେ ଘରେ ପ୍ରସ୍ତୁତ ହେଉଥିବା ପୋଡପିଠା ସମସ୍ତଙ୍କୁ ତିନିଦିନ କାଳ ଏକ ନୂଆ ଦୁନିଆ ଭିତରେ ହଜାଇ ଦିଏ । ସ୍ନେହ, ସୌହାର୍ଦ୍ଦ୍ୟ ଓ ଭାଇଚାରା ମଧ୍ୟରେ ସାମାଜିକ ଭିତ୍ତିଭୂମିକୁ ଦୃଢ କରେ । ଆତ୍ମୀୟତା ଓ ବୁଝାମଣାର ବାତାବରଣ ସୃଷ୍ଟି କରେ । ତେଣୁ, ଏହି ଗଣପର୍ବ ରଜକୁ ଓଡିଶାବାସୀ ଉତ୍କଣ୍ଠା ଓ ଆବେଗର ସହ ଅପେକ୍ଷା କରିଥାନ୍ତି । ଏହି ପର୍ବଟି ମୁଖ୍ୟତଃ ଝିଅମାନଙ୍କର ପର୍ବ । ତଥାପି ପୁଅମାନେ ମଧ୍ୟ ଏହି ପର୍ବକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବାକୁ ଆଗେଇ ଆସିଥାନ୍ତି ।

ଆମ ସଂସ୍କୃତି, ପରମ୍ପରା ଓ ଚଳଣିର ନିଛକ ପ୍ରତୀକ ହେଉଛି ରଜପର୍ବ । ପ୍ରକୃତି ସହିତ ଜୀବନକୁ ସରସ ସୁନ୍ଦର କରିବାର ସୁଯୋଗ ଦେଉଥିବା ଏହି ପର୍ବର ମୁଖ୍ୟ ଆକର୍ଷଣ ହେଉଛି ଦୋଳିଖେଳ । ରଜଦୋଳି ସହିତ ରଜଗୀତର ମଜା ନିଆରା । ରଜଦୋଳିରେ ବସିବା ମାତ୍ରେ ପ୍ରତ୍ୟେକ ଓଡ଼ିଆ ଝିଅଙ୍କ କଣ୍ଠରୁ ଆପେ ଆପେ ବାହାରି ଆସେ –

*'ବନସ୍ତେ ଡାକିଲା ଗଜ*
*ବରଷକେ ଥରେ ଆସିଛି ରଜ*
*ଆସିଛି ରଜଲୋ ...*
*ଘେନି ନୂଆ ସଜବାଜ ।'*

ରଜଦୋଳିରେ ବସି କୁଆଁରୀମାନଙ୍କ ସୁଲଳିତ କଣ୍ଠରୁ ଭାସି ଆସୁଥିବା ଏହି ଗୀତ ମନେ ପକାଇଦିଏ ରଜମଉଜକୁ । ପର୍ବର ରାଣୀ ସେ । ଭରିଦିଏ କୁଆଁରୀ ମନରେ ଅଫୁରନ୍ତ ଆନନ୍ଦ । ଦୋଳିର କଟମଟ ଶବ୍ଦରେ ପ୍ରକମ୍ପିତ ହୁଏ ଗାଁ ତୋଟା । ବିଶେଷକରି ପଟା ଦୋଳିରେ ଦୁଇସାଙ୍ଗ ପେଙ୍ଗାମାରି ଦୋଳିକୁ ଉପରକୁ ଉଠାଇବା ଦୃଶ୍ୟ ବେଶ୍ ଉପଭୋଗ୍ୟ ହୁଏ । ତା'ସାଙ୍ଗକୁ ପୁଣି କୁଆଁରୀ କଣ୍ଠରୁ ଶୁଭେ –

*'ରଜଦୋଳି କଟମଟ*
*ମୋ ଭାଇ ମୁଣ୍ଡରେ ସୁନା ମୁକୁଟ*
*ସୁନା ମୁକୁଟ ଲୋ ...*
*ଦିଶୁଥାଏ ଝଟଝଟ ।'*

ଆଜି କିନ୍ତୁ ସେ ଦୋଳି ନାହିଁ କି ସେ ଗୀତ ନାହିଁ । ଶୁଣାଯାଉନି ସେଇ କେଁକଟର ଶବ୍ଦ । ସବୁଠି ଯେପରି ଗୋଟିଏ ବ୍ୟତିକ୍ରମର ଆବହାଓ୍ୱା ।

ଉତ୍କଳୀୟ ପରମ୍ପରାରେ ବାରମାସରେ ତେର ପର୍ବ ପାଳନ କରାଯାଏ । ଓଡ଼ିଶାର ପର୍ବ ବିଭିନ୍ନ ପରମ୍ପରାର ପ୍ରତିନିଧିତ୍ୱ କରିଥାଏ । ଏପରି ଏକ ପର୍ବ ହେଉଛି ରଜ ଯାହା ମାଟି ସହ ମଣିଷକୁ ଯୋଡିଥାଏ । କାରଣ କନ୍ୟାଟି ରଜୋବତୀ ହେଲେ ଯେପରି ଭାବରେ ବ୍ୟବହାର ପାଇଥାଏ ଠିକ୍ ସେହିପରି ଏହି ରଜପର୍ବରେ ଆମର ଧରଣୀମାତାଙ୍କୁ ସେପରି ବ୍ୟବହାର ଦେଖାଯାଏ । ତେଣୁ ରଜସ୍ୱଳା ନାରୀ ପରି ମାଟି ମା'କୁ ଏହି ସମୟରେ ବିଶ୍ରାମ ଦିଆଯାଏ । ଉଦ୍ଦେଶ୍ୟ ହେଲା, ନାରୀମାନେ ରଜସ୍ୱଳା ପରେ ଯେପରି ସନ୍ତାନ ସୃଷ୍ଟି ପାଇଁ ସକ୍ଷମ ହୋଇଥାନ୍ତି, ଠିକ୍ ସେହିପରି ଆଦ୍ୟ ଆଷାଢର ବାରିପାତରେ ମାତା ବସୁଧା ଫସଲ ଉତ୍ପାଦନ ପାଇଁ ସକ୍ଷମ ହୋଇଥାଏ । ଜ୍ୟେଷ୍ଠ ମାସର ଶେଷଦିନକୁ ପହିଲି ରଜ, ଆଷାଢ ମାସର ପ୍ରଥମ ଦିନଟି ରଜସଂକ୍ରାନ୍ତି ଓ ତାପର ଦିନକୁ ଭୂଇଁ ନଅଁଣ ବା ଭୂମିଦହନ କୁହାଯାଏ । ଚତୁର୍ଥଦିନ ବସୁମତୀ ସ୍ନାନ ପାଳନ ପରେ ଏହି ପର୍ବ ଶେଷ ହୁଏ । ରଜପର୍ବରେ ପୋଡପିଠାର ମଜା ନେବାକୁ କେହି ଭୁଲନ୍ତି ନାହିଁ । ଘରେ ଘରେ ରଜ ପୋଡପିଠା ପ୍ରସ୍ତୁତ ହୁଏ । ଏଇ ପୋଡପିଠା ବେଶ୍ ରୁଚିକର । ପିଠା ତିଆରି କରାଯାଇ ବନ୍ଧୁବାନ୍ଧବ ଓ ସାଇପଡିଶାଙ୍କୁ ଦିଆଯାଇଥାଏ । ଉତ୍କଳର ଆରାଧ୍ୟ ଦେବତା ଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ଏହି ପୋଡପିଠା ସବୁଦିନେ ଭୋଗ ହେବାର ବିଧି ଅଛି । ସେହିପରି ନୂଆ ବିବାହିତା ଝିଅମାନଙ୍କ ଶାଶୁଘରୁ ରଜଭାର ଆସିଥାଏ । ରଜପର୍ବରେ ରଜପାନ ନଥିଲେ ସବୁକିଛି ମାନ୍ଦା ମାନ୍ଦା ଲାଗେ । ମୁଖ୍ୟତଃ ରଜରେ କେହି କୁଣିଆ ଆସିଲେ ନବବଧୂମାନେ ପାନଥାଳି ଧରି ରଜପାନ ଦେବାର ବିଧି ରହିଛି । ସେ ଛୋଟ ଝିଅଟିଏ ହେଉ କି ପରିଣତ ବୟସରେ ଉପନୀତ ହୋଇଥିବା ବୁଢାବୁଢୀ ସମସ୍ତଙ୍କ ପାଟିରେ ରଜପାନଓ। ତାସଖେଳ ହେଉ କି ଲୁଡୁଖେଳ, ସବୁଠି ରଜପାନର ଆସର । ରଜଦୋଳି ଯେପରି ଝିଅମାନଙ୍କ ପାଇଁ ଉଦ୍ଦିଷ୍ଟ ସେହିପରି ପୁଅମାନେ କବାଡି ଖେଳିବା ପରମ୍ପରା କାହିଁ କେତେକାଳରୁ ଚଳିଆସୁଛି । ଗାଁ ପଡିଆରେ କବାଡି ଖେଳ ଦେଖିବା ପାଇଁ ଗ୍ରାମବାସୀମାନେ ବେଶ୍ ଭିଡ ଜମାଇଥାନ୍ତିଓ। କବାଡି ପ୍ରତିଯୋଗିତା ଜିତିବା ପାଇଁ ଗାଁ ଗାଁ ମଧ୍ୟରେ କବାଡି ପ୍ରତିଯୋଗିତା ଚାଲେ । ରଜ ସମୟରେ ଏଭଳି ପ୍ରତିଯୋଗିତା ଲୋକଙ୍କ ମଧ୍ୟରେ ଏକତା ସୃଷ୍ଟି କରେ ।

ରଜ ହେଉଛି ଏକ ଆନନ୍ଦମୟ ପର୍ବ । ଆବାଳବୃଦ୍ଧବନିତା ସମସ୍ତଙ୍କ ମନପ୍ରାଣରେ ଏହା ଉଲ୍ଲାସ ଭରିଦିଏ । ଶାନ୍ତି, ମୈତ୍ରୀ ଓ ସୌହାର୍ଦ୍ଦ୍ୟ ବୃଦ୍ଧି କରିବାରେ ରଜପର୍ବର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ରଜପର୍ବ ପୂର୍ବ ଓଡ଼ିଶାରେ ତିନିଦିନ ଧରି ପାଳନ କରାଯାଉଥିବା ବେଳେ ପଶ୍ଚିମ ଓଡ଼ିଶାରେ ଏହା ପାଞ୍ଚଦିନ ଧରି ପାଳନ କରାଯାଏ । ତେଣୁ ଏହାକୁ ପଞ୍ଚପର୍ବ ମଧ୍ୟ କୁହାଯାଏ । ଏହି ପର୍ବ ଖାଲି ଓଡ଼ିଶାରେ ନୁହେଁ, କେରଳରେ 'ଓନାମ୍' ଓ ରାଜସ୍ଥାନରେ 'ତାଜ୍' ପର୍ବ ଭାବରେ ପାଳନ କରାଯାଏ । ସେ ଦୃଷ୍ଟିରୁ ରଜପର୍ବକୁ ଏକ ଅବସର ବିନୋଦନର ପର୍ବ କହିଲେ ଭୁଲ୍ ହେବନାହିଁ । କିନ୍ତୁ ଆଧୁନିକତାର ଛାପରେ ଧୀରେ ଧୀରେ ଏହି ଗଣପର୍ବ ତା'ର ସ୍ମୃତିଚିହ୍ନ ହରେଇବାକୁ ବସିଲାଣି । ବିଜ୍ଞାନର ଅଗ୍ରଗତି ଓ ସଭ୍ୟତାର ବିକାଶ ସାଙ୍ଗକୁ ଅବକ୍ଷୟମୁଖୀ ସଂସ୍କୃତି ଭିତରେ ରଜପର୍ବ ତାର ଚମକ ହରାଉଛି । ବିଦେଶରେ ରହୁଥିବା ଲୋକମାନେ ଏବେ ରଜରେ ଗାଁକୁ ବିଶେଷ ଆସିପାରୁ ନାହାଁନ୍ତି । ଟେଲିଭିଜନ, କମ୍ପ୍ୟୁଟର, ମୋବାଇଲ ଯୁଗରେ ଏବଂ କ୍ରିକେଟ୍ ଖେଳର ପ୍ରସାର ଓ ପ୍ରଚାରର ଭିଡ ଭିତରେ ଆଉ ପୂର୍ବଭଳି କବାଡି ଓ ବାଗୁଡି ଖେଳ ଦେଖିବାକୁ ମିଳୁନି । ଆଜିର ରଜ ସମୟରେ ଚୁଲିରେ କଦଳୀପତ୍ରରେ ପୋଡପିଠା ପ୍ରସ୍ତୁତ ଆଉ ପ୍ରାୟ ଦେଖିବାକୁ ମିଳୁନି । ରଜରେ ଗାଁ ବରଗଛ, ଆମ୍ବଗଛରେ ଦୋଳି ଖେଳିବା ଦେଖିବାକୁ ମିଳୁନି କି ରଜଦୋଳି ଗୀତ ଶୁଣିବାକୁ ମିଳୁନାହିଁ ।

ଏବେ ଚିନ୍ତା କରିବାର ବେଳ ଆସିଛି । ଅପସଂସ୍କୃତିର ପଶାପାଲିରୁ ଆମ ସଂସ୍କୃତି ଓ ପରମ୍ପରାକୁ ରକ୍ଷା କରିବାକୁ ହେବ । ଅବଶ୍ୟ ଏବେ ଗାଁ ଗଣ୍ଡାରେ ଓ ସହରର କେତେକାଂଶରେ ରଜପର୍ବକୁ ଉଜ୍ଜୀବିତ ରଖିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି । କେତେକ ସଂଗଠନ ଏଥିପାଇଁ ଆଗେଇ ଆସିଛନ୍ତି ।

ଓଡ଼ିଶାର ସଂସ୍କୃତିକୁ ବଜାୟ ରଖିବା ପାଇଁ ସେମାନଙ୍କ ତରଫରୁ ପୋଡପିଠା, କବାଡି, ରଜଦୋଳି ଓ ଗୀତ, ତାସଖେଳ ଇତ୍ୟାଦିର ପ୍ରତିଯୋଗିତା ଆୟୋଜନ କରାଯାଉଛି । କିଛି ପରିମାଣରେ ଏହା ଆମ ହଜିଯାଉଥିବା ପରମ୍ପରାକୁ ରକ୍ଷା କରିବାରେ ସକ୍ଷମ ହୋଇପାରିଛି । ସେଥିପାଇଁ ସେମାନେ ପ୍ରଶଂସାର ପାତ୍ର । ତଥାପି ଆମେ ବରଷକେ ଥରେ ରଜପର୍ବକୁ ଅପେକ୍ଷା କରିଥାଉ ଆନନ୍ଦ ଉଲ୍ଲାସର ସହ । ଯଦିଓ ଏହିପର୍ବ ପାଳନରେ ପୂର୍ବର ସେ ଚମକ ନାହିଁ, ତଥାପି କେଉଁଠି ନା କେଉଁଠି ଆମ ପରମ୍ପରାରେ ଜୀଇଁ ରହିଛି ଓ ରହିଥିବ ଆମ ଗଣପର୍ବ ରଜ । ଏଥିରେ ସନ୍ଦେହ ନାହିଁ ।

**ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର,ମୋ – ୯୩୩୭୨୨୧୯୨୪**

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ଯାଜପୁରରେ...

ରାଜ୍ୟ ଓ କେନ୍ଦ୍ରସ୍ତରୀୟ ଖାଦ୍ୟ ନିରାପତ୍ତା ଟିମ୍ ଓ ସ୍ୱାସ୍ଥ୍ୟ ଟିମ୍‌ମାନେ ସ୍ୱତନ୍ତ୍ର ଭାବେ ଭିନ୍ନ ଭିନ୍ନ ସ୍ଥାନ ପରିଦର୍ଶନ କରି ନିଜ ନିଜର ନିରୀକ୍ଷଣ ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟ ଜାରି ରଖିବାକୁ ମନ୍ତ୍ରୀ ଡଃ ମହାଲିଙ୍ଗ ପରାମର୍ଶ ଦେଇଥିଲେ । ପରେ ପରେ ସ୍ୱାସ୍ଥ୍ୟମନ୍ତ୍ରୀ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡର ପ୍ରଭାବିତ ଅଞ୍ଚଳ ଗସ୍ତ କରି କ୍ଷେତ୍ରସ୍ତରୀୟ ସ୍ଥିତି ପରଖିବା ସହ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଅଧିକାରୀ ଏବଂ ବିଶେଷଜ୍ଞମାନଙ୍କ ସହ ସ୍ଥିତିର ସମୀକ୍ଷା କରି ଡାଇରିଆର ପ୍ରତିରୋଧ ଓ ପ୍ରତିଷେଧକ ମୂଳକ ପଦକ୍ଷେପଗୁଡ଼ିକୁ ବ୍ୟାପକ କରିବା ନିମନ୍ତେ ପରାମର୍ଶ ଦେଇଥିଲେ ।

## ଦୃଢ଼...

ସମବେଦନା ଜଣାଉଛି । ଓଡ଼ିଶାରେ ହଇଜା ବ୍ୟାପୁଥିବା ବେଳେ ରାଜ୍ୟ ସରକାର ଏହାକୁ ହାଲକା ଭାବେ ନେବା ସମସ୍ତଙ୍କୁ ବେଶ୍ ଚକିତ ଓ ବିଚଳିତ କରୁଛି । ଲୋକଙ୍କ ଜୀବନକୁ ଆଉ ବିପଦକୁ ନଠେଲି ସରକାର ସଜାଗ ହୁଅନ୍ତୁ । ହଇଜାର ବ୍ୟାପକତାକୁ ରୋକିବା ପାଇଁ ତୁରନ୍ତ ଦୃଢ଼ ପଦକ୍ଷେପ ଗ୍ରହଣ କରନ୍ତୁ ।

## ଏଥର...

ସମ୍ପର୍କରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଛି ।

ରବିବାର ସନ୍ଧ୍ୟାଠାରୁ ରାଜ୍ୟର ସମସ୍ତ ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ ପାଇଁ ସବୁ ଥାନା ଅଞ୍ଚଳରେ ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି । ବିଶେଷ କରି ହୋଟେଲ, ଲଜ୍, ମଠ, ମନ୍ଦିର, ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେସନ, ଶ୍ରମିକଙ୍କ ରହଣୀସ୍ଥଳ ଓ କର୍ମଶାଳା ଆଦି ସ୍ଥାନଗୁଡିକରେ ତନ ତନ ଭାବେ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଡିଜିପି । ପ୍ରଥମଥର ପାଇଁ ପୁରୀ ଟାଉନ ଥାନାରେ ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍ ସ୍ଥାପନ କରାଯିବ । ଏହା ସହ ଏଆଇ କ୍ୟାମେରା ସହରର ବିଭିନ୍ନ ସ୍ଥାନରେ ଲଗାଇବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି । ବିଶେଷ କରି ଉତ୍ତରା ଛକରୁ ଆରମ୍ଭ କରି ପୁରୀ-କୋଣାର୍କ ରୋଡ୍ ସହିତ ସହରର ବିଭିନ୍ନ ଛକରେ ମଧ୍ୟ ଏହି କ୍ୟାମେରା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯାହା ଫଳରେ ଭକ୍ତଙ୍କୁ ଟ୍ରାଫିକ୍ ପରିଚାଳନାରେ ସହଯୋଗ ଓ ସୁବିଧା ମିଳିପାରିବ ବୋଲି ଡିଜିପି ମତବ୍ୟକ୍ତ କରିଛନ୍ତି । ଜନସାଧାରଣଙ୍କ ଯାତାୟାତ ସୁବିଧା ନିମନ୍ତେ ଏକ ମୋବାଇଲ ଆପ୍ ପ୍ରସ୍ତୁତ କରାଯାଇଛି । ଯାହାକି ଟ୍ରାଫିକ୍ ଉପଦେଶ, ପାର୍କିଂ ସ୍ଥାନ, ଟ୍ରାଫିକ୍ ଜାମ୍ ଓ ବିକଳ୍ପ ରାସ୍ତା ସମ୍ପର୍କରେ ତ୍ୱରିତ ସୂଚନା ପ୍ରଦାନ କରିବ ।

ଏହା ସହ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ମୁକାବିଲା ନିମନ୍ତେ ସମୁଦ୍ର ମଧ୍ୟରେ ଭାରତୀୟ ନୌସେନା, ତଟରକ୍ଷୀ, ଓଡ଼ିଶା ପୋଲିସ ସାମୁଦ୍ରିକ ଥାନାର ମିଳିତ ପାଟ୍ରୋଲିଂ ବ୍ୟବସ୍ଥା ସହ ଜାହାଜରେ କ୍ୟୁଆର୍‌ଟି ମୁତୟନ, ଆକାଶମାର୍ଗରୁ ଆକ୍ରମଣକୁ ପ୍ରତିହତ କରିବା ନିମନ୍ତେ ଡ୍ରୋନ୍ ଏବଂ ଆଣ୍ଟିଡ୍ରୋନ୍ ସିଷ୍ଟମର ବ୍ୟବସ୍ଥା କରାଯାଉଛି । ଯେକୌଣସି ପ୍ରତିକୂଳ ପରିସ୍ଥିତିର ମୁକାବିଲା ନିମନ୍ତେ ଆଣ୍ଟି ଟେରେରିଷ୍ଟ ସ୍କ୍ୱାର୍ଡ ସହ ଏକ ରକ୍ଷକ ବାହନ ମଧ୍ୟ ପୁରୀ ସହରରେ ମୁତୟନ କରାଯିବା ଉପରେ ବୈଠକରେ ଡିଜିପି ଗୁରୁତ୍ୱାରୋପ କରିଥିଲେ । ସୁରକ୍ଷା ଓ ନିରାପତ୍ତା ଦୃଷ୍ଟିରୁ ବିଗତ ବର୍ଷ ଅପେକ୍ଷା ଅଧିକ ଫୋର୍ସ ନିୟୋଜିତ କରାଯିବ ବୋଲି ଡିଜିପି କହିଛନ୍ତି । ରଥଯାତ୍ରା ସମୟରେ ସମ୍ଭାବ୍ୟ ଦଳାଚକଟା ପରିସ୍ଥିତି ଏବଂ ଏହାର ନିରାକରଣ ଉପରେ ସଦାସର୍ବଦା ପ୍ରସ୍ତୁତ ରହିବାକୁ କୁହାଯାଇଛି । ଏତଦ୍‌ବ୍ୟତୀତ ସହରର ଟ୍ରାଫିକ୍ ସୁପରିଚାଳନା ନିମନ୍ତେ ରୋଡ୍ ଡିଭାଇଡର, ଡିଲିନେଟର ଓ ଟ୍ରାଫିକ୍ ଡ୍ରୋନ୍ ବ୍ୟବସ୍ଥା ସହରର ବିଭିନ୍ନ ସ୍ଥାନରେ ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା, ଶୃଙ୍ଖଳିତ ଟ୍ରାଫିକ୍ ବ୍ୟବସ୍ଥାର ସୁପରିଚାଳନା ଆଦି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ସେହିପରି ସମୁଦ୍ର କୂଳରେ ପୋଲିସ ପକ୍ଷରୁ ପାଟ୍ରୋଲିଂ କଡାକଡି ଓ ଅସ୍ଥାୟୀ ପୋଲିସ୍ ଆଉଟ୍‌ପୋଷ୍ଟ ଖୋଲାଯିବା ସମ୍ପର୍କରେ ମଧ୍ୟ ବିସ୍ତୃତ ଭାବେ ଆଲୋଚନା ହୋଇଛି । ଏହାବ୍ୟତୀତ ରେଳବାଇ ପୋଲିସ ପକ୍ଷରୁ ବିଭିନ୍ନ ରେଳ ଷ୍ଟେସନରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ଆର୍‌ପିଏଫ୍ ସହ ଉପଯୁକ୍ତ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଡିଜିପି ପରାମର୍ଶ ଦେଇଛନ୍ତି । ଭିଭିଆଇପି, ଭିଆଇପିଙ୍କ ପାଇଁ ସ୍ୱତନ୍ତ୍ର ହେଲିପ୍ୟାଡ୍, ପୋଲିସ ଫୋର୍ସଙ୍କ ରହଣି ନିମନ୍ତେ ସ୍ୱତନ୍ତ୍ର ସୁବିଧା, ଶୃଙ୍ଖଳିତ ରଥଟଣା, ବ୍ୟାରିକେଡ୍ ବ୍ୟବସ୍ଥା, ଜିଲ୍ଲା ପ୍ରଶାସନ ସହ ମିଶି ବିଭିନ୍ନ ଅସୁବିଧାର ଆଶୁ ସମାଧାନ ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ସୁବିଧା ଇତ୍ୟାଦି ସମ୍ପର୍କରେ ଡିଜିପି ବିସ୍ତୃତ ଆଲୋଚନା କରିଥିଲେ । ବୈଠକରେ ଗୁଇନ୍ଦା ନିର୍ଦ୍ଦେଶକ ଆର୍‌ପି କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସଞ୍ଜୟ କୁମାର, ପରିବହନ କମିଶନର ଅମିତାଭ ଠାକୁର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଦୟାଲ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ରାଜେଶ କୁମାର, ଆଇଜି ଏସ୍.ପ୍ରବୀଣ କୁମାର, ଆଇଜି ଡଃ ଦୀପକ କୁମାର, ଆଇଜି ଅନୁପ ସାହୁ, ଡିଆଇଜି ଚରଣ ସିଂ ମିନା, ଡିଆଇଜି କନୱାର ବିଶାଳ ସିଂ, ଡିଆଇଜି ପୀନାକ ମିଶ୍ର, ଡିଆଇଜି ବି.ଗଙ୍ଗାଧର, ଡିଆଇଜି ଯୁଗଳ କିଶୋର ବନୋଥ, ଏସ୍‌ପି (ରେଲୱେ) ବିବେକାନନ୍ଦ ଶର୍ମା, ପୁରୀ ଏସ୍‌ପି ବିନିତ ଅଗ୍ରୱାଲ ପ୍ରମୁଖ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ।

## ଭୁଷୁଡିଲା...

ଆଜି ରବିବାର ଥିବାରୁ ସେଠାରେ ବହୁ ସଂଖ୍ୟକ ପର୍ଯ୍ୟଟକ ଉପସ୍ଥିତ ଥିଲେ । କିଛି ଲୋକ ପୋଲ ଉପରେ ଠିଆ ହୋଇ ଫଟୋ ଉଠାଇଥିଲେ । ଘଟଣାସ୍ଥଳରେ ପ୍ରାୟ ୨୦୦ ପର୍ଯ୍ୟଟକ ଉପସ୍ଥିତ ଥିଲେ ।

ସୂଚନା ଅନୁସାରେ ପୁଣେର ମାଭାଲର କୁଣ୍ଡ ମାଳାରେ ଥିବା ଏହି ପୋଲ ଭୁଶୁଡ଼ି ପଡ଼ିବା ଯୋଗୁଁ କିଛି ପର୍ଯ୍ୟଟକ ବୁଡ଼ି ଯାଇଛନ୍ତି । କୁହାଯାଉଛି ଯେ ଏହି ଘଟଣା ଅପରାହ୍ନ ପ୍ରାୟ ୩.୪୦ ସମୟରେ ଘଟିଥିଲା । ପୋଲର ଅଂଶରେ ପଥର ମଧ୍ୟ ଥିଲା । ପଥର ଉପରେ ପଡ଼ିଥିବା ଲୋକମାନେ ଗୁରୁତର ଆହତ ହୋଇଛନ୍ତି । ସେପଟେ ନଦୀ ସ୍ରୋତରେ ପଡ଼ିଥିବା ଅନେକ ଲୋକ ଭାସି ଯାଇଛନ୍ତି । ପିମ୍ପରି-ଚିଞ୍ଚୱାଡ ପୁଲିସ କମିଶନରେଟ ଅନ୍ତର୍ଗତ ତାଲେଗାଁଓ ଦାଭାଡେ ପୁଲିସ ଘଟଣାସ୍ଥଳକୁ ପହଞ୍ଚିଛି । ଆଜି ରବିବାର ଥିବାରୁ ସେଠାରେ ବହୁ ସଂଖ୍ୟକ ପର୍ଯ୍ୟଟକ ଉପସ୍ଥିତ ଥିଲେ । କିଛି ଲୋକ ପୋଲ ଉପରେ ଠିଆ ହୋଇ ଫଟୋ ଉଠାଇଥିଲେ । ଏପର୍ଯ୍ୟନ୍ତ କେତେ ଲୋକ ବୁଡ଼ି ଯାଇଛନ୍ତି ତାହା ସ୍ପଷ୍ଟ ହୋଇନାହିଁ । ପ୍ରାଥମିକ ସୂଚନା ଅନୁଯାୟୀ, ପ୍ରାୟ ୨୦ ରୁ ୨୫ ଜଣ ବୁଡ଼ି ଯାଇଛନ୍ତି । ଘଟଣାସ୍ଥଳରେ ପ୍ରାୟ ୨୦୦ ପର୍ଯ୍ୟଟକ ଉପସ୍ଥିତ ଥିଲେ ।

## ୧୦୦ ଜଣଙ୍କୁ...

ହୋଇ ପଡ଼ି ରହିଥିଲା । ବନ୍ଧୁକଧାରୀମାନେ ଗୁଳି ମାରିବା ପରେ ଲୋକମାନେ ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖିବାକୁ ମିଳିଥିଲା ।

ଫାର୍ଷ୍ଟପୋଷ୍ଟର ରିପୋର୍ଟ ଅନୁଯାୟୀ, ୟେଲେୱାଟାରେ ଏହି ଭୟଙ୍କର ଆକ୍ରମଣ ପରେ ଅନେକ ଲୋକ ନିଖୋଜ ଅଛନ୍ତି । ଏହି ଆକ୍ରମଣ ସମୟରେ କେହି ଖସି ପଳାଇଯିବାର ସମ୍ଭାବନା ଅଛି ଅବା ସେମାନଙ୍କୁ ଅପହରଣ କରାଯାଇଥିବା କୁହାଯାଉଛି । ଆକ୍ରମଣରେ ବହୁ ଲୋକ ଆହତ ହୋଇଛନ୍ତି । ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ମିଳୁନାହିଁ ଏବଂ ଚିକିତ୍ସା ପାଇଁ ସେମାନେ ଚିନ୍ତିତ ଅଛନ୍ତି । ସାମ୍ପ୍ରତିକ ସମୟରେ ବେନୁ ରାଜ୍ୟରେ ଏପରି ହତ୍ୟାକାଣ୍ଡର ଘଟଣା ଲଗାତାର ଦେଖାଯାଉଛି । ମୁସଲିମ ଏବଂ ଖ୍ରୀଷ୍ଟିଆନ ଜନସଂଖ୍ୟା ବିଶିଷ୍ଟ ଦେଶ ନାଇଜେରିଆରେ ବଢୁଥିବା ଆକ୍ରମଣ ଉପରେ ଆମନେଷ୍ଟି ଇଣ୍ଟରନ୍ୟାସନାଲ ଚିନ୍ତା ପ୍ରକାଶ କରିଛି ।

ଆମନେଷ୍ଟି ଇଣ୍ଟରନ୍ୟାସନାଲ ଏକ ବିବୃତିରେ କହିଛି, 'ଆକ୍ରମଣକାରୀମାନେ ଅନେକ ପରିବାରକୁ ସେମାନଙ୍କ ଘରେ ବନ୍ଦ କରି ଜୀବନ୍ତ ଜାଳି ଦେଇଥିଲେ । ଏହା ନିଷ୍ଠୁରତାର ଚରମ ସୀମା । ଆମେ ବେନୁ ରାଜ୍ୟରେ ଆକ୍ରମଣର ଏଭଳି ବିପଜ୍ଜନକ ସ୍ଥିତିକୁ ନିନ୍ଦା କରୁଛୁ । ବନ୍ଧୁକଧାରୀମାନେ ବିନା ଭୟରେ ଲୋକଙ୍କୁ ହତ୍ୟା କରୁଛନ୍ତି । ଏହି ଆକ୍ରମଣଗୁଡ଼ିକ ଯୋଗୁ ବହୁ ସଂଖ୍ୟକ ବିସ୍ଥାପନ ଘଟୁଛି । ହିଂସା ଯୋଗୁ ଖାଦ୍ୟ ସୁରକ୍ଷା ମଧ୍ୟ ପ୍ରଭାବିତ ହେଉଛି । କାରଣ ଅଧିକାଂଶ ପୀଡିତ ହେଉଛନ୍ତି ଚାଷୀ ।

ନାଇଜେରିଆର ବେନୁ ରାଜ୍ୟ ଦେଶର ମଧ୍ୟଭାଗରେ ଅବସ୍ଥିତ, ଯାହାର ସୀମା ଉତ୍ତରରେ ମୁସଲିମ ବହୁଳ ଏବଂ ଦକ୍ଷିଣରେ ଖ୍ରୀଷ୍ଟିଆନ ଅଞ୍ଚଳ ଦ୍ୱାରା ଘେରି ରହିଛି । ଏହି ଅଞ୍ଚଳ ଦୀର୍ଘ ଦିନ ଧରି ସବୁଜ ଜମି ଖୋଜୁଥିବା ପଶୁପାଳକ ଏବଂ କୃଷକମାନଙ୍କ ମଧ୍ୟରେ ହିଂସା ଦ୍ୱାରା ଜର୍ଜରିତ ହୋଇଆସୁଛି । ଜମି ବିବାଦ ପ୍ରାୟତଃ ଜାତିଗତ ଏବଂ ଧାର୍ମିକ ଉତ୍ତେଜନାକୁ ବୃଦ୍ଧି କରୁଛି । ଫଳରେ ଗୋଷ୍ଠୀଗୁଡ଼ିକ ମଧ୍ୟରେ ମାରାତ୍ମକ ହିଂସା ଘଟୁଛି ।

ଗତ ମାସରେ ମଧ୍ୟ, ଏହି ଅଞ୍ଚଳର ଗ୍ରେୱର ପଶ୍ଚିମ ଜିଲ୍ଲାରେ ସନ୍ଦିଗ୍ଧ ପଶୁପାଳକମାନେ ୪୨ ଜଣଙ୍କୁ ହତ୍ୟା କରିଥିଲେ । ଏସବିଏମ ଇଣ୍ଟେଲିଜେନ୍ସ ଅନୁଯାୟୀ, ୨୦୧୯ ପରଠାରୁ ଏପରି ସଂଘର୍ଷରେ ୫୦୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି ଏବଂ ପ୍ରାୟ ୨୨ ଲକ୍ଷ ଲୋକ ନିଜର ଭିଟାମାଟି ଛାଡିବାକୁ ବାଧ୍ୟ ହୋଇଛନ୍ତି । ନାଇଜେରିଆ ସରକାର ବେନୁ ରାଜ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଅନେକ ପ୍ରୟାସ କରିଛନ୍ତି, କିନ୍ତୁ କୌଣସି ଗୁରୁତ୍ୱପୂର୍ଣ୍ଣ ସଫଳତା ମିଳିନାହିଁ ।

ଆମନେଷ୍ଟି ଇଣ୍ଟରନ୍ୟାସନାଲ ବେନୁ ରାଜ୍ୟରେ ହିଂସା ବନ୍ଦ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ନାଇଜେରିଆ ସରକାରଙ୍କୁ ଅନୁରୋଧ କରିଛି । ସଂଗଠନ କହିଛି ଯେ, ପୀଡିତମାନଙ୍କୁ ନ୍ୟାୟ ଏବଂ ପର୍ଯ୍ୟାପ୍ତ କ୍ଷତିପୂରଣ ଯୋଗାଇବା ପାଇଁ ସରକାର ଯୋଜନା ପ୍ରଣୟନ କରିବା ଅପରିହାର୍ଯ୍ୟ ।

# ଜଳାଶୟରୁ ୫ ଯୁବକ-ଯୁବତୀଙ୍କର ମୃତଦେହ ଉଦ୍ଧାର

ବାରିପଦା/କୋରାପୁଟ/ରାଉରକେଲା, ୧୫।୬(ସବ୍ୟୁ): ରାଜ୍ୟର ବିଭିନ୍ନ ସ୍ଥାନର ଜଳାଶୟରେ ଅଘଟଣ ଘଟି ୫ ଜଣ ଯୁବକ-ଯୁବତୀଙ୍କର ମୃତ୍ୟୁ ଘଟିଛି । ମୟୂରଭଞ୍ଜ ଜିଲ୍ଲାରେ ୨ ଜଣ ଯୁବକ, କୋରାପୁଟ ଜିଲ୍ଲାରେ ଦୁଇ ଜଣ ଯୁବକ-ଯୁବତୀ ଓ ରାଉରକେଲାରେ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି । ମୟୂରଭଞ୍ଜ ଜିଲ୍ଲା ବାରିପଦାର ୨୧ ନମ୍ବର ୱାର୍ଡର ମଧୁବନ ଏବଂ ମୁର୍ଗାବାଡ଼ିରୁ ଅଙ୍କିତ କୁମାର ଭୂଜବଳ (୨୦) ଏବଂ ରଘୁନାଥପୁର ଅଞ୍ଚଳର ଅଂଶୁମାନ ନାଏକ (୨୦) ଅନ୍ୟ ୫ ଜଣ ସାଙ୍ଗଙ୍କ ସହିତ ମିଶି ରବିବାର ପୂର୍ବାହ୍ନରେ ଶିମିଳିପାଳ ବୁଲି ଯାଇଥିଲେ। ସେଠାରେ ସେମାନ ନଦୀରେ ଗାଧେଇବା ସମୟରେ ଅଙ୍କିତ ଓ ଅଂଶୁମାନଙ୍କ ଗୋଡଖସି ଯାଇଥିଲା। ଫଳରେ ସେମାନେ ୨ଜଣ ଭାସିଯାଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚିଥିଲା। ଉଭୟ ନିଖୋଜ ହେବାର କିଛି ସମୟ ପରେ ଅଗ୍ନିଶମ ବାହିନୀ ୨ଜଣଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲା। ଡାକ୍ତରଖାନାରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପାଇଁ ମୃତଦେହ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ଡାକ୍ତରଖାନାକୁ ପଠାଯାଇଛି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି । ରାଉରକେଲା ଅଧୀନ ତେତେରକେଲା ନିକଟ ବ୍ରାହ୍ମଣୀ ନଦୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସାଙ୍ଗ ହୋଇ ଗାଧୋଇବା ବେଳେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ଜଣ ସାଙ୍ଗ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି । ସେହିପରି କୋରାପୁଟ ଜିଲ୍ଲା ଲମତାପୁଟ ଜଲାପୁଟ ଜଳଭଣ୍ଡାରରେ ଏକ ଅଘଟଣ ଘଟିଥିବା କୁହାଯାଉଛି । ଜଲାପୁଟ ଡ୍ୟାମରୁ ୨ ଜଣ ଯୁବକ-ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଛି। ଏମାନେ ଗତକାଲି ଶନିବାର ଠାରୁ ନିଖୋଜ ଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଖୋଜିବା ପରେ ଅଗ୍ନିଶମ ବାହିନୀ ଦ୍ୱାରା ଦୁହିଁଙ୍କର ମୃତଦେହ ଉଦ୍ଧାର କରାଯାଇଛି । ମୃତ ଯୁବକ ଓ ଯୁବତୀ ପାଡୁଆ ଥାନା ଅନ୍ତର୍ଗତ ବନୁର ଓ ବାଇରପଡ଼ା ଗାଁର ବୋଲି ଜଣାପଡ଼ିଛି । ତେବେ କେଉଁ ପରିସ୍ଥିତିରେ ଉଭୟଙ୍କ ମୃତ୍ୟୁ ଘଟିଛି ତାହା ଏ ଯାଏ ସ୍ପଷ୍ଟ ହୋଇନି । ପୁଲିସ ଏକ ମାମଲା ରୁଜୁ କରି ଘଟଣାରେ ଛାନଭିନ୍ ଆରମ୍ଭ କରିଛି ।

# କାର୍ଯ୍ୟକ୍ଷମ ହେଉନି କେନ୍ଦୁପାଟଣା ଡାଏରୀ, ଗୋଚାଷୀ ହତାଶ

ନିଶ୍ଚିନ୍ତକୋଇଲି,(ସବ୍ୟୁ) :ରାଜ୍ୟରେ ପୂର୍ବ ବିଜୁ ଜନତା ଦଳ ସରକାର ସମୟରେ ତା. ୧୭.୦୨.୨୦୧୯ ରିଖରେ କେନ୍ଦୁପାଟଣାଠାରେ ଦୈନିକ ୨୦ ହଜାର ଲିଟର କ୍ଷମତା ବିଶିଷ୍ଟ କେନ୍ଦୁପାଟଣା ଡାଏରୀ (ଓମ୍‌ଫେଡ୍)ସେତେବେଳର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କର କମଳରେ ଭିତିପ୍ରସ୍ତର ସ୍ଥାପନ ହୋଇଥିଲା ରାଜ୍ୟରେ ଏବେ ସରକାର ବଦଳିଛି ଡବଲ ଇଂଜିନର ସରକାର ଚାଲିଛି । ଗୋଚାଷୀମାନଙ୍କୁ ସ୍ୱାବଲମ୍ବୀ ଓ ଶସକ୍ତ କରିବା ପାଇଁ ଗୋ ପାଳନକୁ ଶିଳ୍ପ ଭାବେ ଗ୍ରହଣ କରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛନ୍ତି । ନିକଟ ଅତୀତରେ ବର୍ତ୍ତମାନର ରାଜ୍ୟ ବିଜେପି ସରକାର ଗୋଚାଷୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ସରକାରୀ ରିହାତି ଥାଇ ଋଣ ପ୍ରଦାନ କରିବାର ବ୍ୟବସ୍ଥା କରିଛନ୍ତି । ଏଥିରେ ଗୋଚାଷୀ ଗୁହାଳ କରିବା ସହ ଗାଈ କିଣି ତା'ର ଆର୍ଥିକ ମାନଦଣ୍ଡ ବୃଦ୍ଧି କରିପାରିବେ । ମଣ୍ଡଳ ପ୍ରାଣୀ ଚିକିତ୍ସା କେନ୍ଦ୍ର ପକ୍ଷରୁ ମଣ୍ଡଳ ସ୍ତରୀୟ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଗୋଚାଷୀମାନଙ୍କୁ ନେଇ କରାଯାଉଛି । ହେଲେ ସ୍ଥାନୀୟ ଅଂଚଳର ଗୋଚାଷୀମାନଙ୍କ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ କେନ୍ଦୁପାଟଣା ଡାଏରୀ (ଓମ୍‌ଫେଡ୍) ଅଦ୍ୟାବଧି କାର୍ଯ୍ୟକାରୀ ହୋଇ ପାରୁନାହିଁ। ଶୁଭ ଶିଳାନ୍ୟାସର ୫ବର୍ଷରୁ ଉର୍ଦ୍ଧ ସମୟ ବିତିଗଲା ହେଲେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ କି ଗୋଚାଷୀମାନେ ଉପକୃତ ହୋଇ ପାରିଲେ ନାହିଁ। ଲୋକମାନଙ୍କ ସରକାର କହୁଥିବା ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଓ ମାହାଙ୍ଗା ବିକାଶର ସାରଥି ମାହାଙ୍ଗା ବିଧାୟକ ଶ୍ରୀଯୁକ୍ତ ଶାରଦା ପ୍ରସାଦ ପ୍ରଧାନ ଏଥିପ୍ରତି ଦୃଷ୍ଟି ଦେଇ ଏହି ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଇବାକୁ ଗୋଚାଷୀ ମହଲରୁ ଦାବି ହେଉଛି ।

# ଶ୍ରୀ ବଳଦେବଜୀଉ ହନୁମାନ ମନ୍ଦିର ରଥଯାତ୍ରାକୁ ନେଇ ସୃଷ୍ଟି ହୋଇଛି ଆଶଙ୍କା

ମାହାଙ୍ଗା ,(ସବ୍ୟୁ) :ମାହାଙ୍ଗା ବ୍ଲକର ଉମରସ୍ଥିତ ପର୍ଯ୍ୟଟନ କ୍ଷେତ୍ର ଶ୍ରୀ ଶ୍ରୀ ବଳଦେବଜୀଉ ହନୁମାନ ମନ୍ଦିରରେ ଗତବର୍ଷ ପରି ଚଳିତବର୍ଷ ରଥଯାତ୍ରାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏଠାରେ ସୂଚନା ଯୋଗ୍ୟ ଯେ ୨୦୨୨ ମସିହା ଠାରୁ ଏ ପର୍ଯ୍ୟନ୍ତ ସ୍ଥାୟୀ ଟ୍ରଷ୍ଟି ଗଠନ କରାଯାଇ ନଥିବାରୁ ମନ୍ଦିର ସମସ୍ତ ପ୍ରକାର ଆୟ କାହା ପକେଟ୍ କୁ ଯାଉଛି। ଏପରିକି ମାସିକ ୨୦ହଜାର ଟଙ୍କା ଚୁଡୁମୁଆଁରୁ ଆୟ କରାଯାଇଥାଏ। ଏହାକୁ ଛାଡିଦେଲେ ମନ୍ଦିର ପରିସରରେ ବିଭିନ୍ନ କାର୍ଯ୍ୟକ୍ରମ, ହନୁମାନ ଚାଳିଶା, ଗାଡିପୂଜା, ମାନସିକ ଭୋଗରୁ ଆଦାୟ ଅର୍ଥ ହରିଲୁଟ ହେଉଛି ବୋଲି ମନ୍ଦିରର ପୂର୍ବତନ ଟ୍ରଷ୍ଟି ତଥା ଉମରର ପୂର୍ବତନ ସରପଂଚ ନିରଞ୍ଜନ ମହାପାତ୍ର ଅଭିଯୋଗ କରିଛନ୍ତି। ସହକାରୀ ଦେବୋତ୍ତର କମିଶନର କଟକ ବିନା ନୋଟିଫିକେସନ୍‌ରେ ମନ୍ଦିରର ମଧ୍ୟବର୍ତ୍ତୀ ଟ୍ରଷ୍ଟି ଗଠନ କରିଛନ୍ତି। ଯେଉଁଥିରେ ତହସିଲଦାର ମାହାଙ୍ଗା, ବିଡିଓ ମାହାଙ୍ଗା, ଆଇଆଇସି ଭଦ୍ରେଶ୍ୱର, ଉମର ଗ୍ରାମର ବିଜୟ କୁମାର ସିଂ, କମଳାକାନ୍ତ ସାମଲ, ପ୍ରମୋଦ କୁମାର ମହାରଣା, ଗୋଡରା ଗ୍ରାମର ମୀନକେତନ ସେନାପତି ପ୍ରମୁଖ ରହିଛନ୍ତି। ମନ୍ଦିରରେ ଅନିୟମିତତା ସଂପର୍କରେ ତା୧୬.୦୪.୨୦୨୪ରିଖରେ ସହକାରୀ ଦେବୋତ୍ତର କମିଶନର କଟକ ତା୨୦.୫.୨୦୨୫ରିଖରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀଙ୍କୁ ପୂର୍ବତନ ଟ୍ରଷ୍ଟି ନିରଞ୍ଜନ ମହାପାତ୍ର ଲିଖିତ ଅଭିଯୋଗ କରିଥିଲା ବେଳେ ଚଳିତବର୍ଷ ମନ୍ଦିର ପରିସରରେ ହେଉଥିବା ଅଷ୍ଟପ୍ରହରୀ ଓ ସ୍ନାନ ପୂର୍ଣ୍ଣିମା ଦିନ ମନ୍ଦିରରେ ପ୍ରସାଦନୀତି ବନ୍ଦ ହୋଇଛି। ଏ ପର୍ଯ୍ୟନ୍ତ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଗତବର୍ଷ ମାହାଙ୍ଗା ବିଧାୟକଙ୍କ ଉଦ୍ୟମକ୍ରମେ ରଥଯାତ୍ରା କାର୍ଯ୍ୟକ୍ରମ ସୂଚାରୂପେ ସମ୍ପନ୍ନ ହୋଇଥିଲା। ଚଳିତ ବର୍ଷ ରଥଯାତ୍ରାକୁ ନେଇ ଏବେଠାରୁ ଆଶଙ୍କା ସୃଷ୍ଟି ହେଲାଣି। ତେବେ ଟ୍ରଷ୍ଟିର ଦାୟିତ୍ୱରେ ଥିବା ମାହାଙ୍ଗା ତହସିଲଦାର ରଥନିର୍ମାଣ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ସହିତ ମନ୍ଦିରର ନୀତିକାନ୍ତି ବିଭ୍ରାଟ ସଂପର୍କରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୂର୍ବତନ ଟ୍ରଷ୍ଟି ଶ୍ରୀ ମହାପାତ୍ର ଦାବି କରିଛନ୍ତି।

# ୩୫ରେ ପହଞ୍ଚିଲା ହଇଜା ଆକ୍ରାନ୍ତଙ୍କ ସଂଖ୍ୟା : ଘୋଳପୁରରେ ଡ଼ାକ୍ତରୀ ଦଳ



ବାଙ୍କୀ,(ସବ୍ୟୁ) : ଯାଜପୁର ଓ ଭଦ୍ରକ ଜିଲ୍ଲା ପରେ କଟକ ଜିଲ୍ଲା ବାଙ୍କୀ ଘୋଳପୁରରେ ହଇଜା ଆକ୍ରାନ୍ତ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି।ରବିବାର ଏହି ଆକ୍ରାନ୍ତଙ୍କ ସଂଖ୍ୟା ୩୫ରେ ପହଞ୍ଚିଛି। ଗତ ୧୩ ତାରିଖରେ ୧୧ ଜଣ ୧୪ ତାରିଖରେ ୧୫ ଜଣ ଆକ୍ରାନ୍ତ ହୋଇ ୨୯ ଜଣ ଆକ୍ରାନ୍ତ ହୋଇ ନିକଟସ୍ଥ ଆଠଗଡ଼ ଡାକ୍ତରଖାନା ରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ ।ପୁଣି ଶନିବାର ରାତିରେ ଆଉ ସାତ ଜଣ ଆକ୍ରାନ୍ତ ହୋଇ ସୁବର୍ଣ୍ଣପୁର ଡାକ୍ତରଖାନାରେ ପ୍ରାଥମିକ ଭାବେ ଚିକିତ୍ସିତ ହୋଇ ଗୁରୁତର ଅବସ୍ଥାରେ ସେମାନଙ୍କୁ ନିକଟସ୍ଥ ତିଗିରିଆ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଗାଁ ରେ ଝାଡ଼ା ବାନ୍ତି ହେଉ ଥିବାର ଖବର ପାଇ ସୁବର୍ଣ୍ଣ ପୁର୍ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଏକ ଡ଼ାକ୍ତରୀ ଦଳ ଘଟଣା ସ୍ଥଳକୁ ଯାଇ, ଝାଡ଼ା ବାନ୍ତି ହୋଇଥିବା ରୋଗୀମାନକର ଚିକିତ୍ସା କରିବା ସହ ଝାଡ଼ା ବାନ୍ତି ପାଇଁ ଔଷଧ, ହୋଲୋଜିନି ବଟିକା, ବଣ୍ଟନ କରିଥିଲେ ।ଖୋଲା କୂଅ, ନଳକୂଅ ଗୁଡିକରେ ବିଲିଚିଂ ପକାଇ ଜଳ ବିଶୋଧନ କରାଯିବ ସହ, ପାଣି ନମୁନା ପରୀକ୍ଷା ଗାର କୁ ପଠାଇ ଦିଆ ଯାଇଛି। ବାଙ୍କୀ ବ୍ଲକ୍ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଲୋକ ମାନଙ୍କୁ ଟ୍ୟାଙ୍କର ଯୋଗେ ବିଶୁଦ୍ଧ ପିଇବା ପାଣି ଯୋଗାଣ ହେଉଛି । ଗାଆଁ ରେ ଏବେ ଡ଼ାକ୍ତରୀ ଟିମ୍ ସଜାଗ ଅଛନ୍ତି, ଆଶା ଅଙ୍ଗନୱାଡି କର୍ମୀମାନେ ଘରକୁ ଘର୍ ଯାଇ ପଚାରି ବୁଝୁ ଛନ୍ତି।ଲୋକେ ଝାଡ଼ାବାନ୍ତି ହେବାର ଦେଖି ଆତଙ୍କିତ ହୋଇ ପଡ଼ିଛନ୍ତ। ଡାକ୍ତର ମିଳନ ତ୍ରିପାଠୀ, ସ୍ୱାସ୍ଥ୍ୟ ସୁପରଭାଇଜର ମାନ ଭଞ୍ଜନ ଦଲେଇ,ସ୍ୱାସ୍ଥ୍ୟ ନିରୀକ୍ଷକ ମୋହନ ଚରଣ ସାହୁ ଆଶା ଅଙ୍ଗନୱାଡି କର୍ମୀମାନେ ଘରକୁ ଘର୍ ଯାଇ ଓ ଆର୍ ଏସ, ବଟିକା ବଣ୍ଟନ କରିବା ସହିତ ସଚେତନତା ସୃଷ୍ଟି କରୁଛନ୍ତି।

# ରଜରେ ନୀଳମାଧବ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

କଣ୍ଟିଲୋ,(ସବ୍ୟୁ) : ରବିବାର ପବିତ୍ର ରଜସଂକ୍ରାନ୍ତି ଅବସରରେ ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ସୁଖ୍ୟାତି ଅର୍ଜନ କରିଥିବା କଣ୍ଟିଲୋ ନୀଳମାଧବ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁମାନେ ଯାନବାହାନରେ ଆସି ନୀଳମାଧବ ଦର୍ଶନ କରିବା ପାଇଁ ସକାଳୁ ପହଞ୍ଚିଥିଲେ ।ପ୍ରବଳ ଗୁଳୁଗୁଳି ଓ ଖରା ସତ୍ତ୍ୱେ ଏହାକୁ ଖାତିର ନ କରି ଶ୍ରଦ୍ଧାଳୁଙ୍କ ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ପାଇବାରୁ ମଧ୍ୟାହ୍ନରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଇଥିଲା। ଶ୍ରଦ୍ଧାଳୁଙ୍କ ସଂଖ୍ୟା ବୃଦ୍ଧି ହେତୁ ଠାକୁର ପ୍ରଭୁ ଶ୍ରୀ ନୀଳମାଧବଙ୍କୁ ଦର୍ଶନ କରିବାପାଇଁ ଧାଡ଼ିର ବ୍ୟବସ୍ଥା କରାଯାଇଥିଲା । ଶ୍ରଦ୍ଧାଳୁମାନଙ୍କ ଦର୍ଶନର ସୁବନ୍ଦବସ୍ଥ ନିମିତ୍ତ ପୂଜକ ସମାଜ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ କରାଯାଇଥିଲା। ଟ୍ରାଫିକ ସମସ୍ୟା ସୁପରିଚାଳନା ଓ ଯାତ୍ରୀଙ୍କ ସୁବିଧା ପାଇଁ ପୋଲିସ ପ୍ରଶାସନ ଓ ଦେବତର ବିଭାଗ ପକ୍ଷରୁ ସକ୍ରିୟ ସହଯୋଗ ପରିଲକ୍ଷିତ ହୋଇଥିଲା । ଶ୍ରଦ୍ଧାଳୁ ମାନେ ଛୁଟି ଦିନ ହେତୁ ବାଇକ ଓ ଚାରି ଚକିଆ ଯାନରେ ସପରିବାର ଆସି ନୀଳମାଧବଙ୍କୁ ଦର୍ଶନ କରିବା ସଙ୍ଗେ ସଙ୍ଗେ ମହାନଦୀ ଜଳରାଶିରେ ନୌ ବିହାର କରି ଓ ମହାନଦୀର ନୈସର୍ଗିକ ଶୋଭା ରାଜି ଦେଖି ବିମୋହିତ ହେଇଥିଲେ ।

# ୨ୟ ରଜରେ ନନ୍ଦନକାନନ ବୁଲିଲେ ରେକର୍ଡ ସଂଖ୍ୟକ ପର୍ଯ୍ୟଟକ

ବାରଙ୍ଗ, (ସବ୍ୟୁ) : ନନ୍ଦନକାନନ ପ୍ରାଣୀଉଦ୍ୟାନକୁ ଦ୍ୱିତୀୟ ରଜ ରେ ରେକର୍ଡ ସଂଖ୍ୟକ ପର୍ଯ୍ୟଟକ ବୁଲିଛନ୍ତି । ଉଦ୍ୟାନର ପ୍ରାକୃତିକ ପରିବେଶ ସାଙ୍ଗକୁ ବିରଳ ଜୀବଜନ୍ତୁ ପାଖରେ ଦେଖି ବେଶ୍ ମଜା ଉଠାଇଛନ୍ତି ପର୍ଯ୍ୟଟକ । ପହିଲି ରଜରେ ଉଭୟ ଉଦ୍ୟାନକୁ ୨୪ହଜାର୮୫୬ଜଣ ପର୍ଯ୍ୟଟକ ବୁଲିବାକୁ ଆସିଥିବା ବେଳେ ୨ୟ ରଜ ରେ ୩୯ହଜାର୫୮୨ ଜଣ ପର୍ଯ୍ୟଟକ ବୁଲିବାକୁ ଆସିଛନ୍ତି। ଗତ ୨୦୨୩ ମସିହା ୨ୟ ରଜ ରେ ୨୧ହଜାର୫୫୧ ପର୍ଯ୍ୟଟକ , ୨୦୨୪ ବର୍ଷ ୨ୟ ରଜରେ ୨୮ହଜାର୫୨୦ ଜଣ ପର୍ଯ୍ୟଟକ ବୁଲିବାକୁ ଆସିଥିବା ବେଳେ ଚଳିତ ବର୍ଷ ୧୧ହଜାର୦୬୨ ଜଣ ଅଧିକ ପର୍ଯ୍ୟଟକ ବୁଲିବାକୁ ଆସିଛନ୍ତି। ପ୍ରାଣୀଉଦ୍ୟାନ ଭିତରେ ଥିବା ବାଘ,ସିଂହ, ଭ । ଲୁ ,ଜିରାଫ୍,ସିମ୍ପାଜି,ପାଦଚଲା ବିହଙ୍ଗ ସରଣୀ ସହ ସଫାରୀର ମଜା ଉଠାଇଥିଲେ ।ଶିଶୁ ଉଦ୍ୟାନ ମଧ୍ୟ ପିଲାମାନେ ଗହଳି ଲାଗି ରହିଥିଲା । ସେହିପରି ରାଜ୍ୟଉଦ୍ଭିଦ ଉଦ୍ୟାନକୁ ଗତ ୨୦୨୪ ମସିହାରେ ୧ହଜାର୮୭ ଜଣ ପର୍ଯ୍ୟଟକ ବୁଲିବାକୁ ଆସିଥିବା ବେଳେ ଚଳିତ ବର୍ଷ ୨ୟ ରଜରେ ୨ହଜାର୪୭୪ ଜଣ ପର୍ଯ୍ୟଟକ ବୁଲିବାକୁ ଆସିଥିବା ନନ୍ଦନକାନନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

# ଏଫଏମ,ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର



ବାଲେଶ୍ୱର,(ସବ୍ୟୁ) : ଶିକ୍ଷା, ଗବେଷଣା ଓ ସାଂସ୍କୃତିକ ସହଯୋଗରେ ନୂଆ ଅଧ୍ୟାୟ ଆରମ୍ଭ କରି ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଅଗ୍ରଗତିକୁ ନୂଆ ଦିଗରେ ବଢ଼ାଇବା ଉଦ୍ଦେଶ୍ୟରେ ଫକୀରମୋହନ(ଏଫଏମ) ବିଶ୍ୱବିଦ୍ୟାଳୟ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ଗତ ୯ ତାରିଖ ରେ ସ୍ୱାକ୍ଷରିତ ହୋଇଛି।ଏହି ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, କୁଳସଚିବ କୁକୁମୀନା ଦାସ ଓ ପ୍ରଫେସର ପଙ୍କଜ କୁମାର ପାଢ଼ୀ ଉପସ୍ଥିତ ଥିଲେ। ଏହି ଅବସରରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଓ କୁଳସଚିବ ଅନାମିକା ଅଧିକାରୀ ଉପସ୍ଥିତ ଥିଲେ।ଏହି ବୁଝାମଣାପତ୍ର ଦ୍ୱାରା ଦୁଇ ବିଶ୍ୱବିଦ୍ୟାଳୟର ଜ୍ଞାନ ଓ ସଂସ୍କୃତିର ଧାରାର ବିକାଶ ତଥା ଅଧ୍ୟାପକ, ଗବେଷକ ଓ ଛାତ୍ରଛାତ୍ରୀମାନଙ୍କ ପାଇଁ ଉଚ୍ଚ ଶିକ୍ଷା ଓ ଗବେଷଣା ସଂପ୍ରସାରଣ ପାଇଁ ଏକ ସଂଯୁକ୍ତ ପ୍ଲାଟଫର୍ମ ସୃଷ୍ଟି ହେବ ବୋଲି ଆଶାବ୍ୟକ୍ତ କରାଯାଇଛି । ଏହା ଦ୍ୱାରା ପାରସ୍ପରିକ ଜ୍ଞାନର ଆଦାନ-ପ୍ରଦାନ, ଅନୁସନ୍ଧାନମୂଳକ କାର୍ଯ୍ୟକ୍ରମ ଓ ଛାତ୍ର-ଅଧ୍ୟାପକ ବିନିମୟ ଅବସର ବୃଦ୍ଧି ପାଇବ।ଓଡ଼ିଶାର ଶିକ୍ଷା ଓ ସଂସ୍କୃତିକ ମାନଚିତ୍ରରେ ଏହି ଉଦ୍ୟମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିବାହ କରିବା ବିଶ୍ୱାସ ବ୍ୟକ୍ତ କରାଯାଇଛି।

**FLAT SALE**

Fully furnished, 1350sf. 2 BHK flat. Rs. - 99 lakh, Gated community, Good Location, Bhubaneswar, Jagannath Prasad,

Mobile - 9078280148

**AFFIDAVIT**

By virtue of an affidavit sworn before Executive Magistrate/ Notary Public, Titilagarh, dated 13st June 2025 I, NULAL PRADHANI, SON OF LATE GIRU PRADHANI, Address:- AT/PO-SIROL, PS- TITILAGARH, DIST-BALANGIR, PIN- 767033 , Odisha. Declare that I have changed my name from "NURLAL PRADHANI" to "NULAL PRADHANI". Henceforth, I shall be known as "NULAL PRADHANI" for all purposes.

Sd-(NULAL PRADHANI)

**DISTRICT PLANNING AND MONITORING UNIT : BALASORE**
**(Statistics Wing)**
**Collectorate, Campus At/Po-Balasore, Balasore-756001**
**E-mail : dpmustatistics.balasore@gmail.com. Tel/Fax : 06782 295553**
**Letter No. 472 / Dated. 12.6.25**

X-21

**Advertisement for the temporary engagement of Local Youth**

The Deputy Director (P&S), DPMU (Statistics Wing), Balasore invites applications for temporary engagement of Enumerators to conduct 7th Minor Irrigation Census and 2nd Census of Water Bodies in Balasore District.

**Eligibility :** 10+2 or equivalent, Basic knowledge of English & Odia.

**Age :** 18-45 years.

**Responsibilities :** Field data collection, verification and reporting.

**Remuneration :** As per the Government norms.

**No. of Enumerators required :** Approximately 55 Nos. (may vary)

**Applications :** The Application in prescribed format attached with photo copies of self attested certificates and photo should be dropped in the box by **30.06.2025 time 5.30 PM** placed in **District Planning & Monitoring Unit (Statistics Wing), Balasore At : Collectorate Campus, Balasore or sent via Regd. Post/Speed post to Deputy Director (P&S). District Planning and Monitoring Unit (Statistics Wing) Balasore, At/Po : Collectorate Campus, Balasore Pin-756001.**

Details advertisement & application form can be downloaded from **https://balasore.odisha.gov.in**

Sd/- Deputy Director (P&S),
DPMU, Balasore

OIPR : 21013/11/0002/2526

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ଇନୋଭା ପଛରେ ପିଟିଲା କାର

# ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ସହ ଝିଅ, ନାତୁଣୀ ଗୁରୁତର

ଠାକୁରଗଡ଼, (ସବ୍ୟୁ) : କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ହଣ୍ଡପା ବଜାର ନିକଟରେ ରବିବାର ଦିନ ଏକ



ଇନୋଭା କାର ପଛରେ ଏକ କାର ପିଟି ହୋଇ ଦୁର୍ଘଟଣା ଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣାରେ କାରରେ ବସିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ପତ୍ନୀ ଉର୍ମିଳା ବିଶ୍ୱାଳ (୭୮), ତାଙ୍କ ଝିଅ ଅନିତା ବିଶ୍ୱାଳ (୩୮), ତାଙ୍କ ନାତୁଣୀ ଅନାବିକା ଧାମେ (୧୧) ସହ ଗାଡିର ଚାଳକ ସଞ୍ଜୟ ବେଉରା ଗୁରୁତର ଆହତ ହୋଇଛନ୍ତି । ସେମାନଙ୍କୁ ହଣ୍ଡପା ଆଇଆଇସି ନମିତା ନାୟକ ଉଦ୍ଧାର କରି ଚିକିତ୍ସା ପାଇଁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି । ଘଟଣାରୁ ଜଣା ପଡିଛି ଜେ ସମ୍ବଲପୁରରୁ ଭୁବନେଶ୍ୱର ଅଭିମୁଖେ ପୂର୍ବତନ ବିଧାୟକ ଅମର ଶତପଥି ଓ ପ୍ରଭାତ ତ୍ରିପାଠୀ ଏକ ଇନୋଭା ଓଡି ୦୫ ବିଜେଡ୍ ୪୦୪୦ ଯୋଗେ ଯାଉଥିବା ବେଳେ ପଛରେ ଏକ କାର ଓଡି ୨୩ ଏନ ୫୨୨୫ଯୋଗେ ପୂର୍ବତନ ମୁଖ୍ୟମନ୍ତ୍ରୀ ଙ୍କ ପରିବାର ଲୋକେ ଭୁବନେଶ୍ୱର ଯାଉଥିଲେ । ହେଲେ ହଣ୍ଡପା ବଜାର ନିକଟରେ ଭାରସାମ୍ୟ ହରାଇ ଇନୋଭା ପଛରେ ପିଟି ହୋଇ ଦୁର୍ଘଟଣା ଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣାରେ ଦୁଇ ପୂର୍ବତନ ବିଧାୟକଙ୍କର କୌଣସି କ୍ଷତି ହୋଇ ନଥିବା ହଣ୍ଡପା ପୋଲିସ ସୂଚନା ଦେଇଛି ।

## ୯୦୦ କୋଟି ଟଙ୍କାର ଋଣ ବିତରଣ କରିଛି ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ

ଭୁବନେଶ୍ୱର, (ସବ୍ୟୁ) : ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସ ୨୦୨୪-୨୫ ଆର୍ଥିକ ବର୍ଷରେ ଏହାର ଗ୍ରାହକଙ୍କୁ ପାରମ୍ପରିକ ବୀମା ଉପରେ ୯୦୦ କୋଟି ଟଙ୍କାର ଋଣ ବିତରଣ କରିଛି। ଲୋନ ଏଗେନ୍ଷ୍ଟ ପଲିସି ବା ବୀମା ଉପରେ ଋଣ ଫିଚର ଖୁବ୍ ଉପଯୋଗୀ ଅଟେ କାରଣ ଏହା ଗ୍ରାହକଙ୍କୁ ସେମାନଙ୍କର ଦୀର୍ଘାବଧି ସଂଚୟ ଯୋଜନାକୁ ପ୍ରଭାବିତ ନକରି ତରଳତା ପ୍ରଦାନ କରିଥାଏ। ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀ ୪୨,୭୦୦ରୁ ଅଧିକ ଗ୍ରାହକଙ୍କୁ ଏଭଳି ଋଣ ବିତରଣ କରିଛି। ବୀମା ଉପରେ ଋଣ ପାଇବା ପାଇଁ ପ୍ରକ୍ରିୟା ଶୀଘ୍ର ଓ ପେପରଲେସ ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୯୮%ରୁ ଅଧିକ ଋଣ କେବଳ ୨୪ ଘଂଟା ମଧ୍ୟରେ ବିତରଣ କରାଯାଇଥିଲା। ଗ୍ରାହକମାନେ ଋଣ ପାଇଁ ଆବେଦନ କରିବା ଲାଗି କମ୍ପାନୀ ୱେବସାଇଟ କିମ୍ବା ଆମର ମୋବାଇଲ ଆପର ବ୍ୟବହାର କରିପାରିବେ । ଏସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସର ମୁଖ୍ୟ ପରିଚାଳନା ଅଧିକାରୀ ଅମିଶ ବଙ୍କର କହିଛନ୍ତି, 'ଜୀବନ ବୀମା ହେଉଛି ଏକ ଦୀର୍ଘାବଧି ଉତ୍ପାଦ ଏବଂ ଗ୍ରାହକମାନେ ବୀମା ଅବଧି ସମୟରେ ତରଳତା ଆହ୍ୱାନଗୁଡିକର ସମ୍ମୁଖୀନ ହୋଇପାରନ୍ତି ।

## ବରୁଣେଇଁ ରଜ ମହୋତ୍ସବ ଉଦ୍‌ଘାଟିତ

# ସମସ୍ତଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖେ ସଂସ୍କୃତି



ଖୋର୍ଦ୍ଧା, (ସବ୍ୟୁ): ରବିବାର ଠାରୁ ବରୁଣେଇ ପୀଠରେ ଆରମ୍ଭ ହୋଇଛି ୧୭ତମ ରଜ ମହୋତ୍ସବ । ଆୟୋଜକ ସାଂସ୍କୃତିକ ଅନୁଷ୍ଠାନ ଦିଶାନ୍ତ ର ସମ୍ପାଦକ ଦିଲିପ ପରିଡାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ଶୌର୍ଯ୍ୟ ରଞ୍ଜନ ମହାନ୍ତି, ବାସନ୍ତୀ ମହାପାତ୍ର, ପ୍ରାଧ୍ୟାପିକା ମମତା ଦେ, କାଉନ୍ସିଲର କମଳ ପ୍ରଧାନ ପ୍ରମୁଖ ଯୋଗଦେଇ ଓଡ଼ିଶାର ଲୋକକଳା, ସଂସ୍କୃତି,ଐତିହ ସମ୍ପର୍କରେ ସାଂସ୍କୃତିକ ଜାଗରଣ ସୃଷ୍ଟି ଉଦ୍ଦେଶ୍ୟରେ ଏ ମହୋତ୍ସବ ଆୟୋଜନ ହୋଇଥିବାବେଳେ ମହୋତ୍ସବ ଏକ ଜାତୀୟ ସଂସ୍କୃତି ଓ ସ୍ମୃତିକୁ ମନେ ପକାଇଥାଏ । ସଂସ୍କୃତି ସମସ୍ତଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିଥାଏ ବୋଲି କହିଥିଲେ । ଉପସଭାପତି ନିରଞ୍ଜନ ନାୟକ ବାର୍ଷିକ ବୀବରଣୀ ପାଠ କରିଥିବାବେଳେ ସହ-ସମ୍ପାଦକ ସଞ୍ଜିବ କୁମାର ପରିଡ଼ା ପ୍ରମୁଖ ନିଜ ନିଜ ମନ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମ କୁ ଅନୁଷ୍ଠାନର କର୍ମକର୍ତା ପରିଚାଳନା କରିଥିଲେ । ଉଦଘାଟନୀ ସାଂସ୍କୃତିକ ମଂଚରେ ମନ ମୋ ହିଲା କଟକର ନୃତ୍ୟ ପ୍ରତିଭା ଓଡିଶୀ ଡ୍ୟାନ୍ସ ର କଳାକାରଙ୍କ ନୃତ୍ୟ । ଭଜନ ସଙ୍ଗୀତ ସର୍ଜନା, ବିଶ୍ୱ ଡ୍ୟାନ୍ସ ଏକାଡେମୀ ଜଟଣୀ, ଖୋର୍ଦ୍ଧାର ରାୟାଲ ସ୍କ୍ୱାର୍ଡ ଡ୍ୟାନ୍ସ ଗ୍ରୁପ, ବରୁଣେଇ ସଙ୍ଗୀତ ଏକାଡେମୀ, ଉତ୍କଳ କଳିଙ୍ଗ ପାଇକ ଆଖଡା, ମଣିପାଲ ଡ୍ୟାନ୍ସ ଏକାଡେମୀ ଏବଂ କଟକର ନୃତ୍ୟ ପ୍ରତିଭା ଓଡିଶୀ ଡ୍ୟାନ୍ସ ଗ୍ରୁପ ଯୋଗଦେଇ କଳା ପ୍ରଦର୍ଶନ କରିଥିଲେ ।

## ବନ୍ଧୁଘର ପକ୍ଷରୁ ନିଆରା ପାନ ମହୋତ୍ସବ

ଭୁବନେଶ୍ୱର, (ସବ୍ୟୁ): ବନ୍ଧୁଘର ସାହିତ୍ୟ ପିଣ୍ଡା ପକ୍ଷରୁ ପାନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଆଇଏମ୍ଏମ୍‌ଟି ଅଡିଟୋରିୟମ୍ ଠାରେ ଅନୁଷ୍ଠିତ ଏହି ମହୋତ୍ସବ ଏକ ନିଆରା ଢଙ୍ଗରେ ପାଳିତ ହୋଇଥିଲା। ଆୟୋଜିତ ଉତ୍ସବରେ ଓଡ଼ିଶା କୃଷିବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ପ୍ରଭାତ କୁମାର ରାଉଳ, ଖ୍ୟାତନାମା କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ, ମହିଳା କମିଶନର ପ୍ରାକ୍ତନ ଅଧ୍ୟକ୍ଷା ତଥା ସାହିତ୍ୟିକା ଶ୍ରୀମତୀ ଲୋପାମୁଦ୍ରା ମହାନ୍ତି, ବିଶିଷ୍ଟ ସାହିତ୍ୟିକ ଓ ସ୍ତମ୍ଭକାର ଅଧ୍ୟାପକ ବିଶ୍ୱ ରଞ୍ଜନ ଅତିଥି ଭାବେ ଯୋଗ ଦେଇଥିଲେ । ବନ୍ଧୁଘର ସାହିତ୍ୟ ପିଣ୍ଡାର ସଭାପତି ଦାଶ ବେନହୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ନିଆରା ଉତ୍ସବକୁ ସଂଯୋଜନା କରିଥିଲେ ସାହିତ୍ୟ ପିଣ୍ଡା ମୁଖ୍ୟ ଟ୍ରଷ୍ଟି ବିଶିଷ୍ଟ ପ୍ରାବନ୍ଧିକ ବୈଷ୍ଣବ ଚରଣ ମହାନ୍ତି ।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ଔପନ୍ୟାସିକ ଭାଗୀରଥି ଦାସ, ଡାକ୍ତର ଇନ୍ଦ୍ରମଣି ଜେନା, ବୈଦିକ ବିଦ୍ୱାନ ଇଂବ୍ରଜବନ୍ଧୁ ପଣ୍ଡା, ପ୍ରଫେସର ଡଃ ସିନିରୁଦ୍ଧ ଦାଶ, ଡକ୍ଟର ମମତା ମିଶ୍ର ଦାଶ, ସାମ୍ବାଦିକ ବିଜୟ କୁମାର ମହାନ୍ତି, ସାମ୍ବାଦିକ ସଂଗ୍ରାମ ଷଡ଼ଙ୍ଗୀ, ଜାନକୀ ବଲ୍ଲଭ ଦାଶ, ତାମ୍ବୁଳବଣିକ ଗୌରହରି ପ୍ରଧାନଙ୍କୁ ସ୍ୱତନ୍ତ୍ର ଭାବେ ଫଟୋଚିତ୍ରେ ସହ ପାନ ବଟୁଆ, ପାନ ଗଛ ପ୍ରଦାନ କରି ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଉତ୍ସବର ମୁଖ୍ୟ ଆକର୍ଷଣ ବୈଷ୍ଣବ ଚରଣ ମହାନ୍ତିଙ୍କ ଲିଖିତ ଓ ୨୦୦୨ ମସିହାରେ ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଥିବା 'ପାନ ଓ ପ୍ରିୟତମା' ପୁସ୍ତକର ପରିବର୍ଦ୍ଧିତ ସଂସ୍କରଣରୁ ପାଠକାର୍ପିତ ହୋଇଥିଲା। ୫୧୨ ପୃଷ୍ଠା ବିଶିଷ୍ଟଏହି ପୁସ୍ତକଲେଖକଙ୍କ ଦୀର୍ଘବର୍ଷର ଗବେଷଣାମୂଳକ ଏକ ନିଆରା ପୁସ୍ତକବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ବନ୍ଧୁଘର ସାହିତ୍ୟ ପିଣ୍ଡାର ମୁଖପତ୍ର 'ପିଣ୍ଡା ପତ୍ରିକା' ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ଉପସ୍ଥିତ ସମସ୍ତ ଅତିଥିଙ୍କୁ ସମ୍ମାନିତ କରାଯାଇଥିବାବେଳେ ଟ୍ରଷ୍ଟିବିବୁ ଦାସ, ସ୍ୱରାଜମିଶ୍ର, ପ୍ରେମଲତା ଖୁଣ୍ଟିଆ, ବରିଷ୍ଠ ସାମ୍ବାଦିକ ଅଶୋକ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଉପସ୍ଥିତ ଦର୍ଶକଙ୍କ ଦସ୍ତଖତ ନିଆଯାଇ, ଲଟେରି ମଧ୍ୟମରେ ୫ ଜଣଙ୍କୁ 'ପାନ ଓ ପ୍ରିୟତମା' ପୁସ୍ତକ ପ୍ରଦାନ କରାଯାଇଥିଲା ଓ ଶେଷରେ ବ୍ୟଙ୍ଗକବିତା ପାଠ କରାଯାଇଥିଲା ।

## ଗ୍ରାମାଞ୍ଚଳ ଲୋକଙ୍କୁ ତୃଣମୂଳ ସ୍ତରରୁ ସଶକ୍ତ କରାଇବା ଉପରେ ଓର୍‌ମାସ୍‌ର ଗୁରୁତ୍ୱ

କଟକ, (ସବ୍ୟୁ): ବାଲିଯାତ୍ରା ପଡିଆରେ ଚାଲିଥିବା ବିକାଶ ମେଳାରେ ଆଜି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ ପ୍ରଦାନ ପୂର୍ବକ ଓରମାସ ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ବିଶେଷକରି କୃଷି ସଂସାଧନ କେନ୍ଦ୍ର, କୃଷକ ଉତ୍ପାଦକ ସଂଘ ଏବଂ ଗ୍ରାମୀଣ ଶିଳ୍ପ ପାର୍କ (ଆରଆଇପିସି )ର ପ୍ରମୁଖ ସଫଳତା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା । ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶ୍ରୀମତୀ ସୁଭଦ୍ରା ଦାଶ ଗ୍ରାମାଞ୍ଚଳର ଚାଷୀମାନଙ୍କ ଉତ୍ପାଦକୁ ବଜାର ଯୋଗାଇ ଦେବାରେ ଓରମାସର ଭୂମିକାର ପ୍ରଶଂସା କରିଥିଲେ । ଓରମାସର ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ରାଉତ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନଙ୍କୁ ଏକ ସାଧାରଣ ପ୍ଲାଟଫର୍ମ ଅଧୀନରେ ଏକତ୍ରିତ କରିବାରେ ସ୍ୱକ୍ଷ ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିବା ସହ ଗୁଣାତ୍ମକ ବିହନ, ବୈଷୟିକ ସହାୟତା, ବଜାର ସଂଯୋଗ ଏବଂ ସହଭାଗୀତା ମାଧ୍ୟମରେ ସେମାନଙ୍କୁ ସଶକ୍ତ କରିବା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ କଟକ ଶ୍ରୀମତୀ ବନ୍ଦନା ଖଟୁଆଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ କୃଷକ ମାନଙ୍କ ଉତ୍ପାଦକୁ କିଭଳି ଉଚିତ ମୂଲ୍ୟ ମିଳିପାରିବ, ଉତ୍ପାଦ ପ୍ରସ୍ତୁତି ନିମନ୍ତେ ସହାୟତା ଆଦି ସମ୍ପର୍କରେ ଆଲୋଚନା କରିଥିଲେ ।

ପ୍ରଥମ ଅଧିବେଶନରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥା, କଟକ ତଥା ଓଡିଶା ଗ୍ରାମୀଣ



ଉନ୍ନୟନ ଓ ମାର୍କେଟିଙ୍ଗ ସୋସାଇଟ ମିଳିତ ଆନୁକୂଲ୍ୟରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଗତ ସୁଲଭ ବାସଗୃହ ଯୋଜନା, ସ୍ୱଚ୍ଛ ଭାରତ ମିଶନ ଏବଂ ସହଯୋଗ ଏକ ଆରମ୍ଭ ଯୋଜନା ବିଷୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା, କଟକ ଶ୍ରୀମତୀ ସୁଭଦ୍ର ଦାସ, ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ - ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥା, କଟକ ପ୍ରଶାନ୍ତ କୁମାର ନାୟକ, ମୁଖ୍ୟ ନିର୍ବାହୀ ଅଧିକାରୀ ଓଡିଶା ଗ୍ରାମୀଣ ଉନ୍ନୟନ ଓ ମାର୍କେଟିଙ୍ଗ ସୋସାଇଟି ବିପିନ କୁମାର ରାଉତ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ କଟକ ଶ୍ରୀମତୀ ବନ୍ଦନା ଖଟୁଆ,ଉପ ନିର୍ବାହୀ ଅଧିକାରୀ ଓଡିଶା ଗ୍ରାମୀଣ ଉନ୍ନୟନ ଓ ମାର୍କେଟିଙ୍ଗ ସୋସାଇଟି ସୋନାଲି ମଜୁମଦାର, ରାଜ୍ୟ ମୁଖ୍ୟ ଟାଟା ଷ୍ଟିଲ ଫାଉଣ୍ଡେସନ ଶିଶିର ଦାସ, ନିର୍ବାହୀ ଅଧିକାରୀ ଚୌଦ୍ୱାର ପୌରପାଳିକା ଶ୍ରୀଯୁକ୍ତ ସୌମ୍ୟ ରଞ୍ଜନ ମିଶ୍ର, ଅର୍ଥ ବିଶେଷଜ୍ଞ ଓଡିଶା ସହରାଂଚଳ ଗୃହ ମିଶନ ସଂଜୀବ କୁମାର ପଣ୍ଡା, ସହକାରୀ ଆୟୁକ୍ତ, କଟକ ମହାନଗର ନିଗମ ଶ୍ରୁଶ୍ରୀ ସ୍ୱାତି ମିଶ୍ର, ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଂଚଳ ପରିଷଦ, ବାଙ୍କୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ ଆଲୋଚନାଚକ୍ରରେ ସଂପୃକ୍ତ ଯୋଜନାରେ ଯେଉଁ ଯେଉଁ ହିତାଧିକାରୀମାନେ ଲାଭବାନ ହୋଇଛନ୍ତି, ସେମାନେ ନିଜ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ ଛ ଗୃହ ଉନ୍ନୟନ ଓ ସହରାଂଚଳ ବିଭାଗ ତରଫରୁ ଅଧିକାରୀମାନେ ଯୋଜନା ଗୁଡିକ ବିଷୟରେ ସଂପୂର୍ଣ୍ଣ ସୂଚନା ଜନସାଧାରଣଙ୍କ ନିକଟରେ ଉପସ୍ଥାପନା କରିଥିଲେ ।

## ୧୨ ଲକ୍ଷ ଠକେଇ, ସାଇବର ଠକ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ପୁଞ୍ଜି ନିବେଶ କଲେ ଅଧିକ ଲାଭ ହେବା ବାହାନାରେ ଠକେଇ କରିଥିବା ଜଣେ ସାଇବର ଠକକୁ ଗିରଫ କରିଛି ଭୁବନେଶ୍ୱର ସାଇବର ଥାନା ପୋଲିସ। ଲୋଭର ବଶବର୍ତ୍ତୀ ହୋଇ ୧୨ ଲକ୍ଷ ୨୦୦୦ ଟଙ୍କା ବିନିଯୋଗ ପାଇଁ ଦେଇଥିବା ଧର୍ମେନ୍ଦ୍ର ପୃଷ୍ଟି ଠକେଇର ଶିକାର ହୋଇଥିବା ଜାଣିବା ପରେ ସାଇବର ଥାନାରେ ଅଭିଯୋଗ କରିଥିଲେ।

ଅଭିଯୋଗ ଆଧାରରେ ସାଇବର ଥାନା ପୋଲିସ ଭଦ୍ରକ ଉମାଶଙ୍କର ଦିକ୍ଷିତ୍‌କୁ ଗିରଫ କରିଛି। ୮ ରାଜ୍ୟରେ ଜାଲ ବିଛାଇଥିବା ସାଇବର ଠକଙ୍କ ଜାଲରେ ପଡି ଉମାଶଙ୍କର ତାଙ୍କ ଆକାଉଣ୍ଟକୁ ୨ % ରେ ଭଡାକୁ ଦେଇଥିଲେ। ତାଙ୍କ ଆକାଉଣ୍ଟ ମାଧ୍ୟମରେ ଯେତେ ଟଙ୍କା କାରବାର ହେବ ସେ ସେଥିରୁ ୨ % ପାଇବ ବୋଲି ସାଇବର ଠକ ତାଙ୍କୁ ପ୍ରଲୋଭିତ କରାଇଥିଲେ। ଭଦ୍ରକରେ ଥିବା ଉମାଶଙ୍କରଙ୍କ ଆକାଉଣ୍ଟକୁ ଏତଲାକାରୀ ଧର୍ମେନ୍ଦ୍ରଙ୍କ ବିଭିନ୍ନ ପର୍ଯ୍ୟାୟରେ ୧୨ ଲକ୍ଷ ୨୦୦୦ ଟଙ୍କା ପଠାଇଥିବା ପୋଲିସ ଜାଣିବା ପରେ ଉମାଶଙ୍କରକୁ ଗିରଫ କରାଯାଇ ରବିବାର କୋର୍ଟ ଚାଲାଣ କରାଯାଇଥିବା ଡିସିପି ଜଗମୋହନ ମିନା ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ପାଖରୁ ପୋଲିସ ମୋବାଇଲ୍ ଫୋନ୍ ଓ ବ୍ୟାଙ୍କ କାଗଜପତ୍ର ଜବତ କରିଛି।

ହ୍ୱାଟ୍ସଆପ୍ ମାଧ୍ୟମରେ ଗ୍ରୁପ୍ ତିଆରି କରି ଠକମାନେ ୮ ରାଜ୍ୟର ଲୋକଙ୍କୁ ପ୍ରଭାବିତ କରାଉଥିଲେ। ବିନିଯୋଗ କଲେ ଅଧିକ ଲାଭ ପାଇବା ପାଇଁ ବିଭିନ୍ନ ସ୍କିମ୍‌ମାନ ବତାଉଥିଲେ। ଏତଲାକାରୀ ଏକେ କ୍ୟାପିଟାଲ୍ ଲିମିଟେଡ୍ ନାମରେ ଥିବା ଭଦ୍ରକ ଆକାଉଣ୍ଟକୁ ଟଙ୍କା ପଠାଇଥିଲେ। ଗିରଫ ଅଭିଯୁକ୍ତ ଉମାଶଙ୍କର ଦିକ୍ଷିତ୍‌ଙ୍କ ଆକାଉଣ୍ଟକୁ ୮ ରାଜ୍ୟରେ ବିଛାଇଥିଲେ ସାଇବର ଠକ। ଏକେ କ୍ୟାପିଟାଲ୍ ଲିମିଟେଡ୍ ନାମରେ ଥିବା ଆକାଉଣ୍ଟର ପ୍ରୋପାଇଟର ଥିଲେ ଗିରଫ ଅଭିଯୁକ୍ତ ଉମାଶଙ୍କର। ସେହି ଆକାଉଣ୍ଟ ମାଧ୍ୟମରେ ଯେତେ ଟଙ୍କା ସାଇବର ଠକଙ୍କ ପାଖକୁ ଯାଉଥିଲା ସେଥିରୁ ଅଭିଯୁକ୍ତ ୨ % ଲେଖାଏଁ ପାଉଥିଲା।

## ଏମଡ଼ିଏ ପକ୍ଷରୁ ରଜ ଉତ୍ସବ

କଟକ, (ସ୍ୱପ୍ର) : ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଅନନ୍ୟ ପର୍ବ ରଜ । ଏହାକୁ ଉଜ୍ଜୀବିତ ରଖିବା ପାଇଁ ଅନେକ ସ୍ଥାନରେ ରଜ ମହୋତ୍ସବ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ପାଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ ମହାନଦୀ ବିହାର ଡେଭଲପମେଣ୍ଟ ଆସୋସିଏସନ୍ ପକ୍ଷରୁ ଶ୍ରେଷ୍ଟ ଓଡ଼ିଆଣୀ ସମ୍ମାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ନିଜର ପରିଚୟ



ମହାନଦୀ ବିହାର ଡେଭଲପମେଣ୍ଟ ଆସୋସିଏସନ୍ ପକ୍ଷରୁ ସଭାପତି ସଞ୍ଜୟ କୁମାର ଜେନାଙ୍କ ଆବାହକତ୍ୱରେ ୧୧ ଟି ସ୍ୱଂୟ ସହାୟକ ଗୋଷ୍ଠୀର ସଂଯୋଜନା କରୁଥିବା ଲେଲିନ ପ୍ରଭା ଓ ନିରୁପମା ପତିଙ୍କ ତତ୍ତ୍ୱାବଧାନରେ ଏବଂ ମହାନଦୀ ବିହାର ସାଂସ୍କୃତିକ ବିଭାଗର ଆବାହକ ସୁଶାନ୍ତ ଘୋଷ ଓ ହରିପ୍ରୀୟା ଧଳଙ୍କ ଦ୍ୱାରା ରଜ ମହୋତ୍ସବ ସହିତ ନାଚ ରାମ୍ପ ୱାଲକ୍, ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ କୃତି ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା । ଶ୍ରେଷ୍ଠ ଓଡ଼ିଆଣୀ ଭାବରେ କଲ୍ୟାଣୀ ଦଳେଇଙ୍କୁ ସମ୍ମାନିତ କରାଯାଇଥିଲା । ପିଠା,ମୁରଜ ଓ ରଜ ରଚନା ଇତ୍ୟାଦି ଅନ୍ୟାନ୍ୟ ସମୂହ ପ୍ରତିଯୋଗିତା ରେ କୃତି ପ୍ରତିଯୋଗୀ ମାନଙ୍କ ସହିତ ୧୧ଟି ସ୍ୱଂୟ ସହାୟକ ଗୋଷ୍ଠୀ କୁ ପ୍ରଯୋଜକ ସାଇ ୱାର୍ଲ୍ଡ ପକ୍ଷରୁ ସ୍ୱତନ୍ତ୍ର ଉପହାର ପ୍ରଦାନ କରାଯାଇଛି । ମୂଖ୍ୟଅତିଥି ଭାବେ ବିଧାୟକ ସୌଭିକ ବିଶ୍ୱାଳ, ଓରମାସ ର ମୁଖ୍ୟ ବିପିନ ବିହାରୀ ରାଉତ, ରୁଚି ମସଲା ନିର୍ଦ୍ଦେଶକ ରଶ୍ମି ସାହୁ, ଚାଉଳିଆଗଞ୍ଜ ଥାନା ଅଧିକାରୀ ଚିନ୍ତେମଣିଶ୍ୱର ମୁଣ୍ଡା, ସବ ଇନ୍ସପେକ୍ଟର ଗାୟତ୍ରୀ କୁହଁର, ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡେଇ, କଟକ କ୍ଲବ ସମ୍ପାଦକ ଶୁଭେନ୍ଦୁ ପଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ବିଚାରକ ମଣ୍ଡଳୀ ମିସେସ ଇଣ୍ଡିଆ କୃଷ୍ଣ ପ୍ରିୟା ତ୍ରିପାଠୀ, ଏଲିନା ରାଉତ, ସୁଶ୍ରୀ ଇନ୍ଦୁ ଦାସ, ଇଂ ଗୋପାଳ କୃଷ୍ଣ ବେହେରା, ନମିତା ଦାଶ, ମଧୁସ୍ମିତା ଷଡ଼ଙ୍ଗୀ ପ୍ରମୁଖ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏମଡିଏ ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ଉପ ସଭାପତି ସରୋଜ ସ୍ୱାଇଁ, ସହ ସମ୍ପାଦକ ଜ୍ଞାନ ରଞ୍ଜନ ଦାସ ଓ ୧୬ କାର୍ଯ୍ୟକାରୀ ସଦସ୍ୟ ରଜ ଉତ୍ସବ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ହିମାଳୟ ବେବିକେୟାର ପ୍ରଚଳନ କଲା ଜେଣ୍ଟଲ ଆଡ୍‌ସ ପ୍ରଚାର ଅଭିଯାନ

ଭୁବନେଶ୍ୱର (ସବ୍ୟୁ): ଭାରତର ୧ ନମ୍ବର ଡାକ୍ତରଙ୍କ ଦ୍ୱାରା ସୁପାରିଶ କରାଯାଉଥିବା ଶିଶୁ ଯତ୍ନକାରୀ (ବେବି କେୟାର) ବ୍ରାଣ୍ଡ୍ ହିମାଳୟ ବେବିକେୟାର ପିତୃ ଦିବସ ପାଳନ କରିବାକୁ ଯାଇ ଏକ ହୃଦୟସ୍ପର୍ଶୀ ଡିଭିସି ଫିଲ୍ମ ଉନ୍ମୋଚନ କରିଛି। ଲୋକପ୍ରିୟ କନ୍ନଡ ଗୀତ ଆଇ ଲଭ୍ ୟୁ ଆପ୍ପାରୁ ପ୍ରେରଣା ଲାଭକରି ଏହି ପ୍ରଚାର ଅଭିଯାନ ଜେଂଟଲ ଆଜ୍ ଡାଡ ଶୀର୍ଷକରେ ଝିଅଟିଏ ଏକ ନବଜାତକରୁ ଜଣେ ଯୁବତୀ ଭାବରେ ବିକାଶ ଲାଭ କରିବା ଅବସରରେ ଜଣେ ବାପା ଓ ତାଙ୍କ ଝିଅଙ୍କ ମଧ୍ୟରେ ଭାବପ୍ରବଣଗତ ସମ୍ପର୍କକୁ ଅତିସୁନ୍ଦର ଭାବରେ ଧରି ରଖୁଛି। ଆଂଚଳିକ ଦର୍ଶକଙ୍କ ସହିତ ଗଭୀର ଭାବରେ ମେଳ ଖାଉଥିବା ଲୋକପ୍ରିୟ ସଂଗୀତକୁ ଛଅଟି ଭାରତୀୟ ଭାଷା- ହିନ୍ଦୀ, ତାମିଲ, ତେଲୁଗୁ, ମାଲୟାଲମ, ମରାଠୀ ଏବଂ ବେଙ୍ଗଲି ଭାଷାରେ ଅନୁବାଦ କରାଯାଇଛି, ଯାହଦ୍ୱାରା ଆଂଚଳିକ ପ୍ରାସଙ୍ଗିକତା ଏବଂ ଏକ ଗଭୀର ଭାବଗତ ସମ୍ପର୍କକୁ ସୁନିଶ୍ଚିତ କରାଯାଉଛି। ଏହି ଚଳଚ୍ଚିତ୍ର ଏକ ପ୍ରଭାବଶାଳୀ ଦୃଶ୍ୟ ସହିତ ଆରମ୍ଭ ହେଉଛି: ଜଣେ ବାପା ଯିଏ ସମ୍ପ୍ରତି ୬୦ ପାଖାପାଖି ବୟସରେ ଉପନୀତ ହୋଇଛନ୍ତି, ସେ ଦର୍ପଣ ସମ୍ମୁଖରେ ନିଜକୁ ପ୍ରସ୍ତୁତ କରୁଛନ୍ତି ଏବଂ ଏକ ଛୋଟ ଝିଅ ବିବାହକାଳୀନ ପୋଷାକ ପରିଧାନ କରି ଡାକ ଛାଡୁଛି, ଆପ୍ପା! ଏବଂ ତାଙ୍କୁ ଏକ ଫଟୋ ଆଲବମ ପ୍ରଦାନ କରୁଛି। ପୃଷ୍ଠାଗୁଡିକ ଓଲଟାଯିବା ଅବସରରେ ଦର୍ଶକମାନଙ୍କୁ ବାପାଙ୍କର ଦୃଶ୍ୟପଟ୍ଟରେ ଏକ ଭାବପ୍ରବଣ ଯାତ୍ରାରେ ଆଗେଇ ନିଆଯାଉଛି, ଯେଉଁଥିରେ ଶାନ୍ତ, ଦୈନନ୍ଦିନର ସ୍ନେହ ଓ ଯତ୍ନର ମୁହୂର୍ତଗୁଡିକ ପ୍ରଦର୍ଶିତ ହେଉଛି, ଯେଉଁଥିରେ ବେବି ମସାଜ ଅଏଲ ଲଗାଇବା ଠାରୁ ଆରମ୍ଭ କରି ବେବି ସାବୁନ ଏବଂ ଲୋସନ ବ୍ୟବହାର ପର୍ଯ୍ୟନ୍ତ ଏବଂ ଉଭୟ ଯେତେବେଳେ ଏକତ୍ର ଖେଳୁଛନ୍ତି ସେହି ମୁହୂର୍ତଗୁଡିକ- ବାପାଙ୍କର ଶାନ୍ତପଣର ପ୍ରତ୍ୟେକଟି ମୁହୂର୍ତ ଏବଂ ନିଜ ଝିଅ ଜୀବନରେର ଅକୁଣ୍ଠ ଉପସ୍ଥିତି ଆଦିଗୁଡିକ ପ୍ରଦର୍ଶିତ ହୋଇଛି।

## ଡିଭାଇଡରରେ ପିଟିହେଲା ବସ ୩ ଗୁରୁତର, ୭ରୁ ଉର୍ଦ୍ଧ୍ୱ ଆହତ

ଖୋର୍ଦ୍ଧା, (ସବ୍ୟୁ): ୧୬ନଂ ଜାତୀୟ ରାଜପଥ ପିତାପଲ୍ଲୀ ଛକ ଜୋର ଶଙ୍ଖ ନିକଟରେ ଓଲଟିଲା ଘରୋଇ ଯାତ୍ରୀବାହୀ ବସ । ଡ୍ରାଇଭର ଭାରସ୍ୟାମ ହରାଇ ଡିଭାଇଡର ରେ ପିଟି ଦେବାରୁ ରାସ୍ତାରେ ଓଲଟିଲା । ଏଥିରେ ୩ଜଣ ଗୁରୁତର ହୋଇଥିବାବେଳେ ୭ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି । ଆହତମାନେ ହେଲେ କବିରାଜ ବେହେରା (୩୨), ପତ୍ନୀ ରଶ୍ମିତା ମାତା (୨୮), କାହ୍ନା ସାମନ୍ତରାୟ (୧୯), କୁମାରୀ ବେହେରା (୬୦), ଶିବ ପ୍ରସାଦ ପଣ୍ଡା (୨୮), କନକ ବେହେରା (୫୫), ଅମିତ୍ କୁମାର ଗୌଡ (୨୦), ପ୍ରଭାକର ପରିଡା (୫୪) ପ୍ରମୁଖ ବୋଲି ସୂଚନା ମିଳିଛି ।

ଭୁବନେଶ୍ୱର ରୁ ଓଡି.୦୭ଏଟି-୦୬୪୩ ନଂ ବିଶିଷ୍ଟ ଏକ ଘରୋଇ ଯାତ୍ରୀବାହୀ ବସ୍ ଯାତ୍ରୀ ଧରି ଗଞ୍ଜାମ ଜିଲ୍ଲା ପୋଲସରା ଅଭିମୁଖେ ବାହାରିଥିଲା । ବସ୍ ରେ ୩୫ରୁ ଉର୍ଦ୍ଧ୍ୱ ଯାତ୍ରୀ ରହିଥିଲେ । ଅପରାହ୍ନ ୨ଟା ରେ ବସ୍ ଟି



ପିତାପଲ୍ଲୀ ଛକ ଜୋର ଶଙ୍ଖ ନିକଟରେଭାରସ୍ୟାମ ହରାଇ ଡିଭାଇଡର ରେ ପିଟି ହୋଇ ଓଲଟି ପଡିଥିଲା । ଘଟଣାସ୍ଥଳରୁ ବସ ହେଲପର ଓ ଡ୍ରାଇଭର ଫେରାର ହୋଇଯାଇଥିଲେ । ଖବର ପାଇ ଶିଳ୍ପାଂଚଳ ଭାରପ୍ରାପ୍ତ ଥାନା ଅଧିକାରୀ ବାସୁଦେବ ଜୟସିଂ ଓ ଟିମ୍ ଏବଂ ଅଗ୍ନିସମ କର୍ମଚାରୀ ଘଟଣାସ୍ଥଳରେ ପହଁଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ଉଦ୍ଧାର କରି ମେଡିକାଲ୍ ପଠାଇଥିଲେ । ଏଥିରେ ୩ଜଣ ଗୁରୁତର ଆହତ ହୋଇଥିବାବେଳେ ୭ରୁ ଉର୍ଦ୍ଧ୍ୱ ସାମାନ୍ୟ ଆହତ ହୋଇଥିବା ଜଣାଯାଇଛି । ଗୁରୁତର ମାନଙ୍କୁ ଡାକ୍ତର ଭୁବନେଶ୍ୱର ସ୍ଥାନାନ୍ତର କରିଥିବା ଜଣାଯାଇଛି । ଶିଳ୍ପାଂଚଳ ପୁଲିସ ଘଟଣାସ୍ଥଳରୁ ବସ୍ ଟିକୁ ଉଦ୍ଧାର କରି ତଦନ୍ତ ଜାରୀ ରଖିଛି ।

## କଳାହାଣ୍ଡି ଆଜି ଅନ୍ୟାନ୍ୟ ଆଦିବାସୀ ଅଞ୍ଚଳ ପାଇଁ ଏକ ରୋଲ୍ ମଡେଲ୍

ଭୁବନେଶ୍ୱର, (ସବ୍ୟୁ): ଗୋଟିଏ ସମୟ ଥିଲା ଯେତେବେଳେ କଳାହାଣ୍ଡି ଦାରିଦ୍ର୍ୟରେ କାଳତିପାତ କରୁଥିଲା, ଏହାର ନାମ ମରୁଡ଼ି, କୁପୋଷଣ ଏବଂ ହତାଶାର ପ୍ରତିଛବି ସୃଷ୍ଟି କରୁଥିଲା। ବର୍ଷ ବର୍ଷ ଧରି, ଏହା ପରିତ୍ୟକ୍ତତା ଏବଂ ବଂଚିବାର ଘଡି ସନ୍ଧି ମୁହୂର୍ତ୍ତରେ ଠିଆ ହୋଇଥିଲା, ନୀତି ଦ୍ୱାରା ଅଣଦେଖା କରାଯାଇଥିଲା ଏବଂ ଭିତିଭୂମି ଅନୁପଯୁକ୍ତ ଥିଲା, ଏହାର ଆଦିବାସୀ ସମ୍ପ୍ରଦାୟଗୁଡ଼ିକୁ ନୀରବରେ କଷ୍ଟ ସହିତ ଲଢ଼ିବାକୁ ଛାଡ଼ି ଦିଆଯାଇଥିଲା । କିନ୍ତୁ ଗତ ଦୁଇ ଦଶନ୍ଧି ମଧ୍ୟରେ, ବେଦାନ୍ତ ଆଲୁମିନିୟମ ଭଳି ଶିଳ୍ପ ନେତାଙ୍କ ସମର୍ଥନରେ, କଳାହାଣ୍ଡି ଏକ ଉଲ୍ଲେଖନୀୟ ପରିବର୍ତନ ଆଣିଛି । ସ୍ଥାୟୀ ଜୀବିକା, ଶିକ୍ଷା, ସ୍ୱାସ୍ଥ୍ୟସେବା, ଭିତିଭୂମି, ତୃଣମୂଳ କ୍ରୀଡା ଏବଂ ସଂସ୍କୃତିରେ ନିବେଶ କେବଳ ଏହି ଅଂଚଳକୁ ପୁନଃନିର୍ମାଣ କରିନାହିଁ ବରଂ ଏହାର ଆତ୍ମାକୁ ପୁନର୍ଜୀବିତ କରିଛି। ଆଜି ଏହା ଦେଶର ଅବଶିଷ୍ଟ ଅଂଶ ପାଇଁ ଅନ୍ତର୍ଭୁକ୍ତ , ଆଦିବାସୀ-ନେତୃତ୍ୱାଧୀନ ବିକାଶର ଏକ ମଡେଲ୍ ଭାବରେ ଉଚ୍ଚରେ ଠିଆ ହୋଇଛି। କଳାହାଣ୍ଡି ଏକ ସାଂସ୍କୃତିକ ପରିବେଶ, ଡୋଙ୍ଗରିଆ କୋନ୍ଧ ଏବଂ କୁଟିଆ କୋନ୍ଧ ପରି ଆଦିବାସୀ ସମ୍ପ୍ରଦାୟ ସୌରା ଚିତ୍ରକଳା ଏବଂ ଡୋକ୍ରା ଧାତୁକାର୍ଯ୍ୟ ଭଳି ସେମାନଙ୍କର କଳାକୃତି ଏବଂ ସେମାନଙ୍କର ସ୍ଥାୟୀ ଜୀବନଶୈଳୀ ପାଇଁ ଜଣାଶୁଣ ଆଜି ବେଦାନ୍ତ ଭଳି ଶିଳ୍ପର ସମର୍ଥନରେ ପରିବର୍ତନର ନେତୃତ୍ୱ ନେଉଛନ୍ତି । ପୂର୍ବରେ, କଳାହାଣ୍ଡିର ଆଦିବାସୀ ପରିବାରଗୁଡ଼ିକ ମୁଖ୍ୟତଃ ଋତୁକାଳୀନ କୃଷି ଏବଂ ଜଙ୍ଗଲ ଉତ୍ପାଦିତ ଦ୍ରବ୍ୟ ଉପରେ ବଞ୍ଚି ରହୁଥିଲେ । କିନ୍ତୁ ଆଜି, ଦୃଶ୍ୟପଟ ପରିବର୍ତନ ହେଉଛି। ଯେଉଁ ଧାନ କ୍ଷେତଗୁଡ଼ିକ ପୂର୍ବରୁ କେବଳ ଜୀବିକା ଫସଲ ଉତ୍ପାଦନ କରୁଥିଲେ ସେମାନେ ଏବେ ଷ୍ଟ୍ରବେରୀ, କଦଳୀ ଏବଂ ଫୁଲ ଚାଷ ଚାଷ କରନ୍ତି । ସୌରଚାଳିତ ଲିଫ୍ଟ ଜଳସେଚନ ଏବଂ ଡ୍ରିପ୍ ସିଷ୍ଟମ ଗ୍ରହଣ କରି ବର୍ଷା ଜଳ ଉପରେ ନିର୍ଭରଶୀଳ ଜମିଗୁଡ଼ିକ ମଧ୍ୟ ପ୍ରସ୍ଫୁଟିତ ହେବା ଆରମ୍ଭ କରିଛି। ପୂର୍ବେ ପାରମ୍ପରିକ ଭୂମିକାରେ ଆବଦ୍ଧ ଆଦିବାସୀ ମହିଳାମାନେ ସୌରା ଚିତ୍ରକଳା ଏବଂ ଧୋକ୍ରା ଧାତୁକାର୍ଯ୍ୟ ଭଳି ପୁରୁଣା କଳାକୃତିକୁ ପୁନର୍ଜୀବିତ କରୁଛନ୍ତି, ଏବଂ ଧୂପକାଠି, ଔଷଧୀୟ ସଫାକାରୀ, ଆଚାର ଏବଂ କପଡା ବ୍ୟାଗ ଉତ୍ପାଦନ କରୁଥିବା କ୍ଷୁଦ୍ର ଉଦ୍ୟୋଗ ମଧ୍ୟ ଚଳାଉଛନ୍ତି । ଡିଜିଟାଲ୍ ଶ୍ରେଣୀଗୃହ, ସୁସଜ୍ଜିତ ବିଜ୍ଞାନ ପ୍ରୟୋଗଶାଳା ଏବଂ ସାମଗ୍ରିକ ବିକାଶ ଉପରେ ଦୃଢ଼ ଧ୍ୟାନ ସହିତ, ସ୍କୁଲ୍ ପ୍ରଥମ ପିଢ଼ିର ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ପୋଷଣ କରୁଛି। ୨୦୨୫ ରେ, ସ୍କୁଲର ପ୍ରଦର୍ଶନ ଅତି ଉତମ ଥିଲା ଛାତ୍ରଛାତ୍ରୀମାନେ ୯୬% ଏବଂ ୯୭% ପର୍ଯ୍ୟନ୍ତ ସ୍କୋର କରିଥିଲେ, ଏହା ପ୍ରମାଣିତ କରିଥିଲା ଯେ ଯେତେବେଳେ ସମ୍ଭାବନା ସୁଯୋଗ ଏବଂ ଯତ୍ନ ସହିତ ପୂରଣ ହୁଏ । ବେଦାନ୍ତ ମିନି ସାଇନ୍ସ ସେଂଟର ଏବଂ ଜ୍ଞାନଶ୍ରୀ ମେରିଟୋରିଆସ୍ ସ୍କଲାରସିପ୍ ଭଳି ପଦକ୍ଷେପଗୁଡ଼ିକ ଜିଜ୍ଞାସୁ ଏବଂ ମହତ୍ୱାକାଂକ୍ଷାର ଏକ ସଂସ୍କୃତି ଗଠନ କରିବାରେ ସାହାଯ୍ୟ କରୁଛି । ଏହି ଅଂଚଳ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ବହୁ ଅନୁନ୍ନତ ଥିଲା କିନ୍ତୁ କଳାହାଣ୍ଡିରେ, ସେହି କାହାଣୀ ପରିବର୍ତନ ହେଇଛି। ଆଜି, ଲାଞ୍ଜିଗଡ଼ର ବେଦାନ୍ତ ହସ୍ପିଟାଲ ସ୍ଥାନୀୟ ସ୍ୱାସ୍ଥ୍ୟସେବା ଇକୋସିଷ୍ଟମର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଭାବରେ ଠିଆ ହୋଇଛି, ଯାହା ବାର୍ଷିକ ୬୦,୦୦୦ ରୁ ଅଧିକ ଲୋକଙ୍କୁ ସାଧାରଣ ଔଷଧ ଏବଂ ମାତୃ ଯତ୍ନ ଠାରୁ ଆରମ୍ଭ କରି ଜରୁରୀକାଳୀନ ଏବଂ ଶିଶୁ ଚିକିତ୍ସା ପର୍ଯ୍ୟନ୍ତ ସେବା ପ୍ରଦାନ କରେ । ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍ ଆଦିବାସୀ ଗ୍ରାମଗୁଡିକୁ ଯାତ୍ରା କରି ଗୁଣାତ୍ମକ ଚିକିତ୍ସା ପ୍ରଦାନ କରୁଛି। କଳାହାଣ୍ଡିର ପରିବର୍ତନ ହେଉଛି କେନ୍ଦ୍ରିତ, ଅନ୍ତର୍ଭୁକ୍ତ ଏବଂ ଗଭୀର ଭାବରେ ମୂଳ ବିକାଶର ଫଳାଫଳ । ଏହା ସମଗ୍ର ଭାରତରେ ଆଦିବାସୀ ଅଂଚଳଗୁଡ଼ିକୁ ସେମାନଙ୍କର ପରିଚୟ ହରାଇବା ନୁହେଁ, ବରଂ ଏହାକୁ ସୁଦୃଢ଼ କରି ଉପରକୁ ଉଠିବା ପାଇଁ ଏକ ବ୍ଲୁପ୍ରିଂଟ ପ୍ରଦାନ କରେ । ବେଦାନ୍ତ ଆଲୁମିନିୟମର ସମ୍ପ୍ରଦାୟ-ପ୍ରଥମ ମଡେଲ କେବଳ ନିଯୁକ୍ତି ସୃଷ୍ଟି କରିବାରେ ନୁହେଁ ବରଂ ସମୃଦ୍ଧ ଇକୋସିଷ୍ଟମ ସୃଷ୍ଟି କରିବାରେ ସାହାଯ୍ୟ କରିଛି ।

## ମରଣାନ୍ତକ ଆକ୍ରମଣ ଘଟଣା, ୨ ଗିରଫ

କଟକ,(ସବ୍ୟୁ): ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଶିଖରପୁର ମୁଖ୍ୟରାସ୍ତା କୋରପୋଖରୀ ଗଳି ସମ୍ମୁଖରେ ଗତକାଲି ରାତିରେ ଶିବଶଙ୍କର ଜେନାଙ୍କୁ ମରଣାନ୍ତକ ଆକ୍ରମଣ କରାଯିବା ଘଟଣାରେ ୨ ଅଭିଯୁକ୍ତଙ୍କୁ ଚାଉଳିଆଗଞ୍ଜ ଥାନା ପୁଲିସ ଗିରଫ କରିଛି ଛ ଅଭିଯୁକ୍ତ ଦ୍ୱୟ ହେଲେ ଶିଖରପୁର ଉପରସାହିର ସୁଧାଂଶୁ ପରିଡ଼ା ଓ ଶଙ୍କର ବେହେରା ଛ ଉଭୟଙ୍କୁ କୋର୍ଟଚାଲାଣ ପରେ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ଚିନ୍ତେଶ୍ୱର ମୁଣ୍ଡା ସୂଚନା ଦେଇଛନ୍ତି । ଗଣ୍ଡରପୁର ଅଞ୍ଚଳର ଶିବଶଙ୍କର ସହିତ ଅଭିଯୁକ୍ତ ସୁଧାଂଶୁର ପୂର୍ବରୁ ଶତ୍ରୁତା ଲାଗି ରହିଥିଲା । ବହୁ ସମୟରେ ସୁଧାଂଶୁ ପ୍ରତ୍ୟକ୍ଷରେ ହେଉ କି ପରୋକ୍ଷରେ ହେଉ ତାଙ୍କୁ ବିଭିନ୍ନ ପ୍ରକାର ଧମକଦେଇ ଆସୁଥିଲା ଛ ଗତକାଲି ରାତିପ୍ରାୟ ସାଢେ ୧୦ଟା ଘଟଣା ଛ ଏହି ସମୟରେ ଶିବଶଙ୍କର ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଶିଖରପୁର ମୁଖ୍ୟରାସ୍ତା କୋରପୋଖରୀ ଗଳି ସମ୍ମୁଖରେ ଅଭିଯୁକ୍ତ ସୁଧାଂଶୁ ଓ ତା'ର ସାଙ୍ଗ ଶଙ୍କର ତାଙ୍କୁ ଅଟକାଇଥିଲେ ଛ ଏହାପରେ ଉଭୟ ପୂର୍ବ ଘଟଣାକୁ ନେଇ ଶିବଶଙ୍କରଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ଫଳରେ ଧମକ ଦିଆଯିବା ନେଇ ଶିବଶଙ୍କର ପ୍ରତିବାଦ କରିଥିଲେ । ଏଥିରେ ଉତ୍କ୍ଷିପ୍ତ ହୋଇ ଉଭୟ ସୁଧାଂଶୁ ଓ ଶଙ୍କର ତାଙ୍କୁ ଠେଲାପେଲା କରିବା ସହିତ ମାଡ଼ ମାରିଥିଲେ । ଏହାପରେ ସୁଧାଂଶୁ ତା'ର ସ୍କୁଟର ଡିକିରେ ରଖିଥିବା ଏକ ମଦବୋତଲକୁ ଭାଙ୍ଗି ଶିବଶଙ୍କରଙ୍କ ପେଟକୁ ଭୁଷି ଦେବା ସହିତ ରାସ୍ତାରେ ପଡିଥିବା ଏକ ପଥର ଉଠାଇ ମୁଣ୍ଡକୁ ଛେଚିବା ପାଇଁ ଉଦ୍ୟମ କରିଥିଲେ । ସ୍ଥାନୀୟ କିଛି ଦୋକାନୀ ଶିବଶଙ୍କରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବଡ ଡାକ୍ତରଖାନାକୁ ପଠାଇଥିଲେ । ଏ ନେଇ ଶିବଶଙ୍କରଙ୍କ ପତ୍ନୀ ସସ୍ମିତା ଜେନା ଚାଉଳିଆଗଞ୍ଜ ଥାନାରେ ଏତଲା ଦେଇଥିଲେ । ଅଭିଯୋଗ ଆଧାରରେ ମାମଲା ରୁଜୁପରେ ଏସଆଇ ଅନ୍ତର୍ଯାମୀ ସାହୁ ଘଟଣାର ଘଟଣା ସମୟରେ ଜଣେ ଯୁବକ ଦ୍ୱାରା ଉଠାଯାଇଥିବା ଭିଡ଼ିଓକୁ ଯାଞ୍ଚକରି ତଦନ୍ତ ଆରମ୍ଭ କରିଥିଲେ । ଆଜି ଏହି ଘଟଣାରେ ଅଭିଯୁକ୍ତ ସୁଧାଂଶୁ ଓ ଶଙ୍କରଙ୍କୁ ଗିରଫ କରାଯାଇଥିଲା ।

## ବିଶ୍ୱ ରକ୍ତଦାତା ଦିବସ

# ପ୍ରେରଣା ଓ ସଚେତନତାର ବାର୍ତ୍ତା ବାଣ୍ଟିଲେ ହାଇଟେକ ବିଦ୍ୟାର୍ଥୀ

ଭୁବନେଶ୍ୱର (ସବ୍ୟୁ): ସାରା ବିଶ୍ୱରେ ରକ୍ତର ଅଭାବ ଜନିତ ଦୁଃଖ ବଢିବାରେ ଲାଗିଛି । ମେଡିକାଲ ହେଉ ଅବା ତତକ୍ଷଣାତ ଦୁର୍ଘଟଣା ଜନିତ ରୋଗୀ ପାଖରେ ଉକ୍ତ ପହଞ୍ଚିବା କଷ୍ଟକର ହୋଇ ପଡିଲାଣି, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଚିନ୍ତା ପ୍ରକଟ କଲେଣି ରକ୍ତ ସଂଗ୍ରହର ଯେପରି ଅଭାବ ପରିଲକ୍ଷିତ ହେଉଛି । ଏହା ମାନବ ସମାଜ ପାଇଁ ଘୋର ସଙ୍କଟର ସମୟ । ଏହି ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଖୁବ୍ ଚିନ୍ତାରେ ଥିବାବେଳେ ଓଡ଼ିଶାରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ହାଇଟେକ ଗ୍ରୁପର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀଙ୍କ ଆହ୍ୱାନରେ ହାଇଟେକ୍ ଶିକ୍ଷାସମୂହ ଅନୁଷ୍ଠାନ ଯଥା ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ଡେଣ୍ଟାଲ କଲେଜ, ଫିଜିଓଥେରାପି କଲେଜ ନର୍ସିଂ କଲେଜ ଓ ବିଜ୍ଞାନ ମହାବିଦ୍ୟାଳୟର ଦୁଇସହ ପଚାଶ ବିଦ୍ୟାର୍ଥୀ ଆଜି ସକାଳ ସାତ ଘଟିକା ରେ ଭୁବନେଶ୍ୱର ରାଜମହଲ ଛକ ରୁ ମାଷ୍ଟର କ୍ୟାଣ୍ଟିନ୍ ପର୍ଯ୍ୟନ୍ତ ଏକ ବିଶାଳ ଲଜେନେତା ପଦଯାତ୍ରା କରି ଯାତାୟତ ପକଙ୍କୁ ରକ୍ତଦାନର ମହାପୁଣ୍ୟ ଓ ରକ୍ତଦାନ କରି ଅନ୍ୟର ଜୀବନ ଇକ୍ଷା କରିବା ପାଇଁ ବୁଝାଇବା ସହ ପ୍ରତେକ ମଣିଷ ନିଜ ଜୀବନ




କାଳ ମଧ୍ୟରେ ଅନ୍ୟୁନ ଗୋଟିଏ ଥର ରକ୍ତ ଲାନ କରିବାକୁ ନିବେଦନ କରିଥିଲେ । ଏହି ରକ୍ତଦାତା ସଚେତନତା ପଦଯାତ୍ରାରେ ମୁଖ୍ୟ ଅତିଥି ଭାବେ ଲାଇଟେକ ଫାର୍ମାସୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡକ୍ଟର ପ୍ରସନ୍ନ କୁମାର କର ହାଇଟେକ ବିଜ୍ଞାନ ହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗୀୟ ମୁଖ୍ୟ ତଥା ଓଡିଶୀ ନୃତ୍ୟଶିଳ୍ପୀ ଡକ୍ଟର ଚିତ୍ତରଞ୍ଜନ ସାହାଣୀ କ୍ରୀଡା ଅଧିକାରୀ ସୁରେଶ୍ କୁମାର ନାୟକ, ସତ୍ୟ ବିପ୍ଳବ ମିଶ୍ର ଯୋଗ ଦେଇ ଥିବାବେଳେ ହାଇଟେକ୍ ବ୍ଲକ ବ୍ୟାଙ୍କର ନିର୍ଦ୍ଦେଶକ ପ୍ରଫେଶର ଡକ୍ଟର ଜ୍ୟୋତି ମିଶ୍ର ଡକ୍ଟର ପ୍ରତ୍ୟୁଷ ବେହେରା ଡକ୍ଟର ରଶ୍ମିରଞ୍ଜନ ସାହୁ ଓ -ପ୍ରାଶାସନିକ ଅଧିକାରୀ ଡକ୍ଟର ଗୋପେଶ୍ୱର ଆଚାର୍ଯ୍ୟ ଅଖିଳ କୁମାର ପାଣିଗ୍ରାହୀଙ୍କ ଉଦ୍ୟମରେ ସତାଧିକ ବିଦ୍ୟାର୍ଥୀ ଉକ୍ତ ଦାନକରି ଆଜିର ବିଶ୍ୱ ରକ୍ତଦାତା ଦିବସରେ ଗାରିମାମୟ ଅଧ୍ୟାୟ ସୃଷ୍ଟି କରିଛନ୍ତି ।

## ସୋମବାର ରାଜକୀୟ ସମ୍ମାନ ସହ ହେବ ବିଜୟ ରୂପାନୀଙ୍କ ଅନ୍ତିମ ସଂସ୍କାର



ଗୁଜୁରାଟ: ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କ ମୃତଦେହ ଚିହ୍ନଟ ହୋଇଛି । ସନ୍ଧ୍ୟାରେ ତାଙ୍କ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି । ସୋମବାର ବିଜୟ ରୂପାନୀଙ୍କ ଅନ୍ତିମ ସଂସ୍କାର ରାଜକୀୟ ସମ୍ମାନ ସହ ରାଜକୋଟରେ ହେବ ।

ସୂଚନା ଅନୁଯାୟୀ, ତାଙ୍କ ମର ଶରୀରକୁ ଏକ ଚାର୍ଟର୍ଡ ବିମାନ ଯୋଗେ ରାଜକୋଟ ପଠାଯିବ । ଯେହେତୁ ହଜାର ହଜାର ଲୋକ ତାଙ୍କ ଶେଷକୃତ୍ୟରେ ଯୋଗ ଦେବେ ବୋଲି ଆଶା କରାଯାଉଛି, ତେଣୁ ସାଧାରଣ ପରିବହନ ସୁଗମ କରିବା ପାଇଁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରାଯାଇଛି ।

ଗତ ଜୁନ୍ ୧୨ ତାରିଖରେ ଅହମ୍ମଦାବାଦର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆର ବିମାନ ଉଡ଼ାଣ ଆରମ୍ଭ ହେବାର କିଛି ସମୟ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏହି ବିମାନରେ ଥିବା ୨୪୨ ଜଣ ଯାତ୍ରୀ ମଧ୍ୟରେ ଗୁଜରାଟ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ରହିଥିଲେ । ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଲୋକଙ୍କ ଚିହ୍ନଟ ପାଇଁ ଡିଏନଏ ପରୀକ୍ଷା କରାଯାଉଛି ।

## ଚାରିଧାମରେ ନିଷେଧ ହେଲା ହେଲିକପ୍ଟର ସେବା

ଡେରାଡୁନ: ଉତ୍ତରାଖଣ୍ଡର କେଦାରନାଥରେ ହେଲିକପ୍ଟର ଦୁର୍ଘଟଣା ଘଟିଛି । ଯେଉଁଥିରେ ୭ ଜଣଙ୍କର ମୃତ୍ୟୁ ହୋଇଛି । ଏହି ଘଟଣା ପରେ, ଚାରିଧାମ ଯାତ୍ରା ସମୟରେ ଉପଲବ୍ଧ ହେଲିକପ୍ଟର ସେବାକୁ ନିଷିଦ୍ଧ କରାଯାଇଛି । ପରବର୍ତ୍ତୀ ନିର୍ଦ୍ଦେଶ ଜାରି ନହେବା ପର୍ଯ୍ୟନ୍ତ ସ୍ତ୍ରଅଉଅ ଏବଂ ଏହି ସେବାକୁ ନିଷିଦ୍ଧ କରିଛନ୍ତି । ଏହା ସହିତ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ରାଜ୍ୟରେ ହେଲିକପ୍ଟର ପରିଚାଳନା ସମ୍ପର୍କରେ ପ୍ରସ୍ତୁତ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ।

ହେଲିକପ୍ଟର ଦୁର୍ଘଟଣାକୁ ଗମ୍ଭୀରତାର ସହ ନେଇ ମୁଖ୍ୟମନ୍ତ୍ରୀ ଧାମି ହେଲିକପ୍ଟର ପରିଚାଳନା ସମ୍ପର୍କରେ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ହେଲି ସେବା ପରିଚାଳନା ପାଇଁ ଏକ କଠୋର ପ୍ରସ୍ତୁତ କରାଯିବା ଉଚିତ, ଯେଉଁଥିରେ ହେଲିକପ୍ଟରର ବୈଷୟିକ ସ୍ଥିତିର ସମ୍ପୂର୍ଣ୍ଣ ଯାଞ୍ଚ ଏବଂ ଉଡ଼ାଣ ପୂର୍ବରୁ ସଠିକ୍ ପାଣିପାଗ ସୂଚନା ପାଇବାକୁ ବାଧ୍ୟତାମୂଳକ କରାଯିବା ଉଚିତ ।

ହେଲି ପରିଚାଳନାର ସମସ୍ତ ବୈଷୟିକ ଏବଂ ସୁରକ୍ଷା ଦିଗକୁ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିବା ପରେ ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ବୈଷୟିକ ବିଶେଷଜ୍ଞଙ୍କ ଏକ କମିଟି ଗଠନ କରିବାକୁ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି କମିଟି ନିଶ୍ଚିତ କରିବ ଯେ ହେଲି ସେବାଗୁଡ଼ିକର ପରିଚାଳନା ସମ୍ପୂର୍ଣ୍ଣ ନିରାପଦ, ସ୍ୱଚ୍ଛ ଏବଂ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ହେବ ।

ହେଲିକପ୍ଟର ଦୁର୍ଘଟଣାର ତଦନ୍ତ ପାଇଁ ଗଠିତ ଉଚ୍ଚସ୍ତରୀୟ କମିଟି ଏହି ମାମଲାରେ ଏକ ରିପୋର୍ଟ ଦାଖଲ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହି କମିଟି ରାଜ୍ୟରେ ଘଟିଥିବା ହେଲିକପ୍ଟର ଦୁର୍ଘଟଣାର ତଦନ୍ତ କରିବ । ତଦନ୍ତରେ କେବଳ ରବିବାର ଦୁର୍ଘଟଣା ନୁହେଁ ବରଂ ଅତୀତର ଘଟଣାଗୁଡ଼ିକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯିବ । ଏହି କମିଟି ପ୍ରତ୍ୟେକ ଘଟଣାର କାରଣ ଗଭୀର ଭାବରେ ତଦନ୍ତ କରିବ ଏବଂ ଦୋଷୀ ବ୍ୟକ୍ତି କିମ୍ବା ଅନୁଷ୍ଠାନକୁ ଚିହ୍ନଟ କରିବ ଏବଂ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିବ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ତୀର୍ଥଯାତ୍ରା, ବିପର୍ଯ୍ୟୟ ପରିଚାଳନା ଏବଂ ଜରୁରୀକାଳୀନ ସେବା ପାଇଁ ରାଜ୍ୟରେ ହେଲି ସେବାର ଗୁରୁତ୍ୱ ଅତ୍ୟନ୍ତ, ତେଣୁ ଏଗୁଡ଼ିକରେ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ ।



କେଦାରନାଥରେ ହେଲିକପ୍ଟର କ୍ରାସ୍: ୭ ମୃତ

ସୂଚନାଯୋଗ୍ୟ, ଦୁର୍ଘଟଣାଗ୍ରସ୍ତ ହେଲିକପ୍ଟରଟି ତୀର୍ଥଯାତ୍ରୀମାନଙ୍କୁ ନେଇ ଗୁପ୍ତକାଶୀ ଫେରୁଥିଲା । ଗୌରୀକୁଣ୍ଡର ଧୁରୀ ଖର୍କ ନିକଟସ୍ଥ ଜଙ୍ଗଲରେ ହେଲିକପ୍ଟରଟି ଦୁର୍ଘଟଣାଗ୍ରସ୍ତ ହୋଇଛି ।

ଏହି ଦୁର୍ଘଟଣାରେ ସାତ ଜଣଙ୍କର ମୃତ୍ୟୁ ହୋଇଥିଲା । ରବିବାର ସକାଳ ପ୍ରାୟ ୫ଟାରେ ଏହି ଦୁର୍ଘଟଣା ଘଟିଥିଲା । ହେଲିକପ୍ଟରଟି ଆର୍ଯ୍ୟନ ହେଲି ଆଭିଏସର ବୋଲି କୁହାଯାଉଛି । ଗୌରୀକୁଣ୍ଡର ଉପର ଅଞ୍ଚଳରେ ଘାସ କାଟୁଥିବା ନେପାଳୀ ବଂଶୋଦ୍ଭବ ମହିଳାମାନେ ହେଲିକପ୍ଟର ଦୁର୍ଘଟଣା ବିଷୟରେ ସୂଚନା ଦେଇଥିଲେ । ଏହା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା । ଦୁର୍ଘଟଣାରେ ମୁଖ୍ୟମନ୍ତ୍ରୀ ଧାମି ଦୁଃଖ ପ୍ରକାଶ କରିଛନ୍ତି ।

### ଅହମ୍ମଦାବାଦ ବିମାନ ଦୁର୍ଘଟଣା

## ମୃତଦେହ ବଦଳରେ ଦିଆଗଲା ଦୁଇଟି ମୁଣ୍ଡ

ଅହମ୍ମଦାବାଦ: ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ପୀଡିତଙ୍କ ମୃତଦେହ ସେମାନଙ୍କର ପରିବାର ବର୍ଗକୁ ହସ୍ତାନ୍ତର କରିବା ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ବର୍ତ୍ତମାନ ଡିଏନଏ ମାଧ୍ୟମରେ ମୃତଦେହ ଚିହ୍ନଟ କରାଯାଉଥିବା ନେଇ ବିଜେ ମେଡିକାଲ୍ କଲେଜର ଅତିରିକ୍ତ ମେଡିକାଲ୍ ସୁପରିଣ୍ଟେଣ୍ଡେଣ୍ଟ ରଜନୀଶ ପଟେଲ କହିଛନ୍ତି । ଏବେ ପର୍ଯ୍ୟନ୍ତ ମୋଟ ୩୨ ମୃତଦେହ ଚିହ୍ନଟ କରାଯାଇଛି ଏବଂ ସେମାନଙ୍କ ମଧ୍ୟରୁ ୧୨ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି । ତେବେ ହସ୍ତାନ୍ତର କରାଯାଇଥିବା ଏକ ମୃତଦେହ ବ୍ୟାଗରୁ ଦୁଇଟି ମୁଣ୍ଡ ମିଳିବା ଭଳି ଏକ ଆଶ୍ଚର୍ଯ୍ୟକର ଘଟଣା ଘଟିଛି । ଏହାପରେ ପରିବାର ତରଫରୁ ସମ୍ପୂର୍ଣ୍ଣ ମୃତଦେହ ଦେବାକୁ ହସ୍ପିଟାଲ ପ୍ରଶାସନକୁ ଦାବି କରାଯାଇଛି । ଗୁରୁବାର ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ପରେ ମୋଟ ୨୭୦ ମୃତଦେହ ଅହମ୍ମଦାବାଦର ସିଭିଲ୍ ହସ୍ପିଟାଲକୁ ଅଣାଯାଇଥିଲା । ଏଥିମଧ୍ୟରୁ ୨୪୧ ଜଣ ବିମାନ ଯାତ୍ରୀ ଏବଂ କ୍ୟାବିନ କ୍ରୁ ଥିଲେ ଓ ବାକି ମୃତଦେହ ବିଜେ ମେଡିକାଲ କଲେଜର ହଷ୍ଟେଲରେ ଥିବା ଛାତ୍ରମାନଙ୍କର । ଯେଉଁଠାରେ ବିମାନଟି ଖସି ପଡ଼ିଥିଲା ।

ବର୍ତ୍ତମାନ୍ ସିଭିଲ୍ ହସ୍ପିଟାଲର ଶବଗୃହ ବାହାରେ ପିଡୀତଙ୍କ ପରିବାର ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି । ଯେଉଁ ପରିବାର ସଦସ୍ୟଙ୍କୁ ଦୁଇଟି ମୁଣ୍ଡ ଥିବା ବ୍ୟାଗ ମିଳିଥିଲା ବର୍ତ୍ତମାନ୍ ସେମାନଙ୍କ ଠାରୁ ପୁଣି ଥରେ ଡିଏନ୍ଏ ନମୁନା ନିଆଯିବ ଓ ମୃତଦେହ ଚିହ୍ନଟ କରାଯିବ । ଗୁରୁବାର ଦିନ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ବୋଇଂ ୭୮୭-୮ ଡ୍ରିମଲାଇନର ଅହମ୍ମଦାବାଦର ସର୍ଦ୍ଦାର ପଟେଲ ବଲ୍ଲଭଭାଇ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଲଣ୍ଡନର ଗାଟୱିକ୍ ବିମାନବନ୍ଦର ପାଇଁ ଉଡ଼ାଣ ଭରିବା ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ।

### ବିଦେଶ ଗସ୍ତରେ ଗଲେ ପ୍ରଧାନମନ୍ତ୍ରୀ ମୋଦି

## ଜି-୭ ସମ୍ମିଳନୀରେ ଯୋଗଦେବେ

ନୂଆଦିଲ୍ଲୀ: ରବିବାର ପ୍ରଧାନମନ୍ତ୍ରୀ ମୋଦି ୫ ଦିନିଆ ବିଦେଶ ଗସ୍ତରେ ଯାଇଛନ୍ତି । ଭାରତ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀର (ପିଓକେ)ରେ ସକ୍ରିୟ ଆତଙ୍କବାଦୀ ଭିତ୍ତିଭୂମିକୁ ଟାର୍ଗେଟ କରିବା ପାଇଁ ଅପରେସନ ସିନ୍ଦୂର ଆରମ୍ଭ କରିବା ପରେ ଏହା ମୋଦିଙ୍କ ପ୍ରଥମ ବିଦେଶ ଗସ୍ତ । ଯେଉଁଥିରେ ସେ ଆସନ୍ତା ମଙ୍ଗଳବାର କାନାଡାରେ ହେବାକୁ ଥିବା ଜି-୭ ସମ୍ମିଳନୀରେ ଯୋଗଦେବେ । ଏଥିସହିତ ସେ ସାଇପ୍ରସ ଏବଂ କ୍ରୋଏସିଆକୁ ମଧ୍ୟ ଯାତ୍ରା କରିବେ । ଯାହା କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଗସ୍ତ ।



ଏନେଇ ପ୍ରଧାନମନ୍ତ୍ରୀ ମୋଦି ନିଜ ସରକାରୀ ବିବୃତ୍ତିରେ କହିଛନ୍ତି, ଏହି ତିନି ରାଷ୍ଟ୍ରର ଗସ୍ତ ସୀମାପାର ଆତଙ୍କବାଦ ବିରୁଦ୍ଧରେ ଆମର ଲଢ଼େଇରେ ଭାରତକୁ ସେମାନଙ୍କର ଦୃଢ଼ ସମର୍ଥନ ପାଇଁ ଅଂଶୀଦାର ଦେଶମାନଙ୍କୁ ଧନ୍ୟବାଦ ଦେବା ଏବଂ ସମସ୍ତ ପ୍ରକାର ଏବଂ ପ୍ରକାଶନରେ ଆତଙ୍କବାଦକୁ ମୁକାବିଲା କରିବା ପାଇଁ ବିଶ୍ୱସ୍ତରୀୟ ବୁଝାମଣାକୁ ବୃଦ୍ଧି କରିବାର ଏକ ସୁଯୋଗ ।

ତେବେ ଅପରେସନ ସିନ୍ଦୂର ଏବଂ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସଂଘର୍ଷ ପରେ ଏହା ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହା ପ୍ରଥମ ବିଦେଶ ଗସ୍ତ ହୋଇଥିବା ବେଳେ ଏହି ଗସ୍ତ ସମୟରେ ସେ କ୍ରୋଏସିଆ ମଧ୍ୟ ଯିବେ । ଏପର୍ଯ୍ୟନ୍ତ ଭାରତର କୌଣସି ପ୍ରଧାନମନ୍ତ୍ରୀ କ୍ରୋଏସିଆକୁ ସରକାରୀ ଗସ୍ତ କରିନାହାଁନ୍ତି । ଏହି ଗସ୍ତ ସମୟରେ ସେ ପ୍ରଥମେ ସାଇପ୍ରସରେ ପହଞ୍ଚିବେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଦିଲ୍ଲୀରୁ ସାଇପ୍ରସ, କାନାଡା ଏବଂ କ୍ରୋଏସିଆ ଗସ୍ତ ପାଇଁ ବାହାରିଛନ୍ତି । ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, ସେ କାନାଡାରେ ଜି -୭ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବେ । ଏହା ପରେ, ଶେଷରେ ପ୍ରଧାନମନ୍ତ୍ରୀ ମୋଦି ୧୮ ଜୁନରେ କ୍ରୋଏସିଆ ଯିବେ ଏବଂ ୧୯ ଜୁନରେ ଭାରତ ଫେରିବେ ।

### ଇରାନ-ଇସ୍ରାଏଲ ସଂଘର୍ଷ

## କିଏ କାହା ଉପରେ ଭାରି?

ନୂଆଦିଲ୍ଲୀ: ଇସ୍ରାଏଲ ଇରାନ ଉପରେ ଏକ ବଡ଼ ଆକ୍ରମଣ କରିଥିଲା । ଏଥିରେ ଇସ୍ରାଏଲୀ ପ୍ରତିରକ୍ଷା ବାହିନୀ ଇରାନର ସାମରିକ ଏବଂ ପରମାଣୁ ଘାଟିଗୁଡ଼ିକୁ ଟାର୍ଗେଟ କରିଥିଲା । ଏହି ଆକ୍ରମଣରେ ଇରାନକୁ ବହୁ କ୍ଷତି ସହିବାକୁ ପଡ଼ିଛି । ଇସ୍ରାଏଲର ଆକ୍ରମଣ ପରେ ଇରାନର ଜବାବି ଆକ୍ରମଣରେ ଇରାନ ପରିଣାମ ଭୋଗିବାକୁ ମଧ୍ୟ ଧମକ ଦେଇଛି, ଯାହା ପରେ ମଧ୍ୟପ୍ରାଚ୍ୟରେ ପୁଣି ଥରେ ଉତ୍ତେଜନା ବୃଦ୍ଧି ପାଇଛି । ଲାଗୁଛି ଆଉ ଏକ ଯୁଦ୍ଧ ବିଗୁଲ୍ ବାଜି ସାରିଛି ।

ଇସ୍ରାଏଲ ଏବଂ ଇରାନ ମଧ୍ୟରେ ବଢ଼ୁଥିବା ମୁକାବିଲାକୁ ଦୃଷ୍ଟିରେ ରଖି, ଯୁଦ୍ଧର ସମ୍ଭାବନା ସ୍ପଷ୍ଟ ଭାବରେ ଦେଖାଯାଉଛି । ଯଦି ଦୁଇ ଦେଶ ମଧ୍ୟରେ ଯୁଦ୍ଧ ହୁଏ, ତେବେ ଏହାର ଫଳାଫଳ ବହୁତ ବିନାଶକାରୀ ହୋଇପାରେ । ପ୍ରକୃତରେ, ଇସ୍ରାଏଲ ଏବଂ ଇରାନ ଉଭୟକୁ ମଧ୍ୟପ୍ରାଚ୍ୟର ଦୁଇଟି ଶକ୍ତିଶାଳୀ ଦେଶ ମଧ୍ୟରେ ଗଣନା କରାଯାଏ । ଏପରି ପରିସ୍ଥିତିରେ, ଆସନ୍ତୁ ଜାଣିବା ଦୁଇଟି ଦେଶରେ କାହାର ସେନା ଶକ୍ତିଶାଳୀ ଏବଂ ଯୁଦ୍ଧ ସମୟରେ କିଏ କାହା ଉପରେ ଭାରି ପଡିପାରେ?

### ସ୍ଥଳ ସେନାରେ କିଏ ଆଗରେ ଅଛି?

ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଭୂମି ଯୁଦ୍ଧରେ ଇରାନର ପଲଡ଼ା ଭାରି ଥିବା ମନେ ହେଉଛି । ଇସ୍ରାଏଲର ମୋଟ ୧୭୦,୦୦୦ ସକ୍ରିୟ ସୈନିକ ଅଛନ୍ତି, ଯେଉଁଥିରେ ୪୬୫,୦୦୦ ରିଜର୍ଭ ସୈନିକ ଏବଂ ୩୫୦୦୦ ଅର୍ଦ୍ଧସାମରିକ ବାହିନୀ ଅଛନ୍ତି । ଇରାନର ସେନାରେ ୬,୧୦,୦୦୦ ସକ୍ରିୟ ସୈନିକ, ୩୫୦୦୦ ରିଜର୍ଭ ସୈନିକ ଏବଂ ୨୨୦,୦୦୦ ଅର୍ଦ୍ଧସାମରିକ ବାହିନୀ ଅଛି । ଏହା ବ୍ୟତୀତ ଇସ୍ରାଏଲରେ ୧୩୭୦ ଟ୍ୟାଙ୍କ, ୪୩,୪୦୭ ସଶସ୍ତ୍ର ଯାନ, ୬୫୦ ସ୍ୱୟଂଚାଳିତ ତୋପ ୟୁନିଟ୍, ୧୫୦ ରକେଟ୍ ତୋପ ଅଛି । ଇରାନରେ ୧୯୯୬ ଟ୍ୟାଙ୍କ ଏବଂ ୬୫,୭୬୫ ସଶସ୍ତ୍ର ଯାନ ଅଛି ।

### ବାୟୁ ଆକ୍ରମଣରେ କିଏ ଅଧିକ ଶକ୍ତିଶାଳୀ?

ଯଦି ଆମେ ବାୟୁ ଆକ୍ରମଣ ବିଷୟରେ କଥା ହେବା, ତେବେ ଇସ୍ରାଏଲର କୌଣସି ପ୍ରତିଯୋଗିତା ନାହିଁ । ଇସ୍ରାଏଲ ପାଖରେ ୨୪୧ ଲଢ଼ୁଆ ବିମାନ, ୧୪୬ ହେଲିକପ୍ଟର ଏବଂ ୪୮ ଆକ୍ରମଣ ହେଲିକପ୍ଟର ସମେତ ୬୧୨ ବିମାନ ଅଛି । ଯେତେବେଳେ କି ଇରାନ ପାଖରେ ୧୮୬ ଲଢ଼ୁଆ ବିମାନ, ୧୨୯ ହେଲିକପ୍ଟର ଏବଂ ୧୩ ଆକ୍ରମଣ ହେଲିକପ୍ଟର ସମେତ ମୋଟ ୫୫୧ ବିମାନ ଅଛି ।

### ସମୁଦ୍ରରେ କାହାର ଶକ୍ତି ଅଧିକ?

ନୌସେନା ବିଷୟରେ କହିବାକୁ ଗଲେ, ଇସ୍ରାଏଲରେ ୬ ଟି ବୁଡ଼ାଜାହାଜ, ୭ ଟି କର୍ଭେଟ୍ ଏବଂ ୪୫ ଟି ପାଟ୍ରୋଲିଂ ଜାହାଜ ଅଛି । ଅନ୍ୟପକ୍ଷରେ, ଇରାନରେ ୭ ଟି ଫ୍ରିଗେଟ୍, ୩ ଟି ବୁଡ଼ାଜାହାଜ, ୧୯ ଟି ପାଟ୍ରୋଲିଂ ଜାହାଜ ଏବଂ ଗୋଟିଏ ମାଇନ୍ ଯୁଦ୍ଧ ଜାହାଜ ଅଛି । ଗ୍ଲୋବାଲ୍ ଫାୟାର୍ ଇଣ୍ଡେକ୍ସରେ, ଇସ୍ରାଏଲ ବିଶ୍ୱର ୧୪୫ ଟି ଦେଶ ମଧ୍ୟରେ ୧୬ ତମ ସ୍ଥାନରେ ଥିବା ବେଳେ ଇରାନ ୧୫ ତମ ସ୍ଥାନରେ ଅଛି ।

## ପୁଣି ଇରାନକୁ ଟ୍ରମ୍ପଙ୍କ କଡ଼ା ଚେତାବନୀ : ପୁରା ଶକ୍ତି ସହ ଜବାବ ଦେବ ଆମେରିକା

ନୂଆଦିଲ୍ଲୀ: ଇସ୍ରାଏଲ ଏବଂ ଇରାନ ମଧ୍ୟରେ ବଢ଼ୁଥିବା ଉତ୍ତେଜନା ମଧ୍ୟରେ ଏବେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଇରାନକୁ କଡ଼ା ଚେତାବନୀ ଦେଇଛନ୍ତି । ଟ୍ରମ୍ପ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଇସ୍ରାଏଲ ଦ୍ୱାରା ଇରାନ ଉପରେ ଆକ୍ରମଣରେ ଆମେରିକାର କୌଣସି ଭୂମିକା ନାହିଁ । ଯଦି ଇରାନ କୌଣସି ପ୍ରକାରେ ଆମେରିକା ଉପରେ ଆକ୍ରମଣ କରେ, ତେବେ ଆମେରିକା ଏପରି ଭାବରେ ପୂର୍ଣ୍ଣ ଶକ୍ତି ସହିତ ଜବାବ ଦେବ ଯାହା ପୂର୍ବରୁ କେବେ କେହି ଦେଖିନଥିବେ । ଟ୍ରମ୍ପ ଏହା ଦାବି କରିଛନ୍ତି ଯେ ଆମେରିକା ଆରାମରେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଏକ ଚୁକ୍ତି କରିପାରିବା ଏବଂ ଏହି ରକ୍ତାକ୍ତ ସଂଘର୍ଷର ଅନ୍ତ କରିପାରିବ ।

ତେବେ ଏହା ପ୍ରଥମ ଥର ନୁହେଁ ଯେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ଚେତାବନୀ ଦେଇଛନ୍ତି । ପୂର୍ବରୁ, ଟ୍ରମ୍ପ ଇରାନକୁ ଚେତାବନୀ ଦେଇଥିଲେ ଯେ ଏହା ସେମାନେ ଯାହା ଭାବନ୍ତି, ଅନୁମାନ କରନ୍ତି କିମ୍ବା କୁହାଯାଇଛି ତାହାଠାରୁ ବହୁତ ଖରାପ ହେବ । ସେ କହିଥିଲେ ଯେ ଆମେରିକା ବିଶ୍ୱର ସର୍ବୋତ୍ତମ ଏବଂ ଘାତକ ସାମରିକ ଉପକରଣ ତିଆରି କରେ ଏବଂ ଇସ୍ରାଏଲ ପାଖରେ ଏହାର ବହୁତ କିଛି ଅଛି ଏବଂ ସେମାନେ ଏହାକୁ କିପରି ବ୍ୟବହାର କରିବେ ତାହା ଜାଣନ୍ତି ।

ଡୋନାଲ୍ଡ ଟ୍ରମ୍ପ ପୂର୍ବରୁ ମଧ୍ୟ କହିଥିଲେ ଯେ ଇରାନ ତା'ର ପରମାଣୁ କାର୍ଯ୍ୟକ୍ରମକୁ ରୋକିବା ପାଇଁ ଯଥାଶୀଘ୍ର ଏକ ଚୁକ୍ତି କରିବା ଉଚିତ । ଟ୍ରମ୍ପ କହିଥିଲେ ଯେ ଇରାନ ପାଖରେ ଦ୍ୱିତୀୟ ସୁଯୋଗ ମଧ୍ୟ ଅଛି ଯାହା ଅଧିକ ବିନାଶକୁ ରୋକିପାରିବ । ସେପଟେ ଇସ୍ରାଏଲ ଦ୍ୱାରା ଇରାନ ଉପରେ କରାଯାଉଥିବା ଆକ୍ରମଣ ମଧ୍ୟରେ ଟ୍ରମ୍ପ ତାଙ୍କ ଜାତୀୟ ସୁରକ୍ଷା ଦଳ ସହିତ ଏକ ବୈଠକ ମଧ୍ୟ କରିଛନ୍ତି ।

ସୂଚନାଯୋଗ୍ୟ, ଇସ୍ରାଏଲ ଅପରେସନ ରାଇଜିଂ ଲାୟନ ଆରମ୍ଭ କରିଛି । ଏହି ଅପରେସନ ଅନ୍ତର୍ଗତ, ଇସ୍ରାଏଲକୁ ଇରାନର ପରମାଣୁ ପ୍ଲାଣ୍ଟ, କ୍ଷେପଣାସ୍ତ୍ର ଏବଂ ସାମରିକ କମ୍ପ୍ଲେକ୍ସକୁ ଟାର୍ଗେଟ କରିବାକୁ ପଡିବ । ଇସ୍ରାଏଲ ଏହି ଅପରେସନରେ ଇରାନର ଅନେକ ପ୍ରମୁଖ ସାମରିକ କମାଣ୍ଡର ଏବଂ ପରମାଣୁ ବୈଜ୍ଞାନିକଙ୍କୁ ହତ୍ୟା କରିଛି । ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଲକ୍ଷ୍ୟ ହାସଲ ନହେବା ପର୍ଯ୍ୟନ୍ତ ଆକ୍ରମଣ ଜାରି ରହିବ ।


### କ'ଣ ଏହି ହରମୁଜ୍ ପ୍ରଣାଳୀ ?

## ଇରାନ-ଇସ୍ରାଏଲ ଯୁଦ୍ଧ କିପରି ଅନ୍ୟଦେଶକୁ କରିପାରେ ହଟହଟା...

ନୂଆଦିଲ୍ଲୀ: ଇସ୍ରାଏଲ ସହିତ ବଢ଼ୁଥିବା ଉତ୍ତେଜନା ମଧ୍ୟରେ, ଇରାନ ହରମୁଜ୍ ପ୍ରଣାଳୀକୁ ବନ୍ଦ କରିବାକୁ ଚିନ୍ତା କରୁଛି । ଏକ ଇରାନୀ ସାଂସଦଙ୍କ ଦାବି ଅନୁଯାୟୀ ହରମୁଜ୍ ପ୍ରଣାଳୀ ବନ୍ଦ କରିବା ବିଷୟରେ ଚିନ୍ତା କରୁଛନ୍ତି । ଯଦି ଇରାନ ଏପରି ପଦକ୍ଷେପ ନିଏ, ତେବେ ତୈଳ ମୂଲ୍ୟ ବୃଦ୍ଧି ପାଇବ ଏବଂ ଇସ୍ରାଏଲ ସହିତ ସଂଘର୍ଷକୁ ଆହୁରି ଖୋଳ କରିବ, କାରଣ ଏହି ଜଳପଥ ସମଗ୍ର ବିଶ୍ୱ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆସନ୍ତୁ ଜାଣିବା ଏହି ପ୍ରଣାଳୀ କିପରି ଇରାନ-ଇସ୍ରାଏଲ ବିବାଦକୁ ବୃଦ୍ଧି କରିବ?

ତେବେ ପର୍ସିଆନ୍ ଉପସାଗରରେ ପ୍ରବେଶ କରିବା ପାଇଁ ହରମୁଜ୍ ପ୍ରଣାଳୀ ଏକମାତ୍ର ସମୁଦ୍ର ପଥ । ଏହାର ଗୋଟିଏ ପାର୍ଶ୍ୱରେ ଇରାନ ଏବଂ ଅନ୍ୟ ପାର୍ଶ୍ୱରେ ଓମାନ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ରହିଛି । ଏହା ପାରସିଆନ୍ ଉପସାଗରକୁ ଓମାନ ଉପସାଗର ସହିତ ସଂଯୋଗ କରେ ଏବଂ ଆରବ ସାଗରକୁ ଭାରତ ମହାସାଗର ସହିତ ମଧ୍ୟ ସଂଯୋଗ କରେ । ଆମେରିକା ଶକ୍ତି ସୂଚନା ପ୍ରଶାସନ ଅନୁଯାୟୀ, ସାରା ବିଶ୍ୱରେ ବ୍ୟବହୃତ ମୋଟ ତୈଳର ପ୍ରାୟ ୨୦ ପ୍ରତିଶତ ଏହି ପଥ ଦେଇ ପରିବହନ କରାଯାଏ । ସମ୍ବାଦ ସଂସ୍ଥା ଏହି ଜଳପଥକୁ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତୈଳ ପରିବହନ ଚେକପଏଣ୍ଟ ଭାବରେ ବର୍ଣ୍ଣନା କରିଛି । ଏହି ପ୍ରଣାଳୀର ସବୁଠାରୁ ସଂକୀର୍ଣ୍ଣ ବିନ୍ଦୁ ହେଉଛି ୩୩ କିଲୋମିଟର ଚଉଡା । ତଥାପି, ଜାହାଜଗୁଡ଼ିକ ଯେଉଁ ରାସ୍ତା ଦେଇ ଯାତାୟାତ କରନ୍ତି ତାହା ଆହୁରି ସଂକୀର୍ଣ୍ଣ । ଏପରି ପରିସ୍ଥିତିରେ, ସେମାନେ ଆକ୍ରମଣ ଏବଂ ଧମକର ସହଜ ଲକ୍ଷ୍ୟସ୍ଥଳ ହୋଇପାରନ୍ତି । ତେଣୁ, ଯଦି ସଂଘର୍ଷ ବୃଦ୍ଧି ପାଏ ତେବେ ସେମାନଙ୍କର ଗତିବିଧି ବନ୍ଦ ହେବାର ସମ୍ଭାବନା ରହିଛି ।

ଯଦିଓ ୧୯୮୦ ରୁ ୧୯୮୮ ମଧ୍ୟରେ ଇରାନ-ଇରାକ ଯୁଦ୍ଧ ସମୟରେ, ଯେତେବେଳେ ଉଭୟ ପକ୍ଷର ହଜାର ହଜାର ଲୋକ ପ୍ରାଣ ହରାଇଥିଲେ, ଉଭୟ ଦେଶ ଉପସାଗରରେ ବାଣିଜ୍ୟିକ ଜାହାଜଗୁଡ଼ିକୁ ଟାର୍ଗେଟ କରିଥିଲେ, ଯାହାକୁ ଟ୍ୟାଙ୍କର୍ ଯୁଦ୍ଧ ଭାବରେ ଜଣାଶୁଣା, କିନ୍ତୁ ସେତେବେଳେ ମଧ୍ୟ ହରମୁଜ୍ ପ୍ରଣାଳୀ କେବେବି ସମ୍ପୂର୍ଣ୍ଣ ବନ୍ଦ ହୋଇନଥିଲା । ୨୦୧୯ ରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଥମ କାର୍ଯ୍ୟକାଳ ସମୟରେ, ଇରାନ ଏବଂ ଆମେରିକା ମଧ୍ୟରେ ବଢ଼ୁଥିବା ଉତ୍ତେଜନା ଯୋଗୁଁ ୟୁଏଇର ଫୁଜୈରାହ ଉପକୂଳରେ ଏହି ପ୍ରଣାଳୀ ନିକଟରେ ଚାରୋଟି ଜାହାଜକୁ ଟାର୍ଗେଟ କରାଯାଇଥିଲା । ଏହି ଆକ୍ରମଣ ପାଇଁ ଆମେରିକା ତେହେରାନକୁ ଦାୟୀ କରିଥିଲା କିନ୍ତୁ ଇରାନ ଏହି ଅଭିଯୋଗଗୁଡ଼ିକୁ ଅସ୍ୱୀକାର କରିଥିଲା । ଆଉ ଏବେ ଯଦି ଇରାନ ଏହି ରାସ୍ତା ବନ୍ଦ କରେ, ତେବେ ଯେଉଁ ଦେଶଗୁଡ଼ିକ ଉପସାଗରୀୟ ଦେଶଗୁଡ଼ିକରୁ ତେଲ ଆମଦାନୀ କରନ୍ତି ନାହିଁ ସେମାନେ ମଧ୍ୟ ପ୍ରଭାବିତ ହେବେ ।



ତା ଉପରେ, ବିବାଦ ସମୟରେ, ଜାହାଜଗୁଡ଼ିକର ଗତିପଥ ଉପରେ ଆକ୍ରମଣ କରି ଚାପ ସୃଷ୍ଟି କରିବାର ଚେଷ୍ଟା କରାଯାଇଛି । ଗାଜାରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ, ୟେମେନର ହାଉଥିମାନେ ବାବ୍ ଅଲ୍-ମାଣ୍ଡେବ ପ୍ରଣାଳୀରେ ଜାହାଜଗୁଡ଼ିକୁ ଟାର୍ଗେଟ କରି ଆସୁଛନ୍ତି, ଯାହା ଆରବୀୟ ଉପଦ୍ୱୀପର ଅନ୍ୟ ପାର୍ଶ୍ୱରେ ଲାଲ ସାଗରରେ ପ୍ରବେଶ କରିବାର ପଥ ।

ଆହୁତି ବିଦ୍ରୋହୀଙ୍କ ଏହି କାର୍ଯ୍ୟ ଯୋଗୁଁ, ସମଗ୍ର ବିଶ୍ୱର ବାଣିଜ୍ୟ ପ୍ରଭାବିତ ହେଉଛି ଏବଂ ଯଦି ଏହା ପୁଣି ଥରେ ଘଟେ, ତେବେ ଜାହାଜଗୁଡ଼ିକ ଏହି ରାସ୍ତା ଦେଇ ଲାଲ ସାଗରରେ ଗତି ବନ୍ଦ କରି ଆଫ୍ରିକାରେ ଯାଇପାରିବେ । ଏହା ଏକ ଲମ୍ବା କିନ୍ତୁ ସୁରକ୍ଷିତ ପଥ । ତଥାପି, ଯଦି ଉପସାଗର ଦେଶଗୁଡ଼ିକରୁ କୌଣସି ସାମଗ୍ରୀ ପଠାଯାଏ, ତେବେ ହର୍ମୁଜ୍ ପ୍ରଣାଳୀ ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ । ଏପରି ପରିସ୍ଥିତିରେ, ଯଦି ଇରାନ ଏହି ରାସ୍ତା ବନ୍ଦ କରିଦିଏ, ତେବେ ସେହି ଦେଶଗୁଡ଼ିକ ମଧ୍ୟ ପ୍ରଭାବିତ ହେବେ ଯେଉଁମାନେ ଉପସାଗର ଦେଶଗୁଡ଼ିକରୁ ତେଲ ଆମଦାନୀ କରନ୍ତି ନାହିଁ । କାରଣ ଯଦି ଏହି ପ୍ରଣାଳୀ ବନ୍ଦ ହୋଇଯାଏ, ତେବେ ତେଲ ଯୋଗାଣ ଯଥେଷ୍ଟ ହ୍ରାସ ପାଇବ ଏବଂ ବିଶ୍ୱ ବଜାରରେ ପ୍ରତି ବ୍ୟାରେଲ ତେଲ ମୂଲ୍ୟରେ ଏକ ବଡ଼ ବୃଦ୍ଧି ଘଟିବ । ତଥାପି, ଇରାନୀ ସାଂସଦଙ୍କ ଚେତାବନୀ ସତ୍ତ୍ୱେ, ଏହା ସ୍ପଷ୍ଟ ହୋଇନାହିଁ ଯେ ଇରାନର ଏହାକୁ ବନ୍ଦ କରିବାର କ୍ଷମତା କିମ୍ବା ଇଚ୍ଛା ଅଛି କି ନାହିଁ ।

ଯଦି ଇରାନ ଏହା କରେ, ତେବେ ସ୍ପଷ୍ଟ ଭାବରେ ଆମେରିକା ଏହାର ବିରୁଦ୍ଧରେ ପ୍ରତିକ୍ରିୟା ଦେବ ଏବଂ ଏହାର ନୌସେନା ଉପସ୍ଥିତି ଏହି ଅଞ୍ଚଳରେ ପୂର୍ବରୁ ଅଛି । ବର୍ତ୍ତମାନ ଯେତେବେଳେ ଇସ୍ରାଏଲ ଇରାନରେ ସାମରିକ ନେତା, ଆବାସିକ ଅଞ୍ଚଳ, ସାମରିକ ଏବଂ ପରମାଣୁ ଘାଟିକୁ ଟାର୍ଗେଟ କରିଛି, ତେବେ ପ୍ରତିବଦଳରେ ଇରାନ ମଧ୍ୟ ହଜାର ହଜାର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଛି ।

ଯଦିଓ ଆମେରିକା ଏହି କ୍ଷେପଣାସ୍ତ୍ର ନିକ୍ଷେପ କରିବାରେ ଇସ୍ରାଏଲକୁ ସାହାଯ୍ୟ କରିଛି, ତଥାପି ସେ ଇରାନ ଉପରେ ସିଧାସଳଖ ଆକ୍ରମଣ କରିନାହିଁ । ଆମେରିକାର ଅଧିକାରୀମାନେ ଜୋର ଦେଇଛନ୍ତି ଯେ ଇସ୍ରାଏଲ ଦ୍ୱାରା କରାଯାଇଥିବା ଆକ୍ରମଣରେ ସେମାନଙ୍କ ଦେଶ ସାମିଲ ନାହିଁ । ସେହି ସମୟରେ, ତେହେରାନ ମଧ୍ୟ ଏହି ଅଞ୍ଚଳରେ ଉପସ୍ଥିତ ଆମେରିକୀୟ ସେନାକୁ ଟାର୍ଗେଟ କରିନାହିଁ । ଏହା ସତ୍ତ୍ୱେ, ଯଦି ଇରାନ ହର୍ମୁଜ୍ ପ୍ରଣାଳୀ ବନ୍ଦ କରେ, ତେବେ ଆମେରିକାର ସ୍ୱାର୍ଥ ପ୍ରଭାବିତ ହେବ ଏବଂ ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ସିଧାସଳଖ କିମ୍ବା ଇସ୍ରାଏଲ ମାଧ୍ୟମରେ ସାମରିକ କାର୍ଯ୍ୟାନୁଷ୍ଠାନକୁ ଏଡ଼ାଇ ଦିଆଯାଇପାରିବ ନାହିଁ । ଏହା ଇରାନ-ଇସ୍ରାଏଲ ଏବଂ ଇରାନ-ଆମେରିକା ମଧ୍ୟରେ ଉତ୍ତେଜନା ବୃଦ୍ଧି କରିବ ।

ଯଦିଓ ଏହି ପ୍ରଣାଳୀ ବିରୁଦ୍ଧରେ ନିଆଯାଇଥିବା କୌଣସି ପଦକ୍ଷେପ ଠିକ୍ ହେବ ନାହିଁ, କିନ୍ତୁ ଏହାର ସାଂସଦଙ୍କ ବକ୍ତବ୍ୟ ସୂଚାଇ ଦିଏ ଯେ ତେହେରାନ ଏହି ରାସ୍ତାରେ ଜାହାଜର ଲେନ୍ ଉପରେ ଆକ୍ରମଣ କରି ସଂଘର୍ଷ ମଧ୍ୟରେ ଚାପ ସୃଷ୍ଟି କରିବାକୁ ଚେଷ୍ଟା କରିପାରିବ ।

ଏହାର ଦୃଶ୍ୟ ପୂର୍ବରୁ ମଧ୍ୟ ସାମ୍ନାକୁ ଆସିଛି, ଯେତେବେଳେ ଏପ୍ରିଲ୍ ୨୦୨୪ ରେ ଇସ୍ରାଏଲ ସିରିଆରେ ଇରାନୀ କନସୁଲେଟ୍ ଉପରେ ଆକ୍ରମଣ କରିଥିଲା । ଏହା ପରେ, ଇରାନୀ ସଶସ୍ତ୍ର ବାହିନୀ ହର୍ମୁଜ୍ ପ୍ରଣାଳୀ ନିକଟରେ ଏକ କଣ୍ଟେନର ଜାହାଜକୁ ଜବତ କରିଥିଲା । ଏହା ସମଗ୍ର ଅଞ୍ଚଳରେ ଉତ୍ତେଜନା ବୃଦ୍ଧି କରିଥିଲା । ଏହା ପରେ, ଇରାନ ଇସ୍ରାଏଲ ଉପରେ ଏକ ସୀମିତ ଆକ୍ରମଣ କରିଥିଲା, ଯାହାର ଜବାବ ଇସ୍ରାଏଲ ମଧ୍ୟ ଦେଇଥିଲା । ଏପରି ପରିସ୍ଥିତିରେ, ଏହା ସ୍ପଷ୍ଟ ଯେ ଯଦି ଇରାନ ହର୍ମୁଜ୍ ସମ୍ପର୍କରେ କୌଣସି କଠୋର ପଦକ୍ଷେପ ନିଏ, ତେବେ ନିଶ୍ଚିତ ଭାବରେ ଇସ୍ରାଏଲ ପକ୍ଷରୁ ଜବାବ ଦିଆଯିବ, ଯଦିଓ ଏହା ପଛରେ ଆମେରିକା ଅଛି ।

# ଟି-୨୦ ବିଶ୍ୱକପ ପୂର୍ବରୁ ଭାରତ ଗସ୍ତରେ ଆସିବ ନ୍ୟୁଜିଲାଣ୍ଡ



ନୂଆଦିଲ୍ଲୀ, ୧୫।୬ (ଏଜେନ୍ସି): ଆଇସିସି ପୁରୁଷ ଟି-୨୦ ବିଶ୍ୱକପ ୨୦୨୬ ପୂର୍ବରୁ ଭାରତୀୟ ଦଳ ଏକ ବଡ଼ ଶୃଙ୍ଖଳା ଖେଳିବାକୁ ଯାଉଛି । ଅର୍ଥାତ୍ ଶକ୍ତିଶାଳୀ ନ୍ୟୁଜିଲାଣ୍ଡ ଦଳ ଭାରତ ଗସ୍ତରେ ଆସି ଦିନିକିଆ ଓ ଟି-୨୦ ଶୃଙ୍ଖଳା ଖେଳିବ । ଦୁଇ ଦେଶ ମଧ୍ୟରେ ଏହି ଶୃଙ୍ଖଳା କେଉଁଠି ଓ କେବେ ଖେଳାଯିବ ତାହାର ସୂଚୀ ଘୋଷଣା କରିଛି ବିସିସିଆଇ । ଏହି ଗସ୍ତରେ ନ୍ୟୁଜିଲାଣ୍ଡ ଦଳ ଘରୋଇ ଭାରତ ବିପକ୍ଷରେ ୩ଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ୍ ଖେଳିବ ।

ଜାନୁଆରୀ ୧୧ଟାରୁ ଭାରତ-ନ୍ୟୁଜିଲାଣ୍ଡ ଶୃଙ୍ଖଳା ଆରମ୍ଭ ହେବ । ଜାନୁଆରୀ ୧୧ରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ଶୃଙ୍ଖଳା ଶେଷ ହେବ । ଆଗାମୀ ଟି-୨୦ ବିଶ୍ୱକପ ୨୦୨୬କୁ ଦୃଷ୍ଟିରେ ରଖି ଏହି ଶୃଙ୍ଖଳା ଭାରତ ଓ ନ୍ୟୁଜିଲାଣ୍ଡ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିବ । କାରଣ ୨ ଦେଶ ପାଇଁ ଟି-୨୦ ବିଶ୍ୱକପ ପୂର୍ବରୁ ଏହା ଶେଷ ଟି-୨୦ ମ୍ୟାଚ୍ ହେବ । ଆଗାମୀ ଫେବ୍ରୁଆରୀ-ମାର୍ଚ୍ଚରେ ଭାରତ ଓ ଶ୍ରୀଲଙ୍କା ଯୁଗ୍ମ ଭାବେ ବିଶ୍ୱକପ ଆୟୋଜନ କରିବେ । ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ ଦିନିକିଆ ମ୍ୟାଚ୍ ଜାନୁଆରୀ ୧୧ରେ ଭଦୋଦରାରେ ଖେଳାଯିବ । ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଗୁଜରାଟର ରାଜକୋଟ୍‌ରେ ଜାନୁଆରୀ ୧୪ ଏବଂ ତୃତୀୟ ଦିନିକିଆ ମ୍ୟାଚ୍ ଜାନୁଆରୀ ୧୮ ଇନ୍ଦୋରରେ ଖେଳାଯିବ । ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଜାନୁଆରୀ ୨୧ରେ ନାଗପୁର, ଦ୍ୱିତୀୟ ମ୍ୟାଚ୍ ଜାନୁଆରୀ ୨୩ ରାୟପୁର, ତୃତୀୟ ମ୍ୟାଚ୍ ଜାନୁଆରୀ ୨୫ ଗୌହାଟୀ, ଚତୁର୍ଥ ମ୍ୟାଚ୍ ଜାନୁଆରୀ ୨୮ ଭାଇଜାଗ ଏବଂ ୫ମ ତଥା ଶେଷ ମ୍ୟାଚ୍ ଜାନୁଆରୀ ୩୧ରେ ତ୍ରିଭେନ୍ଦ୍ରମ୍‌ରେ ଖେଳାଯିବ ।

| ଭାରତ-ନ୍ୟୁଜିଲାଣ୍ଡ ସୂଚୀ |
|---|
| ଜାନୁଆରୀ ୧୧- ପ୍ରଥମ ଦିନିକିଆ- ଭଦୋଦରା- ଅପରାହ୍ନ ୧.୩୦ |
| ଜାନୁଆରୀ ୧୪- ଦ୍ୱିତୀୟ ଦିନିକିଆ- ରାଜକୋଟ୍- ଅପରାହ୍ନ ୧.୩୦ |
| ଜାନୁଆରୀ ୧୮- ତୃତୀୟ ଦିନିକିଆ- ଇନ୍ଦୋର- ଅପରାହ୍ନ ୧.୩୦ |
| ଜାନୁଆରୀ ୨୧- ପ୍ରଥମ ଟି-୨୦- ନାଗପୁର- ସନ୍ଧ୍ୟା ୭ଟା |
| ଜାନୁଆରୀ ୨୩- ଦ୍ୱିତୀୟ ଟି-୨୦- ରାୟପୁର- ସନ୍ଧ୍ୟା ୭ଟା |
| ଜାନୁଆରୀ ୨୫- ତୃତୀୟ ଟି-୨୦- ଗୌହାଟି- ସନ୍ଧ୍ୟା ୭ଟା |
| ଜାନୁଆରୀ ୨୮- ଚତୁର୍ଥ ଟି-୨୦- ଭାଇଜାଗ- ସନ୍ଧ୍ୟା ୭ଟା |
| ଜାନୁଆରୀ ୩୧- ପଞ୍ଚମ ଟି-୨୦- ତ୍ରିଭେନ୍ଦ୍ରମ - ସନ୍ଧ୍ୟା ୭ଟା |

# ତେନ୍ଦୁଲକର-ଆଣ୍ଡରସନ୍ ଟ୍ରଫିକୁ ନେଇ ସଚିନଙ୍କ ଅନୁରୋଧ

ନୂଆଦିଲ୍ଲୀ, ୧୫।୬ (ଏଜେନ୍ସି): କ୍ରିକେଟ ଭଗବାନ କୁହାଯାଉଥିବା ସଚିନ ତେନ୍ଦୁଲକର ବିସିସିଆଇକୁ ଅନୁରୋଧ କରିଛନ୍ତି ଯେ ଇଂଲଣ୍ଡରେ ଯେଉଁ ଟେଷ୍ଟ ଶୃଙ୍ଖଳା ଭାରତୀୟ ଦଳ ଖେଳିବ, ତା'ର ନାମ ପଟୌଦୀଙ୍କ ନାମରେ ରହିବା ଉଚିତ । ବିସିସିଆଇ ଓ ଇଂଲଣ୍ଡ କ୍ରିକେଟ ବୋର୍ଡ଼ ମିଳିତ ଭାବେ ଏହି ଶୃଙ୍ଖଳାର ନାମ 'ତେନ୍ଦୁଲକର-ଆଣ୍ଡରସନ' ଶୃଙ୍ଖଳା ରଖିବାକୁ ନିଷ୍ପତ୍ତି ନେଇଛନ୍ତି । ମାତ୍ର ସଚିନ ଚାହାଁନ୍ତି, କୌଣସି ପ୍ରକାରେ ପଟୌଦୀଙ୍କ ଇତିହାସକୁ ଜୀବିତ ରଖାଯାଉ । ପଟୌଦୀ ଟ୍ରଫି ନାମରେ ଏହି ଶୃଙ୍ଖଳା ଖେଳାଳିଙ୍କ ସମ୍ମାନରେ ଖେଳାଯାଉଛି । ଏହି ଖେଳାଳି ଜଣଙ୍କ ଅନ୍ତର୍ଜାତୀୟ କ୍ରିକେଟ ଇତିହାସରେ ଭାରତ ଓ ଇଂଲଣ୍ଡ ଉଭୟ ଦଳର ପ୍ରତିନିଧିତ୍ୱ କରୁଥିବା ଏକମାତ୍ର ଖେଳାଳି । କିନ୍ତୁ ବିସିସିଆଇ ଓ ଇସିବି ଜେମ୍ସ ଆଣ୍ଡରସନ୍-ତେନ୍ଦୁଲକରଙ୍କ ସମ୍ମାନରେ ଶୃଙ୍ଖଳାର ନାମକୁ ପରିବର୍ତ୍ତନ କରିଛନ୍ତି । ଉଭୟ ବୋର୍ଡ଼ ପଟୌଦୀ ପରିବାରକୁ ଆନୁଷ୍ଠାନିକ ଭାବେ ଏହାର ସୂଚନା ଦେଇଥିଲେ । ଏହି ନିଷ୍ପତ୍ତିରେ ପଟୌଦୀ ପରିବାର ଖୁସି ନାହାନ୍ତି ।



ଖୋଦ୍ ସଚିନ ତେନ୍ଦୁଲକର ବିସିସିଆଇକୁ ଭବିଷ୍ୟତରେ ଭାରତ-ଇଂଲଣ୍ଡ ଶୃଙ୍ଖଳାକୁ ପଟୌଦୀଙ୍କ ନାମରେ ଜାରି ରଖିବାକୁ ଅନୁରୋଧ କରିଛନ୍ତି । କ୍ରିକ୍ ବଜ୍ ଅନୁସାରେ ୫୨ ବର୍ଷୀୟ ତେନ୍ଦୁଲକର ଏହି ମାମଲାରେ ବିସିସିଆଇ ଓ ଇସିବିର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ସଚିନ ତେନ୍ଦୁଲକରଙ୍କ ଅନୁରୋଧକୁ ଦୁଇ ବୋର୍ଡ଼ ସହମତି ଜଣାଇଛନ୍ତି । ଆଇସିସିର ବର୍ତ୍ତମାନ ଅଧ୍ୟକ୍ଷ ଓ ବିସିସିଆଇର ପୂର୍ବତନ ସମ୍ପାଦକ ଜୟ ଶାହା ସୁନିଶ୍ଚିତ କରିଛନ୍ତି ଯେ ତେନ୍ଦୁଲକରଙ୍କ ଅନୁରୋଧ ରକ୍ଷା କରାଯିବ । ଟ୍ରଫି ନାମକରଣ ସମାରୋହ ଜୁନ୍ ୧୪ରେ ଲର୍ଡ୍ସରେ ହେବାର ଥିଲା । ମାତ୍ର ଅହମ୍ମଦାବାଦ ବିମାନ ଦୁର୍ଘଟଣାର ପୀଡ଼ିତଙ୍କ ସମ୍ମାନରେ ଏହି କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି । କୁହାଯାଇଛି ଯେ ପଟୌଦୀ ପଦକ ବିଜେତା ଦଳର ଅଧିନାୟକ କିମ୍ବା ଶୃଙ୍ଖଳାରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଦିଆଯିବ । ଏମିତି ହେଲେ ପଟୌଦୀଙ୍କ ଲିଗାସି ଜାରି ରହିବ । ୨୦୦୭ରେ ଏହି ଶୃଙ୍ଖଳା ଆରମ୍ଭ ହୋଇଥିଲା ।

## ସର୍ବଭାରତୀୟ କବାଡି
# ତୃତୀୟ ଦିନରେ ଚମତ୍କାର ଖେଳ ପ୍ରଦର୍ଶନ

କୁଆଖିଆ, ୧୫।୬ (ସବ୍ୟୁ) : ରସୁଲପୁର ବ୍ଲକ ଅନର୍ଗତ ଖଣ୍ଡିତର ପଡିଆରେ ୧୩ ତାରିଖରୁ ସର୍ବଭାରତୀୟ ପୁରୁଷ ଓ ମହିଳା କବାଡି ଆରମ୍ଭ ହୋଇଛି । ତୃତୀୟ ଦିନ ପୁରୁଷ ବିଭାଗରେ ନାଗପୁର ୪୭ ପଏଣ୍ଟ ପାଇଥିବା ବେଳେ ୱେଷ୍ଟବେଙ୍ଗଲ ଏନଏସଏସ ୧୧ ପଏଣ୍ଟ ପାଇ ପରାସ୍ତ ହୋଇଛି । ବିଳାସପୁର ୩୪ ପଏଣ୍ଟ ପାଇଥିବା ବେଳେ କଟକ ୨୩ ପଏଣ୍ଟ ପାଇ ପରାସ୍ତ ହୋଇଛି । ଏସଜେଏସୟୁ ପୁରୀ ୨୩ ପଏଣ୍ଟ ପାଇଥିବା ବେଳେ ଭୋପାଲ ୧୯ ପଏଣ୍ଟ ପାଇଛି । ଇଷ୍ଟର୍ଣ୍ଣ ରେଳବାଇ ୨୬-୧୨ ପଏଣ୍ଟରେ ନବ ବାରଙ୍ଗକୁ ହାରିଛି । ଭଞ୍ଜନଗର ୩୭-୧୨ପଏଣ୍ଟ ରେ ମହାବୀରକୁ ପରାଜିତ କରିଛି । ଇଷ୍ଟର୍ଣ୍ଣ ରେଳବାଇର ପ୍ରୋ କବାଡି ଖେଳାଳି ସୂରିନ୍ଦର, ସୁଶୀଲ, ବିକାଶ ବେଶ ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ ।

ସନ୍ଧ୍ୟାରେ ବିଳାସପୁର ୪୮ ଇଷ୍ଟର୍ଣ୍ଣ ରେଳବାଇ ୨୪, କଳିଙ୍ଗ ଷ୍ଟାଡିଅମ ୩୩ ଏନଏସଏସ ୱେଷ୍ଟବେଙ୍ଗଲ ୩୦ ପଏଣ୍ଟ ପାଇଛି । ଉତ୍ସବ ସଭାପତି ପ୍ରଦୀପ କୁମାର ସେଠୀ ଉପସଭାପତି କୃଷ୍ଣକାନ୍ତ ପଣ୍ଡା, ଅଭୟ ମହାନ୍ତି, ହେମନ୍ତ କୁମାର କର, ସରପଞ୍ଚ ସୁରେନ୍ଦ୍ର ତିଆଡ଼ି ଉପଦେଷ୍ଟା ରବୀନ୍ଦ୍ର ପୃଷ୍ଟି ସମ୍ପାଦକ ସମରେନ୍ଦ୍ର ଦାଶ ଓ ସମସ୍ତ ସଭ୍ୟ ଯୋଗଦେଇ ଖେଳ ଉପଭୋଗ କରିଥିଲେ । ଚଳିତ ବର୍ଷ ଚାମ୍ପିଅନ ପୁରୁଷ ପ୍ରଥମ ଦଳକୁ ୧ ଲକ୍ଷ ୫୦ହଜାର, ଦ୍ୱିତୀୟ ଦଳକୁ ୧ଲକ୍ଷ, ତୃତୀୟ ଦଳକୁ ୬୦ହଜାର ନଗଦ ଅର୍ଥ ସହ ଟ୍ରଫି ଦିଆଯିବ ।

ସେହିପରି ମହିଳା ଚାମ୍ପିଅନ ୫୦ ହଜାର, ଦ୍ୱିତୀୟ ଦଳକୁ ୩୦ ହଜାର, ତୃତୀୟ ଦଳକୁ ୨୦ ହଜାର, ନଗଦ ଅର୍ଥ ସହ ଟ୍ରଫି ଦିଆଯିବାକୁ ସ୍ଥିର ହୋଇଛି । ଅତିଥି ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ କବାଡି ଖେଳକୁ ଅଧିକ ଆକର୍ଷଣୀୟ କରାଯିବ ବୋଲି କହିଥିଲେ । ଫାଲଗୁନ ବିଭୂକଲ୍ୟାଣ ଦାସ ଅତିଥି, ସମ୍ପାଦକ ସମରେନ୍ଦ୍ର ଦାଶ ଏଥିରେ ଜେକେର ସତ୍ୟେନ୍ଦ୍ର ଦାଶ, ଅନାଦି ସାହୁ, ଚିତ୍ତରଞ୍ଜନ କର ପ୍ରମୁଖ ସମସ୍ତ ସଭ୍ୟ ଯୋଗଦେଇ ସହଯୋଗ କରିଥଲେ ।

# ବିସିସିଆଇକୁ ଝଟ୍‌କା

ନୂଆଦିଲ୍ଲୀ,୧୪।୬: ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)ର ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ (ଡବ୍ଲ୍ୟୁଟିଏଚ୍ ଫାଇନାଲ) ଆୟୋଜନ କରିବାର ସ୍ୱପ୍ନ କିଛି ବର୍ଷ ପାଇଁ ଅଧୁରା ରହିପାରେ । ବିସିସିଆଇକୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଠାରୁ ଏକ ବଡ଼ ଝଟକା ଲାଗିପାରେ । ଡବ୍ଲ୍ୟୁଟିଏଚ ଆରମ୍ଭ ହେବା ଦିନଠାରୁ, ଫାଇନାଲ ମ୍ୟାଚ ଇଂଲଣ୍ଡରେ ଅନୁଷ୍ଠିତ ହେଉଛି । ବିସିସିଆଇ ଭାରତରେ ଡବ୍ଲୁଟିସି ଫାଇନାଲ ଆୟୋଜନ କରିବା ବିଷୟ ଆଇସିସିକୁ ଚିଠି ପଠାଇଥିଲା, କିନ୍ତୁ ଇଂଲଣ୍ଡ ପରିବର୍ତ୍ତୀ ତିନୋଟି ଡବ୍ଲ୍ୟୁଟିଏଚ ଫାଇନାଲ ମଧ ଆୟୋଜନ କରିବ ।

ଯଦି ବିଶ୍ୱ ଟେଷ୍ଟ ଚାମ୍ପିଅନଶିପର କମାଣ୍ଡ ୨୦୨୯-୩୧ ସିଜିନ ପର୍ଯ୍ୟନ୍ତ ଇଂଲଣ୍ଡ ପାଖରେ ରହିବ, ତେବେ ଭାରତକୁ ଡବ୍ଲୁଟିସି ଫାଇନାଲ ଆୟୋଜନ କରିବା ପାଇଁ ପ୍ରାୟ ୮ ବର୍ଷ ଅପେକ୍ଷା କରିବାକୁ ପଡିବ । ଜୁଲାଇ ୨୦୨୫ରେ ସିଙ୍ଗାପୁରରେ ଅନୁଷ୍ଠିତ ହେବାକୁ ଥିବା ଆଇସିସିର ବାର୍ଷିକ ସମ୍ମିଳନୀରେ ଘୋଷଣା କରାଯାଇପାରେ ଯେ, ଇଂଲଣ୍ଡ ଆଗାମୀ ତିନି ଥର ପାଇଁ ଘତ୍ୱଇ ଫାଇନାଲ ଆୟୋଜନ କରିବ । ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ ଗତ ଛଅ ବର୍ଷ ଧରି ଭାରତକୁ ଡବ୍ଲ୍ୟୁଟିସି ଫାଇନାଲ ଆୟୋଜନ କରିବା ପାଇଁ ନିରନ୍ତର ଚେଷ୍ଟା କରିଆସୁଛି । କିନ୍ତୁ ବିଶ୍ୱ କ୍ରିକେଟ୍‌ରେ ବିସିସିଆଇର ପ୍ରଭାବ ବଢୁଥିବା ସତ୍ତ୍ୱେ, ଆୟୋଜନ ମିଳିପାରି ନାହିଁ । ସେହି ସମୟରେ, ପୂର୍ବତନ ବିସିସିଆଇ ସଚିବ ଜୟ ଶାହ ବର୍ତ୍ତମାନ ଆଇସିସିର ଅଧକ୍ଷ ଅଛନ୍ତି, ଏହା ସତ୍ତ୍ୱେ, ଏହି ସୁଯୋଗ ଭାରତର ହାତରୁ ଖସି ଯାଉଥିବା ପରି ମନେ ହେଉଛି ।

ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ୍ର ପ୍ରଥମ ଫାଇନାଲ ୨୦୨୧ ମସିହାରେ ଖେଳାଯାଇଥିଲା, ଯାହା ଇଂଲଣ୍ଡର ସାଉଥାମ୍ପଟନରେ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ହୋଇଥିଲା । ସେହି ସମୟରେ, ଦ୍ୱିତୀୟ ଡବ୍ଲ୍ୟୁଟିସି ଫାଇନାଲ ୨୦୨୩ ମସିହାରେ ଲଣ୍ଡନର ଓଭାଲ ଗ୍ରାଉଣ୍ଡରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିଲା । ସେହି ସମୟରେ, ତୃତୀୟ ଫାଇନାଲ ଲର୍ଡସରେ ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯାଉଛି ।



# ବିବାହ କରିବେ କାବ୍ୟା

ନୂଆଦିଲ୍ଲୀ, ୧୫।୬ (ଏଜେନ୍ସି): ସନ୍‌ରାଇଜର୍ସ ହାଇଦ୍ରାବାଦର ମାଲିକାଣୀ କାବ୍ୟା ମାରନ୍‌ଙ୍କୁ ନେଇ ସୋସିଆଲ୍ ମିଡିଆରେ ଖୁବ୍ ଚର୍ଚ୍ଚା । ଦାବି କରାଯାଉଛି, କାବ୍ୟା ଖୁବଶୀଘ୍ର ବିବାହ କରିବେ । ତାଙ୍କ ସ୍ୱାମୀ ହେବାକୁ ଯାଉଛନ୍ତି ଅନିରୁଦ୍ଧ ରବିଚନ୍ଦ୍ରନ । ସେ ଜଣେ ପ୍ରସିଦ୍ଧ ମ୍ୟୁଜିକ କମ୍ପୋଜର। ଏହି ଖବର ଉପରେ ପ୍ରତିକ୍ରିୟା ସାମ୍ନାକୁ ଆସିଛି । ନିଜେ ଅନିରୁଦ୍ଧ ସମସ୍ତଙ୍କୁ ସତ କହିଥିଲେ । କାବ୍ୟା ମାରନ ହେଉଛନ୍ତି ସନ୍‌ରାଇଜର୍ସ ହାଇଦ୍ରାବାଦ ମାଲିକଙ୍କ ଝିଅ । ଆଇପିଏଲ୍ ନିଲାମଠାରୁ ଆଇପିଏଲ୍‌ର ପ୍ରତ୍ୟେକ ମ୍ୟାଚ୍‌ରେ କାବ୍ୟା ନଜର ଆସନ୍ତି । ୨୦୨୪ ରନର୍ସଅପ୍ ସନ୍‌ରାଇଜର୍ସ ହାଇଦ୍ରାବାଦ ଏଥର ଲିଗ୍ ପର୍ଯ୍ୟାୟରୁ ଅଭିଯାନ ଶେଷ କରିଥିଲା । କାବ୍ୟାଙ୍କ ବିଷୟରେ କହିବାକୁ ଗଲେ, ତାଙ୍କର ଇନ୍‌ଷ୍ଟାଗ୍ରାମ କିମ୍ବା ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମରେ କୌଣସି ଅଫିସିଆଲ ଆକାଉଣ୍ଟ ନାହିଁ । ତାଙ୍କୁ କେବଳ ଆଇପିଏଲ୍ ମ୍ୟାଚ୍ ସମୟରେ ଦେଖାଯାଏ । ଉଭୟଙ୍କୁ ଡିନର୍ ଡେଟ୍‌ରେ ଦେଖାଯାଇଥିଲା । କାବ୍ୟା ଏବଂ ଅନିରୁଦ୍ଧ ଗତ ବର୍ଷେ ଧରି ଡେଟ୍ କରୁଛନ୍ତି । ଶୀଘ୍ର ବିବାହ କରିବାକୁ ଯାଉଛନ୍ତି ।

ଅନିରୁଦ୍ଧ ରବିଚନ୍ଦ୍ରନ ସୋସିଆଲ୍ ମିଡିଆରେ ଭାଇରାଲ ହେଉଥିବା ଏହି ଖବର ଉପରେ ମୁହଁ ଖୋଲିଛନ୍ତି । କେବଳ ଏହା ଗୁଜବ ବୋଲି କହିଛନ୍ତି । ଦୟାକରି ଏଭଳି ଗୁଜବ ପ୍ରସାର ବନ୍ଦ କରିବାକୁ ସେ ଅନୁରୋଧ କରିଛନ୍ତି । ଅନିରୁଦ୍ଧ ଜଣେ ଦକ୍ଷିଣ ଭାରତର ପ୍ରସିଦ୍ଧ ମ୍ୟୁଜିକ୍ କମ୍ପୋଜର । ତାଙ୍କ ବାପା ରବି ରାଘବେନ୍ଦ୍ର ଏବଂ ମାଆ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ଲକ୍ଷ୍ମୀ । ସୁପର ଷ୍ଟାର୍ ରଜନୀକାନ୍ତଙ୍କ ପତ୍ନୀ ଲତା ଅନିରୁଦ୍ଧଙ୍କ ମାଉସୀ। ସେ 'ଯବାନ' ଚଳଚ୍ଚିତ୍ର ସହିତ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ । ଏହାପରେ ସେ 'କୋଲାବରି ଡି' ସହିତ ଲୋକପ୍ରିୟତା ହାସଲ କରିଥିଲେ ।

# ବଦଳିଲା ଘରୋଇ କ୍ରିକେଟ ନିୟମ






ନୂଆଦିଲ୍ଲୀ, ୧୫।୬ (ଏଜେନ୍ସି): ବେଙ୍ଗାଲୁରୁରେ ବିଜୟ ସମାରୋହ ସମୟରେ ଘଟିଥିବା ଦୁଃଖଦ ଘଟଣାକୁ ଦୃଷ୍ଟିରେ ରଖି ବିସିସିଆଇ ଭବିଷ୍ୟତରେ ଏମିତି ଘଟଣାକୁ ରୋକିବା ପାଇଁ ବ୍ୟାପକ ଗାଇଡ୍ ଲାଇନ୍ ପ୍ରସ୍ତୁତ କରିବାକୁ ଏକ କମିଟି ଗଠନ କରିଛି । ୩ ଜଣିଆ କମିଟିରେ ସଦସ୍ୟ ଭାବେ ଦେବଜିତ୍ ସାଇକିଆ, ପ୍ରଭତେଜ ସିଂ ଭାଟିଆ ଓ ରାଜୀବ ଶୁକ୍ଲା ଅଛନ୍ତି । କମିଟି ୧୫ ଦିନ ଭିତରେ ଗାଇଡ୍ ଲାଇନ୍ ପ୍ରସ୍ତୁତ କରି ବିସିସିଆଇକୁ ପ୍ରଦାନ କରିବ । ଏହା ସହିତ ବିସିସିଆଇ ଭାରତୀୟ ଘରୋଇ କ୍ରିକେଟରେ ପରିବର୍ତ୍ତନ ଆଣିବାକୁ ନିଷ୍ପତ୍ତି ନେଇଛି । ଦୁଲୀପ ଟ୍ରଫିକୁ ପୁରୁଣା ଫର୍ମାଟ୍‌କୁ ଫେରାଇ ଅଣାଯିବା ସହିତ ରଣଜୀ ଟ୍ରଫି ୨୦୨୫-୨୬ର ଆରମ୍ଭ ତାରିଖ ପ୍ରକାଶ ପାଇଛି । ରଣଜୀ ଟ୍ରଫି ଅକ୍ଟୋବର ୧୫ରୁ ଫେବୃଆରୀ ୨୮ ତାରିଖ ପର୍ଯ୍ୟନ୍ତ ୨ଟି ପର୍ଯ୍ୟାୟରେ ଖେଳାଯିବ । ସେହି ସମୟରେ ୨୦୨୬ରେ ଅନୁଷ୍ଠିତ ହେବାକୁ ଥିବା ଫାଇନାଲ୍ ପରେ ଗୋଟିଏ ଦଳକୁ ପରବର୍ତ୍ତୀ ସିଜନ ପାଇଁ ପଦୋନ୍ନତି ଦିଆଯିବ ଏବଂ ଗୋଟିଏ ଦଳକୁ ବାଦ୍ ଦିଆଯିବ । ୨୦୧୮-୧୯ ସିଜନ୍‌ରେ ୯ଟି ନୂଆ ଦଳକୁ ସାମିଲ କରାଯାଇଥିଲା । ଯେଉଁଥିରେ ଉତ୍ତର-ପୂର୍ବ ଦଳ ମଧ୍ୟ ସାମିଲ ହୋଇଥିଲେ । ଏହି ନିଷ୍ପତ୍ତି ଘରୋଇ ସ୍ତରରେ ଖେଳାଯାଉଥିବା କ୍ରିକେଟର ସ୍ତରକୁ ପ୍ରଭାବିତ କରିଛି । ଗତ ସିଜନ୍‌ରେ ମେଘାଳୟ ରଣଜୀ ଟ୍ରଫି ଏଲିଟ୍ ଡିଭିଜନରେ ସମସ୍ତ ୭ଟି ଯାକ ମ୍ୟାଚ୍ ହାରିଥିଲା । ରଣଜୀ ଟ୍ରଫି ୨୦୨୫-୨୬ ସିଜନ୍ ଅକ୍ଟୋବର ୧୫ରୁ ଆରମ୍ଭ ହୋଇ ନଭେମ୍ବର ୧୯ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଖେଳାଯିବ । ନକ୍‌ଆଉଟ୍ ମ୍ୟାଚ୍ ଫେବ୍ରୁଆରୀ ୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ।

ଗତ ସିଜନରେ ଦୁଲୀପ୍ ଟ୍ରଫିର ଦଳଗୁଡ଼ିକୁ ଇଣ୍ଡିଆ-ଏ, ଇଣ୍ଡିଆ-ବି, ଇଣ୍ଡିଆ-ସି ଏବଂ ଇଣ୍ଡିଆ-ଡି ନାମରେ ନାମିତ କରାଯାଇଥିଲା । ଏବେ ଜୋନ୍ ଆଧାରରେ ଦଳଗୁଡ଼ିକ ଦୁଲୀପ୍ ଟ୍ରଫିକୁ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି । ଏହାର ଅର୍ଥ ଆଗାମୀ ସିଜନ୍‌ରେ ଭାରତ-ପଶ୍ଚିମ, ଭାରତ-ପୂର୍ବ, ଭାରତ-ଉତ୍ତର, ଭାରତ-କେନ୍ଦ୍ରୀୟ, ଭାରତ-ଦକ୍ଷିଣ ଏବଂ ଭାରତ-ଉତ୍ତର ପୂର୍ବ ଦଳ ଦୁଲୀପ୍ ଟ୍ରଫି ଖେଳିବେ । ଦୁଲୀପ ଟ୍ରଫି ଅକ୍ଟୋବର ୨୮ରେ ଆରମ୍ଭ ହେବ । ମହିଳା ଆନ୍ତଃ ଜୋନ୍ ମଲ୍‌ଟି ଡେ' ଟ୍ରଫି ଏପ୍ରିଲ ୩ରେ ଶେଷ ହେବ । ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ଏବଂ ସିନିଅର ମହିଳା ଟି-୨୦ ଟ୍ରଫିରେ ନକ୍‌ଆଉଟ୍ ପରିବର୍ତ୍ତେ ସୁପର ଲିଗ୍ ପର୍ଯ୍ୟାୟ ଯୋଡ଼ାଯାଇଛି । ବିଜୟ ହଜାରେ ଟ୍ରଫି, ସିନିଅର ମହିଳା ଦିନିକିଆ ଟ୍ରଫି ଏବଂ ପୁରୁଷ ୨୩ ବର୍ଷରୁ କମ ଟେଷ୍ଟ-ଏ ଟ୍ରଫି ୪ ଏଲିଟ୍ ଏବଂ ଗୋଟିଏ ପ୍ଲେଟ୍ ଗ୍ରୁପ ମଡେଲ ବିସିସିଆଇ କାର୍ଯ୍ୟକାରୀ କରିବାକୁ ଯାଉଛି ।

# ଏୟାର ଇଣ୍ଡିଆରେ ଆଉ ଯାତ୍ରା କରିବି ନାହିଁ : ୱାର୍ଣ୍ଣର

ଅହମ୍ମଦାବାଦ, ୧୫।୬ (ଏଜେନ୍ସି): ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯାତ୍ରୀଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ଅଷ୍ଟ୍ରେଲିଆ କ୍ରିକେଟର ଡେଭିଡ୍ ୱାର୍ଣ୍ଣର । ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ କେବେ ବି ଏୟାର ଇଣ୍ଡିଆରେ ସେ ଗସ୍ତ କରିବେ ନାହିଁ ବୋଲି କହିଛନ୍ତି ।





ଗତ ଗୁରୁବାର ଅପରାହ୍ନରେ ଅହମ୍ମଦାବାଦରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆ ବିମାନଟି ଉଡ଼ାଣ ଭରିବାର କିଛି ମିନିଟ ପରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ବୋଇଂ ୭୮୭-୮ ମଡେଲ ବିମାନରେ ୨୪୨ ଜଣ ଯାତ୍ରୀ ଏବଂ କ୍ରୁ ସଦସ୍ୟ ଥିଲେ । ଯାତ୍ରୀମାନଙ୍କ ମଧ୍ୟରେ ୫୩ ଜଣ ବ୍ରିଟିଶ, ୭ ଜଣ ପର୍ତ୍ତୁଗୀଜ୍ ଏବଂ ଜଣେ କାନାଡ଼ା ନାଗରିକ ଥିଲେ ।

ଏହା ବ୍ୟତୀତ ୧୬୯ ଜଣ ଭାରତୀୟ ନାଗରିକ ଥିଲେ । ଏହି ଭୟଙ୍କର ଦୁର୍ଘଟଣାରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାନୀଙ୍କ ସମେତ ମୋଟ ୨୭୨ ଜଣଙ୍କର ମୃତ୍ୟୁ ହୋଇଥିଲା । ନିକଟରେ ଏୟାର ଇଣ୍ଡିଆର ଜଣେ କ୍ରୁ ସଦସ୍ୟ ଅଭିଯୋଗ କରିଥିଲେ ଯେ ଏୟାର ଇଣ୍ଡିଆ କ୍ରମାଗତ ଭାବେ ଖରାପ ଏୟାର କ୍ରାଫ୍ଟ ବ୍ୟବହାର କରୁଛି । ଯାହା ଫଳରେ ୱାର୍ଣ୍ଣର ତାଙ୍କ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରି ଲେଖିଛନ୍ତି, ସେ କେବେ ବି ଏୟାର ଇଣ୍ଡିଆରେ ଯାତ୍ରା କରିବେ ନାହିଁ ।

# ଜାତୀୟ କନିଷ୍ଠ କରାଟେ: ଓଡ଼ିଶା ଦଳକୁ ୩୬ ପଦକ ସଫଳତା





ଭୁବନେଶ୍ୱର, ୧୫।୬ (ସବ୍ୟୁ) : ଉତ୍ତରାଖଣ୍ଡର ଡେରାଡୁନଠାରେ ଗତ ୧୨ ତାରିଖରୁ ଆରମ୍ଭ ହୋଇଥିବା ଜାତୀୟ ଉପକନିଷ୍ଠ, ଯୁବ ଓ କନିଷ୍ଠ କରାଟେ ପ୍ରତିଯୋଗିତା ଉଦଯାପିତ ହୋଇଯାଇଅଛି । ଏହି ପ୍ରତିଯୋଗିତାରେ ଓଡିଶା ଦଳ ୮ ସ୍ୱର୍ଣ୍ଣ , ୧୩ ରୌପ୍ୟ ଓ ୧୫ଟି କାଂସ୍ୟ ଏହିପରି ମୋଟ ୩୬ଟି ପଦକ ଲାଭ କରି ସର୍ବାଧିକ ପଦକ ତାଲିକାରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ସ୍ୱର୍ଣ୍ଣ ପଦକ ହିସାବ ତାଲିକାରେ ଚତୁର୍ଥ ସ୍ଥାନ ଲାଭ କରିଛି ।

ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀମାନେ ହେଲେ କୈଭବ ପଟନାୟକ ୧୧ ବର୍ଷ ବାଳକ କାଟାରେ ସ୍ୱର୍ଣ୍ଣ ପାଇଥିବା ବେଳେ ନୀତିକ ମହନ୍ତ ୬ ବର୍ଷ ବାଳକ କାଟାରେ ରୌପ୍ୟ, ବିଶ୍ୱଦୀପ ବେହେରା ୧୦ ବର୍ଷ ବାଳକ କାଟାରେ ରୌପ୍ୟ, ଅଭିଜ୍ଞାନ ଦାଶ, ୧୦ ବର୍ଷ ବାଳକ ଫାଇଟିଙ୍ଗରେ ରୌପ୍ୟ ପଦକ ହାସଲ କରିଛନ୍ତି । ସେହିପରି ଶ୍ରୀୟାନ ଶ୍ରେୟାଂଶୁ ଜେନା ୮ ବର୍ଷ ବାଳକ କାଟାରେ କାଂସ୍ୟ, ନକସ ପୋଦାର ୯ ବର୍ଷ ବାଳକ ଫାଇଟିଙ୍ଗରେ କାଂସ୍ୟ, ନିସାନ ସିଂ ୧୩ ବର୍ଷ ବାଳକ ୫୫ କେଜିରୁ କମ ଫାଇଟରେ କାଂସ୍ୟ , ସୌମ୍ୟ ପ୍ରତୀକ ଦାସ ୧୩ ବର୍ଷ ବାଳକ ୬୫ କେଜିରୁ କମ ଫାଇଟିଙ୍ଗରେ କାଂସ୍ୟ, ରୋହନ ସ୍ୱାଇଁ ୧୩ ବର୍ଷ ବାଳକ ୬୫ କେଜିରୁ ଅଧିକ ଫାଇଟିଙ୍ଗରେ କାଂସ୍ୟ ଏବଂ ସବ-ଜୁନିଅର ପୁରୁଷ ଟିମ କାଟାରେ ଶିବକୃପା ମିଶ୍ର, ଅର୍ପିତ କୁମାର ଦାସ, ଦେବେନ୍ଦ୍ର କୁମାର ପରିଡା, ସୌର୍ଯ୍ୟ ଚନ୍ଦ୍ରକା କାଂସ୍ୟ ପଦକ ହାସଲ କରିଛନ୍ତି ।

ଓଡିଶା ଦଳର ଏହି ବିପୁଳ ସଫଳତା ନିମନ୍ତେ ଓଡିଶା ରାଜ୍ୟ କରାଟେ ଡୋ ସଂଘ ତରଫରୁ ଦଳ ସହ ଗସ୍ତ କରିଥିବା ପ୍ରବନ୍ଧକ ଅବିନାଶ ପୁହିର, କୋଚ ଦୀପକ କୁମାର ସାମନ୍ତରା, ସନ୍ତୋଷ କୁମାର ମହାରଣା, ରାଜେନ୍ଦ୍ର ସାମଲ, କେଜିକେ ପ୍ରତିହାରୀ, ସୁସମିନୀ ପାଲଟାସିଙ୍ଗ, କୃଷ୍ଣ ଚନ୍ଦ୍ର ମହାରଣା, ଭାଲେନା ଭାଲେଣ୍ଟିନା , ଦେବେନ୍ଦ୍ର ରାଣା ଓ ଅଫିସିଆଲ ରାଜୀବ ସିଂଙ୍କୁ ଧନ୍ୟବାଦ ଜଣାଇଥିବା ବେଳେ ରାଜ୍ୟ ସରକାରଙ୍କ ସହାୟତା ନିମନ୍ତେ କ୍ରୀଡା ବିଭାଗକୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।


## ସୂଚନା

ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


**Printed & Published by Satyanarayan Mohanty** for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, **ମୁଖ୍ୟ ସମ୍ପାଦକ:** ଗୁରୁକଲ୍ୟାଣ ମହାପାତ୍ର, **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି